


ଭିଜିଞ୍ଜାମ ଅନ୍ତର୍ଜାତୀୟ ବନ୍ଦର ଲୋକାର୍ପଣ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିଶ୍ୱର ଶ୍ରେଷ୍ଠ ୧୦ ଜଣ ଧନୀ ତାଲିକାରେ ଶାହାରୁଖ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୨ | Vol. 22 No-32 | 3 MAY 2025 SATURDAY BHUBANESWAR | ଶନିବାର, ୩ ମଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ମାଟ୍ରିକ ରେଜଲ୍ଟ ପ୍ରକାଶିତ

# ପାସ୍ ହାର ୯୪.୯୩%




- ପୁଅଙ୍କୁ ପଛରେ ପକାଇଲେ ଝିଅ
- ପରୀକ୍ଷା ଦେଇଥିଲେ ୫,୦୨,୪୧୭ ଛାତ୍ରଛାତ୍ରୀ
- ଉତ୍ତୀର୍ଣ୍ଣ ହେଲେ ୪,୮୪,୮୬୩
- ପୁଅଙ୍କ ପାସ୍ ହାର ୯୪%, ଛାତ୍ରୀଙ୍କ ୯୬%
- ଫେଲ୍ ହେଲେ ୧୭,୩୮୪ ଛାତ୍ରଛାତ୍ରୀ
- ୩୨୭୩ ସ୍କୁଲରେ ଶତପ୍ରତିଶତ ରେଜଲ୍ଟ
- କୌଣସି ବିଦ୍ୟାଳୟରେ ହୋଇନି ଶୂନ ପ୍ରତିଶତ
- ଗଜପତିରେ ସର୍ବାଧିକ ୯୯.୩୫% ପାସ୍ ହାର
- କୋରାପୁଟରେ ସର୍ବନିମ୍ନ ୯୨.୮୩%

କଟକ/ଭୁବନେଶ୍ୱର, ୨।୫(ଭାସ୍କର ନ୍ୟୁଜ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ ପାସ୍ ହାର ୯୪.୯୩ ପ୍ରତିଶତ ରହିଛି। ଚଳିତବର୍ଷ ମଧ୍ୟରେ ଛାତ୍ରୀମାନେ ଛାତ୍ରମାନଙ୍କୁ ପଛରେ ପକାଇ ଦେଇଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୬ପ୍ରତିଶତ ରହିଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୪ ପ୍ରତିଶତ ରହିଛି। ଚଳିତବର୍ଷ ମୋଟ ଫର୍ମ ଫିଲପ କରିଥିଲେ ୫ଲକ୍ଷ ୧୦ହଜାର ୭୮୯ଜଣ ଛାତ୍ରଛାତ୍ରୀ। ସେମାନଙ୍କ ମଧ୍ୟରୁ ୫,୦୨,୪୧୭ଜଣ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ମୋଟ ୪,୮୪,୮୬୩ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଛାତ୍ରଙ୍କ ସଂଖ୍ୟା ୨,୪୦,୨୫୧ • ପୃଷ୍ଠା ୫ ଦେଖନ୍ତୁ

### ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨।୫(ଭାସ୍କର ନ୍ୟୁଜ): ଶୁକ୍ରବାର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିଜ ସୋସିଆଲ ମିଡିଆ 'ଏକ୍ସ'ରେ ସେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ସଫଳ କାମନା କରିଛନ୍ତି। ଏଥିସହ ଆଶାଜନକ ଫଳାଫଳ ପାଇନଥିବା ପିଲାମାନଙ୍କୁ ନିରୁତ୍ସାହିତ ନ ହୋଇ ଫଳାଫଳ ନିର୍ବିଶେଷରେ ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ସହ ଅଧ୍ୟବସାୟ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ପାରାଦୀପରେ ହେବ ନୂଆ ଏୟାରପୋର୍ଟ



ଭୁବନେଶ୍ୱର, ୨।୫ (ଭାସ୍କର ନ୍ୟୁଜ୍): ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ 'ବିମାନ ଚଳାଚଳ ଏବଂ ନେଟୱାର୍କ ନିର୍ମାଣ ପରିଚାଳନା' ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଏହି ବୈଠକରେ, ପାରାଦୀପରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ଏବଂ ରାଉରକେଲା ବିମାନ ବନ୍ଦରର ଉନ୍ନତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋଡମା, ସତୀଭଟା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦା ରୋଡ୍ ଏବଂ ଉତ୍କେଲା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦର ଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ରାଜ୍ୟର ୧୫ ଟି ଜିଲ୍ଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶୋଳ ସ୍ଥିତ ଏୟାରଷ୍ଟ୍ରିପରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ରର ବିକାଶ ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା ହୋଇଥିଲା। ନୋଡାଲ ଏଜେନ୍ସି ଭାବରେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିହିତ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦରଗୁଡିକର କାର୍ଯ୍ୟ ଦକ୍ଷତାକୁ ଆହୁରି ବିକାଶ କରିବା ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟ୍‌ର ଦକ୍ଷତା ବୃଦ୍ଧି ସହିତ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହିତ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ସୁଶାନ୍ତ ନାଥ ଜେଲ୍ ଡିଜି

ଭୁବନେଶ୍ୱର, ୨।୫(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଶୁକ୍ରବାର ଆଇପିଏସ୍ ସ୍ତରରେ ନୂତନ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ବରିଷ୍ଠ ଆଇପିଏସ୍ ସୁଶାନ୍ତ ନାଥଙ୍କୁ ଜେଲ ବିଭାଗ ଡିଜି ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ପ୍ରତୀକ ମହାନ୍ତିଙ୍କୁ ଅତିରିକ୍ତ ଡିଜି ହେଡକ୍ୱାର୍ଟର ଭାବେ ନିଯୁକ୍ତି ଦିଆଯାଇଥିବା ଦୟାଲ ଗଙ୍ଗୱାରଙ୍କୁ ଅତିରିକ୍ତ ଡିଜି କମ୍ୟୁନିକେସନ ଏବଂ ନାରାୟଣ ନାୟକଙ୍କୁ ସୁବର୍ଣ୍ଣପୁର ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

### ଛୁରି ଭୁସି ବୀଭତ୍ସ ହତ୍ୟା

ପାରାଦୀପ, ୨।୫(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗାଁରେ ଘରୁ ଜଣେ ଯୁବକଙ୍କୁ ଡାକି ନେଇ ଗାଁ ଶେଷ ମୁଣ୍ଡରେ କେତେକ ଦୁର୍ବୃତ୍ତ ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟା ହୋଇଥିବା କୁହାଯାଉଛି। ପୋଲିସ ତଦନ୍ତ ଆରମ୍ଭ କରିଛି।


### ରଥଯାତ୍ରା ପାଇଁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨।୫: ଆସନ୍ତା ରଥଯାତ୍ରା ଉତ୍ସବ ସମୟରେ ପୁରୀକୁ ସଂଯୋଗ କରିବା ପାଇଁ ଅତି କମରେ ୩୬୫ଟି ବିଶେଷ ଟ୍ରେନ୍ ଚଳାଚଳ କରିବ। ଏହି ନଗର ସୀମା ମଧ୍ୟରେ ଭକ୍ତମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର ବୀମା ସୁରକ୍ଷା ବ୍ୟବସ୍ଥା କରାଯିବ। ମହାପ୍ରଭୁଙ୍କ ନଅ ଦିନିଆ ବାର୍ଷିକ ଯାତ୍ରାର ପ୍ରସ୍ତୁତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରସିଦ୍ଧ ରଥଯାତ୍ରା ଏବଂ ଜଗନ୍ନାଥ ମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଏକ ନୂଆ ଆପ୍ ଏବଂ ୱେବସାଇଟ୍ ତିଆରି କରାଯାଉଛି। ଅପେକ୍ଷିତ ଶ୍ରଦ୍ଧାଳୁଙ୍କ ବିପୁଳ ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ରଥଯାତ୍ରା ସମୟରେ ଏହି ବିଶେଷ ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ।

ସେନ୍‌ସେକ୍ସ: ୮୦,୫୦୧.୯୯
ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୫.୮ ଡିଗ୍ରୀ

### ୨।୫ ।୨୦୨୫ ର ମତାମତ

ଜନଶୁଣାଣିରେ ଦିଆଯାଉଥିବା ନିର୍ଦ୍ଦେଶ ଅନୁଯାୟୀ ତ୍ୱରିତ ସମାଧାନ ଉଚିତ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲେ ଉଭୟ ଦେଶର କ୍ଷତି ହେବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ତେଜୁଛି ବିବାଦ

# ଆଇନ୍‌ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ



ଭୁବନେଶ୍ୱର, ୨।୫(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗର ଦୀଘାରେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ଜଗନ୍ନାଥ ମନ୍ଦିରକୁ ନେଇ ବିବାଦ ତେଜିବାରେ ଲାଗିଛି। ବିଶେଷକରି ଏହି ମନ୍ଦିରରେ ଜଗନ୍ନାଥଧାମ ଲେଖା ଯାଇଥିବାରୁ ଏହାକୁ ନେଇ ବିବାଦ ତୀବ୍ରରୂପ ଧାରଣ କରିଛି। ଶୁକ୍ରବାର ଏହାର ଅନ୍ତରୀଣ ତଦନ୍ତ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗତ କିଛିଦିନ ହେବ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଦ୍ୱନ୍ଦ୍ୱାତ୍ମକ ତଥ୍ୟ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ପଶ୍ଚିମବଙ୍ଗର ଦୀଘାଠାରେ ମନ୍ଦିର ନିର୍ମାଣ, ମନ୍ଦିରର ନାମକୁ ଜଗନ୍ନାଥଧାମ ଲେଖିବା, ଏଠାରୁ ସେବାୟତ ଯାଇ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ଏବଂ ବଳକା ଦାରୁ କାଠରେ ବିଗ୍ରହ ନିର୍ମାଣ ହେବା ଘଟଣା ସଂପୂର୍ଣ୍ଣ ଅଗ୍ରହଣୀୟ ବୋଲି ସେ କହିଛନ୍ତି। ଏହା ସାଢେ ୪ କୋଟି ଜଗନ୍ନାଥପ୍ରେମୀଙ୍କୁ କଷ୍ଟ ଦେଇଛି। ତେଣୁ ଏ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ତଦନ୍ତ କରି ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଶ୍ରୀ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କୁ ଚିଠି ଲେଖିଛନ୍ତି। ଯଦି ଏହି ଘଟଣାରେ କେହି ଦୋଷୀ ସାବ୍ୟସ୍ତ ହେବେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି ଯେ ମନ୍ଦିର ପ୍ରତିଷ୍ଠା ପାଇଁ ଡାକିଥିବାରୁ ସେ ଦୀଘା ଯାଇଥିଲେ। ନିମ କାଠରେ ମୂର୍ତ୍ତି କରାଯାଇ ପ୍ରତିଷ୍ଠା କରାଯାଇଛି। ପୁରୀ ଛଡ଼ା ଅନ୍ୟ କୌଣସିଠାରେ ବ୍ରହ୍ମ ନାହିଁ । ଜଗନ୍ନାଥଙ୍କ ଗରିମା କେବେ ବି କ୍ଷୁଣ୍ଣ ହେବାକୁ ଦେବି ନାହିଁ। ଦୀଘାରେ ଯେଉଁ ପୁରୀଧାମ ଲେଖାଯାଇଛି ତାକୁ ହଟାଇବା ପାଇଁ ମୁଁ ଚିଠି ଲେଖିବି। ସରକାର ମଧ୍ୟ ଅନୁରୂପ ଭାବେ ଚିଠି ଲେଖିବାକୁ ସେ ଅନୁରୋଧ କରିଛନ୍ତି।


# ଗର୍ଜୁଛି ଲଢୁଆ ବିମାନ, ଥରୁଛି ପାକିସ୍ତାନ



ନୂଆଦିଲ୍ଲୀ, ୨।୫: ଆତଙ୍କୀ ସ୍ଥାନକୁ ଆଉ ତ୍ରାହି ନାହିଁ । ଏବେ ବ୍ରହ୍ମୋସର ତାଣ୍ଡବ ଦେଖିବ ପାକିସ୍ତାନ। ପଡ଼ୋଶୀ ଦେଶରେ ପ୍ରଳୟ ରଚିବ ସ୍ୱଦେଶୀ ମିସାଇଲ। ରାଫେଲ ଆହୁରି ଶକ୍ତିଶାଳୀ ହେବ। କାହାକୁ ଡରିବ ପାକିସ୍ତାନ!, ଆକାଶର ଛାତି ଚିରୁଥିବା ଫାଇଟର ଜେଟ ରାଫେଲକୁ ନା ପରମାଣୁ ଅସ୍ତ୍ର ବହନ କ୍ଷମତା ରଖୁଥିବା ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲକୁ। ପାକିସ୍ତାନକୁ ମାଟିରେ ମିଶାଇବା ପାଇଁ ୱାର ରୁମ୍‌ରେ ଯୋଜନା ପ୍ରସ୍ତୁତ କରିଛି ଭାରତ। ଏବେ ରାଫେଲ ଯୁଦ୍ଧ ବିମାନରେ ଖଞ୍ଜାହେବ ମହାବିନାଶକ ବ୍ରହ୍ମୋସ-ଏନ୍‌ଜି। କାରଣ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସମନ୍ୱୟ ପ୍ରସ୍ତାବକୁ ସ୍ୱୀକାର କରିଛି ରାଫେଲ ପ୍ରସ୍ତୁତ କରୁଥିବା କମ୍ପାନୀ ଦାସଲ୍ଟ ଆଭିଏସନ। ଏହା ସଫଳହେଲେ ଆତଙ୍କବାଦୀଙ୍କ ଆଡ୍ଡା ବନିଥିବା ପାକିସ୍ତାନକୁ ଆଉ ତ୍ରାହି ମିଳିବନି। ତେବେ ଏସବୁ ଭିତରେ ସମସ୍ତଙ୍କ ନଜର ଭାରତର କାର୍ଯ୍ୟାନୁଷ୍ଠାନ ଉପରେ। ଏହାରି ଭିତରେ ଶକ୍ତି ପ୍ରଦର୍ଶନ କରିଛି ଭାରତୀୟ ବାୟୁସେନା। ୟୁପିର ଶାହାଜାହାନପୁରରେ ଭାରତୀୟ ବାୟୁସେନାର ଲଢୁଆ ବିମାନଗୁଡ଼ିକ ଗଙ୍ଗା ଏକ୍ସପ୍ରେସ୍ ୱେରେ ନିର୍ମିତ ଏୟାର ଷ୍ଟ୍ରିପ୍‌ରେ ଅଭ୍ୟାସ ଜାରି ରଖିଛନ୍ତି। ଆକାଶରେ ମିରାଜ୍, ରାଫେଲ, ସୁଖୋଇ ଓ ଜାଗୁଆର ଭଳି ଯୁଦ୍ଧବିମାନର ଗର୍ଜନରେ ଶତ୍ରୁଦେଶ ଥରି ଉଠୁଛି। ୩.୫ କିମି ଲମ୍ବ ରନ୍‌ୱେରେ ଲଢୁଆ ବିମାନଗୁଡ଼ିକ ଅବତରଣ ଏବଂ ଉଡାଣ ଅଭ୍ୟାସ କରୁଛନ୍ତି। ଗଙ୍ଗା ଏକ୍ସପ୍ରେସ୍ ୱେ ହେଉଛି ୟୁପିର ଚତୁର୍ଥ ଏକ୍ସପ୍ରେସ୍ ୱେ, ଯାହାର ଏକ ଏୟାରଷ୍ଟ୍ରିପ୍ ରହିଛି। ଗୁରୁବାର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ପହଲଗାମ ଆକ୍ରମଣର ପ୍ରତିଶୋଧ କଡ଼ାଗଣ୍ଡାରେ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ଭାରତର ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଅନ୍ୟପକ୍ଷରେ ନୌସେନା ମଧ୍ୟ ଆରବ ସାଗରରେ ଯୁଦ୍ଧଜାହାଜ ସହ ଅଭ୍ୟାସ କରୁଛି। ଅନ୍ୟପକ୍ଷରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହୱାଜ ସରିଫଙ୍କ ଭାରତରେ ଥିବା ୟୁଟ୍ୟୁବ ଚାନେଲକୁ ବ୍ଲକ କରି ଦିଆଯାଇଛି। ସେହିପରି ପାକିସ୍ତାନରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ପିଓକେର ଅବସ୍ଥା ଢିଲା ହୋଇଯାଇଛି। ଫଳରେ ଚେନାବ ନଦୀରେ ଜଳସ୍ତର ବୃଦ୍ଧି ପାଇଛି।

## ୧୦ରୁ ଶାହଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ

# ଫରେନସିକ୍ ବିଶ୍ୱବିଦ୍ୟାଳୟର କରିବେ ଶିଳାନ୍ୟାସ



ଭୁବନେଶ୍ୱର, ୨।୫(ଭାସ୍କର ନ୍ୟୁଜ): ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକପାଦ ଆଗକୁ ବଢିବାକୁ ଯାଉଛି। ରାଜ୍ୟରେ ଫରେନସିକ୍ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ପ୍ରତିଷ୍ଠା କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି କ୍ୟାମ୍ପସର ଶିଳାନ୍ୟାସ କରିବେ। ଏଥିପାଇଁ ଆସନ୍ତା ୧୦ ତାରିଖରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶ୍ରୀ ଶାହ। ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ ସେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ । ୧୦ ତାରିଖରେ ଶ୍ରୀ ଶାହ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ଜଟଣୀ ଅଭିମୁଖେ ଯିବେ। ସେଠାରେ ଫରେନସିକ୍ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିବେ। ଏହାପରେ ଶ୍ରୀ ଶାହ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ସେଠାରେ ସେହିଦିନ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ପରଦିନ ଅର୍ଥାତ୍ ୧୧ ତାରିଖରେ ସମ୍ବଲପୁର ଯାଇ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ କେତେକ ପ୍ରକଳ୍ପର ଶିଳାନ୍ୟାସ କରିବେ। ପରେ ଭୁବନେଶ୍ୱର ଆସି ଜନତା ମଇଦାନ ଆସି ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ । ଦ୍ୱିତୀୟ ଦିନର ଗସ୍ତ ଶେଷ କରି ସେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ଶାହଙ୍କ ଗସ୍ତକୁ ସଫଳ କରିବା ପାଇଁ ଶୁକ୍ରବାର ବିଜେପିର ରାଜ୍ୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

## ଦିଲ୍ଲୀରେ କାଳବୈଶାଖୀ ତାଣ୍ଡବ

# ବେହାଲ ଦେଶର ରାଜଧାନୀ



ନୂଆଦିଲ୍ଲୀ, ୨।୫: ଜାତୀୟ ରାଜଧାନୀ ଦିଲ୍ଲୀ-ଏନସିଆର ଅଞ୍ଚଳରେ ଶୁକ୍ରବାର ସକାଳୁ କାଳବୈଶାଖୀ ତାଣ୍ଡବ ରଚିଛି। କୁଆପଥର ବର୍ଷା ସାଂଗକୁ ପ୍ରବଳ ପବନରେ ଅସ୍ତବ୍ୟସ୍ତ ହୋଇ ଉଠିଥିଲେ ସହରବାସୀ। ଏହାର ପ୍ରଭାବରେ ଗୋଟିଏ ପରିବାରର ୪ ଜୀବନ ଚାଲିଯାଇଥିବା ସୂଚନା ମିଳିଛି। ଗଛ ପଡି ଖରଖରି କେନାଲ ଅଞ୍ଚଳ ଏକ ଗାଁରେ ମା' ସହିତ ୩ଜଣ ସନ୍ତାନଙ୍କ ମୃତ୍ୟୁ ହେବା ସହ ବାପା ଗୁରୁତର ହୋଇଛନ୍ତି । ଦିଲ୍ଲୀ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗଛ ଉପୁଡ଼ିବା, ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେବା ଓ ରାସ୍ତାରେ ଜଳଜମା ହେବା ଭଳି ସମସ୍ୟା ଦେଖାଦେଇଛି। ଏହି ଝଡତୋଫାନ ଯୋଗୁଁ ବିମାନ ସେବା ବାଧାପ୍ରାପ୍ତ ହୋଇଛି । ୧୨୨ ଅଧିକ ବିମାନ ଚଳାଚଳରେ ବିଳମ୍ବ ହେବା ସହ ୪୦ଟି ବିମାନର ଗତିପଥ ବଦଳିଛି । ପାଣି ଜମିଥିବା ସ୍ଥାନକୁ ଖୋଦ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯାଇ ସ୍ଥିତିର ଅନୁଧ୍ୟାନ କରିବା ସହ ସମସ୍ୟାର ସମାଧାନ କେମିତି ଖୁବଶୀଘ୍ର ହୋଇପାରିବ ସେନେଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ତାଙ୍କ ସରକାର ଚେଷ୍ଟା କରୁଛି ବୋଲି କହିଛନ୍ତି ରେଖା । ଏପଟେ ଭାରତୀୟ ପାଣିପାଗ ବିଭାଗ ରାଜଧାନୀ ଦିଲ୍ଲୀ ପାଇଁ ରେଡ ଆଲର୍ଟ ଜାରି କରିଛି। ଶୁକ୍ରବାର ସକାଳେ ଭାରତ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ ପାଇଁ ଏକ ରେଡ୍ ଆଲର୍ଟ ଜାରି କରିଛି, ଆଗାମୀ କିଛି ଘଣ୍ଟା ମଧ୍ୟରେ ପ୍ରବଳ ଝଡ଼ବର୍ଷା ଏବଂ ଘଣ୍ଟାପ୍ରତି ୭୦ ରୁ ୮୦ କିଲୋମିଟର ବେଗରେ ଝଡ଼ ପବନ ବହିବାର ଚେତାବନୀ • ପୃଷ୍ଠା ୫ ଦେଖନ୍ତୁ

### ଗଛ ପଡ଼ି ଗୋଟିଏ ପରିବାରର ୪ ମୃତ

## ଏନଆଇଏ ଡିଜିଙ୍କ ବଡ଼ ଖୁଲାସା

# ହମ୍‌ଲା ପଛରେ ଆଇଏସ୍‌ଆଇ

ଶ୍ରୀନଗର, ୨।୫: ଜାମ୍ମୁକାଶ୍ମୀରର ପହଲଗାମରେ ଗତମାସ ୨୨ ତାରିଖରେ ହୋଇଥିବା ଆତଙ୍କୀ ହମଲା ପଛରେ ଆଇଏସ୍‌ଆଇ ଓ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଇବାର ହାତ ରହିଥିଲା ବୋଲି କହିଛନ୍ତି ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏର ମହାନିର୍ଦ୍ଦେଶକ। ସେ କହିଛନ୍ତି, ଏହି ହମଲା ମାମଲାରେ ଏମିତି ପ୍ରମାଣ ମିଳିଛି, ଯାହା ଆଇଏସ୍‌ଆଇର ହାତ ଥିବା କଥାକୁ ଇଙ୍ଗିତ କରୁଛି। ଏଥିସହ ସ୍ଥାନୀୟ ଖଚ୍ଚର ମାଲିକଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଏନଆଇଏ ସନ୍ଦେହ କରୁଛି ଯେ ଖଚ୍ଚର ମାଲିକ ପୋନିୱାଲେ ଆତଙ୍କୀଙ୍କୁ ସହାୟତା କରିଥିଲେ। ଅଟକଥିବା ପୋନିଙ୍କୁ ପଚରାଉଚୁରା କରାଯାଉଥିବାବେଳେ ତାଙ୍କ କଥାବାର୍ତ୍ତାରେ କୌଣସି ତାଳମେଳ ରହୁନାହିଁ । ତେଣୁ ପ୍ରଶ୍ନ ଉଠୁଛି ବୈସରନ ଘାଟିରେ ଆତଙ୍କୀ ପହଞ୍ଚିବାରେ ତାଙ୍କର ସହାୟତା ନାହିଁ ତ ! ଏମିତିକି ତାଙ୍କର ଫୋନ୍‌କଲ ଡିଟେଲ୍ସକୁ ମଧ୍ୟ ଏନଆଇଏ ଯାଞ୍ଚ କରୁଥିବା ଖବର ମିଳିଛି। ଏହି ମାମଲାରେ ଏନଆଇଏର ଟିମ୍ ସ୍ଥାନୀୟ ୨୮୦୦ ଲୋକଙ୍କୁ ପଚରାଉଚୁରା କରି ସାରିଲାଣି। ତଦନ୍ତ ସମୟରେ ଆହୁରି ଜଣାପଡ଼ିଛି ଯେ ଏହି ମାମଲାରେ ସାମିଲ ଆତଙ୍କୀ ହାସିମ ମୁଲ୍ଲା ଏବଂ ଅଲ୍ଲୀଭାଇ ପାକିସ୍ତାନରେ ରହୁଛନ୍ତି, ଯିଏକି ପାକିସ୍ତାନରେ ବସି ନିଜର ମୁଖିଆଙ୍କ ସହ ଲଗାତାର ସଂପର୍କରେ ରହୁଥିଲା। ଏନଆଇଏ ୧୫୦ ଲୋକଙ୍କୁ ନିଜ ହେପାଜତକୁ ନେଇଛି। ଘଟଣାସ୍ଥଳକୁ ଯାଇ ଟିମ୍ ସେଠାରୁ ଡମ୍ପଡାଟା ମଧ୍ୟ ସଂଗ୍ରହ କରିଛି। ତେଣୁ ସେଥିରୁ ଜଣାପଡ଼ିବ ଯେ ସେହି ସମୟରେ ସେଠାରେ କିଏ କିଏ ଥିଲେ ଏବଂ ତାଙ୍କର କାହା କାହା ସହ ସଂପର୍କ ଥିଲା। ଘଟଣାସ୍ଥଳରୁ ମିଳିଥିବା ୪୦ଟି ଖୋକାକୁ ଫରେନସିକ୍ ଯାଞ୍ଚ ପାଇଁ ପଠାଯାଇଛି। ଏହାବ୍ୟତୀତ ତଦନ୍ତକାରୀ ଟିମ୍ ବୈସରନ ଘାଟିରେ କାମ କରୁଥିବା ଫଟୋଗ୍ରାଫର, ଦୋକାନୀ, ଟ୍ୟୁରିଷ୍ଟ ଗାଇଡ୍, ହୋଟେଲ ମାଲିକ ଓ ଅନ୍ୟମାନଙ୍କ ବୟାନ ମଧ୍ୟ ରେକର୍ଡ କରିଛି। ଏହାବ୍ୟତୀତ ପହଲଗାମର ବିଭିନ୍ନ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯାଇଛି, ଯେଉଁଠାରେ ଆତଙ୍କୀମାନେ ହମଲା ପୂର୍ବରୁ ରେକି କରିଥିଲେ।

## ତୀର୍ଯ୍ୟକ

### ଅଚ୍ଛିତ ଅନିର୍ବାଣ



ଯୁଦ୍ଧ ନହେଉଣୁ ଜିତି ସାରିଲେଣି
କହୁଛନ୍ତି ସିନା ଅନେକ ଲୋକ,
ଶତ୍ରୁକୁ ଦୁର୍ବଳ ଭାବିବାଟା କେତେ
ଜାଣିବା ଦର୍କାର ଭୁଲ କି ଠିକ !
ଅବଶ୍ୟ ଭୟରେ ପାକ୍ ମୂଲକ,
ଥରୁଅଛି ବୋଲି ଦୁନିଆ କହୁଛି
ଚୀନ୍ କାଳେ ତାଙ୍କୁ କରିଛି କାଖ !!

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଫୁଲନଖରା(ଭାସ୍କର ନ୍ୟୁଜ): ବୟାଳିଶମୌଜା ଅନ୍ତର୍ଗତ ବରାଳ ଗ୍ରାମର ମା' ନାରାୟଣୀ ମନ୍ଦିର ନିକଟସ୍ଥ ଜମିରେ ବୟାଳିଶମୌଜା ଉଠା ଜଳସେଚନ ଚାଷୀ ମହାସଂଘ ଆନୁକୂଲ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କଟକସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଅକ୍ଷିମୁଠି ଅନୁକୂଳ କରିଛନ୍ତି । ଆୟୋଜିତ ସଭାରେ ମହାସଂଘର ସଭାପତି ଅଶୋକ ମହାନ୍ତି, ସମ୍ପାଦକ ସନ୍ତୋଷ ପତି, ଆମ୍ଭର ଅଧକ୍ଷ ରମାକାନ୍ତ ବିଶ୍ୱାଳ, କୃଷି ଅଧିକାରୀ ମୋନାଲିସା ଜେନା, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ଦାସ, ସମୀର ପଣ୍ଡା, ଦିଲ୍ଲୀପ ବିହାରୀ, ବିନୋଦ ବିହାରୀ ବେହେରା, ଜଗଦୀଶ ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଚାଷୀ ଓ ଚାଷର ଅଭିବୃଦ୍ଧି ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ । ବିଧାୟକ କ୍ଷେତରେ ହଳ କୁଲାଇବା ପରେ ଧାନ ବୁଣି ଚାଷ କାର୍ଯ୍ୟ ର ଅନୁକୂଳ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ ରାଉତରାୟ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ନବକିଶୋର ନାୟକ, ପ୍ରମୁଖ ଉପସ୍ଥିତ ଥିଲେ ।



# ଆବାସ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ପୂଜାରାଣୀ



ଜଗତସିଂହପୁରର (ଭାସ୍କର ନ୍ୟୁଜ): ସରକାର ସର୍ବଦା କହୁଛି ଗାଁ ରେ ରହିଛି ବିକାଶର ଆତ୍ମା, ଗାଁର ବିକାଶ ହେଲେ ଦେଶ ହେବ ବିକଶିତ । ସେଥିପ୍ରତି ପ୍ରତି ଅଞ୍ଚଳର ପ୍ରଗତି ପାଇଁ ବିଧାୟକ ମନ୍ତ୍ରୀ ମାନଙ୍କୁ ଜିଲ୍ଲାୱାରୀ ପର୍ଯ୍ୟବେକ୍ଷକ ଭାବେ ନିର୍ଦ୍ଦେଶ ଦେଇଛନ୍ତି । ଯେପରିକି କୌଣସି ଲୋକ ନିଜର ମୌଳିକ ସୁବିଧାରୁ ବଞ୍ଚିତ ନ ହୁଏ । କିନ୍ତୁ ବାସ୍ତବ ପକ୍ଷେ ତାହା କେଉଁଠି ନା କେଉଁଠି ହାତୀ ଗଳି ଯାଉଛି, ତ ଆଉ କେଉଁଠି ପିମ୍ପୁଡି ଗଳିବା କଷ୍ଟ ସାଧ ହେଇଯାଉଛି । ଆମେ ଏକଥା ଅବତାରଣା କରିବାର କାରଣ ଏବେ ବି ଗ୍ରାମାଞ୍ଚଳ ରେ ଶିକ୍ଷା ଓ ସଚେତନତା ଅଭାବ ପାଇଁ କିଛି କିଛି ବୟସ୍କ ଅଶିକ୍ଷିତ ବ୍ୟକ୍ତି ଡିଜିଟାଲ ଦୁନିଆ କଣ ଜାଣି ପାରୁନାହାଁନ୍ତି, ଯେଉଁଥିପାଇଁ ସେମାନେ ନିଜର ହକ ସାବ୍ୟସ୍ତ କରିବାରେ ବିଫଳ ହେଉଛନ୍ତି, କାରଣ ଶିକ୍ଷଗତ ଯୋଗ୍ୟତା ଅଭାବ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରୁ ଦୁଇପାଦ ପଛକୁ ନେଇଯାଉଛି, ତଥାପି ରହୁନି ପ୍ରଶାସନର ସହାନୁଭୂତି ଯାହାକୁ ନେଇ ଗରିବ ସବୁବେଳେ ଗରିବ ହୋଇ ରହିବାକୁ ବାଧ ହେଉଛି । ସରକାର ପ୍ରଯତ୍ନ କିନ୍ତୁ ପ୍ରଶାସନ ଅପାରଗତକୁ କୁ ନେଇ କିଛିଲୋକ ସରକାରୀ ଯୋଜନାରୁ ଏବେ ବି ବାଦ ପଡିବା ଦେଖିବାକୁ ମିଳୁଛି । ସୂଚନା ମୁତାବକ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଉପକୂଳ ପଞ୍ଚାୟତ ମରିଚପୁର ଗାଁର ପୂଜାରାଣୀ ମୁଦୁଲି ଏକ ଶାରୀରିକ ଭିନ୍ନକ୍ଷମ ଲୋକ। ପରିବାର କହିଲେ ଚରିପ୍ରାଣୀ କୁଟୁମ୍ବ, ସ୍ୱାମୀ ସର୍ବେଶ୍ୱର ମୁଦୁଲି ଦିନ ମଜୁରିଆ ଲୋକ, ଦିଔଳି ମଜୁରୀ ଲାଗି ଚରିପ୍ରାଣୀ କୁଟୁମ୍ବ ପୋଷିବା ତାଙ୍କ ପକ୍ଷେ ଅସମ୍ଭବ ହେଇପଡୁଥିବା ବେଳେ ଶାନ୍ତିରେ ଶୋଇବା ତାଙ୍କ ପାଇଁ ସ୍ୱପ୍ନ ହେଇ ଯାଇଛି । ଭାବିଛନ୍ତି ସରକାର ତାଙ୍କୁ ଖଣ୍ଡେ ଆବାସ ଗୃହ ଯୋଗେଇ ଦେଲେ ଅନ୍ତତଃ ପକ୍ଷେ ସାପ ବେଙ୍ଗ, ଜନ୍ତୁ ଭୟ ରୁ ମୁକ୍ତି ପାଇ ପାରନ୍ତେ । ସେଥିପାଇଁ ବାରଦ୍ୱାର ହେବାପରି ଜିଲ୍ଲାପାଳ ଗ୍ରୀଭାନ୍ସ, ବିଡ଼ିଓ, ସରପଞ୍ଚ, ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ବି ଏ ପର୍ଯ୍ୟନ୍ତ କେହି ତାଙ୍କ ପ୍ରତି ଦୃଷ୍ଟି ଦେଉନାହାଁନ୍ତି । ତେବେ ଏବେ ମୋହନ ସରକାରଙ୍କ ଅମଳ ରେ ପ୍ରକୃତ ହିତାଧିକାରୀ ଚିହ୍ନଟ କରାଯାଉଛି । ଯଦି ମୋ ଗୁହାରି ଏବେ ଶୁଣି ଦିଅନ୍ତେ ମୋ ପରିବାର ବଞ୍ଚିବାର ଅଧିକାରରୁ ବଞ୍ଚିତ ହୁଅନ୍ତେ ନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ପୂଜା ମୁଦୁଲି । ଏବାବଦରେ ଉକ୍ତ ପରିବାରକୁ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ଘର ଘଣ୍ଟେ ଯୋଗେଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ପୋଖରୀରେ ବୁଡ଼ି ଜଣେ ମୃତ

ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଗଡ଼ମଧୁପୁର ଗ୍ରାମରେ ବୁଧବାର ଦିନ ସ୍ଥାନୀୟ ପୋଖରୀରେ ଜଣେ ବ୍ୟକ୍ତି ଗାଧୋଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଗଡ଼ମଧୁପୁର ଗ୍ରାମର ବନମାଳୀ ଭଞ୍ଜଙ୍କ ପୁଅ ଫଗୁଣୀ ଭଞ୍ଜ (୪୫) ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ । ପୋଖରୀରେ ଗାଧୋଉଥିବା ଅନ୍ୟମାନେ ବ୍ୟକ୍ତି ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ସ୍ଥାନୀୟ ଲୋକେ ଦମକଳବାହିନୀକୁ ଖବର ଦେଇଥିଲେ । ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରି ଫଗୁଣୀଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଫଗୁଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଶବବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ଏନେ ଜେନାପୁର ପୋଲିସ୍ ୧୨/୨୫ରେ ଏକ ଅପମୃତ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଛି ବୋଲି ଥାନାଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି ।

# ୮ କୋଟିର ଆର୍ଥିକ ଅନିୟମିତତାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ

ଜଗତସିଂହପୁର (ଭାସ୍କରନ୍ୟୁଜ): ସାଙ୍ଘାତିକ ଆର୍ଥିକ ଅନିୟମିତତାରେ ଛନ୍ଦି ହୋଇପଡ଼ିଛି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଜଗତସିଂହପୁର। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରିବର୍ତ୍ତେ ଏଠାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଦରମା ବିଲ ପତ୍ରର ଡ଼ିଡ଼ିଓ କାର୍ଯ୍ୟ ତୁଲାଇ ଆସିଥାନ୍ତି । ଜଣେ ଦକ୍ଷ ଓ ବିଚକ୍ଷଣ କ୍ଷମତା ସମ୍ପନ୍ନ ସରକାରୀ ଅଧିକାରୀ, ଯିଏକି ଅର୍ଥ ରାଶି ଉଠାଣ ଓ ଆବଣ୍ଟନ ପାଇଁ ସଂପୂର୍ଣ୍ଣ ଦାୟୀ, ତାଙ୍କୁ ଏହି କାର୍ଯ୍ୟ ପାଇଁ କ୍ଷମତାପନ୍ନ କରାଯାଇଥାଏ। ନିଜକୁ ଯଥେଷ୍ଟ ଦକ୍ଷ ପ୍ରମାଣିତ କରିବାରେ କୌଣସି ବିଲକ୍ଷଣ ନଛାଡ଼ି ଡ଼ିଡ଼ିଓ ଭାବେ କାର୍ଯ୍ୟ କରୁ କରୁ କିଛିଦିନ ହେବ ଆଜ୍ଞ ଦୋଷ ବାବୁଙ୍କର ବାହାରିଛି । ଫଳରେ ପ୍ରାଥମିକ ଶିକ୍ଷାର ଆଠ କୋଟି ଟଙ୍କା ଉଠାଣ କରି ମାଧମିକ ଶିକ୍ଷକ ମାନଙ୍କୁ ବଣ୍ଟନ କରି ଦିଆଯିବା ଭଳି ଜଘନ୍ୟ ଆର୍ଥିକ



ଅନିୟମିତତା ଦୃଷ୍ଟି ଗୋଚର ହୋଇଥିବାରୁ ମହାଲେଖାକାର, ଓଡ଼ିଶା ସଂପୃକ୍ତ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କର ଦରମା ବନ୍ଦ କରିଥିବା ଭଳି ରୋଚକ ତଥ୍ୟ ଶୁଣିବାକୁ ମିଳେ। ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ ଏହିକି ଯେ ଜିଲ୍ଲା କୋଷାଗାର ଏହି ବେନିୟମ ବିଲ୍‌କୁ କିଭଳି ପାସ କଲେ ଓ ପ୍ରତିବାଦ ନ କରି ପ୍ରାଥମିକ ଶିକ୍ଷାର ଅର୍ଥକୁ ମାଧମିକ ଶିକ୍ଷାରେ ଖର୍ଚ୍ଚ କରି ଦିଆଗଲା ତାହା ବିଚାର ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଥାଉ କି ଏହି ବିଲ୍ ପାସ ନିମନ୍ତେ କାର୍ଯ୍ୟାଳୟରେ ବରିଷ୍ଠ କର୍ମଚାରୀ ତଥା ସେକ୍ସନ ଅଫିସର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପାଖରେ ପାସୱାର୍ଡ ଓ ଆଇ.ଡ଼ି ଥିବା ବେଳେ କିପରି ଭାବେ ଏହା ଅନ୍ୟ କର୍ମଚାରୀ ଯିଏକି ସର୍ବଶିକ୍ଷାରୁ ଡ଼େପୁଟେସନରେ ଯାଇ ଡ଼ିଡ଼ିଓଙ୍କ ତତ୍ତ୍ୱାବଧାନ ଓ ଇଙ୍ଗିତରେ ସଂପୃକ୍ତ ସେକ୍ସନ ଅଫିସରଙ୍କୁ ଅତିକ୍ରମ କରି ମନଇଚ୍ଛା କାମ କରୁଥିବାର ଘଟଣା ମଧ୍ୟ ପଦାକୁ ଆସିଛି। ସଂପୃକ୍ତ ସେକ୍ସନ ଅଫିସରଙ୍କୁ କିପରି ଭାବେ ଅତିକ୍ରମ କରି ଆଠକୋଟି ଟଙ୍କାର ପ୍ରାଥମିକ ଶିକ୍ଷା ପାଇଁ ଥିବା ଅର୍ଥ ରାଶିକୁ ଉଠାଇ କରାଯାଇ ମାଧମିକ (ହାଇସ୍କୁଲ) ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦରମା ପ୍ରଦାନ କରାଯାଇଛି ତାହାର ସଂପୂର୍ଣ୍ଣ ଦାୟିତ୍ୱ ଡିଡିଙ୍କ ମୁଣ୍ଡରେ ଯିବ ନା ଜିଲ୍ଲା ଶିକ୍ଷାଧିକାରୀଙ୍କ ମୁଣ୍ଡରେ ଯିବ ତାହା ଆଲୋଚ୍ୟ ବିଷୟ ହୋଇଛି । ଏହି କାର୍ଯ୍ୟାଳୟରେ ବରିଷ୍ଠ ଓ ଦକ୍ଷ କର୍ମଚାରୀଙ୍କୁ ଦୀର୍ଘ ବର୍ଷ ଧରି ଅବହେଳା କରାଯାଇ ଡେପୁଟେସନରେ ଆଣାଯାଇଥିବା କର୍ମଚାରୀ ଓ ଅଣଦକ୍ଷ କର୍ମଚାରୀଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରାଯାଇ ଏଭଳି ଅନିୟମିତତାର ଶିକାର ହେବାକୁ ପଡୁଛି। ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇପଡ଼ିଛି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରସାୟନ ବିଭାଗର ବାର୍ଷିକ ଉତ୍ସବ



ବାରିପଦା(ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରସାୟନ ବିଭାଗର ବାର୍ଷିକ ଉତ୍ସବ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜଯୋଗିନୀ ବ୍ରହ୍ମାକୁମାରୀ ଉମା ଭଗିନୀ ଯୋଗଦେଇ ନିଜ ବକ୍ତବ୍ୟରେ ବ୍ୟକ୍ତି ଗଠନ ହୋଇପାରିଲେ ସମାଜ ଗଠନ ହୋଇପାରିବ ତଥା ଯୁଗ ପରିବର୍ତ୍ତନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ ବ୍ରହ୍ମାକୁମାରୀ ପୁଷ୍ପିତା ଭଗିନୀ ଯୋଗ ଦେଇ ଆଧ୍ୟାତ୍ମ ବିଦ୍ୟାର ଉପାଦେୟତା ଉପରେ ନିଜ ମତ ରଖିଥିଲେ । ସମ୍ମାନିତ ଅତିଥି ରୂପେ ରାଜଯୋଗିନୀ ବ୍ରହ୍ମାକୁମାରୀ ସଙ୍ଗୀତା ଭଗିନୀ ଯୋଗଦେଇ ରାଜଯୋଗର ଉପାଦେୟତା ତଥା ଖୁସି ରହିବାର କଳା ବିଷୟରେ ନିଜର ମତ ରଖିଥିଲେ । ପ୍ରଫେସର ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ସହକାରୀ ପ୍ରଫେସର ଡ. ଅମର କୁମାର ଦୋରା ବିଭାଗୀୟ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ । ସେମିନାର ସମ୍ପାଦକ ସତ୍ୟମ ସୌରଭମ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ-ସମ୍ପାଦକ ମନୋରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବକୁ ସଫଳ କରିବାରେ ବିଭାଗୀୟ ପ୍ରଫେସର ରାଜେଶ କୁମାର ସିଂ, ସହକାରୀ ପ୍ରଫେସର ଆଶିଷ କୁମାର ଜେନା, ଡ. ଭବାନୀ ଶଙ୍କର ମହାନ୍ତ, ନୀଳିମା ତ୍ରିପାଠୀ, ରିକା ପଣ୍ଡା, ସନ୍ଧ୍ୟାରାଣୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଅପରାହ୍ନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କବିତା ଆସର ଓ ପ୍ରବଚନ

କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ରାମଲେଙ୍କା ପଂଚାୟତର ନନ୍ଦଳା ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ପ୍ରସ୍ତରରେ ନବନିର୍ମିତ ଭବ୍ୟ ପ୍ରାସାଦ ପ୍ରତିଷ୍ଠା ଓ ଭାଗବତ ଗାଦି ପ୍ରତିଷ୍ଠା ଅବସରରେ ଅପ୍ରେଲମାସ ୨୫ତାରିଖ ଠାରୁ ମଇ ମାସ ୨ତାରିଖ ପର୍ଯ୍ୟନ୍ତ ପ୍ରତି



ଦିନ ନାମ ଯଜ୍ଞ, ଘୃତ ଯଜ୍ଞ ଅନ୍ନ ସାଙ୍ଗକୁ ପ୍ରବଚନ ଓ କବିତା ଆସର ଅପରାହ୍ନ ୪ଘଣ୍ଟା ଠାରୁ ସନ୍ଧ୍ୟା ୮ଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ନନ୍ଦଳା ଗ୍ରାମବାସୀଙ୍କ ସହଯୋଗରେ ପାରିକୁଦ ମାଲୁଦ ଅଞ୍ଚଳ ର ସମସ୍ତ କବି କବୟିତ୍ରୀଙ୍କ ସ୍ୱରଚିତ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ଭଜନ ଜଣାଣ ଗାନ କରିଥିଲେ । ଏହି କବିତା ଆସରରେ ଅଙ୍କୁର ଫାଉଣ୍ଡେସନର ମୁଖ୍ୟ ସୁଶ୍ରୀ ଚିନ୍ମୟୀ ପଣ୍ଡା ଡାକ୍ତର ରାଜେନ୍ଦ୍ର ପ୍ରଶାଦ ସାହୁ ଶିକ୍ଷାବିତ ବିଦ୍ୟାଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଆମ ପୁସ୍ତକ ମେଳାର ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷାବିତ ଲଳିତ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ।

# କର୍ମକ୍ଷେତ୍ରରେ ସମ୍ମାନିତ ହେଲେ ଶ୍ରମିକ

ରାଜନଗର(ଭାସ୍କର ନ୍ୟୁଜ୍): ବିଶ୍ୱ ଶ୍ରମିକ ଦିବସରେ ଶ୍ରମ କ୍ଷେତ୍ର ବୁଲି ମୁଣ୍ଡ ଝାଳ ତୁଣ୍ଡେ ମାରି ଶ୍ରମ ଦାନ କରିଥିବା କୁଶଳୀ ଶ୍ରମିକମାନଙ୍କୁ ସେମାନଙ୍କର ସେବା ପାଇଁ ଉତ୍ତରୀୟ ପ୍ରଦାନ ପୂର୍ବକ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧନା କରାଯାଇ ଅଛି । ଆଜିର ଦୁନିଆରେ ଟଙ୍କାର ପାହାଡ଼ ଉପରେ ଠିଆ ହୋଇ ଚାକଚକ୍ୟ ବେଶ ପୋଷାକରେ ରହୁଥିବା ଲୋକମାନଙ୍କୁ ସମସ୍ତେ ଆଦର କରନ୍ତି । ସେମାନଙ୍କ ପାଇଁ ନାହିଁ ନଥିବା ମଞ୍ଚ ର ଆୟୋଜନ କରାଯାଏ ।ବଡ଼ ବଡ଼ ଫୁଲତୋଡ଼ା ସାଙ୍ଗକୁ ଉତ୍ତମ ଆତିଥ୍ୟ ପ୍ରଦାନ କରାଯାଏ । କିନ୍ତୁ ବାସ୍ତବରେ ଯେଉଁ ମାନଙ୍କ ଅକ୍ଲାନ୍ତ ଶ୍ରମ ଯୋଗୁ ବାବୁ ମାନେ ଗ୍ଲାସ୍ ହାଉସ ରେ ବସିଥାନ୍ତି ଓ ଯେଉଁମାନଙ୍କ ପରିଶ୍ରମରେ ନିର୍ମିତ ରାସ୍ତାରେ ବଡ ବଡ ବାବୁ ମାନେ ଏସି କାର ଚଳାଇ ଖୁସିରେ ଯାତାୟାତ କରିଥାନ୍ତି ସେମାନଙ୍କୁ



ଦୁନିଆରେ ମଳିମୁଣ୍ଡିଆ ର ଉପାଧି ପ୍ରାପ୍ତ ହୁଏ । ଆଜି ଶ୍ରମିକ ଦିବସ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସେହି ପରି କୁଶଳୀ ଶ୍ରମିକମାନଙ୍କୁ ଖୋଜି ଖୋଜି ନିଜ ନିଜର କର୍ମ କ୍ଷେତ୍ର ଉପରେ ସେମାନଙ୍କୁ ବାଃ ବାଃ କରିବା ସହିତ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି । 'ଦୁନିଆରେ ସମସ୍ତେ ସମାନ କୌଣସି କର୍ମ ଛୋଟ ନୁହେଁ, ଆପଣ ମାନେ ମଧ୍ୟ ଏ ଦେଶ ଜାତିର ଗର୍ବ ଓ ଗୌରବ' ଏହି ବାର୍ତ୍ତା ଦେଇ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତି ଶ୍ରମିକ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । କେନ୍ଦୁଝର ଜିଲ୍ଲାର ଘଟଗାଁ, ଯାଜପୁରର ପାଣିକୋଇଲି ଓ କେନ୍ଦ୍ରାପଡ଼ାର ଦୁହୁରିଆ ଗୋପ ଛକ ପଟ୍ଟାମୁଣ୍ଡାଇ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ପାଇଁ ଏପରି ସମ୍ମାନ ଜନକ କାର୍ଯ୍ୟ କରାଯାଇଥିଲା । ଉକ୍ତ କାର୍ଯକ୍ରମକୁ ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ ସମ୍ପାଦନ କରିଥିବା ବେଳେ ଟ୍ରଷ୍ଟର ଅତିରିକ୍ତ ସଭାପତି ସଂଗ୍ରାମ କୁମାର ଦାସ, ମନୋଜ କୁମାର ରାଉତ, କୁମାର ଅହିତ୍ରାଂଶୁ ଓ ଜିତେନ୍ଦ୍ର ସେଠୀ ପରିଚାଳନା କରିଥିଲେ ।

# ବନଖଣ୍ଡ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କରଞ୍ଜିଆ(ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ସଭାଗୃହ ଠାରେ ବୁଧବାର ଦିନ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ତାଙ୍କୁ ଓ ତାଙ୍କ ସହଧର୍ମିଣୀ ନନ୍ଦିନୀ ନାଏକଙ୍କୁ ସମ୍ବର୍ଦ୍ଧିତ କରିଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ଉତ୍ତର ଶିମିଳିପାଳ ଡେପୁଟି ଡାଇରେକ୍ଟର ସାଇ କିରଣ ଡିଏନ୍,



ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ, ବାରିପଦା ଡିସିଏଫ୍ ତପନ ପରିଡ଼ା, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବ ପ୍ରସାଦ ରଥ, ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ବାନାଞ୍ଚଳର ସହକାରୀ ବନ ସଂରକ୍ଷକ ଫାଲଗୁନି ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ, ଉପଖଣ୍ଡ ଚିକିତ୍ସାଧିକାରୀ ତଥା ବରିଷ୍ଠ ଡ଼ାକ୍ତର ଅନିତା ସିଂଙ୍କ ସମେତ ଅଞ୍ଚଳର ବହୁ ବରେଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ତାଙ୍କ କାର୍ଯ୍ୟକାଳ ସମୟରେ ବନଖଣ୍ଡରେ ହେଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ବାବଦକୁ ଓ ତାଙ୍କ ସହିତ କାର୍ଯ୍ୟକରିବାରେ ମିଳିଥିବା ଅଭୁଲା ଅନୁଭୂତି ସମ୍ପର୍କରେ ଅତିଥିବୃନ୍ଦ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଆଜିର ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ବନଖଣ୍ଡର ସମସ୍ତ ସହକାରୀ ବନ ସଂରକ୍ଷକ, ବନାଞ୍ଚଳ ଅଧିକାରୀ, ବନପାଳ ଓ ବନ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱଚ୍ଛତା ପାଇଁ ସଚେତନତା କାର୍ଯ୍ୟକ୍ରମ

ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବିଡିଓ ସ୍ୱାଗତ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଓଡିଏଫ ଠାରୁ ଓଡିଏଫ ପ୍ଲସ ପାଳନ କରିବା ପାଇଁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଯୁବକ ସଂଘ ମାଧ୍ୟମରେ ଗ୍ରାମ ସାମୂହିକ ସଫେଇ, ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରିବା , ପ୍ଲାଷ୍ଟିକ ବର୍ଜନ କରିବା, ନିୟମିତ



ଶୌଚାଳୟ ବ୍ୟବହାର କରିବା, ସ୍ୱଚ୍ଛତା ପାଇଁ ଶପଥ ପାଠ ଓ ଧୂସର ଜଳ ପରିଚାଳନା ପାଇଁ ସଚେତନତା କରାଯାଇଥିଲା । ବିଭିନ୍ନ କାର୍ଯ୍ୟକ୍ରମରେ ବିଡିଓ ସ୍ୱାଗତ ଦାସ, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରି, ସରପଞ୍ଚ ଦିଲ୍ଲିପ ବେହେରା, ରୀତାଞ୍ଜଳୀ ସାମଲ, ମାନିନୀ ସାହୁ, ପିଇଓ ବିଶ୍ୱ କେତନ ସାମଲ ଏଡିଇ ଓ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ସ୍ୱଚ୍ଛଭାରତ ମିଶନ ସଂଯୋଜକ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ

# ବିକଶିତ ଗାଁ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ପାଇଁ ସଚେତନତା କାର୍ଯ୍ୟକ୍ରମ

ଶୁଳିଆପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ:- ସରକାରଙ୍କର ପ୍ରତ୍ୟେକଟି ଜନକଲ୍ୟାଣ କାରୀ ଯୋଜନା କିପରି ଗ୍ରାଉଣ୍ଡ ଜିରୋ କୁ ପହଞ୍ଚିବ ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇ ପାରିବା ସହ ଲୋକେ ଗ୍ରାଉଣ୍ଡ ଜିରୋରେ ପ୍ରତ୍ୟେକଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଉପଭୋଗ କରିପାରିବେ ସେନେଇ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଭିଆରପି ମେମ୍ବରଙ୍କ ଦ୍ୱାରା ଚୂହାଟ ପଞ୍ଚାୟତ ଭୋଲା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା ମହିଳା ମାନେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରି ସମସ୍ତଙ୍କୁ ସଚେତନ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା



ବାବଦରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଚୁହାଟ ପଞ୍ଚାୟତ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମାରାଣ୍ଡି, ଭିଆରପି ବିଜୟଲକ୍ଷ୍ମୀ ପଟ୍ଟନାୟକ, ଭିଆରପି ତୁଳସୀ ଧୀର, ଭିଆରପି ସୁମତି ମହାନ୍ତ, ସମାଜସେବୀ ରାଜକୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ତେବେ ଭିଆରପିଙ୍କ ପ୍ରଚେଷ୍ଟାରେ ଏହିଭଳି ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

# ମୁକ୍ତାଦେବୀ ରାଜମିସ୍ତ୍ରୀ ସଂଘ ପାଳିଲା ଶ୍ରମିକ ଦିବସ



ଚିକିଟି (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟିରେ ଅବସ୍ଥିତ ମୁକ୍ତାଦେବୀ ପୀଠରେ ରାଜମିସ୍ତ୍ରୀ ସଂଘ ଶ୍ରମିକ ଦିବସ ପାଳନ କରିଥିଲେ । ଏହି ଅବସରରେ ସଂଘ ସଭାପତି ରାଜୁ ସାହୁଙ୍କ ଅଧକ୍ଷତାରେ ଜାମୁକାଶ୍ମୀର ପହଲରାମ୍‌ରେ ହୋଇଥିବା ହିନ୍ଦୁଭାଇଙ୍କ ହତ୍ୟାକାଣ୍ଡରେ ମୃତ୍ୟୁବରଣ କରିଥିବା ହିନ୍ଦୁ ଭାଇଙ୍କ ଉଦ୍ୟଶରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସଭା ଅନୁଷ୍ଠିତ କରାଯଇଥିଲା । ଏହା ପରେ ପରେ ସଂଘର ଆନୁଷ୍ଠାନିକ ବୈଠକ ଅନୁଷ୍ଠିତ କରାଯାଇ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରିବାବେଳେ ପୂର୍ବ ନିର୍ଦ୍ଧାରିତ କର୍ମକର୍ତ୍ତାଙ୍କୁ କାୟମ ରଖିଥିଲେ । ଏହି ଅବସରରେ ସଂଘ ନିଜର ସମସ୍ତ ଶ୍ରମିକ ଭାଇମାନଙ୍କ ଉଦ୍ଦେଶ୍ୟରେ ସମସ୍ତ ଭଲମନ୍ଦରେ ସଂଘ ଉପସ୍ଥିତ ରହିବା ସକାଶେ ବଦ୍ଧ ପରିକର ବୋଲି ଉପସଭାପତି ବୃନ୍ଦାବନ ସାହୁ ପ୍ରକାଶ କରିଥିଲେ । ଏହି କ୍ରମରେ ସାଧାରଣ ସମ୍ପାଦକ ନବୀନ ରାଉଳ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧକ୍ଷ ସୁରେନ୍ଦ୍ର ସାହୁ, ପ୍ରମୁଖ ଯୋଗ ଦାନ କରି ସଭାକାର୍ଯ୍ୟ ତୁଲାଇଥିଲେ । ଏହି ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ ।

# ଶିମିଳିପାଳରୁ ଶିକାରୀ ଗିରଫ; ୨ ବନ୍ଧୁକ ଜବତ

ବାରିପଦା:(ଭାସ୍କର ନ୍ୟୁଜ୍): ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଜଣେ ଶିକାରୀକୁ ବନ ବିଭାଗ ଗିରଫ କରିବା ସହିତ ୨ଟି ବନ୍ଧୁକ ଜବତ କରିଛି । ଗିରଫ ଶିକାରୀ ଜଣକ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ବହଳଦା ଗ୍ରାମର ବାଁନଠୁ ହାଁସଦା(୪୦) । ବାଁନଠୁ ଶିକାର ନିମନ୍ତେ ଶିମିଳିପାଳ ମଧ୍ୟକୁ ପ୍ରବେଶ କରିଥିବା ବେଳେ ଅନ୍ୟ ୪ ଟ୍ରାପ୍ କ୍ୟାମେରା ଜରିଆରେ ବନ ବିଭାଗ



ଟିମ୍ ଧରିଛନ୍ତି । ତେବେ ଶିକାରୀ ଫେରାର୍ ହୋଇଯାଇଛନ୍ତି । ଗିରଫ ଶିକାରୀକୁ କୋର୍ଟଚାଲାଣ କରାଯାଇଛି ବୋଲି ପ୍ରକଳ୍ପ ଦକ୍ଷିଣ ଡିଭିଜନ୍ ଉପନିର୍ଦ୍ଦେଶକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି ।

# ବ୍ରହ୍ମପୁରାରେ ଭାଗବତ ସଙ୍କୀର୍ତ୍ତନ

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ଅକ୍ଷୟ ତୃତୀୟା ଦିନ ଠାରୁ ବାର୍ଷିକ ସଙ୍କୀର୍ତ୍ତନ ମେଳା ଆୟୋଜିତ ହୋଇଛି । ପ୍ରଥମ ଦିବସରେ ଅଧିବାସ, ପୂଜାର୍ଚ୍ଚନା ଏବଂ ହୋମ ଅନୁଷ୍ଠିତ ହୋଇଯାଇଛି ।ତା' ପରଦିନ ସଙ୍କୀର୍ତ୍ତନ ମହୋତ୍ସବ ଓ ନଗର କୀର୍ତ୍ତନ ଓ ପ୍ରସାଦ ସେବନର ଆୟୋଜନ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଏହି ମେଳାରେ ଯୋଗଦାନ କରି ବିଭୁ କୃପା ଲାଭ କରିଥିଲେ । ସଙ୍କୀର୍ତ୍ତନ ଗାୟକ ରୂପେ ଠଣାପଲ୍ଲୀ ଗ୍ରାମ ର ବିଶ୍ୱନାଥ ପ୍ରଧାନ, ମର୍ଦ୍ଦାବାଡିର କୃଷ୍ଣ ମୋହନ କହଲସିଂହ, ପଞ୍ଚୁକୋଟର ପବିତ୍ର ମହାରଣା, ବୋଲଗଡ଼ର ରବିନ୍ଦ୍ରନାଥ ସାମନ୍ତରାୟ, ନନ୍ଦପଲ୍ଲୀର ରଘୁନାଥ ବେହେରା



ଯୋଗଦାନ କରି ସଂକୀର୍ତ୍ତନ ଗାନ କରିଥିଲେ । ବୋଲଗଡ଼ର ଶିଶୁ ସଂକୀର୍ତ୍ତନ ଗାୟିକା ଓ ଶିଶୁ ବାଦକଙ୍କ ଗାୟନ ଓ ବାୟନ ବହୁତ ଚିତ୍ତାକର୍ଷକ ଥିଲା ।ବ୍ରହ୍ମପୁରା , ଶ୍ୟାମସୁନ୍ଦରପୁର, ପଞ୍ଚୁକୋଟ ଓ ବୋଲଗଡ଼ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିମାନେ ସହଯୋଗ କରି ପରିଚାଳନା କରିଥିଲେ ।

# ବନ୍ୟଜନ୍ତୁ ଅପରାଧ ପ୍ରତିରୋଧ ଓ ବିଶେଷ ପ୍ରଶିକ୍ଷଣ ଶିବିର

ବାରିପଦା(ଭାସ୍କର ନ୍ୟୁଜ୍): ବନ୍ୟଜନ୍ତୁ ଅପରାଧ ପ୍ରତିରୋଧ ଓ ଦୋଷୀଙ୍କୁ ଶିଖଣ୍ଡିତ କରିବା ପ୍ରକ୍ରିୟାକୁ ଅଧିକ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ପୋଲିସ ଓ ଅରଣ୍ୟ ବିଭାଗ ଅଧିକାରୀଙ୍କୁ ଲକ୍ଷ୍ୟ କରି ଏକ ଦିନିକିଆ ବିଶେଷ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣର ପ୍ରଧାନ ଉଦ୍ଦେଶ୍ୟ ଥିଲା ମାମଲା ଦସ୍ତାବିଜିକରଣକୁ ସୁନିଶ୍ଚିତ କରି ଏହାକୁ ସମ୍ମାନୀୟ ଅଦାଲତଙ୍କ ମାନ୍ୟରେ ଠିକ୍ ଭାବେ ପ୍ରସ୍ତୁତ କରିବା, ଯାହା ଦ୍ୱାରା ଦୋଷୀଙ୍କ ବିରୁଦ୍ଧରେ ଦଣ୍ଡବ୍ୟବସ୍ଥାକୁ ସାର୍ଥକ କରାଯିବ ।ଏହି ପ୍ରଶିକ୍ଷଣର ନେତୃତ୍ୱ ଦେଇଥିଲେ ବନ୍ୟଜନ୍ତୁ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ର ଏକ ଅନୁଭବୀ ଟିମ୍, ଯାହାରେ ଅନ୍ତର୍ଭୁକ୍ତ ଥିଲେ- ସୁଯୋଗ ପାଟିଲ, ଆଇଏଫ୍‌ଏସ୍, ଆଞ୍ଚଳିକ ଉପନିର୍ଦ୍ଦେଶକ, ଡବ୍ଲୁସିସିବି ଡ଼ା. କେ. କେ. ଶର୍ମା, ବନ୍ୟଜନ୍ତୁ ଇନ୍ସପେକ୍ଟର ଅଫଜାଲ ଖାନ, ଇନ୍ସପେକ୍ଟର, ମଧ୍ୟପ୍ରଦେଶ ପୋଲିସ ମିସ୍ ମଞ୍ଜୁଳା ଶ୍ରୀବାସ୍ତବ, ଜେଷ୍ଠ ଅଧିବକ୍ତା, ମଧ୍ୟପ୍ରଦେଶ ଡ଼ା. ଦେବେନ୍ଦ୍ର ପୋଡ଼ାଡେ, ବୈଜ୍ଞାନିକ, ଜବଲପୁର ପ୍ରଶିକ୍ଷଣରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ଠୋସ ପ୍ରମାଣ ସଂଗ୍ରହ, ଶୃଙ୍ଖଳିତ ଦସ୍ତାବିଜିକରଣ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ନ୍ୟାୟିକ ପଦକ୍ଷେପ ଉପରେ । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଅଭିଯୋଗ ପ୍ରସ୍ତୁତି ଓ ଆଇନଗତ ସୂକ୍ଷ୍ମତାକୁ ନେଇ ଅଧିକାରୀମାନେ ଉପକୃତ ହୋଇଛନ୍ତି ।



ଏହି ପ୍ରଶିକ୍ଷଣ ଶିବିର ଦ୍ୱାରା ପୋଲିସ ଓ ଅରଣ୍ୟ ବିଭାଗର କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ଏବଂ ଦେଶର ବନ୍ୟଜନ୍ତୁ ଧନସଂପଦ ସୁରକ୍ଷାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବିତ ହେବ ।

# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ବ୍ଲକ୍ ର ଆଳିପିଙ୍ଗଳ ପଂଚାୟତ ଅଧିନସ୍ଥ ଯୋରକୁଳଗ୍ରାମରେ ଓଡ଼ିଶାର ଚାଷୀଭାଇଙ୍କର ପର୍ବ ଅକ୍ଷୟ ତୃତୀୟା ଓ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳନ କରାଯାଇଥିଲା । ଭୁବନେଶ୍ୱର ବରମୁଣ୍ଡା ଓ ୟୁ ଏ ଟି କାର୍ଯ୍ୟାଳୟ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ମାନ୍ୟବର ମୁଖ୍ୟନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶିଳ୍ପ ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନନୀୟ ଅତିଥିଭାବେ ଶ୍ରୀ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ, ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ,ଶ୍ରୀମତୀ ଅର୍ଚ୍ଚନା ସିଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା , ଉପାଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ବିଷୋୟୀ, ଶ୍ରୀମତୀ ରୋଜାଲିନ ଦାସ ସରପଞ୍ଚ, ଆଳିପିଙ୍ଗଳ ଗ୍ରାମ ପଞ୍ଚୟତ, ଶ୍ରୀ ରାଜୀବ ବେହେରା, ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧକାରୀ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା । କୃଷି ଜିଲ୍ଲା ଅଧିକାରୀ, ବିଶ୍ୱଜିତ୍ ପଣ୍ଡା , ବିଭୁ ପ୍ରସାଦ ସାହୁ ,ସମସ୍ତ ବ୍ଲକ କୃଷି ଅଧିକାରୀ ଓ ସମସ୍ତ କ୍ଷେତ୍ର କର୍ମଚାରୀ ଆଦି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯୋରକୁଳ ପଞ୍ଚାୟତର ଚାଷୀ ଭାଇଭଉଣୀ, ଗ୍ରାମବାସୀ, କୃଷି ବିଭାଗ ର କର୍ମକର୍ତ୍ତା ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।



କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସ୍ଥାନୀୟ ସାଲେପା ଭବନରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏକ ସଭାର ଆୟୋଜନ କରାଯାଇଥିଲା । ସଭାରେ ମଇ ଦିବସର ତାତ୍ପର୍ଯ୍ୟ ସହ ଶ୍ରମିକଙ୍କ ବିଭିନ୍ନ କଲ୍ୟାଣ ନିମନ୍ତେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ, ଶ୍ରମିକ ଶ୍ରେଣୀର ଭାଇଭଉଣୀଙ୍କ ସୁରକ୍ଷା ଏବଂ ଏହି ସମ୍ବନ୍ଧରେ ସରକାରଙ୍କ ନିୟମାବଳୀ ସମ୍ପର୍କରେ ଆୟୋଜିତ ସଭାରେ ଅତିଥିମାନେ ଉପସ୍ଥିତ ରହି ଶ୍ରମିକ ଭାଇଭଉଣୀଙ୍କ ଉଦ୍‌ବୋଧନ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବାରବାଟୀ-କଟକ ବିଧାୟିକା, ଙ୍ଗ ସୋଫିଆ ଫିରଦୌସ ଯୋଗଦେଇ ଶ୍ରମିକଙ୍କ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଓ ବିଦ୍ୟାଲୋଚନ ମହାନ୍ତ, ଯୁଗ୍ମ ଶ୍ରମ ଆୟୁକ୍ତ କଳ୍ପନା ମିଶ୍ର, ପ୍ରଭାରୀ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରତିବେଦନ ପଢ଼ିଥିଲେ, ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୨୨୨ ଜଣ ବିଭିନ୍ନ ହିତାଧିକାରୀଙ୍କୁ ଯଥା ମୃତ୍ୟୁ ସହାୟତା, ବିବାହ ସହାୟତା, ଅନ୍ତେଷ୍ଟିକ୍ରିୟା ସହାୟତା ତଥା ଶିକ୍ଷା ସହାୟତା ରାଶି ମୋଟ ଟ-/୧,୪୭,୨୯,୦୦୦ ଙ୍କାର ସହାୟତା ରାଶି ଅତିଥି ମାନଙ୍କଦ୍ୱାରା ପ୍ରଦାନ କରାଯାଇଥିଲା।

### ଏସ୍‌ସି,ଏସ୍‌ଟି ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ କାର୍ଯ୍ୟାବଳୀ ସମୀକ୍ଷା

## ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ରାଜ୍ୟପାଳଙ୍କ ପରାମର୍ଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାର ସଫଳ ତଦାରଖ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାତି ଗୁରୁତ୍ୱାରୋପ କରି ପରାମର୍ଶ ଦେଇଛନ୍ତି । ଶୁକ୍ରବାର ରାଜଭବନର ନୂଆ ଅଭିଷେକ ହଲ୍‌ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ପରାମର୍ଶ ଦେଇଛନ୍ତି । ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ ଏବଂ ଏହାସହ ଜଡ଼ିତ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ବିଭିନ୍ନ ବିଭାଗର ସଂପୃକ୍ତି ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ହେଲେ ଉତ୍ତମ ସମନ୍ୱୟ, ମିଳିତ ଯୋଜନା ସହ କାର୍ଯ୍ୟାନ୍ୱୟନ ଫଳରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ । ଜନଜାତି ପରାମର୍ଶଦାତା ପରିଷଦ, ଲଘୁ ଜଙ୍ଗଲଜାତ ଦ୍ରବ୍ୟ ପାଇଁ ମୂଲ୍ୟାୟନ ଏବଂ ବଜାର ସଂଯୋଗ, ଜାତୀୟ ଅନୁସୂଚିତ ଜନଜାତି କମିଶନ, ଜଙ୍ଗଲ ଅଧିକାର ଆଇନ୍, ପେସା ଆକ୍ଟ, ପଭିଟିଜି ସଶକ୍ତିକରଣ ଏବଂ ଜୀବିକା ଉନ୍ନତି ଅନ୍ତର୍ଗତ କାର୍ଯ୍ୟକ୍ରମଯୋଜନାର ସ୍ଥିତି ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା, ପିଏମ୍-ଜନମନ ଏବଂ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଭଳି ପ୍ରମୁଖ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ । ରାଜ୍ୟରେ ପେସା ଆକ୍ଟର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ବିଧି ଅନୁଯାୟୀ ଜନଜାତି ପରାମର୍ଶଦାତା ପରିଷଦ ବୈଠକ ନିୟମିତ ଡକାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଯଥାସମୟରେ ବିଭାଗର ବାର୍ଷିକ ରିପୋର୍ଟ ଦାଖଲ, ପାଣ୍ଠି ବିନିଯୋଗରେ ଉନ୍ନତି ଆଣି ଶତପ୍ରତିଶତ ପାଣ୍ଠି ବିନିଯୋଗ କରିବା ପାଇଁ ଯତ୍ନବାନ ହୋଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ କହିଥିଲେ । ଜନଜାତି ଶିକ୍ଷା ସହ ଜଡ଼ିତ ପ୍ରସଙ୍ଗ, ଛାତ୍ରଛାତ୍ରୀ ନିବାସର ଭିତ୍ତିଭୂମି(ଛାତ୍ରବୃତ୍ତି, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ମୋବାଇଲ ଟାୱାର ନେଟୱର୍କ ସଂପର୍କରେ ସମୀକ୍ଷା କରିବା ସହ କୋରାପୁଟ କଫି ପାଇଁ ବଜାର ସଂଯୋଗ ଏବଂ ଶିମିଳିପାଳ ଜୈବମଣ୍ଡଳର ସ୍ଥିତି ସଂପର୍କରେ ପଚାରି ବୁଝିଥିଲେ। ଗୃହ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂହ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ ରାଜପୁତ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅତିରିକ୍ତ ସଚିବ ନାରାୟଣ ଚନ୍ଦ୍ର ଧଳ, ନିର୍ଦ୍ଦେଶକ ଲକ୍ଷଣ କୁମାର ମଲ୍ଲିକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ.ଏନ୍, ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ଏସ୍‌ସିଏସଟିଆରଟିଆଇ ନିର୍ଦ୍ଦେଶକ ଏସ୍.କେ.ମାଲିକ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।



ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇବା ପରେ ସରସ୍ୱତୀ ଶିଶୁ ମନ୍ଦିରର କୃତୀ ଛାତ୍ରୀଙ୍କୁ ମିଠା ଖୁଆଉଛନ୍ତି ଶିକ୍ଷକ ।

## ରେଳବାଇ ଡିଜିଟାଲ୍ ଘଣ୍ଟା ଡିଜାଇନ୍ ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟ ରେଳବାଇ ନୂତନ ଡିଜିଟାଲ୍ ଘଂଟା ଡିଜାଇନ୍ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି ଯାହା ଦେଶର ସମସ୍ତ ରେଳ ଷ୍ଟେସନରେ ସ୍ଥାପନ କରାଯିବ । ରେଳବାଇ ସୃଜନଶୀଳ ଲୋକଙ୍କଠୁ ଘଣ୍ଟା ଡିଜାଇନ୍ ପ୍ରତିଯୋଗିତା ପାଇଁ ଆମନ୍ତ୍ରଣ କରିଛି। ଏହି ପ୍ରତିଯୋଗିତା ପ୍ଲାଟଫର୍ମ ଏବଂ ଷ୍ଟେସନରେ ବ୍ୟବହୃତ ଡିଜିଟାଲ୍ ଘଂଟାକୁ ମାନକୀକରଣ କରିବା ପାଇଁ ଲକ୍ଷ୍ୟ ରଖିଛି ଏବଂ ଏହା ତିନୋଟି ବର୍ଗର ଅଂଶଗ୍ରହଣକାରୀଙ୍କ ପାଇଁ ମୁକ୍ତ ରହିବ ଯେଉଁମାନେ କି ବୃତିଗତ, କଲେଜ/ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ସ୍କୁଲ ଛାତ୍ର । ଜଣେ ଶ୍ରେଷ୍ଠ ବିଜେତା, ଯାହାର ଡିଜାଇନ୍ ଭାରତୀୟ ରେଳବାଇରେ ବ୍ୟବହାର ପାଇଁ ଚୟନ କରାଯିବ ସେ ୫ ଲକ୍ଷର ଟଙ୍କାର ପ୍ରଥମ ପୁରସ୍କାର ପାଇବେ । ଏହାସହ ତିନୋଟି ବର୍ଗର ପ୍ରତ୍ୟେକଙ୍କ ପାଇଁ ୫୦,୦୦୦ର ୫ଟି ସାନ୍ତ୍ୱନା ପୁରସ୍କାର ରହିବ । ଅଂଶଗ୍ରହଣକାରୀଙ୍କୁ ୧ରୁ ୩୧ ତାରିଖ ମଧ୍ୟରେ ଅନଲାଇନରେ ସେମାନଙ୍କ ଡିଜାଇନ୍ ଦାଖଲ କରିବାକୁ ପଡିବ। ଦିଲୀପ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ମୌଳିକତାର ପ୍ରମାଣପତ୍ର ସହିତ କୌଣସି ୱାଟରମାର୍କ କିମ୍ବା ଲୋଗୋ ବିନା ଉଚ୍ଚ ରିଜୋଲ୍ୟୁସନରେ ଦାଖଲ କରିବାକୁ ପଡିବ।

## କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୪ ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ୪ ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ନିଗମ ଗୁଡିକ ହେଲା ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ । ବିଗତବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ ଅଧ୍ୟକ୍ଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି କହିଥିଲେ ଯେ, ଅନୁବନ୍ଧିତ ସମସ୍ତ ନିଗମଗୁଡିକ ଉତ୍ସାହଜନକ ପ୍ରଦର୍ଶନ କରିଛନ୍ତି ଏବଂ ପ୍ରଗତିର ଏହି କାର୍ଯ୍ୟଧାରା ଆଗକୁ ଜାରି ରହୁ । ଗତ ଆର୍ଥିକ ବର୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ବିଭାଗ ଭାବେ ଅନୁମୋଦିତ ବଜେଟର ୯୪.୭ ପ୍ରତିଶତ ଖର୍ଚ୍ଚ କରିପାରିଛି । କୃଷକଙ୍କ ଉନ୍ନତି ଓ ପ୍ରଗତି ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା କୃଷି ଶିଳ୍ପ ନିଗମ ଚଳିତ ଆର୍ଥିକବର୍ଷ ୨୦୨୫-୨୬ ନିମନ୍ତେ ୪୫,୦୦୦ ଟନ୍ ସାର, ୨୦ କୋଟି ଟଙ୍କାର ଜୈବିକ ସାର ଓ କୀଟନାଶକ, ୭୦୦୦ ଟ୍ରାକ୍ଟର, ୧୦୦୦ ପାୱାର ଟିଲର ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ୫୨୦୦ ବିଦ୍ୟୁତ ଚାଳିତ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ, ୪୮୦୦ ସୌରଚାଳିତ ଜଳନିଧି ପ୍ରକଳ୍ପ, ୧୦୦୦ ଅଗଭୀର ନଳକୂପ ପ୍ରକଳ୍ପ ଏବଂ ନିର୍ମାଣ କାର୍ଯ୍ୟ ନିମନ୍ତେ ଚଳିତ ବର୍ଷ ୩୦ କୋଟି ଟଙ୍କା କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖିଛି । ସମୁଦାୟ ୧୦୦୦ କୋଟି ଟଙ୍କାର କାରବାର କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏମଓୟୁ ସ୍ୱାକ୍ଷରିତ ବେଳେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନକୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକା ଯୌନଶୋଷଣ ମାମଲା
## ଆସାମୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ): ଏକ ନାବାଳିକା ଯୌନ ଶୋଷଣ ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଆସାମୀ ବବୁଲ୍ ଦାସକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥି ସହିତ କୋର୍ଟ ତାକୁ ୫୦ ହଜାର ଟଙ୍କା ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ନ ଦେଇ ପାରିଲେ ଆସାମୀକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଯାଜପୁର ଜିଲ୍ଲାର କୋରେଇର କନ୍ତରା ଅଞ୍ଚଳରେ । ଏଥିସହିତ କୋର୍ଟ ପିଡିତାକୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲାସ୍ତରୀୟ ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ । ୨୦୨୪ ମସିହା ମାର୍ଚ୍ଚ ୨୦ ତାରିଖରେ ମାମଲା ରୁଜୁ ହୋଇଥିଲା ବେଳେ ମଇ ୨୩ ତାରିଖରେ ପୁଲିସ୍ ଆସାମୀ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ସେହିପରି କୋର୍ଟ ଆସାମୀ ବିରୋଧରେ ୨୦୨୪ ଅଗଷ୍ଟ ୨୯ ତାରିଖରେ ଚାର୍ଜଫ୍ରେମ୍ କରିଥିଲା ।

### ଓୟୁଏଟିରେ ନିର୍ମାଣାଧୀନ କାର୍ଯ୍ୟର ଉଚ୍ଚସ୍ତରୀୟ ସମୀକ୍ଷା

## ନିର୍ମାଣ ହେବ ଓୟୁଏଟିର ସୁଦୃଶ୍ୟ ପ୍ରଶାସନିକ ଭବନ: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୃଷି ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଚାଲିଥିବା ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଅନେକ ଭିତିଭୂମି ସୁଦୃଢ଼ୀକରଣ କାର୍ଯ୍ୟ ଚାଲୁଛି। ଓୟୁଏଟି ଓଡ଼ିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ। ଏହାକୁ ନୂଆ ରୂପରେଖ ଦେଇ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ଏହାର ଉନ୍ନତିକରଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ଉନ୍ନତ ଭିତିଭୂମି ଓ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ଆମର ଏହି ପ୍ରୟାସ । ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ହଷ୍ଟେଲ ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟ ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପ୍ରଦତ ନିୟମାବଳୀ ଅନୁଯାୟୀ ବହୁତଳ ବିଶିଷ୍ଟ ଆବାସିକ ହଷ୍ଟେଲ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିଚନ୍ଦନ କାର୍ଯ୍ୟକାରୀ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି। ସଂପ୍ରତି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ହଷ୍ଟେଲ ଏବଂ ପ୍ରଶାସନିକ ଭବନର ନିର୍ମାଣ କାର୍ଯ୍ୟ ଚାଲୁଛି। ଏସବୁ ମଧ୍ୟରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୨୦୦ ଶଯ୍ୟା ବିଶିଷ୍ଟ କୃଷକ ହଷ୍ଟେଲ, ୫୦୦ ଶଯ୍ୟା ବିଶିଷ୍ଟ ନୂତନ ପ୍ରେକ୍ଷାଳୟ, ନୂତନ ପ୍ରଶାସନିକ ଭବନ, ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ୧୦ ଗୋଟି ହଷ୍ଟେଲର ଉନ୍ନତିକରଣ, କୃଷକ ଶିକ୍ଷଣ କେନ୍ଦ୍ର ଇତ୍ୟାଦି ରହିଛି। ନୂତନ ପ୍ରଶାସନିକ ଭବନକୁ ଭୁବନେଶ୍ୱର କୃଷି ଭବନ ଭଳି ଏକ ସୁଦୃଶ୍ୟ କୋଠା କରାଯିବା ଉପରେ ନିଷ୍ପତ୍ତି ହୋଇଛି। ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କାର୍ଯ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଏବଂ ସମସ୍ତ ସହଯୋଗ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ସିଏମଡି ପୋଲିସ୍ ଗୃହନିର୍ମାଣ ନିଗମ ସୌମେନ୍ଦ୍ର ପ୍ରିୟଦର୍ଶୀ ତଥା ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ଆଦିଶଙ୍କର ଜୟନ୍ତୀ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମ୍ ପକ୍ଷରୁ ରାଜ୍ୟସ୍ତରୀୟ ଭଗବତପାଦ ଆଚାର୍ଯ୍ୟ ଆଦିଶଙ୍କରଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠାନର ଅଧ୍ୟକ୍ଷ, ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ କହିଲେ ଯେ, ଆଜି ମଧ୍ୟ ଭଗବତ ପାଦ ଆଦିଶଙ୍କରଙ୍କ ଜନ୍ମକାଳକୁ ନେଇ ଅନେକଙ୍କ ମନରେ ସନ୍ଦେହ ରହିଛି। ଏ ବିଷୟରେ ବିଶିଷ୍ଟ ଐତିହାସିକ ଓ ସଂସ୍କୃତ ବିଦ୍ୱାନଙ୍କୁ ନେଇ ଏକ ଜାତୀୟ କର୍ମଶାଳା ଭୁବନେଶ୍ୱରଠାରେ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ସମ୍ମାନିତ ଅତିଥି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ଆଚାର୍ଯ୍ୟ ଆଦିଶଙ୍କରଙ୍କୁ ଜଣେ କାଳଜୟୀ ମହାପୁରୁଷ ବୋଲି ବର୍ଣ୍ଣନା କରିଥିଲେ। ଛାତ୍ର ଓ ଯୁବକମାନଙ୍କ ଭିତରେ ଆଦିଶଙ୍କରଙ୍କ ଅବଦାନ ଉପରେ ବହୁଳ ଭାବେ ପ୍ରଚାର ପ୍ରସାର ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଆଦିଶଙ୍କରଙ୍କ ଜୀବନବ୍ୟାପୀ ସାଧନା ଉପରେ ନିରନ୍ତର ଲେଖନୀ ଚଳନା କରୁଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଶିଷ୍ଟ ସଂଗଠକ ତଥା ସୁବାର୍ତ୍ତାର ସମ୍ପାଦକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀଙ୍କୁ ଆଦିଶଙ୍କର ପ୍ରତିଭା ସମ୍ମାନ- ୨୦୨୫ରେ ସମ୍ବର୍ଦ୍ଧିତ କରାଯିବା ଅବସରରେ ସେ କହିଥିଲେ ଯେ, ଆମେ ଆଜି ସନାତନୀ ହିନ୍ଦୁ କହି ଯେଉଁ ଗର୍ବ ଅନୁଭବ କରୁଛେ, ତାହା କେବଳ ଆଚାର୍ଯ୍ୟ ଭଗବତପାଦ ଆଦିଶଙ୍କରଙ୍କ ପାଇଁ ସମ୍ଭବ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମ ଏକ ରେଜେଷ୍ଟ୍ରିଭୁକ୍ତ ଅନୁଷ୍ଠାନ, ରାଜ୍ୟ ରାଜଧାନୀରେ ଦୀର୍ଘ ୩୦ ବର୍ଷ ହେବ କାର୍ଯ୍ୟ କରିଆସୁଛି ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ସଭାପତି ସୀତାବଲ୍ଲଭ ମହାପାତ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଗ୍ରୀଷ୍ମ ପ୍ରବାହ ପରିଚାଳନା ନିମନ୍ତେ ଜିଲ୍ଲା ପ୍ରଶାସନର କର୍ମଶାଳା



କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ପ୍ରଶାସନ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଜିଲ୍ଲା ଜରୁରୀ ପରିଚାଳନା କେନ୍ଦ୍ର ଦ୍ୱାରା ବିଭାଗୀୟ ପଦାଧିକାରୀମାନଙ୍କ ସଚେତନତା ସମ୍ବନ୍ଧୀୟ ଏବଂ କାର୍ଯ୍ୟପନ୍ଥାନିର୍ଦ୍ଧାରଣ ପୂର୍ବକ ଗ୍ରୀଷ୍ମପ୍ରବାହ ସୁପରିଚାଳନା ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶୈଳବାଳା ସ୍ୱୟଂଶାସିତ ମହିଳା ବିଦ୍ୟାଳୟର ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ କାରଣରୁ ତାପମାତ୍ରାସ୍ତର ବହୁ ମାତ୍ରାରେ ବୃଦ୍ଧି ପାଉଛି ବିଲି ମତବ୍ୟକ୍ତ କରିଥିଲେ । ଏଥି ପାଇଁ ପ୍ରଶାସନିକ କ୍ଷେତ୍ରରେ ଯଥେଷ୍ଟ ସଚେତନତା ଅବଲମ୍ବନ ଉପରେ ଜିଲ୍ଲାପାଳ ଏହି କର୍ମଶାଳାରେ ଅଧିକ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଜୀବନ ବଲ୍ଲଭ ଜେନା, ଜିଲ୍ଲା ଜରୁରୀ ଅଧିକାରୀ, ନିଷ୍ଠା ମହାପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲୋକନାଥ ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ସନ୍ତୋଷ କୁମାର ରାଉତ,ଜିଲ୍ଲା ସହକାରୀ ଅଗ୍ନିଶମ ଅଧିକାରୀ ସଞ୍ଜୀବ ମଲ୍ଲିକ, ସହକାରୀ ବନ ସଂରକ୍ଷକ ରବି ନାରାୟଣ ମହାନ୍ତି ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ କାରଣ ଜନିତ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବା ସହ ଏହାର ପ୍ରତିକାର ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ଜରୁରୀ କାର୍ଯ୍ୟାଳୟର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବାପି ବିଶ୍ୱଜିତ ସାହୁ ଭିଡିଓ ଦୃଶ୍ୟ ମାଧ୍ୟମରେ ଏଥି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦର୍ଶନ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେଶର ପ୍ରଥମ ସ୍କିନ୍‌ପେନ୍ ଏବଂ ସୁନେକୋସ ଚିକିତ୍ସା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିନା ଅସ୍ତ୍ରୋପଚାରରେ ଅତ୍ୟାଧୁନିକ ପଦ୍ଧତିରେ ସୌନ୍ଦର୍ଯ୍ୟ ବୃଦ୍ଧି ଏବଂ ଚର୍ମରୋଗ ଉପଶମ ପାଇଁ ୟୁବିୟୁ କ୍ଲିନିକ୍ ଭୁବନେଶ୍ୱରରେ ଆରମ୍ଭ କରୁଛି ଦେଶର ପ୍ରଥମ 'ସ୍କିନ୍‌ପେନ୍' ଏବଂ 'ସୁନେକୋସ୍' ଚିକିତ୍ସା । ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ଜାତୀୟ ମହିଳାଙ୍କ ବାଣିଜ୍ୟ ମେଳା ୨.୦' ପରିସରରେ ଥିବା ଷ୍ଟଲ୍‌ରେ ଏହି ଚିକିତ୍ସା ପଦ୍ଧତିର ଶୁଭାରମ୍ଭ କରାଯାଇଛି । କୌଣସି ପ୍ରକାର ଚର୍ମରୋଗକୁ ଚିକିତ୍ସା ମାଧ୍ୟମରେ ନୂତନ ଚର୍ମ ସୃଷ୍ଟି କରିବା ଦିଗରେ ଏହା ହେଉଛି ଏକ ବୈପ୍ଳବିକ ଅଗ୍ରଗତି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଶ୍ୱସ୍ତରୀୟ ସୌନ୍ଦର୍ଯ୍ୟ ଭିତ୍ତିକ ଚିକିତ୍ସା ଭାରତର କୌଣସି ସ୍ଥାନରେ ଉପଲବ୍ଧ ନାହିଁ । ଭୁବନେଶ୍ୱରସ୍ଥିତ ୟୁବିୟୁ ବିୟୁଟୀ କ୍ଲିନିକ୍‌ରେ ବର୍ତ୍ତମାନ ଏହି ସେବା ଆରମ୍ଭ କରାଯାଉଛି । ଏହି ଅବସରରେ ୟୁବିୟୁ ବିୟୁଟୀ କ୍ଲିନିକ୍‌ର ପ୍ରତିଷ୍ଠାତା ଡଃ ସମ୍ପଦା ସେଠିଆ କହିଛନ୍ତି ଯେ, ଚେହେରାରେ ଏହି ପ୍ରକାର ସମସ୍ୟା ନେଇ ଆସୁଥିବା ବ୍ୟକ୍ତିମାନେ ସର୍ବୋତ୍ତମ ଚିକିତ୍ସା ଖୋଜିଥାନ୍ତି ଏବଂ ଭାରତରେ ଏହିଭଳି ସୌନ୍ଦର୍ଯ୍ୟ ଚିକିତ୍ସା ଉପଲବ୍ଧ କରାଇ ପାରିଥିବାରୁ ଆମେ ଗର୍ବିତ । 'ସ୍କିନ୍‌ପେନ୍' ଏବଂ 'ସୁନେକୋସ' ଚିକିତ୍ସା ଚେହେରାରେ ନୂତନ ଚର୍ମ ସୃଷ୍ଟି କରିବା ସହ ସୌନ୍ଦର୍ଯ୍ୟକୁ ପ୍ରାକୃତିକ ଉପାୟରେ ସୁରକ୍ଷିତ ରଖି ବାର୍ଦ୍ଧକ୍ୟ ରୋକିଥାଏ ।

### ଅଭିଭାବକ ସଙ୍ଘର ଆମରଣ ଅନଶନ ସ୍ଥଗିତ

## ବିଜେଇଏମ୍ ତଦନ୍ତ ରିପୋର୍ଟ ଉପରେ ହେବ ଉଚ୍ଚସ୍ତରୀୟ ଆଲୋଚନା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଇମ ସ୍କୁଲ ରେ ଚାଲିଥିବା ଫି ବୃଦ୍ଧି ଓ ଦୁର୍ନୀତି ବିରୁଦ୍ଧରେ ଶୁକ୍ରବାର ସ୍କୁଲ ଅଭିଭାବକ ସଙ୍ଘର ପ୍ରାୟ ୨ଶହରୁ ଉର୍ଦ୍ଧ ଅଭିଭାବକ ସଭାପତି ରଞ୍ଜନ ଦାସଙ୍କ ନେତୃତ୍ୱରେ ନତାଳା ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଥଲେ । ଗତ ୪ଦିନ ତଳେ ମଧ ୫ଶହ ପୃଷ୍ଠାର ଏକ ଦସ୍ତାବିଜ୍ ଦାଖଲ କରି ୨୦୦ କୋଟି ଟଙ୍କାର ହେରଫେର ଅଭିଯୋଗ ଆଣିଥିଲା ଅଭିଭାବକ ସଂଘ । ପ୍ରତ୍ୟେକ ବର୍ଷ ଫି ବୃଦ୍ଧି ବନ୍ଦ କରିବା ପାଇଁ ରାଜ୍ୟ ଶିକ୍ଷା ବିଭାଗକୁ ଗତ ମାସ ୨୦ ତାରିଖରେ ଚିଠି ଲେଖିଥିଲେ । ବିଶେଷ କରି ପରିଚାଳନା ପରିଷଦ କମିଟିକୁ ଭୁଲ ଥିବା ମଧ ଦର୍ଶାଇ ଥିଲେ । ସ୍କୁଲରେ କାର୍ଯ୍ୟରତ ମ୍ୟାନେଜର ପ୍ରତାପ ଜେନା କେମିତି ୩ ବର୍ଷରୁ ଉର୍ଦ୍ଧ ସ୍କୁଲ କମିଟିରେ ରହି ସ୍କୁଲ ପରିଚାଳନା କରୁଛନ୍ତି, ତାହର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶକଙ୍କ ନିକଟରେ ଦାବି କରିଥଲେ । ଗତ ୨୫ ତାରିଖ ରେ ୩୦ ଜଣିଆ ପ୍ରତିନିଧି କମିଟି ଗଣଶିକ୍ଷା ନିର୍ଦ୍ଦେଶକଙ୍କୁ ଭେଟି ଏକ ଘଣ୍ଟା କାଳ ଆଲୋଚନା ବେଳେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ନିର୍ଦ୍ଦେଶକ ତର୍ଜମା କରି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମଇ ୧ତାରିଖ ସୁଦ୍ଧା ଯଦି ସ୍କୁଲ ଫି ବୃଦ୍ଧି ବନ୍ଦ କରା ନ ଯାଏ, ମଇ ୨ ତାରିଖ ଦିନ ପ୍ରାୟ ୨୦୦ ଜଣ ଅଭିଭାବକ ଅନଶନ କରିବେ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲୁ ରହିଛି ଓ ବିଧାୟକବାବୁ ସିଂ ସ୍କୁଲ ଫି ବୃଦ୍ଧିକୁ ବନ୍ଦ କରିବା ପାଇଁ ମଧ୍ୟ ଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖିଥିଲେ । ଏହା ସତ୍ତ୍ୱେ ଶିକ୍ଷା ବିଭାଗ ନୀରବ ରହି ଥିବାରୁ ଆଜି ବାଧ ହୋଇ ଅଭିଭାବକ ମାନେ ଅମରଣ ଅନଶନ କରିବାକୁ ନିଷ୍ପତି ନେଇଥିଲେ । ଅଭିଭାବକ ମାନେ ଅନଶନରେ ବସିବା ପରେ ବିଧାୟକ ବାବୁ ସିଂ ସ୍କୁଲ ସଂଘର ସଭାପତି ରଞ୍ଜନ କୁମାର ଦାସଙ୍କ ଠାରୁ ଖବର ବୁଝିଥିଲେ ଓ ସଚିବଙ୍କ ସହିତ ଆଲୋଚନା କରିଥିଲେ । ଅପରାହ୍ନରେ ନିର୍ଦ୍ଦେଶକ ଅନଶନରତ ଅଭିଭାବକଙ୍କୁ ଡାକିଥିଲେ । ସଭାପତି ଶ୍ରୀ ଦାସ ଓ କୋଷାଧ୍ୟକ୍ଷ ସତ୍ୟ ସୁନ୍ଦର ସାହୁ, ଓଡ଼ିଶା ଅଭିଭାବକ ମହସଂଘର ସଭାପତି ବାସୁଦେବ ଭଟ, ମହାସଚିବ ଆଶୋକ ପାଇକରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ପ୍ରଦୀପ୍ତ କୁମାର ମିଶ୍ରଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା କାଲି ଏକ ଉଚ୍ଚସ୍ତରୀୟ ବୈଠକ ପାଇଁ ଦିନ ୧୨ ଟାରେ ସଚିବ ସ୍ଥିର କରିଛନ୍ତି ତେଣୁ ଅନଶନ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲେ । ପରେ ଅଭିଭାବକ ସଙ୍ଘର ଏହି ଆମରଣ ଅନଶନକୁ ସ୍ଥଗିତ କରାଯାଇଥିଲା । ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଚାଲିଥିବା ତଦନ୍ତର ଆସିଥିବା ତଦନ୍ତ ରିପୋର୍ଟ ଉପରେ ଆଲୋଚନା ହେବ ବୋଲି ନିର୍ଦ୍ଦେଶକ କହିଥିଲେ । ଏହି ଅନଶନରେ ରାଷ୍ଟ୍ରିୟ ଅଭିଭାବକ ସଂଘର ମହାସଚୀବ ପ୍ରଦୀପ୍ତ ମିଶ୍ର, ତାପସ ଦାସ, ଯୋଗ ଦେଉଥିବା ବେଳେ ସ୍କୁଲ ଅଭିଭାବକ ସଂଘର ସମ୍ପାଦକ ନିତ୍ୟାନନ୍ଦ ବେହେରା, ଶୁଭେନ୍ଦୁ କୁମାର ସାମନ୍ତ, ଦୀପକ କୁମାର ନାୟକ, ସନ୍ତୋଷ କୁମାର ସାହୁ, ବିଶ୍ୱଜିତ୍ ମହାପାତ୍ରଙ୍କ ସହିତ ବହୁ କର୍ମକର୍ତ୍ତା। ଯୋଗ ଦେଇଥିଲେ । ସତ୍ୟ ଧର୍ମର ନିଚ୍ଛୟ ବିଜୟ ହେବ, ଗଣ ଶିକ୍ଷା ବିଭାଗ ୪ହଜାର ପରିବାରକୁ ନ୍ୟାୟ ନ ଦେବା ପର୍ଯ୍ୟନ୍ତ ଆମେ ଶୋଇବୁ ନାହିଁ କି ସ୍କୁଲ ଓ ଶିକ୍ଷା ବିଭାଗକୁ ମଧ୍ୟ ଶୁଆଇ ଦେବୁ ନାହିଁ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ଦାସ କହିଛନ୍ତି ।



cbc 06140/12/0002/2526

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ଏଣିକି ଜାତିଭିତ୍ତିକ ଜନଗଣନା

# କେନ୍ଦ୍ରର ଐତିହାସିକ ନିଷ୍ପତ୍ତି

ଆମ ଦେଶର ବିରୋଧୀ ରାଜନୈତିକ ଦଳଗୁଡ଼ିକ ଅନେକ ବର୍ଷ ଧରି ଯେଉଁ ଦାବି କରି ଆସୁଥିଲେ, ଶେଷରେ କେନ୍ଦ୍ର ସରକାର ତାହା ଗ୍ରହଣ କରି ନେଇଛନ୍ତି ଏବଂ ଜାତିଭିତ୍ତିକ ଜନଗଣନା କରାଯିବାକୁ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ବୁଧବାର ଦିନ ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁମୋଦିତ ହୋଇଛି। ଏହି ନିଷ୍ପତ୍ତି ଫଳରେ ଦୀର୍ଘ ୯୪ବର୍ଷ ପରେ ଭାରତରେ ଜାତିଭିତ୍ତିକ ଜନଗଣନାର ବ୍ୟବସ୍ଥା ହେବାକୁ ଯାଉଛି। ଆମ ଦେଶରେ ବ୍ରିଟିଶ ଶାସନ କାଳରୁ ପ୍ରତି ଦଶବର୍ଷରେ ଥରେ ଜନଗଣନା କରାଯାଏ ଏବଂ ଦେଶର ପ୍ରକୃତ ଜନସଂଖ୍ୟା କେତେ ତା'ର ନିର୍ଭୁଲ ତଥ୍ୟ ହସ୍ତଗତ ହୁଏ। ଶେଷଥର ପାଇଁ ଦେଶରେ ୨୦୧୧ ମସିହାରେ ଜନଗଣନା କରାଯାଇଥିଲା। ପରମ୍ପରା ଅନୁଯାୟୀ ୨୦୨୧ ମସିହାରେ ଜନଗଣନା କରାଯିବାକୁ ଥିଲେ ମଧ୍ୟ ମହାମାରୀ କରୋନାର ବିଭୀଷିକା ଯୋଗୁଁ ତାହା ସମ୍ଭବପର ହୋଇନଥିଲା। ପରେ ପରେ ସାଧାରଣ ନିର୍ବାଚନ ଓ ଅନ୍ୟ କେତେକ କାରଣରୁ ଏ ଯାବତ୍ ଜନଗଣନା ହୋଇପାରିନାହିଁ ଏବଂ ୨୦୧୧ ମସିହାର ଜନସଂଖ୍ୟାକୁ ଆଧାର କରି ବିଭିନ୍ନ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଉଛି। ସରକାରୀ ସୂଚନା ଅନୁଯାୟୀ ଚଳିତ ୨୦୨୫ ମସିହାରେ ଜନଗଣନା ଆରମ୍ଭ ହୋଇପାରେ ଏବଂ ୨୦୨୬ ସୁଦ୍ଧା ଜନସଂଖ୍ୟା ନେଇ ସଠିକ୍ ତଥ୍ୟ ପ୍ରକାଶ ପାଇବ। ତେବେ ବର୍ତ୍ତମାନ ଜାତିଭିତ୍ତିକ ଜନଗଣନା ହେବା ପାଇଁ ସରକାର ନିଷ୍ପତ୍ତି ନେବା ଫଳରେ ଚୂଡ଼ାନ୍ତ ପ୍ରକ୍ରିୟା ଶେଷ ହେବାକୁ କିଛି ବିଳମ୍ବ ଘଟିପାରେ ଓ ୨୦୨୬ ଶେଷ କିମ୍ବା ୨୦୨୭ ମସିହାର ପ୍ରାରମ୍ଭରେ ପୂର୍ଣ୍ଣାଙ୍ଗ ତଥ୍ୟ ମିଳିପାରେ ବୋଲି ଆଶା କରାଯାଉଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ରାଷ୍ଟ୍ର ଓ ସମାଜର ସାମଗ୍ରିକ ସ୍ୱାର୍ଥ ଓ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଭାରତୀୟ ସମ୍ବିଧାନର ଧାରା-୨୪୬ ଅନୁଯାୟୀ ଜନଗଣନା ହେଉଛି ସପ୍ତମ ଅନୁସୂଚୀର କେନ୍ଦ୍ର ତାଲିକାଭୁକ୍ତ ଏକ ବିଷୟ। ମୁଖ୍ୟ ଜନଗଣନା ସହ ଜାତିଗତ ଜନଗଣନା କରାଯାଉଥିବାରୁ ଜନଗଣନା ଫର୍ମରେ ଏଣିକି ଜାତି ପାଇଁ ଏକ ସ୍ତମ୍ଭ ରଖାଯାଇପାରେ। ଗତ ୨୦୨୩ ମସିହାରେ ବିହାରରେ ନୀତିଶ କୁମାରଙ୍କ ମହାମେଣ୍ଟ ସରକାର କ୍ଷମତାସୀନ ଥିବାବେଳେ ଦେଶର ପ୍ରଥମ ରାଜ୍ୟ ଭାବରେ ଜାତିଭିତ୍ତିକ ସର୍ଭେ କାର୍ଯ୍ୟ ହାତକୁ ନେବା ସଙ୍ଗେ ସଙ୍ଗେ ତାହାର ଚୂଡ଼ାନ୍ତ ତଥ୍ୟକୁ ସାର୍ବଜନୀନ କରିଥିଲା। ଲାଲୁ ଯାଦବଙ୍କ ଆର୍‌ଜେଡି ଓ କଂଗ୍ରେସ ଏହି ମହାମେଣ୍ଟର ଅନ୍ତର୍ଭୁକ୍ତ ଥିଲେ। ଗତବର୍ଷ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ଜାତିଭିତ୍ତିକ ଜନଗଣନାକୁ କଂଗ୍ରେସ ଏହାର ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ରୂପେ ଉପସ୍ଥାପନ କରିଥିବା ବେଳେ ଦଳର ଯୁବ ଚେହେରା ରାହୁଲ ଗାନ୍ଧୀ ଏବେ ମଧ୍ୟ ବିଭିନ୍ନ ସଭାସମିତିରେ ଏଥିପାଇଁ ଦାବି କରିଆସୁଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ନିଷ୍ପତ୍ତି ନେଇଥିବାରୁ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକ ଏହାକୁ ସମର୍ଥନ କରିଛନ୍ତି। ଏଥିଲାଗି ଏକ ସମୟସୀମା ସ୍ଥିର କରିବାକୁ ବିରୋଧୀ ଦଳ ନେତା ରାହୁଲ ଦାବି କରିଛନ୍ତି। କେନ୍ଦ୍ରର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପଛରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ସବୁଜ ସଙ୍କେତ ମିଳିଥାଇପାରେ ବୋଲି ରାଜନୈତିକ ମହଲ ଅନୁମାନ କରୁଛନ୍ତି। ତେବେ ଜାତିଭିତ୍ତିକ ଜନଗଣନାର ଶ୍ରେୟ ନେବାକୁ ଅଯଥା ପ୍ରତିଯୋଗିତା ନକରି ଜନସାଧାରଣ ପ୍ରକୃତରେ ଯେପରି ଏହାଦ୍ୱାରା ଉପକୃତ ହେବେ, ସେଥିପ୍ରତି ଧ୍ୟାନ ଦିଆଯିବା ବିଜ୍ଞତାର କାର୍ଯ୍ୟ ହେବ। ରାଜନୈତିକ ଫାଇଦା ହାସଲ ଉଦ୍ଦେଶ୍ୟରେ ଏହାକୁ ଅସ୍ତ୍ରରୂପେ ବ୍ୟବହାର କରାଯିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ।

# ଇତିହାସ ଏକ ଐତିହାସିକତା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଏବେ ଆମ ଦେଶରେ ଇତିହାସର ପୁନଃ ଲିଖନକୁ ନେଇ ଚର୍ଚ୍ଚା ଚାଲିଛି। ଏବେ ଆମେ ଯେଉଁ ଇତିହାସ ପଢୁଛେ ତାହା ତ୍ରୁଟିପୂର୍ଣ୍ଣ ବୋଲି କୁହାଯାଉଛି ଓ ଏଥିରେ ପ୍ରକୃତ ତଥ୍ୟ ଉପସ୍ଥାପନ କରାଯାଇନାହିଁ ବୋଲି ଅନେକଙ୍କ ମତ। ଏକଥା ହୁଏତ ସତ୍ୟ ହୋଇପାରେ। ଇତିହାସ ଲିଖନରେ ବ୍ୟକ୍ତି ଫରକ ଲେଖନର ସମ୍ଭାବନା ସବୁବେଳେ ରହିଛି। ଅଧିକତର ଇତିହାସ ବିଜେତାଙ୍କ ଦ୍ୱାରା ଲେଖାଯାଇଛି, ଯେଉଁଥି ପାଇଁ ଏଥିରେ ବିଜେତାଙ୍କ ମହିମା ମଣ୍ଡନ କରାଯାଇଛି ଅଥବା ସେମାନଙ୍କୁ ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ଉଦ୍ୟମ କରାଯାଇଛି। କିନ୍ତୁ ଯେଉଁଠି କୌଣସି ଲେଖକ ପକ୍ଷଭୁକ୍ତ ହୋଇ ଲେଖିଛନ୍ତି ସେଭଳି ଲେଖକଙ୍କ ଦ୍ୱାରା ଲିଖିତ ଇତିହାସର ବସ୍ତୁନିଷ୍ଠାତା, ବିଶ୍ୱାସନୀୟତା ତୁଳନାତ୍ମକ ଭାବେ ସନ୍ଦେହର ପରିସରକୁ ଆସିଛି। ଭାରତରେ ପ୍ରଚଳିତ ଇତିହାସ ମୁସଲିମ ଆକ୍ରମଣକାରୀ, ଇଂରେଜ ଶାସନ ଏବଂ ବାମପନ୍ଥୀ ବିଚାରଧାରା ସହ ଜଡ଼ିତ ଐତିହାସିକମାନଙ୍କ ଦ୍ୱାରା ଲେଖାଯାଇଛି। ଏଭଳି ଇତିହାସ ଲେଖିବା ପାଇଁ ଐତିହାସିକମାନେ ଅନେକ କଷ୍ଟ ତ କରିଛନ୍ତି କିନ୍ତୁ ଏଥିରେ ନିରପେକ୍ଷତାକୁ ନେଇ ମଧ୍ୟ ସନ୍ଦେହ ରହିଛି। ଏଭଳି ଇତିହାସ ଲେଖିଥିବା ଐତିହାସିକ ମାନଙ୍କର କିଛି ସ୍ୱାର୍ଥ ଥାଇପାରେ ଅଥବା ଭାରତକୁ ଦେଖିବାର ଦୃଷ୍ଟିଭଙ୍ଗୀ ମଧ୍ୟ ଭିନ୍ନ ହୋଇପାରେ ଯାହା କୌଣସି ବାହାର ବ୍ୟକ୍ତି ପାଇଁ ସ୍ୱାଭାବିକ ଅଟେ। ମୁସଲିମ ଆକ୍ରମଣକାରୀମାନେ ଏଭଳି ଦେଶରୁ ଆସିଥିଲେ ଯେଉଁଠାରେ ଖାଦ୍ୟ ଓ ଜିଇଁବାର ସାଧନ ପର୍ଯ୍ୟାପ୍ତ ନଥିଲା। ଏଣୁ ଲୁଟ୍ କରିବା ସହ ସେମାନଙ୍କର ଦ୍ୱିତୀୟ ଲକ୍ଷ୍ୟ ଥିଲା ଭାରତରେ ଶାସନ କରି/ ବସବାସ କରି ଏଠାକାର ସବୁ ସୁଖସୁବିଧାକୁ ନିଜର ଇଚ୍ଛା ଅନୁସାରେ ଉପଭୋଗ କରିବା। ସେମାନଙ୍କ ପାଇଁ ଅନ୍ୟ ଦେଶରେ ଇସଲାମ ଧର୍ମର ପ୍ରସାର କରିବା ମଧ୍ୟ ପୁଣ୍ୟ କାର୍ଯ୍ୟ ଥିଲା ଏଣୁ ଅନେକ ଦେଶକୁ ଜିତିବା ସହ ଇସଲାମ ଧର୍ମର ପ୍ରସାର ତାଙ୍କର ଲକ୍ଷ୍ୟ ଥିଲା।

ଇଂରେଜମାନଙ୍କର ଲକ୍ଷ୍ୟ ମଧ୍ୟ ମୋଗଲ ଆକ୍ରମଣକାରୀଙ୍କ ଅନୁରୂପ ଥିଲା। ଇଂରେଜମାନେ ଖ୍ରୀଷ୍ଟଧର୍ମର ପ୍ରସାର ପାଇଁ ଉଦ୍ୟମ କରିଥିଲେ। ୟୁରୋପୀୟମାନେ ଭାରତକୁ ଆସିବାର କାରଣ ହେଉଛି ପ୍ରାକୃତିକ ସଂସାଧନର ଅଭାବ ଓ ସେଠାକାର ଥଣ୍ଡା ଜଳବାୟୁ। ସଂସାଧନର ଅଭାବ ପୂରଣ ପାଇଁ ସେମାନେ ଉପନିବେଶବାଦର ସହାୟତା ନେଇଥିଲେ ଏବଂ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଅନେକ ଦେଶ ଉପରେ କବ୍‌ଜା କରିବା ପାଇଁ ସେମାନେ ଉଦ୍ୟମ କରିଥିଲେ। ଏମାନେ କେତେକ ଦେଶର ଲୋକଙ୍କ ପୁରା ନଷ୍ଟ କରି ସେଠାକାର ମାଲିକ ମଧ୍ୟ ପାଲଟି ଯାଇଥିଲେ। ଆମେରିକା ଓ ଅଷ୍ଟ୍ରେଲିଆ ଏହାର ଜ୍ୱଳନ୍ତ ଉଦାହରଣ। ଯେଉଁଠି ସେମାନଙ୍କ ପାଇଁ ପୁରା ଲୋକଙ୍କୁ ପ୍ରତିସ୍ଥାପିତ କରିବା ସମ୍ଭବ ହେଉନଥିଲା ସେଠାରେ ସେମାନେ ସେଠାକାର ସ୍ଥାନୀୟ ସଭ୍ୟତା ଓ ସଂସ୍କୃତିକୁ ଭୁଲ ବା ନିମ୍ନଧରଣର ସାବ୍ୟସ୍ତ କରି ପାଶ୍ଚାତ୍ୟ ସଭ୍ୟତାକୁ ସ୍ଥାପିତ କରି ତାଙ୍କ ଶାସନକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଉଦ୍ୟମ କରୁଥିଲେ।

ଇତିହାସ ଲିଖନରେ ଇଂରେଜମାନଙ୍କ ଦୃଷ୍ଟିଭଙ୍ଗୀକୁ ସ୍ପଷ୍ଟ ପ୍ରତିଫଳିତ କରିବାର ଉଦ୍ୟମ କରାଯାଇଥିଲା। ଇଂରେଜମାନେ ସେମାନଙ୍କ ଲକ୍ଷ୍ୟପୂରଣ ଦିଗରେ ସତର୍କ ଥିଲେ। ଯେଉଁ ତଥ୍ୟ ବା ଘଟଣା ତାଙ୍କୁ ଠିକ ଲାଗୁନଥିଲା ସେ ସବୁକୁ ଇତିହାସରେ ସ୍ଥାନୀତ କରାଗଲା ନାହିଁ ଅଥବା ଅଣଦେଖା କରାଗଲା। ଯଦିଓ ସେମାନେ ତଥ୍ୟାତ୍ମକ ଏବଂ ବାସ୍ତବିକତାକୁ ଆଧାର କରି ବୈଜ୍ଞାନିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଉଥିଲେ କିନ୍ତୁ ତଥ୍ୟ ଏବଂ ଘଟଣାର ବ୍ୟାଖ୍ୟା ୟୁରୋପୀୟ ଦୃଷ୍ଟିକୋଣରୁ କରିଥିଲେ। ଫଳତଃ ଜାଣତରେ ହେଉ ବା ଅଜାଣତରେ ହେଉ ଅନେକ ତ୍ରୁଟି ରହିଯାଇଛି ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଉଦାହରଣ ହେଉଛି ଇତିହାସରେ ଭାରତର ସ୍ଥିତିକୁ ଦୟନୀୟ ଦର୍ଶାଯାଇ ସେମାନଙ୍କ ସ୍ଥିତିକୁ ଉନ୍ନତ ବୋଲି ପ୍ରମାଣିତ କରାଯାଇଛି। ଅନେକ ବ୍ରିଟିଶ ଦସ୍ତାବିଜ୍‌ରୁ ଏକଥା ପ୍ରମାଣିତ ହୋଇଛି। ଅନେକ ବ୍ରିଟିଶ ଦସ୍ତାବିଜ୍‌କୁ ମଧ୍ୟ ଇତିହାସରେ ତ୍ରୁଟିପୂର୍ଣ୍ଣ ଭାବରେ ସ୍ଥାନୀତ କରାଯାଇଛି। ୧୮୨୨-୨୫ର ମାଦ୍ରାସ ପ୍ରେସିଡ଼େନ୍ସି ପାଇଁ ଇଂରେଜମାନେ ଯେଉଁ ସର୍ବେକ୍ଷଣ କରାଇଥିଲେ ତଦନୁସାରେ ସେ ସମୟରେ ମାଦ୍ରାସ ପ୍ରେସିଡ଼େନସି ଅଧିନସ୍ଥ ଅଞ୍ଚଳରେ ୧୧୫୭୫ ସ୍କୁଲ ଏବଂ ୧୦୯୪ କଲେଜ ଥିଲା ଯେଉଁଠି କ୍ରମଶଃ ୧୫୭୧୯୫ ଏବଂ ୫୪୩୧ ବିଦ୍ୟାର୍ଥୀ ପାଠ ପଢୁଥିଲେ। ସେହିପରି ମାଦ୍ରାସ ପ୍ରେସିଡେନ୍ସି ଅଞ୍ଚଳର ଜାତି ବାବଦରେ ମଧ୍ୟ ଇଂରେଜମାନେ ତ୍ରୁଟିପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି।

ଟେକ୍ନିକ ଜ୍ଞାନ ବାବଦରେ ମଧ୍ୟ ଇଂରେଜମାନେ ଇତିହାସରେ ଅନେକ ଭୁଲ ତଥ୍ୟ ପ୍ରଦାନ କରିଛନ୍ତି। ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଲୁହାର ବ୍ୟବହାର ଭାରତରେ ଥିଲା। ଭାରତର ବିଭିନ୍ନ ଅଞ୍ଚଳରେ ଲୁହାପଥରକୁ ତରଳାଇବା ପାଇଁ ଅନେକ ଭାଟି ଥିଲା ଓ ଉଚ୍ଚକୋଟୀର ଲୁହାପ୍ରସ୍ତୁତ କରାଯାଉଥିଲା। ଚିକିତ୍ସା କ୍ଷେତ୍ର ମଧ୍ୟ ଉନ୍ନତ ଥିଲା। ସୁଶ୍ରୁତଙ୍କ ଶହ ଶହ ବର୍ଷ ପରେ ୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ଚିକିତ୍ସା ବିଦ୍ୟା (ପ୍ଲାଷ୍ଟିକ ସର୍ଜରୀ) ଭାରତରେ ମଧ୍ୟ ଥିଲା ବୋଲି ଅନେକ ତଥ୍ୟ ରହିଛି। ପରବର୍ତ୍ତୀ ସମୟରେ ବାମପନ୍ଥୀ ଐତିହାସିକମାନଙ୍କ ଯୁଗ ଆସିଥିଲା। ସେମାନେ ବୈଜ୍ଞାନିକ ଦୃଷ୍ଟିକୋଣର ଉପଯୋଗକୁ ପାଶ୍ଚାତ୍ୟ ଦୃଷ୍ଟିରେ ହିଁ ଦେଖିଲେ ଯାହା ଖ୍ରୀଷ୍ଟିଆନ ଦୃଷ୍ଟିଭଙ୍ଗୀ ସହ ସମାନ ଥିଲା। ଏହି କାରଣରୁ ଭାରତୀୟ ଚିନ୍ତନକୁ ନିମ୍ନ ବୋଲି ଅବଧାରଣା ସୃଷ୍ଟି କରିଥିଲେ। ସେମାନେ ତଥ୍ୟ, ଘଟଣାକୁ ନିଜର ବାମପନ୍ଥୀ ଦୃଷ୍ଟିକୋଣରେ ବ୍ୟାଖ୍ୟା ଓ ବିଶ୍ଳେଷଣ କରିଥିଲେ। ସେମାନେ ମାନବବାଦୀ ଦୃଷ୍ଟିକୋଣକୁ କେବେ ଆପଣେଇ ନଥିଲେ।

ଭାରତର ଅନେକ ଏତିହାସିକ ଭାରତରେ 'ଇଷ୍ଟଇଣ୍ଡିଆ କମ୍ପାନୀ' ଏବଂ ବ୍ରିଟିଶ ଶାସକମାନଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣର ରେକର୍ଡ ବ୍ରିଟିଶ ସଂଗ୍ରହାଳୟରୁ ଆଣି ସେସବୁକୁ ତର୍ଜମା କରିଛନ୍ତି ଓ କରୁଛନ୍ତି ମଧ୍ୟ। ଇତିହାସରେ ସମ୍ପୂର୍ଣ୍ଣ ଏବଂ ସଠିକ୍ ତଥ୍ୟ ଉପସ୍ଥାପନ କରାଯିବା ଉଚିତ୍। ଇଂରେଜମାନେ ତାଙ୍କ ଶାସନ ସେମୟରେ ନିହିତ ସ୍ୱାର୍ଥ ପାଇଁ ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ସାର୍ବଜନିକ କରିନଥିଲେ କିନ୍ତୁ ସେମାନେ ତଥ୍ୟକୁ ଏଯାବତ୍ ବ୍ରିଟିଶ ସଂଗ୍ରହାଳୟରେ ରଖିଛନ୍ତି। ଜେମ୍ସମିଲ 'ବ୍ରିଟିଶ ଭାରତର ଇତିହାସ' ନାମକ ଏକ ପୁସ୍ତକ ରଚନା କରିଥିଲେ। ୧୮୨୦ ପରେ ଭାରତକୁ ଆସିଥିବା ବ୍ରିଟିଶ ଅଧିକାରୀମାନଙ୍କୁ ଏହି ଇତିହାସ ପଢିବାକୁ ଦିଆଯାଉଥିଲା। ଜେମ୍ସ ମିଲ ଯେଉଁ ସବୁ ସୂଚନା ଦେଇଛନ୍ତି ତଦନୁସାରେ ଭାରତର ସଭ୍ୟତା ଉଚ୍ଚସ୍ତରର ଥିଲା ଓ ସେନା ମଧ୍ୟ ଉନ୍ନତ ଥିଲା। ଏବେ ଇତିହାସ ଲେଖିବା କଥାକୁ ନେଇ ଚର୍ଚ୍ଚା ଚାଲିଛି। ବିଜେପି ଏକଥା ଉଠାଇଛି। କିନ୍ତୁ ବିଜେପି ଯେ ଇତିହାସ ଲେଖନକୁ କେତେ ନିରପେକ୍ଷ କରିପାରିବ ତାହା ସମୟ କହିବ। ସମାଜରେ ଭଲ ଓ ମନ୍ଦ ଉଭୟ କଥା ରହିଛି। ଐତିହାସିକମାନେ ନିରପେକ୍ଷ ଭାବେ ଇତିହାସକୁ ଲେଖିବା ଏପରିକି ଦୋଷ ଗୁଣର ବିଶ୍ଳେଷଣ ନିରପେକ୍ଷ ଭାବେ କରିବା ଉଚିତ୍। କିନ୍ତୁ ପୂର୍ବ ଐତିହାସିକମାନଙ୍କ ସହାୟତା ବିନା ଇତିହାସର ପୁନଃ ଲିଖନ ସମ୍ଭବ ନୁହେଁ, ଏଣୁ ସେମାନଙ୍କ ସହଯୋଗ ମଧ୍ୟ ଅପରିହାର୍ଯ୍ୟ। ଇତିହାସରେ ଥିବା ତ୍ରୁଟି ବିଚ୍ୟୁତିକୁ ଦୂର କରିବା ଏପରିକି ଇତିହାସରେ କୌଣସି ବି ପରିବର୍ତ୍ତନ ପ୍ରାମାଣିକତାର ଆଧାରରେ ହେବା ଉଚିତ। ଇତିହାସରେ ନିରପେକ୍ଷତା, ପ୍ରାମାଣିକତା ରହିଲେ ଏହାକୁ ବିଦ୍ୱାନ ସମାଜ ମାନ୍ୟତା ଦେବେ ଅନ୍ୟଥା ନୁହେଁ। କୌଣସି ରାଷ୍ଟ୍ର ଆତ୍ମସମ୍ମାନକୁ ହରାଇ ଆଗକୁ ବଢିପାରିବ ନାହିଁ। ଇତିହାସ ଆତ୍ମସମ୍ମାନକୁ ଜୀବିତ କରି ରଖିବାର ମାଧ୍ୟମ ଅଟେ ଏବଂ ତ୍ରୁଟି ତଥା ଶକ୍ତିକୁ ବୁଝି ଚୟନ କରିବାରେ ମାର୍ଗଦର୍ଶକ ଅଟେ। ଏହି ଦୃଷ୍ଟିରୁ ଇତିହାସକୁ ନିର୍ଭୁଲ ଭାବେ ଲେଖନ କରାଯିବା ଜରୁରି ଫଳରେ ଇତିହାସର ତ୍ରୁଟିକୁ ସୁଧରା ଯାଇପାରିବ।

# ପ୍ରକୃତି କୋଳରେ ସବୁଜ ହୀରା



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ରତ୍ନ ଭିତରେ ହୀରା ହେଉଛି ଶ୍ରେଷ୍ଠ। ହୀରା ଏକ ଅତୁଳନୀୟ ରତ୍ନପଥର। ଏହା ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବା ବେଳେ ଏହାର ସହୋଦର ଗ୍ରାଫାଇଟ୍ ଓ କୋଇଲାର ମୂଲ୍ୟ ନଗଣ୍ୟ। ଏସବୁ କାର୍ବନ ବା ଅଙ୍ଗାରକର ପରିବର୍ତ୍ତିତ ରୂପ। ଖଣି ଭିତରେ ଅତ୍ୟଧିକ ଚାପ ଓ ତାପ ପାଇ କୋଇଲା ହିଁ ହୀରାରେ ପରିଣତ ହୁଏ। କଠିନତା, ଔଜ୍ଜ୍ୱଲ୍ୟ ଓ ଚମକ ହିଁ ହୀରାକୁ ଅତୁଳନୀୟ ରତ୍ନରେ ପରିଣତ କରିଥାଏ। ପୃଥିବୀ ପ୍ରାକୃତିକ ହୀରା ତିଆରି କରେ। ମଣିଷ କୃତ୍ରିମ ହୀରା ତିଆରି କରେ କିନ୍ତୁ ସବୁଜ ହୀରା ସଦାସର୍ବଦା ପ୍ରକୃତର ବରଦାନ। ବନବାସୀମାନଙ୍କ ଆୟ ଉପାର୍ଜନରେ କେନ୍ଦୁପତ୍ରର ଯୋଗଦାନ ଅଧିକ। ଖାସ୍ ଏଇଥିପାଇଁ କେନ୍ଦୁପତ୍ରକୁ ଲୋକେ 'ସବୁଜ ହୀରା' କହିଥାନ୍ତି। ଏହି ପତ୍ରର ସଂଗ୍ରହ ଓ ପ୍ରକ୍ରିୟାକରଣ କାର୍ଯ୍ୟରେ ଦେଶର ୧୫ ଲକ୍ଷ ପରିବାର ଜଡ଼ିତ ଥିବାବେଳେ ଆମ ରାଜ୍ୟର ବଲାଙ୍ଗୀର, କଳାହାଣ୍ଡି, ଦେବଗଡ଼, କନ୍ଧମାଳ, ନୂଆପଡ଼ା ଆଦି ଜିଲ୍ଲାରେ ଲକ୍ଷାଧିକ ଲୋକଙ୍କ ଜୀବନ ଓ ଜୀବିକା କ୍ଷେତ୍ରରେ କେନ୍ଦୁପତ୍ରର ଯଥେଷ୍ଟ ଗୁରୁତ୍ୱ ରହିଛି। ଦେଶରେ ହେଉଥିବା ମୋଟ କେନ୍ଦୁପତ୍ର ଉତ୍ପାଦନ ମଧ୍ୟରୁ ୫୮ ପ୍ରତିଶତ ମଧ୍ୟପ୍ରଦେଶରୁ ସଂଗ୍ରହ ହେଉଥିବା ବେଳେ ଓଡ଼ିଶାରୁ ୧୨ରୁ ୧୪ ପ୍ରତିଶତ ପତ୍ର ସଂଗ୍ରହ ହୋଇଥାଏ। ଛତିଶଗଡ଼ ଏବଂ ମହାରାଷ୍ଟ୍ରରୁ ମଧ୍ୟ ବେଶ୍ କିଛି ଆଖିଦୃଶିଆ ପରିମାଣର କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ବନବାସୀମାନେ ସଂଗ୍ରହ କରୁଥିବା ସମସ୍ତ ବନଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରୁ କେନ୍ଦୁପତ୍ରରୁ ଅଧିକ ଲାଭ ମିଳିଥାଏ। କୋଟି କୋଟି ଟଙ୍କାର ରାଜସ୍ୱ କେନ୍ଦୁପତ୍ରରୁ ମିଳୁଥିବା ଦୃଷ୍ଟିରୁ ଓଡ଼ିଶା ସରକାର କେନ୍ଦୁପତ୍ର ଉପରେ ଲୋକଙ୍କୁ ସଂଗ୍ରହ, ଗଚ୍ଛିତ ପ୍ରକ୍ରିୟା ଓ ବିକ୍ରି ପାଇଁ କୌଣସି ଅଧିକାର ପ୍ରଦାନ କରିନାହାନ୍ତି। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ୨୦ଟି କେନ୍ଦୁପତ୍ରର ଦର ୨ରୁ ୪ ଟଙ୍କା ଯାଏଁ ଥିଲାବେଳେ ଓଡ଼ିଶା ସରକାର ୨୦ଟି ପତ୍ରକୁ ମାତ୍ର ୧ଟଙ୍କା ୬୦ ପଇସା ଦରରେ କିଣୁଛନ୍ତି। ପତ୍ରତୋଳାଳିଙ୍କ ପାଇଁ ରାଜ୍ୟ ସରକାର ଯେଉଁ ବୀମା ଯୋଜନା, ଛାତ୍ର ବୃତ୍ତି ଯୋଜନା, ଜୋତା, କମ୍ବଳ, ପାଣି ବୋତଲ ସହାୟତା ଦେଉଛନ୍ତି ତାହା ପତ୍ର ତୋଳୁଥିବା ସବୁ ପରିବାର ପାଇନାହାନ୍ତି। ତେଣୁ ପତ୍ରତୋଳାଳିମାନେ ସରକାରଙ୍କୁ ନବିକି ଘରୋଇ କମ୍ପାନୀ ଓ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ପସନ୍ଦ କରିଥାନ୍ତି।

ଦେଶ ସ୍ୱାଧୀନତାର ୨୬ ବର୍ଷ ବିତି ଯାଇଥିଲେ ମଧ୍ୟ ଅର୍ଥାତ ୧୯୭୩ ମସିହା ପୂର୍ବରୁ କେନ୍ଦୁପତ୍ର ତୋଳା ସହିତ ଏହାର ବେପାର ଭାର ଘରୋଇ ସଂସ୍ଥାମାନଙ୍କ ଉପରେ ଆମ ରାଜ୍ୟ ସରକାର ଠିକାଭାବରେ ନ୍ୟସ୍ତ କରିଥିଲେ। ଏହାର ଯେଉଁ ଲାଭ ଆସୁଥିଲା, ତାହା ଘରୋଇ କମ୍ପାନୀମାନେ ନେଉଥିଲେ। ରାଜ୍ୟ ସରକାରଙ୍କୁ ଏଥିରୁ କିଛି ମିଳୁ ନଥିଲା। ଶ୍ରୀମତୀ ନନ୍ଦିନୀ ଶତପଥିଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୭୪ମସିହାରେ କେନ୍ଦୁପତ୍ର ଜାତୀୟକରଣ ହେଲା ଓ ସରକାର ପ୍ରତ୍ୟକ୍ଷ ଭାବରେ ଏହାର ସମସ୍ତ ପ୍ରକାର କାର୍ଯ୍ୟ କେନ୍ଦୁପତ୍ର ବିଭାଗ ମାଧ୍ୟମରେ ସମ୍ପାଦନ କଲେ। ଏହାର ଲାଭାଂଶ ସରକାରଙ୍କ ନିକଟକୁ ଆସିଲା। ସେବେଠାରୁ କେନ୍ଦୁପତ୍ର ଓ ତୋଳାଳୀଙ୍କୁ ମିଳିଲା ନୂଆ ପରିଚୟ। ରାଇଜ ସାରା ହୁରି ପଡୁଥାଏ 'ନନ୍ଦିନୀ ନାନୀ ବଡ ଚତୁରୀ, ଚାଉଳ କିଲ କ ଟଙ୍କେ ସତୁରୀ' ସେଇ ନନ୍ଦିନୀ ଶତପଥୀ କେନ୍ଦୁ ନିଗମ ଗଠନକରି କେନ୍ଦୁପତ୍ର ତୋଳାଳୀ ପରିବାରଙ୍କ ପାଇଁ ନାନା ପ୍ରକାର ଯୋଜନା ପ୍ରଣୟନ କରିଥିଲେ। ଗାଆଁ ଭୁଇଁ ସବୁ ଖୁସିରେ ତାଙ୍କ ଗୁଣ ଗାନ କରୁଥିଲେ। ଖାଲି ତେଲ ଲୁଣ ଯୋଗାଡ ପାଇଁ ପରିବାର ସଦସ୍ୟ ବାହାରି ପଡ଼ନ୍ତି ଜଙ୍ଗଲକୁ ପତର ତୋଳିବା ପାଇଁ। ଘର ଚଳେଇବାରେ କିଛି ଅଭାବ ଅସୁବିଧା ହେଉ ନଥିଲା। ଏପରିକି ସାହି ଭାଇ ବି ଋଣକରଜ ନିଅନ୍ତି ତାଙ୍କ ଘରୁ । ଯୋଗୀ ଭିକାରୀ କେବେ ଖାଲି ହାତରେ ଫେରିନ୍ତି ନାହିଁ। କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ ଭୋରରୁ ଉଠି ୮ରୁ ୧୦ କି.ମି. ଯିବାକୁ ପଡୁଛି। ଘରକୁ ଫେରିବା ବେଳକୁ ୧୨ଟା ସମୟ ହୋଇଯାଉଛି। ପୁଣି ପତ୍ର ସବୁକୁ ଛାଟି ବିଡ଼ା ବାନ୍ଧି ଫଡ଼ିକୁ ଆଣିଲେ ସନ୍ଧ୍ୟା ହେଉଛି। ପରିଶ୍ରମ ଅନୁସାରେ ସରକାର ପ୍ରାପ୍ୟ କମ୍ ହେଉଥିବାର ଅନେକ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଯଦି ଏଥିପ୍ରତି ଧ୍ୟାନ ଦେଇ ପତ୍ର ତୋଳାଳୀଙ୍କ ମଜୁରୀ ବୃଦ୍ଧି କଲେ ରାଜ୍ୟର ରାଜସ୍ୱ ବୃଦ୍ଧି ହେବା ସହ ଅନେକ ପରିବାର ଜୀବନ ଜୀବିକାରେ ସ୍ୱଚ୍ଛଳତା ଆସିପାରିବ।

ଆମ ରାଜ୍ୟ ଓଡ଼ିଶାରେ କେନ୍ଦୁପତ୍ର ଉପରେ ବହୁତ ଗରିବ ଶ୍ରେଣୀର ଲୋକ ନିର୍ଭର କରି ରୋଜଗାର କରୁଛନ୍ତି। ଏଥିରେ ପ୍ରାୟ ୮ଲକ୍ଷ କାର୍ଡଧାରୀ କେନ୍ଦୁପତ୍ର ତୋଳାଳି ଭାବେ କାମ କରୁଥିବା ବେଳେ କାର୍ଡଧାରୀ ଓ ଅଣ କାର୍ଡଧାରୀ ତୋଳାଳିଙ୍କ ସଂଖ୍ୟା ୧୫ ଲକ୍ଷ ଅଟେ। ଏହାସହ ୧୮ ହଜାର ସିଜନାଲ କର୍ମଚାରୀ, ୨୦ହଜାର ବନ୍ଧେଇ ଶ୍ରମିକ କାମ କରୁଛନ୍ତି। ତେବେ ବର୍ତ୍ତମାନ ଏହି କର୍ମଚାରୀମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ନୀତି ତଥା କେନ୍ଦୁ ପତ୍ର ଉପରେ ୧୮% ଜିଏସ୍‌ଟି ଲାଗିବା ପରେ ଏବେ ସମସ୍ୟା ବଢ଼ି ଯାଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କେନ୍ଦୁପତ୍ରରେ ଜିଏସଟି ଯେଉଁ ଦିନଠୁଁ ଲାଗିଲା, ତାସହ ଜଳବାୟୁ ପରିବର୍ତ୍ତନ, କାରଖାନା ଇତ୍ୟାଦି ଯେତେବେଳେ ଗଢି ଉଠିଲା କେନ୍ଦୁପତ୍ରର ଉତ୍ପାଦନ ଓ ସଂଗ୍ରହ କମିଗଲା। ଏହା ସହ ଜିଏସଟି ଯୋଗୁଁ ଓ ଅନ୍ୟାନ୍ୟ କାରଣ ଯୋଗୁଁ ବିକ୍ରି ମୂଲ୍ୟ ବି କମିଗଲା। କେନ୍ଦୁପତ୍ର ହିତାଧିକାରୀମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର, ୨୦୨୪ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ୮,୫୯,୪୪୯ ଜଣ କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ଶତକଡା ୨୫ ହାରରେ ୫୨.୬୩ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିବାପାଇଁ ଘୋଷଣା କରିଥିଲେ। ୮,୫୯,୪୪୯ ଜଣ ତୋଳାଳୀଙ୍କ ମଧ୍ୟରୁ ୮୩.୯୨% ମହିଳା ଅଟନ୍ତି।

୨୦,୫୦୨ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡ଼ିବିଟି) ମାଧ୍ୟମରେ ପ୍ରଦାନ କରାଯାଉଅଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ "ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି" ମାଧ୍ୟମରେ ୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଅଛି। ରାଜ୍ୟରେ କେନ୍ଦୁପତ୍ରର ଚାହିଦା ଏବଂ ଆବଶ୍ୟକତା ରହିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟ ବାହାରକୁ ମଧ୍ୟ ଏହାର ରପ୍ତାନି ରହିଛି। ଆଦିବାସୀଙ୍କ ପାଇଁ ଜୀବିକା ଉତ୍ସ ଥିବା କେନ୍ଦୁପତ୍ର ବିକାଳିଙ୍କ କେନ୍ଦୁପତ୍ର ବିକିବା ସମସ୍ୟା ଦୂର ହେବା ସହ ଗ୍ରାମସଭା ସଂଗଠନ ମାଧ୍ୟମରେ ଲୋକେ ଏବେ ସହଜରେ କେନ୍ଦୁପତ୍ର ବିକିବା ସହ ଭଲ ରୋଜଗାର କରିପାରୁଛନ୍ତି।

# ଜୀବନ ଜୀଇଁବାର ପ୍ରଣାଳୀ...



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଗୋଟିଏ ସହରରେ ସତ୍‌ସଙ୍ଗ ଚାଲିଥିଲା। ଚାରିଆଡୁ ବହୁତ ଲୋକ ପ୍ରବଚନ ଶୁଣିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ପଚାରିଲେ, ମହାରାଜ! ଆଜିକାଲି ଘରମାନଙ୍କର ଆର୍ଥିକ ସ୍ଥିତି ବିଗିଡ଼ିବା ଆଉ ବଢୁଥିବା ମାନସିକ ଚିନ୍ତାର କାରଣ କ'ଣ? ସନ୍ଥ ମହାରାଜ ଏହା ଶୁଣି ଟିକିଏ ହସିଲେ ଆଉ କହିଲେ, ଆଜିକାଲି ପ୍ରାୟତଃ ଘରର ସମସ୍ତ ସଦସ୍ୟଙ୍କ ପାଖରେ ଦାମୀ ସ୍ମାର୍ଟଫୋନ୍ ଅଛି। ଏହାର କୁପ୍ରଭାବ ଆଉ ଏହାର ବଢୁଥିବା ମାସିକ ରିଚାର୍ଜ ଅର୍ଥ ପରିବାରର ରୋଜଗାର କରୁଥିବା ଲୋକ ଉପରେ ପଡୁଛି । ଅନ୍ୟଙ୍କୁ ଦେଖେଇବା ପାଇଁ ବାହାରେ ବୁଲିବାର ଲାଳସା। ମୋଟର ସାଇକେଲରେ ତ କାମ ହେଇପାରିବ କିନ୍ତୁ ଷ୍ଟାଟସ୍ ପାଇଁ କାର୍ ଦରକାର। ଘରେ ଖାଇବା ବନେଇବା ବଦଳରେ ବାହାରର ଖାଦ୍ୟ କିଣି ଖାଇବାର ଅଭ୍ୟାସ। ଆଉ ବିୟୁଟି ପାର୍ଲର, ସେଲୁନ, ଦାମୀ ପୋଷାକର ଇଚ୍ଛା। ଜନ୍ମଦିନ ଆଉ ବିବାହ ବାର୍ଷିକରେ ଧନର ଅପବ୍ୟୟ। ବାହାଘର ଆଉ ନିର୍ବନ୍ଧରେ ଲୋକଙ୍କୁ ଦେଖେଇବା ପାଇଁ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରିବା। ଛୁଆଙ୍କୁ ଘରୋଇ ସ୍କୁଲ୍‌ରେ ପଢେଇବାର ଫେସନ୍ ଆଉ ସ୍କୁଲ୍ ଏବଂ ଟିୟୁସନ୍ ଫିସ୍‌ରେ ବୃଦ୍ଧି। ଫାଲ୍‌ତୁ ଜୀବନଶୈଳୀର କାରଣରୁ ମେଡିକାଲର ଖର୍ଚ୍ଚରେ ଅଧିକ ବ୍ୟୟ। ଲୋନ୍ ନେଇକରି ବହୁତ ଉଚ୍ଚ ଦରର ସୁଧ ଶୁଝିବା ଆଉ କ୍ରେଡିଟ୍ କାର୍ଡରେ ଆବଶ୍ୟକଠାରୁ ଅଧିକ ଜିନିଷ କିଣିବାର ଅଭ୍ୟାସ । ଏହି ଖର୍ଚ୍ଚର କାରଣରୁ ନା ଅମର ରୋଜଗାରରେ ବୃଦ୍ଧି ହେଉଛି ନା ସଞ୍ଚୟ ହେଇ ପାରୁଛି । ପରିଣାମ ସ୍ୱରୂପ ଅଧିକାଂଶ ସମୟରେ ଅଶାନ୍ତିର ମାନସିକ ଚିନ୍ତା ଲାଗି ରହୁଛି । ଏହାକୁ ଏଡେଇବା ହେଲେ ନିଜର ଖର୍ଚ୍ଚକୁ କମ୍ କରିବାକୁ ପଡିବ । ମନୁଷ୍ୟର ମୂଳ ଆବଶ୍ୟକତା ହେଲା ଖାଦ୍ୟ,ବସ୍ତ୍ର ଆଉ ରହିବା ପାଇଁ ଗୃହ ଥିଲା ଆଉ ଏହା ଆଗକୁ ରହିବ । ମନୁଷ୍ୟ ଆଜି କମ୍ ବୟସରେ ଅସୁସ୍ଥ ହୋଇ ଯାଉଛି, ଦୁଃଖୀ ରହୁଛି ଆଉ ଅସଫଳ ହେବା କାରଣରୁ ଆମେ ଜୀବନ ଜୀଇଁବାର ପ୍ରଣାଳୀକୁ ଭୁଲି ଯାଇଛେ । ଆଉ ଘରର ଶୁଦ୍ଧ ଭୋଜନ ଖାଆନ୍ତୁ,ଏବଂ ଅନ୍ୟଙ୍କୁ ଦେଖେଇ ହେବାର ପ୍ରବୃତ୍ତିକୁ ତ୍ୟାଗ କରି ଆନନ୍ଦରେ ରୁହନ୍ତୁ। ଧନୀ ଆଉ ଗରିବ ଭାଗ୍ୟ ଦ୍ୱାରା ନିଶ୍ଚିତ ଥାଏ । କିନ୍ତୁ କର୍ମ ବିଚାର ଆଉ ଜୀବନ ଜୀଇଁବାର ପ୍ରଣାଳୀ ତୁମ ପାଖରେ ସୁରକ୍ଷିତ ଅଛି ।

# ସୋମାଲି ଜଳଦସ୍ୟୁ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

ସୋମାଲିଆ ଦେଶ ଫେଡେରାଲ୍ ରିପବ୍ଲିକ ଅଫ୍ ସୋମାଲିଆ ନାମରେ ପରିଚିତ, ଏହାର ଅବସ୍ଥିତି ଆଫ୍ରିକା ମହାଦେଶର ପୂର୍ବରେ ଏବଂ ଏହି ଦେଶର ପଶ୍ଚିମରେ ଇଥିଓପିଆ, ଉତ୍ତର-ପଶ୍ଚିମ ଦିଗରେ ଜିବୁଟି, ଦକ୍ଷିଣ-ପଶ୍ଚିମ ଦିଗରେ କେନିଆ, ଉତ୍ତରରେ ଆଡେନ୍ ଗଲ୍ଫ ଏବଂ ପୂର୍ବରେ ଭାରତ ମହାସାଗରରେ ସୀମାବଦ୍ଧ ହୋଇ ରହିଛି। ଏହାର ରାଜଧାନୀ ମୋଗାଡିସୁ, ଦେଶର କ୍ଷେତ୍ରଫଳ ୬,୩୭,୬୫୭ ବର୍ଗ କିଲୋମିଟର ଏବଂ ଜନସଂଖ୍ୟା ପ୍ରାୟ ୧,୮୧,୪୩,୩୭୮ ଜଣ। ତେବେ ବର୍ତ୍ତମାନ ସମୟରେ ଏହି ଦେଶର ଜଳ ଦସ୍ୟୁମାନେ କାହିଁକି ବିଭିନ୍ନ ଦେଶର ଜଳ ପୋତ ଗୁଡିକୁ ଅପହରଣ କରି ନାବିକମାନଙ୍କୁ ବନ୍ଧକ ରଖି କୋଟି କୋଟି ଡଲାର ରୋଜଗାର କରୁଛନ୍ତି ? ଏହା ପଛର କାହାଣୀ କ'ଣ ହୋଇପାରେ ?

ସୋମାଲିଆ ଦେଶ ପାଖ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଜାହାଜ ଚଳାଚଳ କରେ ଆମେ ଯଦି ଇତିହାସ ପୃଷ୍ଠା ଓଲଟାଇବା ତେବେ ୧୯୬୦ ମସିହା ପର୍ଯ୍ୟନ୍ତ ଉତ୍ତର ସୋମାଲିଆରେ ବ୍ରିଟିଶ ଶାସନ ଚାଲୁଥିବା ସମୟରେ ଦକ୍ଷିଣ ସୋମାଲିଆ ଇଟାଲୀ ଦେଶର ଶାସନ ଚାଲୁଥିଲା। ସ୍ୱାଧୀନତା ପରେ ୧ ଜୁଲାଇ ୧୯୬୦ ମସିହାରେ ଦୁଇ ସୋମାଲିଆର ଏକତ୍ରୀକରଣ ହୋଇ ଥିଲା, କିନ୍ତୁ ୧୫ ଅକ୍ଟୋବର ୧୯୬୯ ତାରିଖ ଦିନ ସୋମାଲିଆର ରାଷ୍ଟ୍ରପତିଙ୍କୁ ତାଙ୍କ ଦେହରକ୍ଷୀ ଗୁଳି କରି ହତ୍ୟା କରିଦେଇ ଥିଲା। ଏହାପରେ ସେନା ମୁଖ୍ୟ ନିଜକୁ ଦେଶର ରାଷ୍ଟ୍ରପତି ଭାବେ ଘୋଷଣା କରି ଶାସନ ଭାର ହାତକୁ ନେଇଥିଲେ। ଜାତି, ଧର୍ମ ତଥା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭେଦ ଭାବ ସୃଷ୍ଟି କରି ସେ ଦେଶକୁ ଶାସନ କରିବା ବଦଳରେ ଦେଶରେ ଅରାଜକତା ସୃଷ୍ଟି କରିବାକୁ ଖୋରାକ ଯୋଗାଇ ଦେଇଥିଲେ। ଶେଷରେ ୨୭ ଜାନୁଆରୀ ୧୯୯୧ ମସିହା ଦିନ ଏହା ଚରମ ସୀମାରେ ପହଞ୍ଚି ଯାଇଥିଲା ଏବଂ ବିଦ୍ରୋହୀମାନେ ରାଷ୍ଟ୍ରପତିଙ୍କୁ କ୍ଷମତାଚ୍ୟୁତ କରିଥିଲେ। ସୋମାଲିଆର କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା । ସେହି ସମୟରେ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀମାନଙ୍କ ମଧ୍ୟରେ କ୍ଷମତାକୁ ନେଇ ଭୀଷଣ ସଂଘର୍ଷ ହୋଇଥିଲା। ଅତୀତରେ ବ୍ରିଟିଶ ଶାସନ ଅଧୀନରେ ଥିବା ସୋମାଲିଆକୁ କିଛି ବିଦ୍ରୋହୀ ଗୋଷ୍ଠୀ ନିଜ ଅକ୍ତିଆରକୁ ନେଇ ଏକ ନୂତନ ରାଷ୍ଟ୍ର ରୂପେ ଘୋଷଣା କରି ଦେଲେ, ସେହି ଦେଶର ନାମ ସୋମାଲୀ ଲ୍ୟାଣ୍ଡ ରଖି ଦେଲେ। ବିଡମ୍ବନାର ବିଷୟ ଏହିକିଯେ, ନୂତନ ସୋମାଲୀ ଲ୍ୟାଣ୍ଡକୁ ଆଜି ପର୍ଯ୍ୟନ୍ତ ପୃଥିବୀର ଅନେକ ଦେଶ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେଇ ନାହାନ୍ତି।

ସୋମାଲିଆରେ ୧୯୯୧ ମସିହା ପରଠାରୁ ଗୃହ ଯୁଦ୍ଧ , ମହାମାରୀ, ତଥା ବିଭିନ୍ନ କାରଣରୁ ୩ ଲକ୍ଷ ୫୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇ ଯାଇଥିଲା। ସବୁଠାରୁ ବଡ଼ କଥା ହେଲା ସୋମାଲିଆ ଉପକୂଳରେ ସାମୁଦ୍ରିକ ଜୈବ ବିବିଧତା ପୂର୍ଣ୍ଣ ଅନେକ ପ୍ରଜାତିର ସାମୁଦ୍ରିକ ମତ୍ସ୍ୟ, କୋରାଲ୍ ବା ପ୍ରବାଳ ବିଭିନ୍ନ ପ୍ରକାରର ସାମୁଦ୍ରିକ ବୃକ୍ଷଲତା ଦେଖିବାକୁ ମିଳିଥାଏ, ଏହା ସହିତ ପ୍ରଚୁର ପରିମାଣରେ ଟୁନା ମାଛ, ଅନେକ ପ୍ରଜାତିର ଦାମୀ ମାଛ ସୋମାଲିଆର ମତ୍ସ୍ୟଜୀବୀମାନେ ଧରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଧୀରେ ଧୀରେ ଅନ୍ୟ ଦେଶର ମାଛ ଧରା ଟ୍ରଲର, ଜାହାଜ ଇତ୍ୟାଦି ଆସି ସୋମାଲିଆ ଜଳ ସୀମା ମଧ୍ୟରୁ ଦାମୀ ଟୁନା ମାଛ ବେଆଇନ ଭାବେ ନେଇ ଯାଉଥିଲେ ଫଳରେ ସୋମାଲିଆର ମତ୍ସ୍ୟଜୀବୀମାନେ ଅନେକ କ୍ଷତି ସହୁ ଥିଲେ। ଏହାଠାରୁ ଆଉ ଏକ ବଡ଼



ସମସ୍ୟା ଥିଲା ଯେତେବେଳେ କେନ୍ଦ୍ରୀୟ ସରକାର କ୍ଷମତାଚ୍ୟୁତ ହେଲେ ସେତେବେଳେ ସୋମାଲିଆ କୋଷ୍ଟ ଗାର୍ଡ ମଧ୍ୟ ସ୍ଥାଣୁ ହୋଇଗଲା ଫଳରେ ସୋମାଲିଆର ତଟ ରକ୍ଷା ହୋଇ ପାରିଲା ନାହିଁ। ମିଳିତ ଜାତିସଂଘଙ୍କ ଆକଳନ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୩୦୦ ମିଲିୟନ ଡଲାର ମୂଲ୍ୟର ସାମୁଦ୍ରିକ ମତ୍ସ୍ୟ ଏହିଠାରୁ ଅନ୍ୟ ଦେଶର ଲୋକମାନେ ଲୁଟି ନେଉଥିଲେ ଫଳରେ ସୋମାଲିଆର ସାମୁଦ୍ରିକ ମତ୍ସ୍ୟ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ମାନେ ମୁଣ୍ଡରେ ହାତ ଦେଇ ବସିଲେ ଦିନକୁ ଦିନ ସେମାନେ ଦରିଦ୍ର ହେବାକୁ ଲାଗିଲେ ତାହା ଛଡା ବିଦେଶୀ ଟ୍ରଲର/ଜାହାଜ ସମୁଦ୍ର ତଳୁ ଏପରି ଭାବେ ଜାଲ ଟାଣି ନେଉ ଥିଲେ ଯାହା ଦ୍ୱାରା ସମୁଦ୍ର ବକ୍ଷରେ ଥିବା ପ୍ରବାଳ ଏବଂ ଅନ୍ୟ ସାମୁଦ୍ରିକ ବୃକ୍ଷ ଲତା ନଷ୍ଟ ହୋଇ ଯାଉଥିଲା ପ୍ରକୃତିର ସୌନ୍ଦର୍ଯ୍ୟ ତଥା ସନ୍ତୁଳନକୁ ସେମାନେ ଖୀନ୍ ଭିନ୍ କରି ଦେଉଥିଲେ। ସୋମାଲିଆର ମତ୍ସ୍ୟଜୀବୀଙ୍କ ପାଖରେ ଆଧୁନିକ ହାତ ହତିଆର ନଥିଲା ଫଳରେ ସେମାନେ ବିଦେଶୀ ଜାହାଜକୁ ବିରୋଧ କରି ପାରୁନଥିଲେ।

୧୯୯୧ ପରଠାରୁ ୟୁରୋପ ମହାଦେଶରୁ ବାହାରୁଥିବା ବିଷାକ୍ତ ଶିଳ୍ପ ବର୍ଜ୍ୟବସ୍ତୁ , ମେଡିକାଲ ବର୍ଜ୍ୟବସ୍ତୁ ଗୁଡ଼ିକୁ ଜାହାଜ ଯୋଗେ ଆଣି ସୋମାଲିଆ ନିକଟବର୍ତ୍ତୀ ସମୁଦ୍ର ମଧ୍ୟରେ ନିକ୍ଷେପ କରାଗଲା ଏହାର କାରଣ ନିୟମାନୁଯାୟୀ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଏହାକୁ ଭୂମିଗତ କରିବାକୁ ୟୁରୋପ ମହାଦେଶରେ ଟନ ପିଛା ୨୫୦ ଡଲାର ବା ୨୧ ହଜାର ୫୦୦ ଟଙ୍କା ଖର୍ଚ୍ଚ ଲାଗିଥାଏ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ଏକ ଏସିଏସ୍‌ଟି ବହୁଳ ପଞ୍ଚାୟତ। ଏହି ପଞ୍ଚାୟତରେ ସ୍ୱାସ୍ଥ୍ୟସେବାକୁ ସୁଗମ କରିବା ପାଇଁ ସରପଞ୍ଚଙ୍କ ପ୍ରତିନିଧି ସମାଜସେବୀ ରହିମ ଖାଁ ପଞ୍ଚାୟତରେ ଏକ ଏନ୍ଏମ୍ ସେଣ୍ଟର୍ ପାଇଁ ବାରମ୍ବାର ସରକାର ଓ ପ୍ରଶାସନଙ୍କ ଦୃଷ୍ଟି ଆର୍କଷଣ କରିଆସୁଥିଲେ। ଏବେ ନିକଟରେ ରଘୁନାଥପୁର ଠାରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ ଅଭିଯୋଗ କରିଥିଲେ। ଏହାକୁ ଅନୁଭବ କରି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଏହି ପଞ୍ଚାୟତରେ ଏକ ନୂତନ ଏନ୍ଏମ୍ ସେଣ୍ଟର୍ ପାଇଁ ଭୂମିପୂଜା କରାଯାଇଛି। ବିଦ୍ୟାଧରପୁର ସରପଞ୍ଚ ସାହିଦା ତବସୁମ ନଡିଆ ବାଡେଇ ଏହାର ଭୂମିପୂଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ସାଗରିକା ତରାଇ, ପୂର୍ବତନ ସରପଞ୍ଚ ନାରାୟଣ ଦାସ, ସମାଜସେବୀ ପ୍ରସନ୍ନ ସେଠୀ, ବାବା ନସିଂହ ନାୟକ, ରବୀନ୍ଦ୍ର ରାଉତ, ଭବାନୀ ଶଙ୍କର ଦାସ, ଅଜୟ ସାମଲ, ୱାର୍ଡ଼ ସଭ୍ୟ ନନ୍ଦିନ ଦାସ, ସ୍ୱାସ୍ଥ୍ୟବିଭାଗ ଯନ୍ତ୍ରୀ ମନୋରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟ ପାଇଁ ସମାଜସେବୀ ରହିମ ଖାଁ ତଥା ଗ୍ରାମବାସୀ ସରକାର ଓ ସ୍ୱାସ୍ଥ୍ୟ ବିଭାଗକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



## ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ପ୍ରଶାସନ ବିଫଳ

# ରାଜନଗର ଅଞ୍ଚଳରେ କାୟା ବିସ୍ତାର କରିଚାଲିଛନ୍ତି ବାଂଲାଦେଶୀ

ରାଜନଗର, (ଭାସ୍କର ନ୍ୟୁଜ୍): ନିକଟରେ ଜାମ୍ମୁ-କାଶ୍ମୀରର ପର୍ଯ୍ୟଟନ ସ୍ଥଳୀ ପହେଲଗାମରେ ଭାରତୀୟ ପର୍ଯ୍ୟଟକଙ୍କୁ ଡାକିଡାକି ପରିବାର ସମ୍ମୁଖରେ ନିଷ୍ଠୁର ଭାବେ ପାକିସ୍ତାନର ଆତଙ୍କବାଦୀମାନେ ମାରିଦେଲେ। ତା'ର ବଦଲା ନେବାକୁ ସାରା ଭାରତରେ ସ୍ୱର ଉତ୍ତୋଳନ ହେଉଛି। ଏହି ପରିପ୍ରେକ୍ଷୀରେ ଆମ ସରକାର ଭାରତରେ ରହିଥିବା ବାଙ୍ଗଲାଦେଶୀ ଓ ପାକିସ୍ତାନ ନାଗରିକଙ୍କୁ ଦେଶାନ୍ତର କରୁଥିବା ବେଳେ ସିମିତ ଚିହ୍ନଟ ଭିତରେ ଓଡ଼ିଶାରେ ୧୨ ଜଣ ପାକିସ୍ଥାନ ନାଗରିକଙ୍କୁ ଭାରତ ଛାଡିବାକୁ ନୋଟିସି ଦିଆଯାଇଛି। କିନ୍ତୁ ଓଡ଼ିଶା ଭିତରେ ବ୍ୟବସାୟ ଓ ରାଜନୈତିକ ଦଳ ତଥା ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କୋଣ ଅନୁକୋଣରେ ରହିଥିବା ବାଙ୍ଗଲାଦେଶୀ ଓ ପାକିସ୍ତାନୀଙ୍କୁ ସରକାର ଚିହ୍ନଟ କରିବେ କେବେ? କ୍ରୋଧରେ ଜର୍ଜରିତ ହେଉଥିବା ଭାରତୀୟ ଆଶ୍ୱସ୍ତି ପାଇବାକୁ ଚାତକ ପରି ଚାହିଁ ବସିଛନ୍ତି। ବିଶେଷକରି କେନ୍ଦ୍ରାପଡା ଜିଲ୍ଲା ରାଜନଗର, ମହାକାଳପଡା, ପଟ୍ଟାମୁଣ୍ଡାଇ ବ୍ଲକରେ ବାଙ୍ଗଲାଦେଶୀ କାୟାବିସ୍ତାର କରି ଚାଲିଛନ୍ତି। ସରକାରଙ୍କ ଅପାରଗତା ଯୋଗୁଁ ୨୦୦୪ ମସିହା ଫେବୃଆରୀ ୨୮ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବାଙ୍ଗଲା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ସରକାର ନୋଟିସ ଜାରି କରିବା ପରେ ୧୦ମାସ ମଧ୍ୟରେ ଚିହ୍ନଟ ତାଲିକା ପ୍ରସ୍ତୁତ ହୋଇ ଡିସେମ୍ବରରେ ପ୍ରକାଶ ପାଇଥିଲା। ଜିଲ୍ଲାର ତାଲିକା ଅନୁସାରେ ମହାକାଳପଡା ବ୍ଲକରେ ୧୫୫୧ଜଣ, ପଟ୍ଟାମୁଣ୍ଡାଇ ବ୍ଲକରେ ୪୭ ଜଣ ଓ ରାଜନଗର ବ୍ଲକରୁ ୫୧ଜଣଙ୍କୁ ଏପରି ମୋଟ ୧୬୪୯ଜଣଙ୍କୁ ଚିହ୍ନଟ କରାଯାଇ ଦେଶ ଛାଡିବାକୁ ୩୦ ଦିନିଆ ନୋଟିସ୍ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିଲା। କିନ୍ତୁ ବାସ୍ତବରେ ଏତେ କମ୍ ସଂଖ୍ୟକ ସରକାରୀ ହିସାବ ଠିକ୍ ନଥିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା। କେବଳ ରାଜନଗର ବ୍ଲକର ୨୯ଟି ପଞ୍ଚାୟତରୁ ୧୯ଟି ପଞ୍ଚାୟତରେ ବାସକରୁଥିବା ବଙ୍ଗ ଭାଷାଭାଷୀ ଲୋକଙ୍କ ମଧ୍ୟରୁ କିଏ ବାଙ୍ଗଲାଦେଶୀ ଓ ପାକିସ୍ତାନୀଙ୍କୁ ଜାଣିବା ସମସ୍ୟା ସୃଷ୍ଟିକରିଛି। ଯଦି ସରକାର ନିରପେକ୍ଷ ଭାବେ ତିନି ପିଡିର କାଗଜପତ୍ର ଓ ଜମିଜମା ପଟ୍ଟା ଯାଞ୍ଚ କଲେ ପ୍ରକୃତ ଚିହ୍ନଟ ହୋଇପାରିବ। ଏହି ବ୍ଲକର ତାଳଚୁଆ, କେରୁଆଁପାଳ ପଞ୍ଚାୟତର ଅନନ୍ତକେଶରୀ ଭଳି କେତେକ ଗ୍ରାମବାସୀ ଅଳ୍ପ ବର୍ଷ ହେବ ଆସି ଆସର ଜମାଇ କିଏ ଲୋକ ପ୍ରତିନିଧି ତ କିଏ ରାଜନୈତିକ ଦଳୀୟ ଆଶ୍ରୀତ, ଅନ୍ୟ କେହି ନିଜକୁ ସାମ୍ବାଦିକର ପରିଚୟ ସୃଷ୍ଟି କରୁଛନ୍ତି। ସେହିପରି ରଙ୍ଗଣୀ, ବାଘମାରୀ, ତାଳଚୁଆ, କୃଷ୍ଣନଗର, ଡାଙ୍ଗମାଳ, ଖମାରସାହି, ଇଶ୍ୱରପୁରୁ ଏପରି ସବୁ ପଞ୍ଚାୟତରେ ବସବାସ କରୁଥିବା ବଙ୍ଗ ଭାଷାଭାଷୀଙ୍କ ନିକଟକୁ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଯିବାଆସିବା କରି ରହୁଛନ୍ତି। ଏପରିକି ସରକାରୀ ଜମିରେ ଘରଦ୍ୱାର କରିବା ସହ ରେସନକାର୍ଡ ହାତେଇଛନ୍ତି, ଡିଲର ମଧ ହୋଇଛନ୍ତି। ପୂର୍ବରୁ ଧର୍ମ ପରିବର୍ତ୍ତନ ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଉଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେଣୁ ରାଜନଗର ଅଞ୍ଚଳରୁ ବଙ୍ଗଳାଦେଶୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଚିହ୍ନଟ କରି ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

# ହିମାଂଶୁ ଅସ୍ତରଙ୍ଗ ବ୍ଲକ୍ ଟପ୍ପର







ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷ ୯୨୦ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୨ଟି ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବେଳାଭୂମି ଉଚ୍ଚ ବିଦ୍ୟାଳୟ ଛାତ୍ର ହିମାଂଶୁ ପରିଡ଼ା। ତଥା ଛୁରିଆନା ପଞ୍ଚାୟତର ବ୍ରଜବନ୍ଧୁ ପରିଡ଼ାଙ୍କ ପୁଅ ହିମାଂଶୁ ପରିଡ଼ା। ହିମାଂଶୁ ମୋଟ ୫୬୦ନମ୍ବର ରଖିଥିବା ବେଳେ ବ୍ଲକରେ ଦ୍ୱିତୀୟ ସ୍ଥାନରେ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର ଛାତ୍ର ତଥା ପାଟଳଦା ପଞ୍ଚାୟତର ସୁନ୍ଦର ଗ୍ରାମର କପିଳେଶ୍ୱର ବେହେରାଙ୍କ ପୁତ୍ର ଐଶ୍ୱରାଜ ବେହେରା। ଐଶ୍ୱରାଜ ମୋଟ ୫୫୭ନମ୍ବର ରଖିଛନ୍ତି। ବ୍ଲକରେ ତୃତୀୟ ସ୍ଥାନରେ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ-ଅନନ୍ତା ଛାତ୍ରୀ ତଥା କରଞ୍ଜପୁର ଗ୍ରାମର ଅଭୟ ମହାନ୍ତିଙ୍କ ଝିଅ ସୋନାକ୍ଷି ମହାନ୍ତି ଅଛନ୍ତି। ସୋନାକ୍ଷି ମୋଟ ୫୪୯ନମ୍ବର ରଖିଛନ୍ତି। ଏହି ତିନି ଛାତ୍ରଛାତ୍ରୀ ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗର୍ବ ଗୌରବ। ଫଳାଫଳ ପ୍ରକାଶ ପରେ କୃତି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ବାଇକି ସ୍କୁଟି ମୁହାଁମୁହିଁ ଧକ୍କା, ଦୁଇ ଗୁରୁତର

ଆଳି, (ଭାସ୍କର ନ୍ୟୁଜ୍): ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ସମୟରେ କଟକ ଚାନ୍ଦବାଲି ରାସ୍ତା ଚଣ୍ଡୀବଜାର ଛକ ନିକଟରେ ବାଇକ ସହିତ ସ୍କୁଟି ମୁହାଁମୁହିଁ ହେବା ଫଳରେ ସ୍କୁଟି ଚାଳକ ତଳେ ପଡ଼ି ତାଙ୍କର ମୁଣ୍ଡ, ମୁହଁ ଓ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟିହୋଇଛି। ସୂଚନା ମୁତାବକ ଚାନ୍ଦବାଲି ପାହାଡ଼ପୁର ଗ୍ରାମର ସିଦ୍ଧାନ୍ତ ମହାନ୍ତି ସଖାଳୁ ଭୁବନେଶ୍ୱରରୁ ନିଜ ଘରକୁ ଫେରୁଥିବା ବେଳେ ଆଳି ଚଣ୍ଡୀବଜାର ଛକ ନିକଟରେ ଆଳି ପଟରୁ ଏକ ସ୍କୁଟି ଯୋଗେ ଆସୁଥିବା ବେଲସରପୁର ଗ୍ରାମର ବ୍ୟବସାୟୀ ସୁଦର୍ଶନ ସିଂଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ତଳେ ପଡିଯାଇଥିଲେ। ପ୍ରଥମେ ଉଭୟଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଆଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠି ଡାକ୍ତର ଉଭୟଙ୍କର ପ୍ରାଥମିକ ଚିକିତ୍ସା କରାଇବା ପରେ ସୁଦର୍ଶନଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିଲେ। ପରେ ସିଦ୍ଧାନ୍ତଙ୍କର ମଧ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ନେଇ ଆଳି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।

# ବିଶିଷ୍ଟ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିବସ ପାଳିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ପବିତ୍ର ଅକ୍ଷୟ ତୃତୀୟା ଦିବସରେ ଓଏସ୍ଏଲ୍ ଗ୍ରୁପ୍ର ପ୍ରତିଷ୍ଠାତା ତଥା ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କର ୭୨ତମ ଜନ୍ମ ଦିବସ ଉତ୍ସାହର ସହ ବୁଧବାର ଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଓଏସ୍ଏଲ୍ ଗ୍ରୁପ୍ କମ୍ପାନୀଗୁଡ଼ିକର କର୍ମଚାରୀ, ଶୁଭେଚ୍ଛୁବୃନ୍ଦ, ଅନେକ ଗଣ୍ୟମାନ୍ୟ ବ୍ୟକ୍ତିମାନେ ମିଶ୍ରଙ୍କର କଟକର ଓଡ଼ିଆ ବଜାର ସ୍ଥିତ ବାସଭବନକୁ ଯାଇ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଥିଲେ। ଏହି ଦିନଟିକୁ ଅଧିକ ସ୍ମରଣୀୟ କରିବାକୁ ଓଏସ୍ଏଲ୍ ଗ୍ରୁପ୍ର ସମସ୍ତ କର୍ମଚାରୀ ନିଜନିଜ ଶାଖା, ଅଫିସ୍ ଏବଂ କମ୍ପାନୀ ପରିସରରେ ବିଶାଳ ରକ୍ତଦାନ ଶିବିରମାନ ଆୟୋଜନ କରିଥିଲେ। ଏହି କ୍ରମରେ ୨୦୦୦ ୟୁନିଟ୍ରୁ ଉର୍ଦ୍ଧ୍ୱ ରକ୍ତ ୟୁନିଟ ସଂଗ୍ରହ କରାଯାଇଥିଲ ଯାହାକି ଏକ ରେକର୍ଡ଼ ସୃଷ୍ଟି କରିପାରିଛି। ରକ୍ତଦାନ ଶିବିରଗୁଡ଼ିକ ରେଡ୍କ୍ରସ, ସେଣ୍ଟୁନସନ ଆମ୍ବୁଲାନ୍ସ, ସରକାରୀ ଓ ବେସରକାରୀ ହସ୍ପିଟାଲର ଅଭିଜ୍ଞ ଟିମ୍ମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। କର୍ମଚାରୀମାନେ ଏତେ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାରୁ ଓଏସ୍ଏଲ୍ ଗ୍ରୁପ୍ର ପରିଚାଳନା କର୍ତ୍ତୃପକ୍ଷ ସନ୍ତୁଷ୍ଟ ପ୍ରକାଶ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିନ ଅବସରରେ ଓଏସଏଲ ଗ୍ରୁପ୍ ପାରାଦୀପ ଶାଖା ପକ୍ଷରୁ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏତଦ୍ ବ୍ୟତୀତ କେକ୍ କଟାଯାଇ ମିଶ୍ରଙ୍କ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିବା ବେଳେ ଅସହାୟ କଲ୍ୟାଣ ସମିତି ସହାୟତାରେ ଷଣ୍ଢକୁଦ ବସ୍ତିରେ ଓଏସ୍ଏଲ୍ କମ୍ପାନୀ ଦ୍ୱାରା ଅସହାୟ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଏସ୍ଏଲ୍ ଗ୍ରୁପର ଉପସଭାପତି ବିଜୟ କେତନ ଓଝା, ପାରାଦୀପ ଶାଖା ସାଧାରଣ ପରିଚାଳକ ସୁବାସ ଆଚାର୍ଯ୍ୟ, ଅସହାୟ କଲ୍ୟାଣ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରୀତିରଞ୍ଜନ ମହାପାତ୍ର, ସମାଜସେବୀ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁଲ ଇଞ୍ଜେକ୍ସନ ନେଲା ଜୀବନ

# ନକଲି ଡାକ୍ତରଙ୍କ ଅସଲି କାରନାମା



ଆଳି, (ଭାସ୍କର ନ୍ୟୁଜ୍): ଭୁଲ ଇଞ୍ଜେକ୍ସନ ପାଇଁ ଚାଲିଗଲା ଯୁବକଙ୍କ ଜୀବନ। ଅଭିଯୋଗ ପରେ ନ୍ୟାୟ ପାଇଁ ରାଜରାସ୍ତା ଅବରୋଧ କଲେ ପରିବାର ଲୋକେ ଏବଂ ଗ୍ରାମବାସୀ ବୃନ୍ଦ। କଟକ ଚାନ୍ଦବାଲି ରାସ୍ତାର ଭରତପୁର ଛକ ନିକଟରେ ମୃତକଙ୍କ ଶବ ରଖି, ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି। ଆଳି ଥାନା ଅନ୍ତର୍ଗତ ଭରତପୁର ଗ୍ରାମରୁ ଆସିଛି ଏଭଳି ଦୁଃଖଦ ଘଟଣା। ଅଭିଯୋଗ ଅନୁଯାଇ ଗୁରୁବାର ଭରତପୁର ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ ଗୋଡ଼ରେ ଯନ୍ତ୍ରଣା ହେବାରୁ, ସେ ସ୍ଥାନୀୟ ବଜାରରେ ଥିବା ଏକ ଔଷଧ ଦୋକାନକୁ ଯାଇଥିଲେ। ସେଠାରେ ଥିବା ଜଣେ ଫାର୍ମାସିଷ୍ଟ ଦୁଇଟି ଇଞ୍ଜେକ୍ସନ ଦେବା ଫଳରେ ପ୍ରଶାନ୍ତଙ୍କ ଦେହ ଆହୁରି ଖରାପ ହୋଇଯାଇଥିଲା। ଫଳରେ ପରିବାର ଲୋକେ ପ୍ରଥମେ ପଟ୍ଟାମୁଣ୍ଡାଇ ଏବଂ ପରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଯେଉଁ ଫାର୍ମାସିଷ୍ଟ ତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ, ତାଙ୍କ ନାମରେ ଅଭିଯୋଗ ଆଣି ପ୍ରଶାନ୍ତଙ୍କ ବାପା ଆଳି ଥାନାରେ ଏକ ଅଭିଯୋଗ କରିବା ପରେ ମୃତ ଶରୀରକୁ ରାଜରାସ୍ତାରେ ରଖି ଟାୟାର ଜାଳି ନ୍ୟାୟ ଭିକ୍ଷା କରିଛନ୍ତି ପରିବାର ଲୋକେ। ତେବେ ରାଜରାସ୍ତାରେ ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ହୋଇଯିବାରୁ ଆଳି ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଇବାକୁ ପ୍ରୟାସ କରୁଛି। ଖବରରୁ ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ରାଜକନିକା ଥାନା ଆଇଆଇସି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଉପଯୁକ୍ତ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ କାରି ଘଟଣା ସ୍ଥଳରୁ ଉଠିଯାଇଥିଲେ।

## ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ




ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ଖବରକାଗଜ ବିତରକ ସଂଘର ୧୧ତମ ବାର୍ଷିକ ଉତ୍ସବ ମଧୁବନ ସ୍ଥିତ ଶ୍ରମିକ ଭବନ ପରିସରରେ ଗୁରୁବାର ସନ୍ଧ୍ୟାରେ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଚିତ୍ତରଞ୍ଜନ ସ୍ୱାଇଁ, ଭାଗିରଥି ମଲ୍ଲିକ, ରତ୍ନାକର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଶ୍ୱାଳ ଖବରକାଗଜ ବିତରକମାନଙ୍କ ସେବାକାର୍ଯ୍ୟକୁ ଉଚ୍ଚପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଅନ୍ୟ ଅତିଥିମାନେ ବିତରକସଂଘର ଉନ୍ନତି କାମନା କରିଥିଲେ। ଏହି ଅବସରରେ ସମୁଦ୍ର ବେଳାଭୂମିକୁ ପରିଷ୍କାର ରଖିବା ଦିଗରେ ନିଜକୁ ସମର୍ପିତ କରିଥିବା ବାପି ଗୋଛାୟତଙ୍କୁ ସଂଘ ପକ୍ଷରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିତରକ ସଂଘର ବହୁ ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ଇଂରାଜୀ ଭାଷା ବ୍ୟବହାର କୌଶଳ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍):ଇଂଲିସ କମ୍ୟୁନିକେସନ ସ୍କିଲ୍ ବିଷୟକ ଏକ ପୁସ୍ତକକୁ ଓଡ଼ିଆ ଉତ୍କର୍ଷ କେନ୍ଦ୍ର ସଭାଗୃହରେ ବିଶିଷ୍ଟ ଭାଷାବିଜ୍ଞାନୀ ପ୍ରଫେସର ପଞ୍ଚାନନ ମହାନ୍ତି ଉନ୍ମୋଚନ କରିଛନ୍ତି। ଡକ୍ଟର ପୀତାମ୍ବର ବେହେରା ଓ ଡକ୍ଟର ସଞ୍ଜୟ କୁମାର ଦତ୍ତଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକଟିରେ ଜାତୀୟ ଶିକ୍ଷାନୀତି ଆଧାରିତ ଦ୍ୱିତୀୟ ଭାଷା ଶିକ୍ଷାଦାନ ପାଇଁ ପ୍ରଧାନ କୌଶଳ ସହିତ ଉଚ୍ଚାରଣ, ସ୍ୱରଭଙ୍ଗି, ସ୍ୱାଭାବିକ ଇଂରାଜୀ କଥନ, ପଠନ ଓ ଆକଳନ, ବନାନ ଓ ବିରାମ ଚିହ୍ନ ଆଦି ଗୁରୁତ୍ୱପୂର୍ଣ୍ଣ ଦିଗର ଆଲୋଚନା କରିଛନ୍ତି। ପ୍ରଥମରୁ ପୁସ୍ତକ ବିଷୟରେ ଲେକକ ପୀତାମ୍ବର ବେହେରା ସୂଚନା ଦେବା ପରେ ପ୍ରଫେସର ପଞ୍ଚାନନ ମହାନ୍ତି ଇଂରାଜୀ ଭାଷା ବ୍ୟବହାରର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ସଭାରେ ପ୍ରଫେସର ବିଜୟ କୁମାର, ଡକ୍ଟର ଭୀମସେନ ବେହେରା ସମେତ ବହୁତ ଅଧ୍ୟାପକ ଓ ଗବେଷକ ଯୋଗ ଦେଇଥିଲେ।

# ୨ ବଖରା ଜଳି ଭସ୍ମୀଭୂତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲ ସୟା ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ମନୋରଞ୍ଜନ ଦାସଙ୍କର ୨ବଖରା ଘର ଭସ୍ମୀଭୂତ ହୋଇଯାଇଥିବା ଜଣାଯାଇଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେକ ବ୍ୟକ୍ତି ବିଳମ୍ବିତ ରାତିରେ ଘରେ ନିଆଁ ଲଗାଇ ଦେଇଥିବା ନେଇ ମନୋରଂଜନ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ମନୋରଂଜନଙ୍କ ପରିବାର ଘରେ ଶୋଇଥିବା ବେଳେ ଘରେ ନିଆଁ ଲାଗି ଯାଇଥିଲା। ପାଖ ପଡ଼ୋଶୀ ଡାକିବାରୁ ମନୋରଂଜନ ଓ ପରିବାର ଲୋକ ବହୁ କଷ୍ଟରେ ଘରୁ ବାହାରି ଆସିଥିଲେ। ମାତ୍ର ଘରେ ଥିବା କୌଣସି ଆସବାବପତ୍ର, ଟଙ୍କା, ପଇସା, ଦରକାରୀ କାଗଜପତ୍ର, ସୁନାରୂପା, ଧାନ, ଚାଉଳ ବାହାରି ପାରିନଥିଲା। ଫଳରେ ଘରେ ଥିବା ସମସ୍ତ ଜିନିଷ ପୋଡ଼ି ପାଉଁ ହୋଇ ଯାଇଥିଲା। ଖବର ପାଇ ତିହିଡ଼ି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ମଧ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନଥିଲା। ଖବର ପାଇ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରି ସରକାରୀ ସାହାଯ୍ୟ କିପରି ତୁରନ୍ତ ମିଳିବ ସେନେଇ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସକାଳେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ କୋହ୍ଲ ରାଜସ୍ୱ ନିରୀକ୍ଷକ ଆଶୁତୋଷ ଦାସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବିପନ୍ନ ପରିବାକୁ ପଲିଥିନ ପ୍ରଦାନ କରିଥିବା ଜଣାପଡ଼ିଛି।

## ଟ୍ରକ ମାଲିକ ସଂଘର ମୁଖ୍ୟ ଉପଦେଷ୍ଟା ହେଲେ ଅଭୟ ବାରିକ

ଆଠଗଡ଼, (ଭାସ୍କର ନ୍ୟୁଜ୍): ଆଠଗଡ କଟକ ଜିଲ୍ଲାର ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ଆଠଗଡ ଉପଖଣ୍ଡର ମୁଖ୍ୟ ଉପଦେଷ୍ଟା ଭାବେ ଆଠଗଡ଼ ବିଜେପି ନେତା ଅଭୟ କୁମାର ବାରିକ ଶୁକ୍ରବାର ଠାରୁ ଦାୟିତ୍ୱ ଗ୍ରହଣ କରିଥିବାରୁ ଟ୍ରକ ମାଲିକ ସଂଘ ମଧ୍ୟରେ ଖୁସି ଦେଖିବାକୁ ମିଳୁଛି। ପୂର୍ବରୁ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦୀର୍ଘବର୍ଷ ଧରି ଏହି ଦାୟିତ୍ୱରେ ଥିଲେ। ରାଜନୀତିର ପଶାପାଲିରେ ଶାସନ କ୍ଷମତା ବଦଳିଯିବା ପରେ ମାଲିକସଂଘ ପକ୍ଷରୁ ବୈଠକ ହୋଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇ ରଣେନ୍ଦ୍ରଙ୍କ ପରିବର୍ତ୍ତେ ଅଭୟ ବାରିକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଗତ ଅପ୍ରେଲ ୪ ତାରିଖ ଠାରୁ ଖୁଣ୍ଟୁଣୀ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଏକ ପତ୍ର ମାଧ୍ୟମ ରେ ଅନୁରୋଧ କରାଯାଇଥିଲା ଅଭୟ ଏହି ଦାୟିତ୍ୱ ଗ୍ରହଣ କରିବା ପାଇଁ। ଏ ସମ୍ପର୍କରେ ଅଭୟ ଟ୍ରକ ମାଲିକ ସଂଘର ଅନୁରୋଧକୁ ଗୁରୁତର ସହ ବିଚାର କରି ତାଙ୍କ ସମ୍ମତି ଥିବା ଜଣାଇବା ପରେ ମାଲିକ ସଂଘ ସଭାପତି ମନୋଜ କୁମାର ମିଶ୍ର, ଉପସଭାପତି ଦିଲ୍ଲୀପ ତ୍ରିପାଠୀ, ସାଧାରଣ ସମ୍ପାଦକ ଅଶୋକ କୁମାର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଉମେଶ ଦଳାଇ, କୋଷାଧକ୍ଷ ପ୍ରଦ୍ୟୁମ୍ନ ନାୟକ, ଯୁଗ୍ମ କୋଷାଧକ୍ଷ ଗଦାଧର ସାହୁ, ଯୋନ-୧ ସମ୍ପାଦକ ଭଗବାନ ରାଉତ ଓ ଯୋନ-୨ ସମ୍ପାଦକ ଜ୍ଞାନରଞ୍ଜନ ତ୍ରିପାଠୀ ପ୍ରମୁଖ ସଂଘର ସମସ୍ତ କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି। ଅଭୟ ଯୋଗଦେବା ଦ୍ୱାରା ମାଲିକ ସଂଘ ଆଗାମୀବର୍ଷ ମାନଙ୍କରେ ମଜବୁତ ହେବା ସହିତ ଅଭୟଙ୍କ ନେତୃତ୍ୱରେ ମାଲିକମାନେ ତାଙ୍କର ନ୍ୟାର୍ଯ୍ୟ ହକ ଫେରିପାଇବେ ବୋଲି ସଭାପତି ମନୋଜ ଓ ସମ୍ପାଦକ ଅଶୋକ କହିଛନ୍ତି।

## କଳ୍ପନା ମିଶ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବ୍ଲକର ସୀମାନ୍ତ ବର୍ତଣ୍ଡା ପଞ୍ଚାୟତ ଅନ୍ତର୍ଗତ କପିଳ ଚରଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ପ୍ରେମାଞ୍ଜଳି ନାୟକ ଓ ଗୋବର୍ଦ୍ଧନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ଶିକ୍ଷାଦାନ ଓ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହିତ ଉପହାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ବିଜୟା ଲକ୍ଷ୍ମୀ ସ୍ୱାଇଁ, ନିନିମଣି ନାୟକ, ବାସନ୍ତୀ ଦାସ, ଜିତୁ ମହାନ୍ତି, ମାୟାଧର ପାତ୍ର, ମାୟାଧର ନାୟକ, ଅଜିତ ମହାନ୍ତି, ବିପିନ ମଲ୍ଲିକ, ଅଲ୍ଲୀ ସାର ଓ ଯୁଗଳ ସାର ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଭାପୁର ବ୍ଲକ୍‌ର ମାଟ୍ରିକ ଟପ୍ପର ଜ୍ୟୋତି ରଞ୍ଜନ ପଣ୍ଡା



ଭାପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ୨୦୨୫ ମାଟ୍ରିକ ଫଳାଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶିତ ହୋଇଛି। ଚଳିତବର୍ଷ ଭାପୁର ବ୍ଲକ୍‌ରୁ କୌଣସି ପରୀକ୍ଷାର୍ଥୀ ଇ-୧ରେ ପାସ୍ କରି ନଥିବାବେଳେ ୩ ଗୋଟି ଉଚ୍ଚ ବିଦ୍ୟାଳୟ ଅର୍ଥାତ୍, ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟ, ବିଜିପୁର, ସାମନ୍ତ ଚନ୍ଦ୍ରଶେଖର କପିଳ ମାର୍ଥା ସରକାରୀ ଉଚ୍ଚ ବିଦ୍ୟାଳୟ, କରବର ଏବଂ ସ୍ୱପ୍ନେଶ୍ୱରଦେବ ଉଚ୍ଚବିଦ୍ୟାଳୟ, ରାକମା ଶତପ୍ରତିଶତ ଫଳାଫଳ ହୋଇଛି ବୋଲି ଭାପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥଙ୍କ ଠାରୁ ପ୍ରକାଶ। ସେହିପରି ଇ-୨ରେ ସ୍ୱପ୍ନେଶ୍ୱରଦେବ ଉଚ୍ଚବିଦ୍ୟାଳୟରୁ ଜ୍ୟୋତିରଞ୍ଜନ ପଣ୍ଡା ୫୩୭ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି ଏବଂ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଭାପୁରର ଛାତ୍ରୀ ଦିବ୍ୟାଶା ପ୍ରିୟଦର୍ଶିନୀ ୫୩୬ ମାର୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାକମା ଗ୍ରାମର ଜ୍ୟୋତ୍ସ୍ନାରାଣୀ ଦାସ ଏବଂ ପ୍ରଦୀପ୍ତ କୁମାର ପଣ୍ଡାଙ୍କ ସୁପୁତ୍ର ଜ୍ୟୋତିରଂଜନ ପଣ୍ଡା ଭାପୁର ବ୍ଲକ୍ ଟପ୍ପର ହୋଇଥିବାରୁ ସମସ୍ତ ଶିକ୍ଷାବିତ୍‌ମାନେ ଶୁଭେଚ୍ଛା ପଠେଇଛନ୍ତି।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ବାର୍ଷିକୋତ୍ସବ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ପ୍ରତିଭା ରାୟ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ପ୍ରଫେସର ଏନ ଆର ଏସ୍ ତାତାଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଅବସରରରେ ସୁଭଦ୍ରା ପତ୍ରିକାର ଉନ୍ମୋଚନ କରାଯାଇଥିଲା। ଡ. ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ଡ. ରାମଚନ୍ଦ୍ର ହୋତା ବୈଦିକ ମଙ୍ଗଳାଚରଣ ପାଠ କରିଥିବା ବେଳେ ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ରାଧାକାନ୍ତ ପଣ୍ଡା, ଡ. ଅଜୟ କୁମାର ଦାଶ, ଡ. ଶ୍ରୀନିବାସ ପଣ୍ଡା, ଡ. ଦେବାଶିଷ ତ୍ରିପାଠୀ, ଡ. ଯୋଗେଶ୍ୱର ମହାନ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁଦାୟିତ୍ୱ ବହନ କରିଥିବା ବେଳେ ଏହି ଆୟୋଜନର ମୁଖ୍ୟ ଭାର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଦତ୍ତାତ୍ରୟ ମୂର୍ତ୍ତି ବହନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଆଚାର୍ଯ୍ୟ, ଆଚାର୍ଯ୍ୟା, କୁଳସଚିବ, ବିତ୍ତାଧିକାରୀ, ପରୀକ୍ଷା ନିୟନ୍ତ୍ରକ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭବ୍ୟ ଓ ଦିବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା-ନୃତ୍ୟଗୀତ ଓ ନାଟକାଦି ପରିବେଷଣ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ଇତ୍ୟାଦି ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯକ୍ରମକୁ ଉପଭୋଗ କରିଥିଲେ।

# ଇଟାଭାଟି ଉପରେ ଖଣି ବିଭାଗ ଓ ତହସିଲଦାରଙ୍କ ଚଢ଼ଉ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ବ୍ୟାପକ ବେଆଇନ୍ ଇଟାଭାଟି ଚାଲୁଥିବା ବେଳେ ବହୁ ବିଳମ୍ବରେ ତହସିଲଦାର ଓ ଖଣି ବିଭାଗର ନିଦ ଭାଙ୍ଗିବା ଘଟଣାକୁ ନେଇ ସାଧାରଣରେ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ସନ୍ଦେହ ପ୍ରକଟ ହୋଇଛି। ଏକ ଇଟାଭାଟି ଉପରେ ଚଢ଼ଉ କରାଯାଇଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଫଟୋ ଉତ୍ତୋଳନ କରିବାରୁ ନିମାପଡ଼ା ତହସିଲଦାର କନେଷ୍ଟବଳକୁ ଫଟୋ ଉତ୍ତୋଳନ କରୁଥିବା ସାମ୍ବାଦିକଙ୍କୁ ବନ୍ଦ କର ବୋଲି ନିର୍ଦ୍ଦେଶ ଦେଇଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । କ'ଣ ପାଇଁ ଗଣମାଧ୍ୟମ ପ୍ରତିନିଧି ଇଟାଭାଟିରେ ଚଢ଼ଉ ସମୟରେ ଫଟୋ ଉତ୍ତୋଳନ କରିପାରିବେ ନାହିଁ ତାହାକୁ ନେଇ ସାମ୍ବାଦିକମାନେ ତହସିଲଦାରଙ୍କୁ ପ୍ରଶ୍ନ କରିଛନ୍ତି। ଏହା ଲୁଚାଚୋରାରେ ଚଢ଼ାଉ ହେଉଥିଲା ନା ସାର୍ବଜନିନ ଚଢ଼ଉ କରାଯାଉଥିଲା, ଗଣମାଧ୍ୟମ ପ୍ରତିନିଧିଙ୍କୁ କ'ଣ ପାଇଁ ଦୁର୍ବ୍ୟବହାର କରାଗଲା ଆଗାମୀ ଦିନରେ ଏହି ଘଟଣାକୁ ନେଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ମଧ ଲିଖିତ ଅଭିଯୋଗ କରାଯିବ ବୋଲି ସାମ୍ବାଦିକମାନେ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ନିମାପଡ଼ା ଅଂଚଳରେ ୫୦ ହଜାରରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟି ଚାଲୁଅଛି। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ ତହସିଲଦାର ଓ ଖଣି ବିଭାଗ ନୀରବ ସାଜିଥିଲେ। ଲୋକଦେଖାଣିଆ ଭାବେ କଳାପାଞ୍ଚଣ ପଞ୍ଚାୟତରେ ବେଆଇନ ଇଟାଭାଟି ଉପରେ ତହସିଲଦାର ଓ ପୁରୀ ଜିଲ୍ଲା ଖଣି ଅଧିକାରୀ ଚଢ଼ଉ କରିଥିଲେ। ସେଠାରେ କେତେକ ଗଣମାଧ୍ୟମ ପହଞ୍ଚି ଫଟୋ ଉତ୍ତୋଳନ କରିବାରୁ ସ୍ଥାନୀୟ ତହସିଲଦାର ଓ ଖଣି ଅଧିକାରୀ ଫଟୋ ଉତ୍ତୋଳନ ନ କରିବା ପାଇଁ ବାରଣ କରିବା ସହ ଚାରିଛକ ଥାନାର କନେଷ୍ଟବଳଙ୍କ ଦ୍ୱାରା ଫଟୋ ଉତ୍ତୋଳନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଯାହାକୁ ନେଇ ତହସିଲଦାର ଓ ଖଣି ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସନ୍ଦେହ ପ୍ରକଟ ହୋଇଛି। ପ୍ରତ୍ୟେକ ଦିନ ନିମାପଡ଼ା ଅଞ୍ଚଳରୁ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ କରାଯାଉଥିବା ବେଳେ ସେଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯାହାକୁ ନେଇ ସାମ୍ବାଦିକଙ୍କୁ ଫଟୋ ଉତ୍ତୋଳନ କରିବା ବନ୍ଦ କରାଯିବା ଏକ ନିନ୍ଦନୀୟ ଘଟଣା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ମାଟ୍ରିକ ପରୀକ୍ଷାରେ ଟପ୍ପର ହେଲେ ଦୁଇ ଜାଆଁଳ ଭାଇ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ମାଲକାନଗିରି ଜିଲ୍ଲାରେ ଟପ୍ପର ହେଲେ ଦୁଇ ଜାଆଁଳ ଭାଇ ଡାନିଆଲ୍ ଲେଙ୍କା ଓ ଡମ୍ବରୁ ଲେଙ୍କା। ଏମ.ଭି.-୭୯ ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଏହି ଦୁଇ ଭାଇ ମାଟ୍ରିକ ପରୀକ୍ଷାରେ ୫୬୦ନମ୍ବର ହାସଲ କରି ୯୩ ପ୍ରତିଶତ ମାର୍କ ରଖି ଇ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହେବା ସହ ମାଲକାନଗିରି ଜିଲ୍ଲାରେ ଟପର ହୋଇଛନ୍ତି। ବାପା ମାଲକାନଗିରି ଜିଲ୍ଲାର ଏମ.ଭି.୬୦ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହୋଇଥିବା ବେଳେ ମା'ଜଣେ ସାଧାରଣ ଗୃହଣୀ। କଠିନ ପରିଶ୍ରମ ଯୋଗୁଁ ଏହି ଦୁଇ ଜାଆଁଳ ଭାଇ ସଫଳତା ହାସଲ କରିଥିବା ନେଇ ସୂଚନା ଦେଇଛନ୍ତି। ସେହିଭଳି ସମଗ୍ର ଜିଲ୍ଲାରେ ମୋଟ ୧୨ ଜଣ ଇ-୧ ହୋଇଥିବା ସୂଚନା ମିଳିଛି। ଏମ୍ଭି -୭ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୪ଜଣ ସୁଭଜିତ ବାଚାର ୫୫୧, ଜୟ ମିସ୍ତ୍ରୀ ୫୪୦, ଆକାଶ ମୁର୍ମୁ ୫୫୧, ବାସୁଦେବ ମହୁରୀ ୫୪୬ ନମ୍ବର ରଖିଥିବା ବେଳେ ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫ ଜଣ ଇ-୧ ହେଲେ କ୍ରିଷ୍ଣା ଶ୍ରୀୟା ସ୍ୱାଇଁ ୫୫୮, ପ୍ରାଚୀ ଦାସ ୫୪୯, ଅନ୍ୱେସା ବିଶ୍ୱାଳ ୫୪୬, ସ୍ମୃତି ରେଖା ପ୍ରଧାନ ୫୪୬, ନିତେଶ ପାଙ୍ଗି ୫୪୦ନମ୍ବର ରଖିଛନ୍ତି। ଏଥିସହିତ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିମେଳାରୁ ଜଣେ ପ୍ରେରଣା ପାଢ଼ୀ ୫୪୩ ନମ୍ବର ରଖିଛନ୍ତି। ଏହି ୧୨ ଜଣଙ୍କୁ ଜିଲା ସାରା ସୁବେଚ୍ଛା ଆସିବା ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତର ସୁଭମନାସି ଥିବାର ଦେଖିବାକୁ ମିଳିଛି।



ବେତନଟୀ, (ଭାସ୍କର ନ୍ୟୁଜ୍ ) : ମୟୂରଭଞ୍ଜର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ମୟୂର ସାହିତ୍ୟ ସଂସଦ, ବେତନଟୀର ୩୧ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଧର୍ମଶାଳା ପରିସରରେ ପାଳିତ ହୋଇଯାଇଛି । ୧୯୯୫ ମସିହା ପବିତ୍ର ଅକ୍ଷୟ ତୃତୀୟାରେ ଏହି ସାରସ୍ୱତ ସଂଗଠନ ଜନ୍ମ ନେଇଥିଲା। ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ସଂସଦର ସଭାପତି କବି ଭାସ୍କର ଦ୍ୱିବେଦୀ ଅଧ୍ୟକ୍ଷତା କରି ସଂସଦର ଗୌରବମୟ ଅତୀତ ଓ ଦିବଂଗତ ସଦସ୍ୟମାନଙ୍କର ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ପତ୍ରିକା ସଂପାଦକ ନୀରଦ ସୁନ୍ଦର ଜେନା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହାପରେ ନିକଟରେ ପ୍ରକାଶ ପାଇଥିବା ସଂସଦର ବାର୍ଷିକ ମୁଖପତ୍ର ବନମୟୂରୀ ଉପରେ ଯୁଗ୍ମ ସଂପାଦିକା ଡ଼ଃ. ମନ୍ଦାକିନୀ ସାହୁ ସମୀକ୍ଷାମୂଳକ ବକ୍ତବ୍ୟ ଉପସ୍ଥାପନ କଲେ। ପତ୍ରିକା ସହ ସଂପାଦିକା କବି ସୀମା ଦାସ ଖଟୁଆ ମଧ୍ୟ ପତ୍ରିକା ଉପରେ ନିଜର ଅଭିମତ ରଖିଥିଲେ। ସହ ସଂପାଦକ ଡ଼ଃ ରମାକାନ୍ତ ମହାନ୍ତ ସଂସଦର ବାର୍ଷିକୋତ୍ସବର ସଫଳତା ଭାବରେ ଆଲୋକପାତ କରିଥିଲାବେଳେ ଉପସଭାପତି କବି ଗୌତମ ଚନ୍ଦ୍ର ବେହେରା ଅକ୍ଷୟ ତୃତୀୟାର ମହତ୍ତ୍ୱ ଆଲୋଚନା କରିଥିଲେ। କବୟିତ୍ରୀ ସୌଦାମିନୀ ପଣ୍ଡା, ପୂର୍ବତନ ସଂପାଦକ ବିଜୟ କୁମାର ଦ୍ୱିବେଦୀ, କବି ସହଦେବ ଗିରି ମୟୂର ସାହିତ୍ୟ ସଂସଦର ଭୂମିକା ଉପରେ ଆଲୋଚନା ରଖିଥିଲେ। ଶେଷରେ କବି ରତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କମଳ ଲୋଚନ କର ସହଯୋଗ କରିଥିଲେ।

# କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ ୨୬ ମହିଳା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ବଣ ପାହାଡ଼ ଘେରା ବିପ୍ଲବୀ ଧରଣୀଧର ଭୂୟାଁ ନାଏକଙ୍କ ଜନ୍ମମାଟି କୁସୁମିତା ଗ୍ରାମର ୨୬ଜଣ ମହିଳା ଲେୟାର କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏନ୍ଏସପିଡିଟି ସଂସ୍ଥାର ସହାୟତାରେ ଫେବୃଆରୀ ମାସ କୁସୁମିତା ଗ୍ରାମରେ କୁକୁଡ଼ା ଘର, କେଜ ନିର୍ମାଣ, ଦାନା, ପାଣି ସୁବିଧା କରାଯାଇଥିଲା। ପରେ ୫ଶହ କୁକୁଡ଼ା ସେଠାରେ ଛଡ଼ାଯାଇଥିଲା। ମହିଳାମାନେ ଏହାର ରକ୍ଷଣା ବେକ୍ଷଣ କରୁଛନ୍ତି। ଦୈନିକ



କୁକୁଡ଼ା ୩ଶହରୁ ଉର୍ଦ୍ଧ୍ୱ ଅଣ୍ଡା ଦେଉଛନ୍ତି। ସଂସ୍ଥା ସୁପର ଭାଇଜର ପ୍ରତ୍ୟେକ ଦିନ ମହିଳା ମାନଙ୍କ ଠାରୁ ଅଣ୍ଡା ସଂଗ୍ରହ କରି ପଳାସପଙ୍ଗା ସ୍ଥାନୀୟ ଟାଙ୍ଗରାଣୀ ସ୍ଥିତ ସଂସ୍ଥା କାର୍ଯ୍ୟାଳୟକୁ ଆଣୁଛନ୍ତି। ଏଥିପାଇଁ ମାସକୁ ୪ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପ୍ରତ୍ୟେକ ମହିଳା ମାନଙ୍କ ଖାତାକୁ ଆସୁଛି। ଗ୍ରାମର ଡାଳିମ୍ବ ପ୍ରଧାନ, ରଶ୍ମିତା ନାଏକ, ବସନ୍ତୀ ଦେହୁରୀ, ବାସନ୍ତୀ ନାଏକ, ଅୟସରିୟା ସେଠୀ, ଚୁଡାମଣୀ ନାଏକ, ରାଇମନି ଗିରି, ମୁନି ଗିରି, ଠିକିରୀ ପ୍ରଧାନ, ସୁନାଫୁଲ ପଧାନ, ରଚନା ପଧାନ, ସଞ୍ଜୁଲତା ପଧାନ, ଲିଳାବତୀ ପଧାନ, ମାଳତୀ ପଧାନ, ସୁଲୋଚନା ପଧାନ, ପାର ନାଏକ, ଡାଳିମ୍ବ ଦେହୁରୀ, ନିଳମତୀ ପାତ୍ର, ଗୁଲି ନାଏକ, ହୀରା ନାଏକ, ଜମୁନା ଦେହୁରୀ, ଅହଲ୍ୟା ଦେହୁରୀ, ସୁନ୍ଦରୀ ଦେହୁରୀ, ସୁକାନ୍ତୀ ପଧାନ, ସୁଜାତା ନାଏକ, ଯୋଶଦା ନାଏକ ୨୬ଜଣ ସମସ୍ତ ମହିଳାଙ୍କ ଖାତାକୁ ୧ଲକ୍ଷ ୪ହଜାର ଟଙ୍କା ଆସୁଛି। ଘରେ ବସି ରହିବା ଠାରୁ କୁକୁଡ଼ା ପାଳନ କରି ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି।

# ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଅଭିଯୋଗ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍ ) : ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟୀତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ଏପ୍ରିଲ ମାସ ଶେଷ ହୋଇଥିଲେ ମଧ୍ୟ ବହୁ ଅସହାୟ ହିତାଧିକାରୀ ଭତ୍ତା ନ ପାଇ ହଟହଟା ହେଉଥିବାର ଅଭିଯୋଗ ହୋଇଛି। କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଞ୍ଚାୟତର ଗରିବ ଅସହାୟ ବିଧବା, ଦିବ୍ୟାଙ୍ଗ ଓ ବୃଦ୍ଧବୃଦ୍ଧାଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଭତ୍ତା ପ୍ରଦାନ କରାଯାଇଥାଏ। ତେବେ ବିଜେଡ଼ି ସରକାର କ୍ଷମତାରେ ଥିଲାବେଳେ ଏହି ବ୍ଲକର ହିତାଧିକାରୀମାନଙ୍କୁ ପ୍ରତି ମାସ ୧୫ ତାରିଖ ମଧ୍ୟରେ ନିୟମିତ ଭତ୍ତା ପ୍ରଦାନ କରାଯାଇ ଆସୁଥିଲା। ମାତ୍ର ସରକାର ପରିବର୍ତ୍ତନ ହେବା ପରେ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଦେଖାଦେଇଥିବାର ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ତରଫରୁ ନିର୍ଦ୍ଧାରିତ ସମୟରେ ଓ ପ୍ରତିମାସରେ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଉନଥିବାର ଅଭିଯୋଗ ହୋଇଛି। ଏହି ବ୍ଲକର ବହୁ ହିତାଧିକାରୀଙ୍କୁ ଗ୍ରାମ ପଞ୍ଚାୟତରେ ଓ କେତେକ ହିତାଧିକାରୀଙ୍କ ଜମା ଖାତାରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥାଏ। ତେବେ ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଅହସ୍ୟ ଗୁଳୁଗୁଳି ଲାଗି ରହିଛି। ସକାଳ ୮ଟା ବାଜିଲେ ଡହଡହ ତାତିରେ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଏପରି ସ୍ଥଳେ ବ୍ଲକ ପ୍ରଶାସନ ତରଫରୁ ଅସହାୟ ବୃଦ୍ଧବୃଦ୍ଧା ମାନଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସୂଚନା ପ୍ରଦାନ କରାଯାଉଛି। ସୂଚନା ମୁତାବକ ହିତାଧିକାରୀମାନେ ବହୁ କଷ୍ଟରେ ଏପରିକି ଗାଡି ଭଡା କରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ନିମନ୍ତେ ଆସି ଦିନ ଦିନ ଧରି ଅପେକ୍ଷାରେ ରହୁଛନ୍ତି। ସେମାନଙ୍କ ପାଇଁ ପାନୀୟ ଜଳର କୌଣସି ସୁବନ୍ଦୋବସ୍ତ କରାଯାଉନଥିବାର ଅଭିଯୋଗ ହୋଇଛି। ଅସହାୟ ବୃଦ୍ଧ ବୃଦ୍ଧାମାନେ ପ୍ରଚଣ୍ଡ ରୌଦ୍ରତାପରେ ଭୋକ ଉପାସରେ ପଂଚାୟତ କାର୍ଯ୍ୟାଳୟରେ ଓ ସ୍ଥଳ ବିଶେଷରେ ଗଛ ଛାଇ ମୂଳେ ବସି ବସି ନିରାଶରେ ଫେରିବାକୁ ବାଧ୍ୟ ହେଉଥିବାର ଅଭିଯୋଗ ହୋଇଛି। ଶେଷରେ ବିଭିନ୍ନ ଆଳ ଦେଖାଇ ଗ୍ରାମ ପଞ୍ଚାୟତ ତରଫରୁ ସେମାନଙ୍କୁ ଫେରାଇ ଦିଆଯାଉଥିବାର ଅଭିଯୋଗ ହୋଇଛି। ମାତ୍ର ବ୍ଲକ ପ୍ରଶାସନ ତରଫରୁ ଘୋଡା ୬ଟଙ୍କାକୁ ଦାନା ୯ଟଙ୍କା ଭଳି ଲୋକମାନେ ଆର୍ଥିକ କ୍ଷତିର ସମ୍ମୁଖିନ ହେଉଛନ୍ତି। ଏପରି ସ୍ଥଳେ ବ୍ଲକ ପ୍ରଶାସନ ତରଫରୁ ବାରମ୍ବାର ହିତାଧିକାରୀମାନଙ୍କୁ ହଟହଟା କରାଯିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ହିତାଧିକାରୀମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ନିମନ୍ତେ ପ୍ରାକ୍ତନ ସରପଞ୍ଚ ରାୟଗୁରୁ ବିଜୟ କିଶୋର ମିଶ୍ର ସମେତ ବହୁ ବରିଷ୍ଠ ନାଗରିକମାନେ ଦୃଢ ଦାବି କରିଛନ୍ତି।

## ଶାବର ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ

କୋରାପୁଟ, (ଭାସ୍କର ନ୍ୟୁଜ) : ଅକ୍ଷୟ ତୃତୀୟା ଉପଲକ୍ଷେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରଥ ତିଆରି ଆରମ୍ଭ ହୋଇଛି। କାଠ ଅନୁକୂଳ ହେବା ସହ ଶ୍ରୀଜିଉଙ୍କ ପାରମ୍ପରିକ ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଛି । ସକାଳୁ ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ଯଥାରୀତିରେ ପୂଜା କରାଯାଇ ସେଠାରୁ ଆଜ୍ଞାମାଳ ଆସିବାପରେ ସ୍ଥାନୀୟ ନୃସିଂହ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ବନଜାଗ ଶୁଭାରମ୍ଭ କରାଯାଇଥିଲା । ପରେ ମନ୍ଦିର ପରିସରରେ ଥିବା ମା' ଗାୟତ୍ରୀ ମନ୍ଦିରରେ ନୂତନ କାଠକୁ ମନ୍ଦିରର ମୁଖ୍ୟ ପୂଜକ ରଘୁନାଥ ଶତପଥୀଙ୍କ ଦ୍ୱାରା ଯଥାରିତୀରେ ପୂଜା ସହ ହୋମ ଯଜ୍ଞ କରାଯାଇଥିଲା । ପରେ ବିଶ୍ୱକର୍ମା ବିଶ୍ୱନାଥ ମହାରଣାଙ୍କ ଦ୍ୱାରା ୩ଟି କାଠ ଅଷ୍ଟଦଳପଦ୍ମ ଖୋଦନ କରାଯାଇ ରଥକାଠ କାର୍ଯ୍ୟର ଅନୁକୂଳ କରାଯାଇଥିଲା । ଏହା ସହ ନୃସିଂହଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା । ଏହା ୨୧ଦିନ ଧରି ଚାଲିବ । ଶାବର ଶ୍ରୀକ୍ଷେତ୍ର ପରିସରରେ ଶ୍ରୀଜିଉଙ୍କର ଚନ୍ଦନ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଯାଇଥିବା ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛନ୍ତି ।

## ଶ୍ରମିକ ଦିବସ ପାଳିତ




ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ନିର୍ମାଣ ଶ୍ରମିକ ସଂଘ ଏବଂ ଜିଲ୍ଲା ଶ୍ରମଜୀବୀ ସଂଗଠନର ମିଳିତ ଆହ୍ୱାନରେ ଜିଲ୍ଲାର ମୋଟ ୭ଟି ବ୍ଲକର ୧୮ ଗୋଟି ଗ୍ରାମ ପଞ୍ଚାୟତରେ ଶ୍ରମିକ ଦିବସ ପାଳନ ହୋଇଯାଇଛି । ଜିଲ୍ଲାରେ ମୋଟ ଜଣସଂଖ୍ୟାର ପ୍ରାୟ ୭୦ ଭାଗରୁ ଉର୍ଦ୍ଧ୍ୱ ଶ୍ରମିକ ହୋଇଥିବା ଯୋଗୁଁ ଚଳିତ ଶ୍ରମିକ ଦିବସକୁ ପଞ୍ଚାୟତ ସ୍ତରରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶ୍ରମିକ ଦିବସରେ ସଚେତନତା କରିବା ସହିତ ସରକାରଙ୍କର ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ସଦର ମହକୁମା ମାନଙ୍କରେ ସ୍ଲୋଗାନ ଦେବା ସହିତ ପ୍ଲାକାର୍ଡ଼ ଧରି ଶୋଭାଯାତ୍ରା କରିଥିଲେ। ପରେ ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ଏହି ଉପଲକ୍ଷେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରାୟତଃ ସମସ୍ତ ସ୍ଥାନରେ ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର ମାନେ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ଶ୍ରମିକ ମାନଙ୍କର ସମସ୍ୟାକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ଦାବିପତ୍ର ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ସେହିପରି ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ମାଥିଲି ବ୍ଲକ କଲ୍ୟାଣ ମଣ୍ଡପରେ ବିଶ୍ୱ ଶ୍ରମିକ ଦିବସ ପାଳନ ଓ ଜିଲ୍ଲା ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ମାଝୀ, ମାଥିଲି ତହସିଲଦାର ସୁଶ୍ରୀ ମାନସୀ ଭୋଇ, ଜିଲ୍ଲା ସଙ୍ଘର ସମ୍ପାଦକ ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଅଜିତ ସଗରିଆ, ମାଥିଲି ବ୍ଲକ ସଭାପତି ଶିବ ପ୍ରସାଦ ପରିଛା ପ୍ରମୁଖ ମଞ୍ଚାସୀନ ଥିଲେ।




ବାରିପଦା, (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ ଶ୍ରୀ ଅରବିନ୍ଦ ପଟ୍ଟନାୟକ ପୌରହିତ୍ୟ କରିଥିଲେ। ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ଶ୍ରମିକ ହିତାଧିକାରୀ ମାନଙ୍କ ମଧ୍ୟରେ ବିଭିନ୍ନ ସହାୟତା ଯଥା ମୃତ୍ୟୁକାଳୀନ ସହାୟତା, ଶ୍ରମିକ ପରିଚୟ ପତ୍ର, ବିବାହ ସହାୟତା, ଶିକ୍ଷା ସହାୟତା ଇତ୍ୟାଦି ବଣ୍ଟା ଯାଇଥିଲା। ଏହା ସହିତ ଶ୍ରମିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ଯୋଜନା ଓ ଅଧିକାର ବିଷୟରେ ମଧ୍ୟ ସଚେତନ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝି, ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଶ୍ରମିକ ମାନଙ୍କୁ ବିଭିନ୍ନ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଆଇନ ସେବା ପ୍ରାଧିକରଣର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ



ବୌଦ୍ଧ (ଭାସ୍କର ନ୍ୟୁଜ): ହରଭଙ୍ଗା ବ୍ଲକ ରାଧା ନଗର ଗ୍ରାମ ପଞ୍ଚାୟତର ଲାଣ୍ଡିବନ୍ଧ ଗ୍ରାମରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ଅଖି ମୁଠି ଅନୁକୂଳ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର ଓ ମୁଖ୍ୟ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର ଅଖି ମୁଠି ଅନୁକୂଳ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକ କଂଗ୍ରେସ ସଭାପତି ପଙ୍କଜ କୁମାର କର୍ଣ୍ଣ, ବରିଷ୍ଠ କଂଗ୍ରେସ ନେତା ବୁଦ୍ଧଦେବ ପ୍ରଧାନ, ରୋହିତାଶ୍ୱ ବେହେରା, ପୌଲସ୍ତୀ ପ୍ରଧାନ, ପ୍ରତାପ ପଣ୍ଡା, ଅଶେଷ ଦେହୁରୀ, ଜିତେନ୍ଦ୍ର ଦେହୁରୀଙ୍କ ସମେତ କୃଷକ ଓ ମହିଳା ମାନେ ଯୋଗ ଦେଇଥିଲେ।

## ପିରାମଲ ଫାଉଣ୍ଡେସନ ପକ୍ଷରୁ ବାଲ୍ ସଭା



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନାଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପିରାମଲ ଫାଉଣ୍ଡେସନ ପକ୍ଷରୁ ବାଳ ସଭା ଅନୁଷ୍ଠିତ ହୋଇଯାଇଛି। ପିରାମଲ ଫାଉଣ୍ଡେସନର ଗାନ୍ଧୀ ବିଚାରବାଦୀ ବିଶାଲ ଜୟଶ୍ୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଢେପସାହି ଅଙ୍ଗନବାଡ଼ି କେନ୍ଦ୍ର ଓ ଚିତ୍ରକୋଣ୍ଡା ହାଇସ୍କୁଲରେ ବାଲସଭା ଆୟୋଜିତ ହୋଇଥିଲା। ବାଲସଭାରେ ଚିତ୍ରକୋଣ୍ଡା ପିଓ ସଞ୍ଜନା ମହାରଣା, ୱାର୍ଡସଭ୍ୟ ରାମଚନ୍ଦ୍ର ଖିଲଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରାଯିବା ସହ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ଥିବା ଶୌଚାଳୟ ତଥା ପାଣିର ଉତ୍ତମ ବ୍ୟବସ୍ଥା, ବିଦ୍ୟାଳୟକୁ ପାଠ ପଢିବାକୁ ଆସୁନଥିବା ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ବାଲସଭାରେ ଆଲୋଚନା କରାଯାଇଥିଲା। ଆଗକୁ ବାଲସଭା କିପରି ଭାବେ ନିୟମିତ ଭାବେ ଆୟୋଜନ କରାଯିବ, ପ୍ରତ୍ୟେକ ପଞ୍ଚାୟତରେ ଚାଇଲ୍ଡ ଫ୍ରେଣ୍ଡଲି ପଞ୍ଚାୟତ ଗଠନ କରାଯାଇ ପଞ୍ଚାୟତ କାର୍ଯ୍ୟ ପ୍ରଣାଳୀରେ ପିଲାଙ୍କ ସହଭାଗୀତାକୁ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ବାଲସଭାରେ ପିଲାମାନେ ନିଜ ନିଜର ସମସ୍ୟା ଗୁଡିକୁ ଉପସ୍ଥାପନ କରିଥିଲେ।

## ଗ୍ରୀଷ୍ମକାଳୀନ ଖୋକୋ କ୍ରୀଡ଼ା ଶିବିର ଉଦ୍‌ଘାଟିତ



ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଗ୍ରୀଷ୍ମକାଳୀନ ଖୋକୋ କ୍ରୀଡା ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଶରତ କୁମାର ରାଉତ ଯୋଗ ଦେଇଥିଲେ। ଆଜିର ଏହି କ୍ରୀଡା ଶିବିରରେ ବାଲିମେଳା ସମେତ ଆଖପାଖ ଅଞ୍ଚଳର ବହୁ ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତେବେ ଏହି ଶିବିରଟି ଆଜିଠାରୁ ମାସ ଶେଷ ପର୍ଯ୍ୟନ୍ତ ଅର୍ଥାତ ଦୀର୍ଘ ୧ ମାସ ଏହି ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହେବ ବୋଲି ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଭାଗିରଥି ସାହୁ ସୂଚନା ଦେଇଛନ୍ତି। ସକାଳ ୬ରୁ ୮ଟା ଏବଂ ସନ୍ଧ୍ୟା ୪ଟାରୁ ୬ ଘଣ୍ଟିକା ପର୍ଯ୍ୟନ୍ତ ଏହି ନନ ରେସିଡେନ୍ସିଆଲ ଶିବିର ପ୍ରତ୍ୟେକ ଦିନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ତେବେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ବିଭାଗର କ୍ରୀଡା ମୁଖ୍ୟ କାର୍ତ୍ତିକ ଚନ୍ଦ୍ର ବେହେରା, ପ୍ରଶିକ୍ଷକ ଭଗତରାମ ପ୍ରମୁଖ ମଞ୍ଚାସୀନ ଥିଲେ।

### କାଳ ବୈଶାଖୀର ତାଣ୍ଡବ

## ଗଛ ପଡ଼ି ରାସ୍ତା ଅବରୋଧ, ଯାତାୟାତ ବାଧାପ୍ରାପ୍ତ

ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : କାଳ ବୈଶାଖୀର ତାଣ୍ଡବ ଗୁଣପୁର ତଥା ରାମାନାଗୁଡ଼ା ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି। କାଳ ବୈଶାଖୀ ପ୍ରଭାବରେ ଗତକାଲି ବିଳମ୍ବିତ ରାତିରେ ଗୁଣପୁର ତଥା ରାମାନାଗୁଡ଼ା ବ୍ଲକ ଅଞ୍ଚଳରେ ପ୍ରବଳ ଝଡ଼ ବର୍ଷା ସହ ଭୀଷଣ ପବନ ହୋଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗଛ ଭାଙ୍ଗି ରାସ୍ତା ଅବରୋଧ ଘଟିଛି। ଭୀଷଣ ପବନ ଯୋଗୁଁ ରାମାନାଗୁଡା ବ୍ଲକ ଅନ୍ତର୍ଗତ ନାରାୟଣଗୁଡ଼ା ଠାରେ ଏକ ବିରାଟ ବଟ ଗଛ ଭାଙ୍ଗି ରାସ୍ତା ଉପରେ ପଡିଯିବାରୁ ଦୀର୍ଘ ଘଣ୍ଟା ଧରି ଗାଡ଼ି ଚଳାଚଳରେ ବାଧାପ୍ରାପ୍ତ ଘଟିଛି। ଫଳରେ ଗୁଣପୁର ଠାରୁ ରାମାନାଗୁଡା ଯିବା ରାସ୍ତାରେ ଏକ ପ୍ରକାର ଯାତାୟାତ ଠପ ହୋଇଯାଇଛି । ଗଛ ପଡ଼ି ରାସ୍ତା ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସ୍ଥାନ ଅଭିମୁଖେ ବାହାରିଥିବା ଭାରି ଯାନ ସବୁ ଅଟକି ରହିଛି। ରାସ୍ତାକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ପାଇଁ ଗୁମୁଡ଼ା, ଗୁଣପୁର ଓ ପଦ୍ମପୁର ଅଗ୍ନିଶମ ବିଭାଗ ଘଟନା ସ୍ଥଳରେ ପହଞ୍ଚି କାର୍ଯ୍ୟରେ ନିଯୋଜିତ ହୋଇଛନ୍ତି। ଖୁବଶୀଘ୍ର ରାସ୍ତା କ୍ଲିୟର କରାଯିବ ବୋଲି ଗୁମୁଡ଼ା ଅଗ୍ନିଶମ ବାହିନୀର ଅଧିକାରୀ ଜଗନ୍ନାଥ ରାଓ ପ୍ରକାଶ କରିଛନ୍ତି।

## ମୃତକ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି ପାଇଁ ମହମବତୀ ଶୋଭାଯାତ୍ରା




ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘ, ବୌଦ୍ଧ ଶାଖା ପକ୍ଷରୁ ଜାମ୍ମୁ କାଶ୍ମୀର ପହଲଗାଁଓ ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ବୌଦ୍ଧ ରଘୁନାଥ ମନ୍ଦିରରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏକ ବିଶାଳ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଶେଷରେ ମୃତ ପର୍ଯ୍ୟଟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ନିରବ ପ୍ରାର୍ଥନା କରାଯାଇଥିଲା। ଆତଙ୍କବାଦୀଙ୍କ ଏପରି ବର୍ବରତା କାଣ୍ଡକୁ ଘୋର ନିନ୍ଦା କରାଯାଇଥିଲା। ଏହି ମହମବତୀ ଶୋଭାଯାତ୍ରାରେ ଜିଲ୍ଲା ମହାସଂଘର ସଭାପତି ସଞ୍ଜିତ କୁମାର ଜେନା, ସାଧାରଣ ସମ୍ପାଦକ ପ୍ରକାଶ କୁମାର ବେହେରା ଏବଂ ମହାସଂଘର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ଥିଲେ।

## ଭତ୍ତା କେଳେଙ୍କାରୀକୁ ନେଇ ତଦନ୍ତ ଦାବି

କଣ୍ଟାପଡା, (ଭାସ୍କର ନ୍ୟୁଜ୍ ) : କଣ୍ଟାପଡା ବ୍ଲକରେ ଭତ୍ତା କେଳେଙ୍କାରୀକୁ ନେଇ ଚର୍ଚ୍ଚାରେ ରହି ଆସିଛି। କେଉଁଠି ଭତ୍ତା ଟଙ୍କା ଖାଇ ସରପଞ୍ଚ ବଦନାମ ତ କେଉଁଠି ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ ହେଲେଣି। ଆଉ କେଉଁଠି ସରପଞ୍ଚଙ୍କ ନାମରେ ମାମଲା ରୁଜୁ ହେଲାଣି। ଏବେ ଆସିଛି ନାହାଳପୁର ପଞ୍ଚାୟତରେ ଭତ୍ତା କେଳେଙ୍କାରୀ ଅଭିଯୋଗ। ଏହି ଘଟଣାର ବିଧି ବଧ ତଦନ୍ତ ପାଇଁ ଏବେ ଉଠିଛି ଦାବି। ଭତ୍ତା ଟଙ୍କା ମୃତ ଲୋକ ନାମରେ ହଡ଼ପ ହୋଇଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ଏବେ ଉଠିଛି ଦାବି। ଉକ୍ତ ପଞ୍ଚାୟତରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଭତ୍ତା ବାଣ୍ଟିବାକୁ ଯାଉଥିବା ଅଧିକାରୀଙ୍କ ମଧ୍ୟ ସନ୍ଦେହ ଘେରକୁ ଆସିଛନ୍ତି। ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତେଜିଛି ଜନ ଅସନ୍ତୋଷ। ଏହି ଘଟଣାର ପ୍ରକୃତ ସତ୍ୟା ସତ୍ୟ ପାଇଁ ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ସତ୍ୟା ସତ୍ୟ ପଦାକୁ ଆସିବ।

# ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ନନ୍ଦଳା ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଗୋପୀନାଥ ଦେବ ଓ ଭାଗବତ ଗାଦି ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଛି। ଚଳିତ ଅପ୍ରେଲ ମାସ ୨୫ତାରିଖ ଠାରୁ ମଇ ମାସ ୨ତାରିଖ ପର୍ଯ୍ୟନ୍ତ ଆଠ ଦିନ ଧରି ଏହି ପ୍ରତିଷ୍ଠା କାର୍ଯ୍ୟ ଚାଲୁ ରହିଛି। ପ୍ରଥମ ଦିନ ଦୀକ୍ଷା ଗ୍ରହଣ ଜଳଯାତ୍ରା ଅଙ୍କୁରା ରୋପଣ ଓ ନାମ ଅଧିବାସ ପରେ ପରଦିନ ଠାରୁ ନାମ ଯଞ୍ଜ ଘୃତ ଯଞ୍ଜ ଓ ଅର୍ଣ୍ଣ ଯଜ୍ଞ ଚାଲିଛି। ଏହି ପ୍ରତିଷ୍ଠା କାର୍ଯ୍ୟରେ ଜିଲ୍ଲା ଓ ଗଞ୍ଜାମ ଜିଲ୍ଲାରୁ ୨୧ଜଣ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଘୃତ ଯଜ୍ଞ ଓ ପ୍ରତିଷ୍ଠା କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ୨୩ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଛନ୍ତି। ଏହି ଆଧ୍ୟାଆତ୍ମିକ ପରିବେଶ ମଧ୍ୟରେ ବ୍ରାହ୍ମଣଙ୍କ ମନ୍ତ୍ର ଧନି ସାଙ୍ଗକୁ ହରେ କୃଷ୍ଣ ହରେ ରାମ ମହାମନ୍ତ୍ରରେ ପରିବେଶ ପ୍ରକମ୍ପିତ ହେଉଛି। ସବୁଠାରୁ ନିଆରା ଆକର୍ଷଣ ଏହି ଭବ୍ୟ ପ୍ରାସାଦ ପ୍ରତିଷ୍ଠା ଉତ୍ସବରେ ପଡୋଶୀ ଜିଲ୍ଲା ଗଞ୍ଜାମ ଜିଲ୍ଲା ପ୍ରୟାଗି ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଗୋପୀନାଥ ଦେବ ବଜ୍ରକୋଟ ଗ୍ରାମର ଶ୍ରୀ ଶ୍ରୀ କୁଞ୍ଜବିହାରି ଦେବ ବ୍ରାହ୍ମଣ ଦେଓ ଦଳେଇ ସାହି ର ଶ୍ରୀ ଶ୍ରୀ ମଦନମୋହନ ଦେବ ରାମଲେଙ୍କା ଗ୍ରାମର ଶ୍ରୀ ଶ୍ରୀ ସ୍ୟାମାସୁନ୍ଦର ଦେବ ବ୍ରାହ୍ମଣ ଦେଓ ଦଳବେହେରା ସାହି ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ପାଇକରାପୁର ଗ୍ରାମର ଶ୍ରୀ ଶ୍ରୀ ବୃନ୍ଦାବାନ ଦେବ ସାମାନ୍ତରାପୁର ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ରାଇ ଦାମୋଦର ଦେବଙ୍କ ଉପସ୍ଥିତରେ ପ୍ରସ୍ତର ନିର୍ମିତ ନବ ପ୍ରାସାଦ ସିଂହାସନ ଆରୋହଣ କରିଥିଲେ। ଏହି ଭକ୍ତି ମୟ ଆଧ୍ୟାତ୍ମିକ ପରିବେଶରେ ମାଲୁଦ ୨୪ମୌଜାର ମାର୍ଫତ ସଂଗ୍ରାମ କେଶରୀ ପଟନାୟକ ବଜ୍ରକୋଟ ୧୫ମୌଜା ମାର୍ଫତ ସାରାଡା ପ୍ରଶାଦ ରାୟତରାୟ ଓ ସମସ୍ତ ଶ୍ରୀଜୀଉଙ୍କ ମାର୍ଫତ ଦାର ନନ୍ଦଳା ଗ୍ରାମର ଆବାଳ ବୃଦ୍ଧବୃଦ୍ଧା ଉପସ୍ଥିତ ହେବା ସହିତ ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି, ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନି, ଘଣ୍ଟ କାହାଳିର ଧ୍ୱନିରେ ସମସ୍ତ ଜୀଉଙ୍କ ମହାମିଳନ ପରେ ଶ୍ରୀ ଶ୍ରୀ ଗୋପୀନାଥ ଦେବ ସିଂହାସନ ଆରୋହଣ କରିଥିଲେ। ପ୍ରତିଦିନ ହଜାର ହଜାର ଲୋକ ଏହି ଭକ୍ତି ମୟ ପରିବେଶରେ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ।

## ଅଚଳ ହାଇମାଷ୍ଟ ଲାଇଟ୍‌କୁ ନେଇ ଜନଅସନ୍ତୋଷ

ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ସହରର ପ୍ରମୁଖ ଛକ ଜାମୁଛକରେ ଦୁଇ ବର୍ଷ ହେଲା ହାଇମାଷ୍ଟ ଲାଇଟ୍ ଜଳୁ ନଥିବା ନେଇ ସ୍ଥାନୀୟ ବାସୀନ୍ଦା ଅଭିଯୋଗ କରିଛନ୍ତି। ଫଳରେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ରାତିରେ ବସକୁ ଅପେକ୍ଷା କରୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସହରର ମୁଖ୍ୟ ଛକ ହୋଇଥିବାରୁ ଯାହାକି ଜାତୀୟ ରାଜପଥ ୫୭ଦେଇ ସମସ୍ତ ଯାନବାହାନ ଚଳାଚଳ କରିଥାଏ। ଏପଟେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ସମସ୍ତ ସରକାରୀ କାର୍ଯ୍ୟାଳୟ ମଧ୍ୟ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଭୁବନେଶ୍ୱର, ଦଶପଲ୍ଲା, ଫୁଲବାଣୀ, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ସମସ୍ତ ଯାତ୍ରୀବାହି ବସ୍‌ରୁ ଯାତ୍ରୀ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ରାତିର ଅନ୍ଧକାର ଦେଖି ଭୟର ବାତାବରଣ ସୃଷ୍ଟି ହେଉଅଛି। ସହରରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବାରୁ ଏହି ଛକର ଆଲୋକୀକରଣ ବ୍ୟବସ୍ଥା ଶୀଘ୍ର କରାଯାଉବୋଲି ବୁଦ୍ଧିଜୀବୀ କହିଛନ୍ତି।

# ସମାପନ ହେଲା ମହାବିଦ୍ୟାଳୟ ସ୍ତରୀୟ ଉଦ୍ଭାବନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ




ଆସିକା, (ଭାସ୍କର ନ୍ୟୁଜ୍ ) : ଭାରତ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହୋଇଥିବା ମହାବିଦ୍ୟାଳୟ ସ୍ତରୀୟ ଉଦ୍ଭାବନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମର ସମାପନ ସମାରୋହ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସଂପାଦିତ ହୋଇଯାଇଛି। ସଂଯୋଜକ ଇଂରାଜୀ ଅଧ୍ୟାପକ ଶୁଭେନ୍ଦୁ କୁମାର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପୂର୍ବକ ମଞ୍ଚାସୀନ କରାଇଥିଲେ। ଅଧ୍ୟକ୍ଷ ସମାରୋହରେ ସ୍ୱାଗତ ଭାଷଣ ଏବଂ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ସନ୍ଦର୍ଭରେ ଅଭିଭାଷଣ ରଖିଥିଲେ। ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ଏହି ଅଭିନବ ପ୍ରୟାସକୁ ସାର୍ଥକ କରିବା ପାଇଁ ଏବଂ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପି.ଏମ୍. ଇଣ୍ଟର୍ଣ୍ଣସୀପ୍' ଯୋଜନାର ବିଭିନ୍ନ କାର୍ଯ୍ୟପନ୍ଥା ତାଲିମରେ ଶାମିଲ ହୋଇ ଦକ୍ଷ କୁଶଳି, ରୋଜଗାରକ୍ଷମ, ଉଦ୍ୟୋକ୍ତା ଏବଂ ଆତ୍ମନିର୍ଭରଶୀଳ ହେବା ପାଇଁ ମଧ୍ୟ ଆହ୍ୱାନ କରିଥିଲେ ଅଧ୍ୟକ୍ଷ। ପ୍ରଶାସନିକ ଅଧିକାରୀ ଡ. ଶଙ୍କର ପ୍ରସାଦ ଅଧିକାରୀ ରୋଜଗାର କରିବା ପାଇଁ ନୂତନ ଉଦ୍ଭାବନର ଅସୁମାରୀ ଧାରଣା ପି.ପି.ଟି. ସ୍ଲାଇଡ୍ ଶୋ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରବର୍ତ୍ତାଇ ଥିଲେ। ନିଜର ଧୀଶକ୍ତି, ବୁଦ୍ଧି ଓ ଜ୍ଞାନର ସଠିକ୍ ଉପଯୋଗରେ ନୂତନ ଉଦ୍ଭାବନକୁ ଆରମ୍ଭ କରିପାରିଲେ ସମାଜରେ ଲବ୍ଧ ପ୍ରତିଷ୍ଠିତ ଉଦ୍ୟୋକ୍ତା ହୋଇ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ ପ୍ରଶାସନିକ ଅଧିକାରୀ। ଶୈକ୍ଷିକ ଅଧିକାରୀ ଡ. ସନ୍ତୋଷ କୁମାର ଚୌଧୁରୀ କୌଣସି କାର୍ଯ୍ୟକୁ ଛୋଟ ନଭାବି ନିଜର ଉଦ୍ଭାବନ ଧାରଣାକୁ କାର୍ଯ୍ୟକ୍ଷେତ୍ରରେ ଉଦ୍‌ଜୀବୀତ କରି ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତରେ ନିଜକୁ ନିୟୋଜିତ କରିବା ପାଇଁ ଯୁବପିଢ଼ିଙ୍କୁ ଆଗ୍ରହ କରିଥିଲେ। ବାଣିଜ୍ୟ ଅଧ୍ୟାପିକା ବନଶ୍ରୀ ମହାନ୍ତି ଶିକ୍ଷାର୍ଥୀ ମାନଙ୍କୁ କେବଳ ଚାକିରି ପଛରେ ନ ପଡ଼ି, ନୂତନ ଉଦ୍ଭାବନର ଅୟମାରମ୍ଭରେ କିପରି ଏକ ଉଦ୍ୟୋଗପତି ହୋଇପାରିବେ ତାହାର ବାଣିଜ୍ୟିକ ଉଦାହରଣ ରଖିଥିଲେ। ଯୁକ୍ତ ତିନି ଦ୍ୱିତୀୟ ବର୍ଷ ପ୍ରାଣୀବିଜ୍ଞାନୀ ସମ୍ମାନର ମେଧାବୀ ଛାତ୍ର ହିମାଂଶୁ ରାୟଜିତ ଜେନା ମଧ୍ୟ ଗ୍ରାମାଞ୍ଚଳର କୃଷି କ୍ଷେତ୍ରରେ ନିଜକୁ କିପରି ନିୟୋଜିତ କରିପାରିବେ ଏବଂ ଉପାର୍ଜନର ପନ୍ଥା ଅବଲମ୍ବନ କରିପାରିବେ, ସେଥିପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆଗେଇ ଆସିଥିଲେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ବୃନ୍ଦ। ଉକ୍ତ ପରିପ୍ରେକ୍ଷୀ ନିମନ୍ତେ ଆୟୋଜିତ ବକ୍ତୃତା, ନିବନ୍ଧ, କ୍ୟାରମ ଏବଂ ଚେଶ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିଙ୍କ କରକମଳରେ ଟ୍ରଫି ଜନିତ ପୁରସ୍କାର ଏବଂ ପ୍ରମାଣପତ୍ର ଦ୍ୱାରା ସମ୍ମାନିତ କରାଯାଇଥିଲା। ସଭା ପ୍ରକୋଷ୍ଠରେ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବାର ନଜିର ରହିଥିଲା। ପରିଶେଷରେ ସଂଯୋଜକ ଯୁବ ଅଧ୍ୟାପକ ଶୁଭେନ୍ଦୁ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ପାର୍କିଂ ରୋକିବାକୁ ଥାନା ଅଧିକାରୀଙ୍କ କଠୋର ଆଭିମୁଖ୍ୟ



ବଡ଼ଚଣା, (ଭାସ୍କର ନ୍ୟୁଜ୍ ) : ତିନୋଟି ଜାତୀୟ ରାଜପଥର ମିଳନ ସ୍ଥଳ ଚଣ୍ଡିଖୋଲ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଓ ବେଆଇନ ପାର୍କିଂ ଯୋଗୁଁ ଯାତାୟତରେ ଅସୁବିଧା ହୋଇଛି। ବିଶେଷ କରି ୧୬ନମ୍ବର ଜାତୀୟ ରାଜପଥର ପୂର୍ବ ପଟ ପ୍ରେସ ଛକ ଠାରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଓ ପଶ୍ଚିମ ପଟ କଟକ ଡୁବୁରୀ ବାଇପାସ୍ ରାସ୍ତା ଠାରୁ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ସର୍ଭିସ ରୋଡର ଉଭୟ ପାର୍ଶ୍ୱରେ ବେଆଇନ୍ ପାର୍କିଂ ଯୋଗୁ ଟ୍ରାଫିକ ଜାମ ରହିବା ସହିତ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ବିଶେଷ କରି ଚଣ୍ଡିଖୋଲ ଟ୍ରାଫିକ ଠାରୁ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ଓ ଗୌତମ ବୁଦ୍ଧ ପ୍ରତିମୂର୍ତ୍ତି ଠାରୁ ହୋଟେଲ ମିଡ୍‌ଇଷ୍ଟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ୍ ଦୁଇ ଚକିଆ ଯାନ ପାର୍କିଂ ଯୋଗୁ ଟ୍ରାଫିକ ଜାମ ରହିବା ସହିତ ଦୁର୍ଘଟଣା ଘଟୁଛି। ଏହି ବେଆଇନ୍ ପାର୍କିଂକୁ ଦୂର କରିବା ପାଇଁ ନୂତନ ଭାବେ ଯୋଗଦେଇଥିବା ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା କଠୋର ଆଭିମୁଖ୍ୟ ଗ୍ରହନ କରିଛନ୍ତି। ଗତକାଲି ଓ ଆଜି ସନ୍ଧ୍ୟାରେ ଚଣ୍ଡିଖୋଲ ଛକରେ ଥାନା ଅଧିକାରୀ ଓ ତାଙ୍କ ସହଯୋଗୀ ମାନେ ବେଆଇନ୍ ପାର୍କିଂ କରିଥିବା ବ୍ୟକ୍ତି ମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଫାଇନ୍ ଆଦାୟ କରିଥିଲେ। ଫଳରେ ଦୁଇଚକିଆ ଗାଡ଼ି ମାଲିକ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଥାନା ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏଥିସହିତ ବିନା ହେଲମେଟରେ ଯାତାୟାତ କରୁଥିବା ବାଇକ ଚାଳକ ମାନଙ୍କୁ ଧରି ବିନା ହେଲମେଣ୍ଟ ପିନ୍ଧି ମଟର ସାଇକେଲ ଚଳାଇଲେ ଦୁର୍ଘଟଣା ରକ୍ଷା ପାଇ ପାରିବେ ବୋଲି ସତର୍କ କରୁଥିବାର ଦେଖାଯାଇ ଥିଲା।



ପରଜଙ୍ଗ (ଭାସ୍କର ନ୍ୟୁଜ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୋ ପୁରୁଣା ଗାଁ ଚଉପାଢ଼ି ପ୍ରାଙ୍ଗଣ ଗୀତା ମହାଯଜ୍ଞ ପାଇଁ ଚଳଚଞ୍ଚଳ ରହିଥିବା ଜଣାପଡ଼ିଛି। ଆଜକୁ ଦୀର୍ଘ ୧୫ ବର୍ଷ ଧରି ଚାଲିଆସୁଥିବା ଗୀତା ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ପରିବେଷଣ ଲାଗି ଶୁକ୍ରବାର ସକାଳ ସମୟରେ ଗ୍ରାମର ଦଳକ ପୋଖରୀରୁ ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ବାହାରିଥିଲେ। ଆଗରେ ବାଜା, ଘଣ୍ଟ ବାଦ୍ୟ, ନାମ ସଙ୍କୀର୍ତ୍ତନ, ହରିବୋଲ ହୁଳହୁଳିରେ ଗ୍ରାମର ଓଁ ଶ୍ରୀ ଶ୍ରୀ ପରମେଶ୍ୱର ମହାପ୍ରଭୁଙ୍କୁ ବିମାନରେ ବସାଇ ଗାଁ ପରିକ୍ରମା କରି ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରିଥିଲେ। ୩ ଦିନ ଧରି ଗୀତା ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା, ହୋମ ଯଜ୍ଞ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ରଖିଛନ୍ତି। କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠାନ ବଳବତ୍ତର ରହିଥିବା ବେଳେ, ୩ ଦିନ ଧରି ଚାଲିବାକୁ ଥିବା ପୂଜା ସ୍ଥଳରେ ଅଭୟ କୁମାର ଭୂତିଆ ଓ ସହଧର୍ମିଣୀ ଶୈଳବାଳା ଭୂତିଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୁରୋଷୋତ୍ତମ ପଣ୍ଡା, ପ୍ରଭାତ ଚାନ୍ଦ ଓ ଅନ୍ୟ ପୂଜକ ପୂଜାର୍ଚ୍ଚନା ଦାୟିତ୍ୱରେ ରହିଛନ୍ତି। ଗ୍ରାମ୍ୟ କମିଟି ସଭାପତି ଦୁର୍ଗା ଚରଣ ଗଡ଼ନାୟକ ଓ ସମ୍ପାଦକ ତଥା କୋଷାଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରୁଥିବା ଭଞ୍ଜ କିଶୋର ସାହୁ ଏବଂ ଅନ୍ୟ ସମସ୍ତ ସଦସ୍ୟ, ଗ୍ରାମବାସୀଙ୍କ ସହଯୋଗରେ ଗୀତା ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି।

### ଶିକ୍ଷା ବିଭାଗ ପାଖରେ ଖବର ନାହିଁ

# ଖରାଛୁଟି ପୂର୍ବରୁ ଅଧିକାଂଶ ସ୍କୁଲରେ ଶିକ୍ଷକ ଅନୁପସ୍ଥିତ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଖରା ଛୁଟି ହୋଇନି। କେବଳ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ସରକାର କିଛିଦିନ ପାଇଁ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ଶିକ୍ଷକଙ୍କୁ ଅନ୍‌ଲାଇନ୍‌ରେ ଶିକ୍ଷାଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଥଚ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଗାଁକୁ ଚାଲିଗଲେଣି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କିଛି ବିଦ୍ୟାଳୟକୁ ଛାଡିଦେଲେ ଅଧିକାଂଶ ସ୍କୁଲରେ ଝୁଲୁଛି ତାଲା। ସବୁଠୁ ବଡ଼ କଥା ହେଲା, ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଅଧିକାରୀ କିମ୍ବା ସାଧନ ସଂଯୋଜକଙ୍କ ପାଖରେ କୌଣସି ସୂଚନା ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅସ୍ତରଙ୍ଗ ବ୍ଲକର ଅଧିକାଂଶ ବିଦ୍ୟାଳୟରେ କିଛିବର୍ଷ ହେବ ନୂଆକରି ବାହାର ଜିଲ୍ଲାର ଶିକ୍ଷକ, ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଖରା ଛୁଟି ଘୋଷଣା ଆଗରୁ ସେମାନେ ଛୁଟି କଟାଇବା ଲାଗି ଆଗୁଆ ଗାଁକୁ ଚାଲିଯାଇଛନ୍ତି। ଯାହାଫଳରେ ସେସବୁ ସ୍କୁଲ ବନ୍ଦ ନଚେତ ସ୍ଥାନୀୟ ଶିକ୍ଷକ କିଛି ସମୟ ପାଇଁ ବିଦ୍ୟାଳୟ ଖୋଲି ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଉପସ୍ଥାନ ପକାଉଛନ୍ତି। ଅନ୍‌ଲାଇନ୍‌ରେ ବି ଶିକ୍ଷାଦାନ କରାଯାଉନି। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବଥିବାରୁ ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ବାହାର ଜିଲ୍ଲାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଯାହାଫଳରେ ଏ ପରିସ୍ଥିତି ସୃଷ୍ଟି ହୋଇଛି। ଶିକ୍ଷକଙ୍କ ଆନ୍ତରିକତା ଅଭାବରୁ ଏବେ ପିଲାଙ୍କ ଭବିଷ୍ୟତ ଅନ୍ଧାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଛୁଟି ଆଗରୁ ଶିକ୍ଷକ ଶିକ୍ଷୟିତ୍ରୀ ଗାଁକୁ ଚାଲି ଯାଇଥିବା ସମ୍ପର୍କରେ ଶିକ୍ଷା ବିଭାଗ ପାଖରେ ଖବର ନାହିଁ। ସରକାରଙ୍କ ନିର୍ଦ୍ଦେଶକୁ ଖୋଲା ଉଲ୍ଲଙ୍ଘନ କରିଥିବା ଏବଂ କାର୍ଯ୍ୟରେ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ସମାଜସେବୀ ଦିଗଦର୍ଶନ ସ୍ୱାଇଁ କହିଛନ୍ତି ଜିଲ୍ଲା ବାହାର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଯୁକ୍ତି ଭୁଲ୍ ପଦକ୍ଷେପ। ସେମାନେ କେବଳ ନିଯୁକ୍ତି ପାଇଁ ଏଠାକୁ ଆସିଛନ୍ତି। ଟିକିଏ ସୁଯୋଗ ମିଳିଲେ ଦାୟିତ୍ୱ ନତୁଲାଇ ନିଜ ନିଜ ଗାଁକୁ ଚାଲିଯାଉଛନ୍ତି, ଏହାସହ ବାହାର ଜିଲ୍ଲା ଶିକ୍ଷକ କେବଳ ନୁହନ୍ତି ସ୍ଥାନୀୟ ଅଞ୍ଚଳ ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟ ଯାଉନାହାନ୍ତି। ଏଭଳି ଦାୟିତ୍ୱହୀନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରି। ଏ ସମ୍ପର୍କରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ସବୁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସମସ୍ତେ ଛୁଟି ଘୋଷଣା ନହେବା ପୂର୍ବରୁ ବିଦ୍ୟାଳୟ ଛାଡି ପାରିବେ ନାହିଁ।

# ଜାତିଭିତ୍ତିକ ଜନଗଣନାକୁ କଂଗ୍ରେସର ସ୍ୱାଗତ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଦୀର୍ଘ ୯୪ବର୍ଷ ପରେ ଦେଶରେ ପ୍ରଥମ ଥର ପାଇଁ ଜାତିଭିତ୍ତିକ ଜନଗଣନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗତ ବୁଧବାର ଅନୁଷ୍ଠିତ ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ନିଷ୍ପତି ନିଆଯାଇଛି। ଏହି ନିଷ୍ପତ୍ତିକୁ ଭାରତୀୟ ଜାତୀୟ କଂଗ୍ରେସ ସ୍ୱାଗତ କରିଛି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଲୋକସଭାରେ ଏ ବିଷୟରେ ବାରମ୍ବାର ଦାବି କରି ଆସିଛନ୍ତି। ଜାତିଭିତ୍ତିକ ଜନଗଣନା ହେଲେ ସମାଜରେ ଆର୍ଥିକ, ସାମାଜିକ, ରାଜନୈତିକ, କ୍ଷେତ୍ରରେ ପଛୁଆ ଥିବା ଲୋକମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ। ସେହିପରି ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡଗେ ରାଜ୍ୟ ସଭାରେ ବାରମ୍ବାର ଦାବି ଉପସ୍ଥାପନ କରି ଆସୁଥିଲେ। କେନ୍ଦ୍ର ସରକାର ବାଧ ହୋଇ ଜାତିଭିତ୍ତିକ ଗଣନା ପାଇଁ ନିଷ୍ପତି ନେଇଛନ୍ତି। ଏଥିପାଇଁ ଯାଜପୁର ଜିଲ୍ଲାର ପ୍ରତିଷ୍ଠିତ ଦଳିତ ନେତା ମାଗୁଣି ଚରଣ ଜେନା ନାରଣ ମଲ୍ଲିକ, ରଞ୍ଜନ ଜେନା, ରାହାସ ବିହାରି ଜେନା ଶ୍ୟାମସୁନ୍ଦର ଯେନକ୍ଷ, ବିଦ୍ୟାଧର ଜେନା, ଧରିତ୍ରୀ ଯେନକ୍ଷ, ଦୀନବନ୍ଧୁ ଦାସ, ପଦ୍ମ ଲୋଚନ ବେହେରା ଗୟାଧର ମଲ୍ଲିକ, ଅନନ୍ତ ବେହେରା ଶରତ କୁମାର ଜେନା ପ୍ରମୁଖ ରାହୁଲ ଗାନ୍ଧୀ ଓ ମଲ୍ଲିକାଅର୍ଜୁନ ଖଡଗେଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରହ୍ମପୁରାରେ ଭାଗବତ ସଂକୀର୍ତ୍ତନ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ଅକ୍ଷୟ ତୃତୀୟା ଦିନ ଠାରୁ ବାର୍ଷିକ ସଂକୀର୍ତ୍ତନ ମେଳା ଆୟୋଜିତ ହୋଇଛି। ପ୍ରଥମ ଦିବସରେ ଅଧିବାସ, ପୂଜାର୍ଚ୍ଚନା ଏବଂ ହୋମ ଅନୁଷ୍ଠିତ ହୋଇଯାଇଛି। ତା'ପରଦିନ ସଂକୀର୍ତ୍ତନ ମହୋତ୍ସବ ଓ ନଗର କୀର୍ତ୍ତନ ଓ ପ୍ରସାଦ ସେବନର ଆୟୋଜନ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଏହି ମେଳାରେ ଯୋଗଦାନ କରି ବିଭୁ କୃପା ଲାଭ କରିଥିଲେ। ସଂକୀର୍ତ୍ତନ ଗାୟକ ରୂପେ ଠଣାପଲ୍ଲୀ ଗ୍ରାମର ବିଶ୍ୱନାଥ ପ୍ରଧାନ, ମର୍ଦ୍ଦାବାଡିର କୃଷ୍ଣ ମୋହନ କହଲସିଂହ, ପଞ୍ଚୁକୋଟର ପବିତ୍ର ମହାରଣା, ବୋଲଗଡ଼ର ରବିନ୍ଦ୍ରନାଥ ସାମନ୍ତରାୟ, ନନ୍ଦପଲ୍ଲୀର ରଘୁନାଥ ବେହେରା ଯୋଗଦାନ କରି ସଂକୀର୍ତ୍ତନ ଗାନ କରିଥିଲେ। ବୋଲଗଡ଼ର ଶିଶୁ ସଂକୀର୍ତ୍ତନ ଗାୟିକା ଓ ଶିଶୁ ବାଦକଙ୍କ ଗାୟନ ଓ ବାୟନ ବହୁତ ଚିତ୍ତାକର୍ଷକ ଥିଲା। ବ୍ରହ୍ମପୁରା, ଶ୍ୟାମସୁନ୍ଦର ପୁର, ପଞ୍ଚୁକୋଟ ଓ ବୋଲଗଡ଼ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିମାନେ ସହଯୋଗ କରି ପରିଚାଳନା କରିଥିଲେ।

# ଚଣ୍ଡିଖୋଲ କୋର୍ଟରେ ଶ୍ରମିକ ଦିବସ ପାଳିତ



ଚଣ୍ଡିଖୋଲ/ବଡ଼ଚଣା (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଅଧ୍ୟକ୍ଷ ତଥା ସବଜଜ୍ ବିଶ୍ୱଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା ସଭାରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଣନାୟକ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ଓ ସ୍ମୃତି ଅଭିଳାଷା, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସମ୍ପାଦକ ପ୍ରକାଶ କୁମାର ଦାଶ, ସରକାରୀ ଓକିଲ ଦେବରାଜ ବେହେରା ପ୍ରମୁଖ ଯୋଗ ଦେଇ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ, ଅଣସଙ୍ଗଠିତ ଶ୍ରମିକମାନଙ୍କ ସମସ୍ୟା ଓ ସେମାନଙ୍କ ସର୍ବନିମ୍ନ ମଜୁରୀ ଆଇନ, ଶିଳ୍ପ ସମ୍ବନ୍ଧୀୟ ବିବାଦ ଆଇନ, କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଆଇନ, କାରଖାନା ଆଇନ ଏବଂ ତତ୍‌ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ପ୍ରଣିତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରିଟେନର ଜାଗୃତି ବାରିକ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ

ଭଦ୍ରକ (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ - ୨୦୨୫ ଓଡିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନରେ ଟାଉନହଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ଦିଲିପ ରାଉତରାଏ, ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା,ଜିଲ୍ଲା ଶ୍ରମ ଅଧିକାରି ଦୀପ୍ତି ରଞ୍ଜନ ସାହୁ, ସହକାରୀ ଶ୍ରମ ଅଧିକାରୀ ପ୍ରତ୍ୟୁଷ କୁମାର ବେହେରା, ରତ୍ନାକର ମଲ୍ଲିକ ଓ ଲୋକନାଥ ଦାସ ଯୋଗଦେଇ କହିଥିଲେ, ଶ୍ରମିକମାନେ ହେଉଛନ୍ତି ଦେଶ ଜାତିର ଗର୍ବ ଓ ଗୌରବ କହିଥିବାବେଳେ ଇ-ଶ୍ରମକାର୍ଡ, ସର୍ବନିମ୍ନ ମଜୁରି, ଶ୍ରମିକ ସୁରକ୍ଷା ଆଇନ୍ ଆଦି ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲ୍ଲାର ୬୯୮ଜଣ ଶ୍ରମିକଙ୍କୁ ୧ କୋଟି ୩୭ ଲକ୍ଷ ଉର୍ଦ୍ଧ୍ୱ ଟଙ୍କା ସହାୟତା ରାଶି ଏବଂ ଶ୍ରମକାର୍ଡ ପ୍ରଦାନ କରି ରାଜ୍ୟ ଏବଂ କେନ୍ଦ୍ର ସରକାର ଶ୍ରମିକମାନଙ୍କ ପାଇଁ ବହୁ ଯୋଜନା ହାତକୁ ନେଇ କାର୍ଯ୍ୟ କରିବା ସହ ସେମାନଙ୍କ ସାମାଜିକ, ସ୍ୱାସ୍ଥ୍ୟ, ଆର୍ଥିକ ଦିଗରେ ଅଗ୍ରଗତି ହେବା ଉପରେ ଗୁରୁତ୍ୱ ଦେଇଛନ୍ତି। ୨୦୩୬ ଏବଂ ୨୦୪୭ ରେ ରାଜ୍ୟ ଓ କେନ୍ଦ୍ର ଯେପରି ବିକଶିତ ରାଷ୍ଟ୍ରରେ ପହଞ୍ଚି ପାରିବ ସେଥି ପାଇଁ ସମସ୍ତେ ସଂକଳ୍ପ ନେବାକୁ ହେବ ବୋଲି ଅତିଥି ମାନେ କହିଥିଲେ।

# ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ 'ଶ୍ରମିକ ଦିବସ'

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ଛତ୍ରପୁର ସ୍ଥିତ ରିଡିଙ୍ଗ ରୁମ୍ ପରିସରରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାରେ ଥିବା ଗୋପାଳପୁର ପୋର୍ଟ ଓ ଟାଟା କମ୍ପାନୀର ଫେରୋକ୍ରୋମ ପ୍ଲାଣ୍ଟରେ ସ୍ଥାନୀୟ ଲୋକ ଓ ଜମି ହରାଇଥିବାଙ୍କୁ ନିଯୁକ୍ତି ମିଳୁନି। ଏଥିସହ ଟାଇଟାନିୟମ ପ୍ଲାଣ୍ଟ ୬ ମାସ ହେଲା ସମ୍ପୂର୍ଣ୍ଣ ବନ୍ଦ ଅଛି। ଏହି ବନ୍ଦ ସମୟରେ ଏଠାରେ ନିଯୁକ୍ତି ପାଇଥିବା ଶ୍ରମିକମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସରାଫ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଭାବେ ଘୋଷଣା କରିଥିଲେ ମଧ୍ୟ ତାହା ପ୍ରଦାନ କରାଯାଇନି। ଏନେଇ ଆନ୍ଦୋଳନ କରିବ ବୋଲି ସାମ୍ମୁଖ୍ୟର ଜିଲ୍ଲା ଉପସଭାପତି ଶଙ୍କର ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ ଜିଲ୍ଲା ଉପସଭାପତି ଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଅଶୋକ ଚୌଧୁରୀ, ଜିଲ୍ଲା ବିଜେଡି ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡି ନେତା ଭୃଗୁ ବକ୍ସିପାତ୍ର, ପ୍ରଶାନ୍ତ କର, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ନାରାୟଣ ଜେନା, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଜିଲ୍ଲା ଯୁବ ବିଜେଡି ସଭାପତି ଭବାନି ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ପିଙ୍କୁ ପଣ୍ଡା, ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ, ପୂର୍ବତନ ଜିଲ୍ଲାପାରିଷଦ ସଭ୍ୟ ମୁନା ଦାସ ପ୍ରମୁଖ ଉପସ୍ଥିତ ହୋଇ ଶ୍ରମିକ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନରେ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ଟାଟା ପ୍ରକଳ୍ପ, ଆଇଆରଇଏଲ, ଜୟଶ୍ରୀ କେମିକାଲ୍ସ, ଟାଇଟାନିୟମ, ଗୋପାଳପୁର ପୋର୍ଟର ଶ୍ରମିକମାନେ ଯୋଗ ଦେଇଥିଲେ।

# ଘରୁ ଡାକିନେଇ ଯୁବକକୁ ଛୁରୀ ଭୁସି ବିଭତ୍ସ ହତ୍ୟା

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜ ପଞ୍ଚାୟତ ମଙ୍ଗରାଜପୁର ଗ୍ରାମରେ ବିଭତ୍ସ ହତ୍ୟା। ଘରୁ ଡାକିନେଇ ଗାଁ ପଡିଆରେ ମାରଣାସ୍ତ୍ରରେ ବିଭତ୍ସ ଭାବେ ହତ୍ୟା କଲେ ଦୁର୍ବୃତ୍ତ। ସୂଚନା ମୁତାବକ କୁଜଙ୍ଗ ଥାନା ମଙ୍ଗରାଜପୁର ଗ୍ରାମର ରମାକାନ୍ତ ବେହେରା ଜଣେ ଦିନ ମଜୁରିଆ ଭାବେ ସେ ରୋଷେଇ କରି ପରିବାର ପ୍ରତିପୋଷଣ କରନ୍ତି। ଗତକାଲି ସନ୍ଧ୍ୟାରେ



ରମାକାନ୍ତ ଓ ତାଙ୍କ ସାଙ୍ଗମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ମାତ୍ର ସେହି ବଚସାକୁ କେନ୍ଦ୍ରକରି ସାଙ୍ଗମାନେ ବିଳମ୍ବିତ ରାତିରେ ରମାକାନ୍ତକୁ ଶୋଇଥିବା ଅବସ୍ଥାରେ ଘରୁ ଡାକିନେଇ ଗାଁ ବାଙ୍କମୁଣ୍ଡ ପୋଲ ନିକଟରେ ହତ୍ୟା କରି ଗାଁ ବିଣାପାଣୀ କ୍ଲବ ଚଉଁରା ନିକଟରେ ପକାଇ ଦେଇଥିଲେ। ଖବର ପାଇ କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ତାଙ୍କୁ କୁଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଥିବା ବେଳେ ମୁଖ୍ୟ ଆସାମୀ ଫେରାର ହୋଇଯାଇଥିବା ଜଣାପଡିଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ସଂପୃକ୍ତ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇବା ସହିତ ଅନ୍ୟ କେଉଁ ମାନେ ସଂପୃକ୍ତ ଅଛନ୍ତି ଏହାକୁ ନେଇ ଅଧିକ ଛାନଭିନ୍ ଚଳାଇଛି ବୋଲି ଏସଡିପିଓ ଚିନ୍ମୟ ରାଉତ୍ ପ୍ରକାଶ କରିଛନ୍ତି।

## ଗଡ଼ିଶାଗୋଦାରେ ଯୋଗଦେଲେ ନୂତନ ଥାନାଧିକାରୀ

କଣାସ (ଭାସ୍କର ନ୍ୟୁଜ୍) : ପୁରୀଜଲ୍ଲା କଣାସ ବ୍ଲକ ଗଡ଼ିଶାଗୋଦା ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ପୁରୀ ଜିଲ୍ଲା ଆରକ୍ଷୀ



ଅଧୀକ୍ଷକଙ୍କ କାର୍ଯ୍ୟାଳୟଙ୍କୁ ବଦଳି କରାଯାଇଥିବାବେଳେ ରିଜର୍ଭ ଅଫିସରେ ଥିବା ଇନସ୍ପେକ୍ଟର ସୁଧିର କୁମାର ଦାସଙ୍କୁ ଗଡିଶାଗୋଦା ଥାନାକୁ ବଦଳି ହୋଇଥିବାରୁ ଆଜି ଶ୍ରୀ ଦାସ ଗଡ଼ିଶାଗୋଦା ଥାନାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଦାସ କାର୍ଯ୍ୟଭାର ଗ୍ରହଣ କରିବା ପରେ ସମସ୍ତଙ୍କ ପାଇଁ ଥାନା ଦ୍ୱାର ଉନ୍ମୁକ୍ତ ଏବଂ ଗରିବ ଓ ନିଃସହାୟ ଲୋକମାନେ କିପରି ସଠିକ ନ୍ୟାୟ ପାଇବେ ସେ ସେଥିପ୍ରତି ଦୃଷ୍ଟିଦେବେ ବୋଲି କହିଛନ୍ତି।

# ତ୍ରିକୋଣୀୟ ପ୍ରେମ ନେଲା ଯୁବକଙ୍କ ଜୀବନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସାତ ଜନମକୁ ସାଥି ହେବାକୁ କଥା ଦେଇଥିଲେ, ହେଲେ ଏଇ ଜନମରେ ବି ଏକାଠି ହୋଇପାରିଲେ ନାହିଁ। ସହି ପାରିଲେନି ପ୍ରେମିକାର ଧୋକା। ବର୍ଷକର ରିଲେସନ ରାତିକ ଭିତରେ ଦି'ଏଣ୍ଡ। ତ୍ରିକୋଣୀୟ ପ୍ରେମରୁ ଜୀବନ ହାରିଦେଲେ ଯୁବକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ଗ୍ରାମର ବାପି ନାୟକ, ବୟସ ୨୫ବର୍ଷ। ହଠାତ୍ ଗୁରୁବାର ପ୍ରତ୍ୟୁଷରୁ ନିଜ ଘରୁ ମିଳିଥିଲା ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ। ପୁଅର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରିନଥିଲେ ମା'। ଭଉଣୀ ବି ଭାଇର ମୃତ୍ୟୁଖବର ଶୁଣି ଦୁଃଖରେ ଭାଙ୍ଗି ପଡିଛି। ସ୍ଥାନୀୟ ଅଞ୍ଚଳରେ ଯୁବକଙ୍କ ମୃତ୍ୟୁ ପାଇଁ ଶୋକର ଛାୟା ଖେଳି ଯାଇଥିଲା। ବାପିଙ୍କ ମୃତ୍ୟୁ ପାଇଁ ପ୍ରେମିକାକୁ ଦାୟି କରିଛନ୍ତି ପରିବାର। ଜଣେ ଯୁବତୀଙ୍କ ସହ ବର୍ଷକ ତଳୁ ବାପିଙ୍କ ପ୍ରେମ ସମ୍ପର୍କ ଥିଲା। ଦୁହେଁ ଦୁହିଁଙ୍କୁ କିଛିଦିନ ପରେ ରୀତିନୀତି ଅନୁଯାୟୀ ବିବାହ ମଧ୍ୟ କରିଥାନ୍ତା। କିନ୍ତୁ ଠିକ୍ ସମୟରେ ଏଣ୍ଟ୍ରି ମାରିଲା ଥାର୍ଡ଼



ପର୍ସନ। ଯେଉଁଥି ପାଇଁ ପୁରୁଣା ପ୍ରେମକୁ ପ୍ରତ୍ୟାଖାନ କରିଥିଲା ବାପିଙ୍କ ଗେଲେହି ପ୍ରେମିକା। ଆଉ କହିଥିଲା ପ୍ରେମ ପ୍ରତ୍ୟାଖାନ କରିବାକୁ ସାଜିଥିଲା ମିଥ୍ୟା ବାହାନା, ଯଦି ସରକାରୀ ଚାକିରୀ ବାପି ତୁମେ କରିବନି ତେବେ ତୁମକୁ ମୁଁ ବିବାହ କରିବିନି। ଏଭଳି କଥାରେ ଭାଙ୍ଗି ପଡିଥିବା ବାପି ଶେଷ ଥର ପାଇଁ ପ୍ରତାରଣା ପ୍ରେମିକା ସହ ଦେଖା ହୋଇଛି କି ନାହିଁ ସ୍ପଷ୍ଟ ହୋଇନଥିବା ବେଳେ ମାନସିକ ସ୍ଥିତି ଦୁର୍ବଳ ହୋଇଥିବାରୁ ବୁଧବାର ବିଳମ୍ବିତ ରାତିରେ ସବୁଦିନ ପାଇଁ ଆଖି ବୁଜି ଦେଇଛି ପ୍ରେମିକ ବାପି ନାୟକ। ଗୁରୁବାର ସକାଳୁ ସକାଳୁ ପରିବାର ଲୋକେଘର ଭିତରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ ବାପିଙ୍କୁ। ଖବର ପାଇ ଅସ୍ତରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଥାନାଧିକାରୀ ରାଜେଶ ବଳିୟାର ସିଂ, ଏଏସଆଇ ପ୍ରଶାନ୍ତ ବିଶ୍ୱାଳ ମୃତକଙ୍କ ବେକରେ ଥିବା ଚିହ୍ନ ଯାଞ୍ଚ କରିବା ସହ ପରିବାର ତରଫରୁ ବାପିଙ୍କ ଭିଣୋଇ ଶିବ ପ୍ରସାଦ ଦାସଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଅପମୃତ୍ୟୁ ମାମଲା ୬/୨୫ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚାଲିଛକ ପଠାଇ ଥିଲେ। ପ୍ରେମରେ ପ୍ରତାରଣା ହେଉ କି ଅନ୍ୟ କୌଣସି କାରଣ ପାଇଁ, ପାଣି ଫୋଟକା ଭଳି ଚାଲିଯାଉଛି ଜୀବନ। ଜୀବନର ମୂଲ୍ୟକୁ ସଠିକ ଭାବେ ବୁଝି ପାରୁନାହାନ୍ତି ଯୁବପିଢ଼ି। ଘଟଣାସ୍ଥଳରେ ଅସ୍ତରଙ୍ଗ ଥାନା ପୁଲିସ ଘଟଣାକୁ ଗୁରୁତ୍ୱ ସହ ନେଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଉକ୍ତ ଯୁବତୀଙ୍କୁ ଆବଶ୍ୟକ ସ୍ଥଳେ ତଦନ୍ତ ପରିସର ଭୁକ୍ତ କରାଯିବ ପାଇଁ ଦାବି ହେଉଥିବା ବେଳେ ପୁଲିସ ତଦନ୍ତ ଜାରୀ ରଖିଛି।

### ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

# 'ଶ୍ରମିକଙ୍କୁ ଉଚିତ ପାରିଶ୍ରମିକ ମିଳୁ'

ବାଲିମେଳା (ଭାସ୍କର ନ୍ୟୁଜ୍) : ବାଲିମେଳାସ୍ଥିତ ବାଲିମେଳା ପାୱାର ପ୍ରୋଜେକ୍ଟ କର୍ମଚାରୀ ୟୁନିଅନ, ଓଏଚ୍‌ପିସି କର୍ମଚାରୀ ୟୁନିଅନ, ଜିଲ୍ଲା ଆଦିବାସୀ ସଂଘ, ଡ୍ରାଇରର ମହାସଂଘ, ରାଜମିସ୍ତ୍ରୀ ସଂଘ, ପାୱାର ହାଉସ ଠିକା କର୍ମଚାରୀ ସଂଘ, ଓଏସଇବି କର୍ମଚାରୀ ୟୁନିଅନ, ଚିତ୍ରକୋଣ୍ଡା ମାଟିବନ୍ଧ କର୍ମଚାରୀ ସଂଘ ଓ ସିକ୍ୟୁରିଟି କର୍ମଚାରୀ ସଂଘ ପକ୍ଷରୁ ମିଳିତ ଭାବେ ଶ୍ରମିକ ଦିବସ ପାଳିତ ହୋଇଯାଇଛି ! ସକାଳେ ସମସ୍ତେ ନିଜର ସଂଘ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ସ୍ଥାନୀୟ ୧ ନଂ ୱାର୍ଡର ମୁଖ୍ୟ ଫାଟକ ଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ ଦେଇ ସହର ପରିକ୍ରମା କରି ଡ୍ରଗଲାଇନ ସ୍ଥିତ ବାଲିମେଳା ପାୱାର ପ୍ରୋଜେକ୍ସ ଏମ୍ପ୍ଲୁଲଜ ୟୁନିଅନ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ସମସ୍ତ ସଂଘକୁ ନେଇ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବାଲିମେଳା ପାୱାର ପ୍ରୋଜେକ୍ସ ୟୁନିଅନର ସଭାପତି ପ୍ରବୀର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସମ୍ମାନିତ ଅତିଥି ଖବର କାଗଜ ସମ୍ପାଦକ ରବି ନାରାୟଣ ପ୍ରଧାନ,ବରିଷ୍ଠ ସାମ୍ବାଦିକ ଦେବ ପ୍ରସାଦ ଦାସ, ମାଲକାନଗିରି ଜିଲ୍ଲା ଆଦିବାସୀ ସଂଘ ସଭାପତି ବାଲରାଜୁ ଗେମେଲ, ରାଜ୍ୟ ଏଆଇୟୁଟିସିର ସାଧାରଣ ସମ୍ପାଦକ ଜୟସେନ ମେହେର, କୋରାପୁଟ ଡିଭିଜନ ସମ୍ପାଦକ କାନହୁ ଚରଣ ବିଶ୍ୱାଳ, ବିଜୟ ସାହୁ ଜଳ ବନ୍ଧ ସଂଘ ସଭାପତି ବିଦେଶୀ ଗୌଡ଼, ସମ୍ପାଦକ ଜି. ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରମିକଙ୍କୁ ଉଚିତ ପାରିଶ୍ରମିକ ପ୍ରଦାନ, ଦରଦାମ ବୃଦ୍ଧି, ମୃତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ପେନ୍‌ସନ୍‌ରେ ଅନ୍ତର୍ଭୁକ୍ତ କରିବା ଆଦି ପ୍ରମୁଖ ଦାବି ଉପସ୍ଥାନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଶ୍ରମିକ ଉପସ୍ଥିତ ଥିବାବେଳେ ଶାରିଶୃଙ୍ଖଳା ପାଇଁ ପାନୀୟ ପୁଲିସ ସମସ୍ତ ବ୍ୟବସ୍ଥା କରିଥିଲେ।


# ଗାଁ ସାଥି ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପାଳିଲା ଶ୍ରମିକ ଦିବସ





କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗାଁ ସାଥି ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, କେନ୍ଦୁଝର ତରଫରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ନଗରଭବନ ଠାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆବାହକ ମନୋଜ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାୟକ ଯୋଗଦେଇ ଦେଶର ବିକାଶରେ ଶ୍ରମଦାତାମାନଙ୍କର ତୁଳନା ନାହିଁ ବୋଲି କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା କିଭଳି ସୁଦୂରପ୍ରସାରୀ ହୋଇପାରିବ ସେ ଦିଗରେ ଶ୍ରୀ ନାଏକ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରମିକ ନେତା ତଥା ଆଇନଜୀବୀ ଯତୀନ୍ଦ୍ର କୁମାର ବେହେରା ଯୋଗଦେଇ ଶ୍ରମ ବିଭାଗ ଦ୍ୱାରା ଶ୍ରମିକମାନଙ୍କ ପାଇଁ ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାର ରୂପରେଖ ଅବଗତ କରାଇବା ସହ ନିର୍ମାଣ ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କ ପଞ୍ଜୀକରଣ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ା ଫକୀର ମୋହନ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ, କେନ୍ଦୁଝର ଜିଲ୍ଲା ସରପଂଚ ସଂଘ ସଭାପତି ଭାଗିରଥି ସିଂ, ଗାଁ ସାଥି ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଯୋଗଦେଇ ଆନ୍ତର୍ଜାତୀୟ ଶ୍ରମ ଦିବସର ମହାତ୍ମ୍ୟ ଏବଂ ଶ୍ରମିକ ଭାଇଭଉଣୀଙ୍କ ପାଇଁ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ ଭାଇଭଉଣୀଙ୍କ ନିମନ୍ତେ ଗ୍ରହଣ କରୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ ତଥା ସର୍ବାଧିକ ଶ୍ରମିକମାନଙ୍କୁ ୧୦୦ ଦିନର କାମ ଯୋଗାଇଥିବା ୯ଜଣ ସରପଞ୍ଚ, ୨ଜଣ ହିସାବ ରକ୍ଷକ ତଥା ତଥ୍ୟ ପ୍ରବେଶକ ଓ ୬ଜଣ ଗାଁ ସାଥୀମେଟଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘର ସୁଧୀର ମହାନ୍ତ, ପୁରନ୍ଦର ମହାନ୍ତ, ମୋହନ ମହାନ୍ତ, ବିଜୟ ମୁଦି, ରମେଶ ମହାନ୍ତ, ଜଗବନ୍ଧୁ ସର୍ଦ୍ଦାର,ବାବୁଲା ନାଏକ, ମାଟୁରାମ ମୁଣ୍ଡା, ଆର୍ତ୍ତତ୍ରାଣ ମହାନ୍ତ, ଦାଶରଥି ନାଏକ, ତ୍ରିଲୋଚନ ମହାନ୍ତ, ଖଗେଶ୍ୱର ନାଏକ, ଦିଲ୍ଲୀପ କୁମାର ନାଏକ, ସୁମିତ୍ରା ଗିରି, ରଞ୍ଜିତା ନାଏକ, ଶୁଶିଳା ନାଏକ ପରିଚାଳନା ଓ ପ୍ରଶ୍ନ କୁମାର ନାଏକ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।

## ରାଶିଫଳ


ଶନିବାର, ୦୩ ମଇ ୨୦୨୫



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମପୂରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ।




**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ। ପ୍ରତିଦ୍ୱନ୍ଦ୍ୱିତା ହେବ। ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ।



**ମିଥୁନ:** ବୈଦ୍ଧିକ କାର୍ଯ୍ୟ ସଫଳ ହେବ। ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର।



**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବ୍ୟସ୍ତ ହୁଅ ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ। ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ।




**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ଲାଭ ସୁଯୋଗ ଆସିବ। ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ। ଜିନିଷଗୁଡିକ ସହଜ ରଖନ୍ତୁ।



**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ। ବିନିଯୋଗ ଭଲ ହେବ। ପ୍ରଲୋଭିତ ହୁଅ ନାହିଁ।



**ବିଛା:** ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ। ବ୍ୟବସାୟ ହ୍ରାସ ପାଇବ। ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ତୁମେ କ୍ଲାନ୍ତ ଅନୁଭବ କରିବ। ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ। ଚିନ୍ତା ଏବଂ ଟେନସନ ହେବ।



**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।




**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ପୁରୁଣା ରୋଗ ଅବରୋଧର କାରଣ ହେବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଉମରକୋଟ(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ପୁଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।ଉମରକୋଟ ରକ୍ତ ଭଣ୍ଡାରରେ ରକ୍ତର ଆବଶ୍ୟକତା କୁ ଦୃଷ୍ଟିରେ ରଖି ଉମରକୋଟ ରକ୍ତ ଭଣ୍ଡାର ଅଧିକାରୀ ଡକ୍ଟର ସବ୍ୟସାଚୀ ଦାଶ ଓ ଟିମର ସହଯୋଗରେ ଏହି ରକ୍ତଦାନ ଶିବିରରେ ୧୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ସିଡିଏମଓ ଡ଼ଃ ସନ୍ତୋଷ କୁମାର ପଣ୍ଡା , ସମ୍ମାନିତ ଅତିଥି ଭାବେ ଭାମିନୀ ସରପଞ୍ଚ ମାଳତୀ ମାଝୀ, ସମିତି ସଭ୍ୟା ଚମ୍ପାବତୀ ମାଝୀ, ମେଡିକାଲ ଅଫିସର ଡକ୍ଟର ପତିତପାବନ ଦ୍ୱିବେଦୀ, ବିପିଏଲ ଜଗନ୍ନାଥ ମିଶ୍ର ,ଡକ୍ଟର ବିଭାସ ସୁବୁଦ୍ଧି, ଡ଼କ୍ଟର.ଗୁପ୍ତେଶ୍ୱର ଖେମୁଣ୍ଡୁ ,ଲୋକେଶ କଲାର ଓ ପୂଜାରୀ ଗୁଡାର ସମସ୍ତ ସୁପରଭାଇଜର, ସ୍ୱାସ୍ଥ୍ୟକର୍ମୀ ପୁରୁଷ ଓ ମହିଳା, ସମସ୍ତ ସିଏଚଓ ଏବଂ ଆଶାକର୍ମୀ ମାନେ ଉପସ୍ଥିତ ରହିଥିଲେ।ରକ୍ତ ଦାନ କରିଥିବା ସମସ୍ତ ରକ୍ତଦାତା ଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।



### ॥ ମନୋଜ ପାତ୍ର ହତ୍ୟା ମାମଲା ॥

# ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଥାନା ଜଗଦୀଶପୁର ଛକ ନିକଟରେ ଘଟିଥିବା ମନୋଜ ପାତ୍ର ହତ୍ୟାକାଣ୍ଡ ମାମଲାର ଦୁଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବୌଦ୍ଧ ପୋଲିସ୍। ଡକାୟତି ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ଯୁବ ବ୍ୟବସାୟୀ ମନୋଜ ପାତ୍ରଙ୍କ ଛାତିରେ ଛୁରା ଭୁଷି ହତ୍ୟା କରିଥିବା ପୋଲିସ୍ ଆଗରେ ସ୍ୱୀକାର କରିଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି । ମୋଟ୍ ତିନିଜଣ ଅଭିଯୁକ୍ତ ମଧ୍ୟରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ୍ ସକ୍ଷମ ହୋଇଥିବାବେଳେ ଅନ୍ୟ ଜଣେ ଫେରାରଥିବା ସୂଚନା ମିଳିଛି। ଗିରଫ ହୋଇ ଆଜି କୋର୍ଟ ଚାଲାଣ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ବୌଦ୍ଧ ସହର ବାପୁଜୀ ନଗରର ୧୯ ବର୍ଷୀୟ ଆଶିଷ ଲୁହା ଓରଫ କୁହୁଲୁ ଓ ବଘିଆପଡା ସାଲି ବାଙ୍କର ୧୮ ବର୍ଷୀୟ ଅଶିନ ଦୀପ ବୋଲି ପୋଲିସ୍ ସୂଚନା ଦେଇଛି । ସେମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ସ୍କୁଟି, ଏକ ଛୁରା ଓ ଏକ ମୋବାଇଲ ଜବତ ହୋଇଛି । ଆଜି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତକୁ ଖୁବ ଶୀଘ୍ର ଧରାଯିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି।

# ସରକାରୀ ଜାଗାରୁ ଗୃହ ଉଚ୍ଛେଦ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଏନଏ ସି ଅନ୍ତର୍ଗତ ୱାର୍ଡ ନଂ ୧୧ ଛୁଟିଗୁଡି ପଡାରେ ପାଞ୍ଚ ଜଣ ବ୍ୟକ୍ତି ପ୍ରମୋଦ ଝା, ରମେଶ ଝା, କୋଦୋ ଶବର, ଟୁନା ଠେଲା ଓ ରାଜୁ ନାଗ ସେହିପରି ୱାର୍ଡ ନଂ ୧୧ ବଜାର ପଡାର ହାରା ପରାଇନ୍ ସରକାରୀ ଜମିକୁ ଅବୈଧ ଅକବ୍ୟା କରି ଘର ନିର୍ମାଣ କରିଥିବାରୁ ଏନଏସି ପକ୍ଷରୁ ଭଙ୍ଗାଯାଇଛି । ପ୍ରକାଶ ଯେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ପାଇଁ ଜାଗା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ସୁବିଧା ଯୋଗାଇ ଦିଆଯାଇଥିବା ସତ୍ତ୍ୱେ ସରକାରୀ ଜମିକୁ ମାଡି ବସିଥିଲେ। ଅବୈଧ ଅକ୍ତିଆର କରିଥିବା ଜାଗାକୁ ଛାଡିବାକୁ ବାରମ୍ବାର ନୋଟିସ ପରେ ମଧ୍ୟ ସେମାନେ ଜାଗାକୁ ଅକ୍ତିଆର କରିଥିଲେ। ବୁଧବାର ମାଜିଷ୍ଟ୍ରେଟ ଦାୟିତ୍ୱରେଥିବା ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକଙ୍କ ନେତୃତ୍ୱରେ ଘର ଗୁଡିକୁ ଭଙ୍ଗା ଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଥାନା ଅଧିକାରୀ ଦିଲୀପ ସାହୁ, ଏଏସଆଇ କାଶୀନାଥ ପାଟ୍ଟଯୋଶୀ, ଏନ ଏ ସି କର୍ମଚାରୀ, ଅଗ୍ନିଶମ ବିଭାଗ, ପୋଲିସ ଉପସ୍ଥିତିରେ ଛଅ ଗୋଟି ଘରକୁ ଭାଙ୍ଗିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମହାରଣା ପ୍ରକାଶ କରିଛନ୍ତି।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ସଦର ସଦରମହକୁମା ପାରଳା ଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ପାରଳାଖେମୁଣ୍ଡି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଗଜପତି , ନିର୍ମଳା ସେଠୀ, ଅଧ୍ୟକ୍ଷା ପୌର ପରିଷଦ ପାରଳାଖେମୁଣ୍ଡି, ଭାରତୀ ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ଗଜପତି , ଅମିତ କୁମାର ନାୟକ, ସହକାରୀ ଶ୍ରମ ଅଧିକାରୀ ମୋହନା, ମଦନ ମୋହନ ଟୁଡ୍ଡୁ, ସହକାରୀ ଶ୍ରମ ଅଧିକାରୀ ରାୟଗଡ ପ୍ରମୁଖ ଯୋଗଦେଇ ଶ୍ରମ ଦିବସର ଗୁରୁତ୍ୱ ବିଷୟରେ ଉପସ୍ଥାପନ କରିବା ସହ ଜିଲ୍ଲାର ସମସ୍ତ ବର୍ଗର ଶ୍ରମିକଙ୍କ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ବୋଲି କହିଥିଲେ। ଉକ୍ତ ସମାରୋହରେ ଜିଲ୍ଲାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନରେ ମୋଟ ୩୮୪ ଜଣଙ୍କୁ ବିବାହ, ପ୍ରସୂତି, ମୃତ୍ୟୁ ଓ ଅନ୍ତିମ ସଂସ୍କାର ଭଳି ବିଭିନ୍ନ ସୁବିଧା ପ୍ରଦାନ କରାଯାଇଛି। ସେଥି ମଧ୍ୟରେ ଡିବିଟି ମୋଡ ମାଧ୍ୟମରେ ହିତାଧୀକାରୀ ମାନଙ୍କ ଆକାଉଣ୍ଟକୁ ୧ କୋଟି ୭୭ ଲକ୍ଷ ୩୫ ହଜାର ୬୦୦ ଶହ ଟଙ୍କା ସିଧାସଳଖ ପଠାଯାଇଛି। ୫୦ ଜଣ ନୂତନ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ ବ୍ଲକର କୁଶଳୀ, ଅଣକୁଶଳୀ ଓ ସଂଗଠିତ, ଅଣ ସଂଗଠିତ ୩୫୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ନିର୍ମାଣ ଶ୍ରମିକମାନେ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ କୃଷକ ଦିବସ

କୁଚିଣ୍ଡା (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଜମନକିରାର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ, ଭୋଜପୁରରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷକ ଦିବସ ସହ ସିଏମ କିଷାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ମନ୍ତ୍ରୀ ରବିନାରାୟଣ ନାଏକ କହିଥିଲେଯେ ଆଜିର ଦିନ ଆମ ପାଇଁ ଆମ ସଂସ୍କୃତି ଓ ପ୍ରଗତିର ଦିବସ। ଓଡ଼ିଶାରେ ଆମ ସରକାର ଆସିବା ପରେ ଚାଷୀ ଭାଇଭଉଣୀ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ପାଇଲେ। ଆଜିର ପବିତ୍ର ଅବସରରେ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫୦ ଲକ୍ଷରୁ ଅଧିକ ଚାଷୀଙ୍କୁ ସିଏମ କିଷାନର ସହାୟତା ରାଶି ସିବିଟି ଜରିଆରେ ପ୍ରଦାନ କରିଛନ୍ତି। ଚାଷ ପାଇଁ ଜଳ ଅତ୍ୟାବଶ୍ୟକ କିନ୍ତୁ ପୂର୍ବ ସରକାରରେ ଜମିକୁ ଜଳ କେବଳ କାଗଜପତ୍ରରେ ସୀମିତ ଥିଲା। ଆଜି, ଆମେ ସରକାରରେ ଆସିବା ପରେ କୃଷି ବିଭାଗ ପାଇଁ ବଜେଟରେ ଅଧିକ ଅର୍ଥ ବିନିଯୋଗ କରାଯାଇଛି, ଯାହା ଚାଷୀଙ୍କ ବିକାଶରେ କାର୍ଯ୍ୟକରିବ। ଆଜିର କାର୍ଯ୍ୟକ୍ରମରେ ମିଶନ ଶକ୍ତି ଅଭିଯାନ ଅନ୍ତର୍ଗତ ମା' ଶାରଳା ଏସ୍ଏଚ୍‌ଜି ଗ୍ରୁପ, ସଫଳ ଚାଷୀ ଶ୍ରୀ ଭେଷଜ ପଟେଲ ଓ ସଫଳ ଉଦ୍ୟାନ କୃଷକ ରୂପେ ଜେଶବ ଟେଟେଙ୍କୁ ସମ୍ମାନିତ କରାଯାଇଛି।

# ଅକ୍ଷୟ ତୃତୀୟା ପାଳିତ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପରକନମାଳା ଗ୍ରାମ ପଞ୍ଚାୟତର ସିରିପେଟା ଦୟଣା ଶ୍ରୀକ୍ଷେତ୍ର ରେ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୧୦ ଘଣ୍ଟା ସମୟରେ ମନ୍ଦିର ପ୍ରାଙ୍ଗଣରେ ଠାକୁର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ପୂଜାର୍ଚ୍ଚନା ପରେ ନିକଟସ୍ଥ ଜମିରେ ଅକ୍ଷିମୁଠୀ ରୋପଣର ଅନୁକୂଳ କରାଯାଇଥିଲା ଓ ଦିନ ୧୧ ଟା ସମୟରେ ଆଗାମୀ ରଥଯାତ୍ରା ପାଇଁ ନିର୍ମିତ ରଥରେ ନୂତନ କାଠରେ ତିଆରି ଅଖ ଯୋଡା ଯାଇ ରଥ ତିଆରି ଅନୁକୂଳ ହୋଇଥିଲା, ଯାହାକୁ ମନ୍ଦିରର ପୂଜକ ବିଦେଶୀ ପ୍ରହରାଜ, ଲଇଖନ ମାଢୀ ଓ ରଘୁନାଥ ମାଢୀ ପ୍ରମୁଖ ବିଭିନ୍ନ ଶ୍ଳୋକ ଓ ମନ୍ତ୍ର ପାଠ କରି ଅକ୍ଷୟ ତୃତୀୟା ଅନୁକୂଳ ଆରମ୍ଭ କରିଥିଲେ । ଏହି ଅବସରରେ ଦୟଣା ଶ୍ରୀକ୍ଷେତ୍ର ଟ୍ରଷ୍ଟ ସଦସ୍ୟ ସନାତନ ମାଢୀ, ସମ୍ବନ୍ଧ ମାଢୀ, ଶୀବ ପୂଜାରୀ,ହରି ମାଢୀ, କୈଳାସ ଅନୁଗୁଳିଆ, ଭଗବାନ ସାହୁ, ଟୁନା ପ୍ରଧାନ, ବୁଦ୍ରା ମାଢୀ, ଭଗତ୍ ମାଢୀ,ସନ୍ତୋଷ ମହାନ୍ତି, ଜଗବନ୍ଧୁ ବାରିକ, ରମେଶ ପୂଜାରୀ, ଜଗନ୍ନାଥ ମାଢୀ, ଗୋପୀନାଥ ଭୂମିଆ ଓ ଶ୍ୟାମ ମାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲାର ପଦ୍ମପୁର ବ୍ଲକ ନିକଟସ୍ଥ ମଣ୍ଡିଗୁଡା ର ଶବର ସଂପ୍ରଦାୟର ଆରାଧ୍ୟ ଦେବତା ଅକ୍ଷରବ୍ରହ୍ମ ବା ମାତର ବନ୍ନମ୍ ବିଜ୍ଞାନ ପ୍ରଚାର ଆଶ୍ରମ ଓ ଆଦିବାସୀ ପଣ୍ଡିତ ସ୍ୱର୍ଗତ ମାଙ୍ଗେଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତି, ପ୍ରାର୍ଥନା ଗୃହ, ସଭାଗୃହ, ମନ୍ଦିର ଉନ୍ନତିକରଣର ଉଦ୍ଘାଟନି ଅବସରରେ ହଜାର ହଜାର ସଂଖ୍ୟାରେ ଶବର ସଂପ୍ରଦାୟର ଲୋକମାନେ ପୀଠରେ ସମାଗମ ହୋଇଥିଲେ । ଏହି ଅବସରରେ ଆଜି ଗଣଶିକ୍ଷା ତଥା ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ । କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳ ମାଧବ ହିକକା, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ ଗିରିଧର ଗମାଙ୍ଗ,ରାୟଗଡା ଜିଲ୍ଲା ବିଜେପି ସଭାପତି ଗୋପି ଆନନ୍ଦ, ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚାସଂପାଦକ ବିଦ୍ୟା ଶବର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ତ୍ରିନାଥ ଗମାଙ୍ଗ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓଡ଼ିଶା ସରକାରଙ୍କ ଦ୍ୱାରା ୩କୋଟି ୯୬ଲକ୍ଷ ଟଙ୍କାରେ ନିର୍ମିତ ମାତର ବନ୍ନମ୍ ବିଜ୍ଞାନ ପ୍ରଚାର ଆଶ୍ରମ ଓ ଶବର ପଣ୍ଡିତ ମାଙ୍ଗେଇଙ୍କ ପ୍ରତିମୂର୍ତ୍ତି ର ଉଦ୍‌ଘାଟନ କରାଯାଇଥିଲା । ଶବର ସମାଜ ତଥା ଅକ୍ଷର ବ୍ରହ୍ମ ମନ୍ଦିର ଉପଦେଷ୍ଟା ଟିଙ୍ଗିୟାଙ୍ଗପ୍ରାଇ ଗମାଙ୍ଗ, ସଭାପତି ରାମପ୍ରସାଦ ଗମାଙ୍ଗ, ସଂପାଦକ ଡିଶାସ୍ତ୍ରୀ ଗମାଙ୍ଗ ପ୍ରମୁଖ ଆରାଧ୍ୟ ଦେବତା ଅକ୍ଷର ବ୍ରହ୍ମଙ୍କ ଅବସ୍ଥାନ ସମଗ୍ର ଦେଶ କ'ଣ ପୃଥିବୀ ରେ ମଧ୍ୟ ବିରଳ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶବର ପଣ୍ଡିତ ମାଙ୍ଗେଇ ଗମାଙ୍ଗ ଙ୍କ ସିଦ୍ଧିଲାଭ ଓ ଶବର ଭାଷା ଅକ୍ଷର ଉପରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ନିଜସ୍ୱ ଅଭିଭାଷଣ ମାଧ୍ୟମରେ ଶହୀଦ ଲକ୍ଷ୍ମଣ ନାୟକ, ରବି ସିଂ ଆଦି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସ୍ୱର୍ଗତ ମଙ୍ଗିଆ ଗମାଙ୍ଗ, ବାଇରୁ ଗମାଙ୍ଗ, ମଙ୍ଗେଇ ଶବରଙ୍କ ଦ୍ୱାରା ପ୍ରତିଷ୍ଠିତ ଅକ୍ଷର ବ୍ରହ୍ମ ମନ୍ଦିର ଆଜି ଆମ ପାଇଁ ସ୍ମରଣୀୟ ହୋଇ ରହିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ,ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମ ରାଓ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ବ୍ଲକ ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ, କେନ୍ଦୁଗୁଡା ଫାଣ୍ଡି ଅଧିକାରୀ ଓ ପୋଲିସ ଆଇନ୍ ଶୃଙ୍ଖଳା ତଦାରଖ କରିଥିଲେ । ଅପରାହ୍ନରେ ମନ୍ତ୍ରୀ ରାମନଗୁଡା ବ୍ଲକ ଅନ୍ତର୍ଗତ କୁଜେନ୍ଦ୍ରୀ ଗ୍ରାମଠାରେ ଅକ୍ଷୟ ତୃତୀୟା, ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଯୋଗଦେଇ କୁଜେନ୍ଦ୍ରୀ ଅଞ୍ଚଳର ଚାଷୀଙ୍କ ସହ ଭାବ ବିନିମୟ କରିଥିଲେ । ରାମନଗୁଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନୂତନ ସ୍ୱାସ୍ଥ୍ୟ ସେବା କେନ୍ଦ୍ର, ନୂତନ ଭାବେ ନିର୍ମିତ ରାମନଗୁଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ରାୟଗଡ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଅତିରିକ୍ତ ତହସିଲଦାର ଗୟା ଭଗତ୍ ଧର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୧୦୩ ୟୁନିଟ୍ ରକ୍ତ ସଂଗୃହୀତ

ଉମରକୋଟ(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ପୁଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ରକ୍ତ ଭଣ୍ଡାରରେ ରକ୍ତର ଆବଶ୍ୟକତା କୁ ଦୃଷ୍ଟିରେ ରଖି ଉମରକୋଟ ରକ୍ତ ଭଣ୍ଡାର ଅଧିକାରୀ ଡକ୍ଟର ସବ୍ୟସାଚୀ ଦାଶ ଓ ଟିମର ସହଯୋଗରେ ଏହି ରକ୍ତଦାନ ଶିବିରରେ ୧୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ସିଡିଏମଓ ଡ଼ଃ ସନ୍ତୋଷ କୁମାର ପଣ୍ଡା , ସମ୍ମାନିତ ଅତିଥି ଭାବେ ଭାମିନୀ ସରପଞ୍ଚ ମାଳତୀ ମାଝୀ , ସମିତି ସଭ୍ୟା ଚମ୍ପାବତୀ ମାଝୀ, ମେଡିକାଲ ଅଫିସର ଡକ୍ଟର ପତିତପାବନ ଦ୍ୱିବେଦୀ, ବିପିଏଲ ଜଗନ୍ନାଥ ମିଶ୍ର ,ଡକ୍ଟର ବିଭାସ ସୁବୁଦ୍ଧି, ଡ଼କ୍ଟର.ଗୁପ୍ତେଶ୍ୱର ଖେମୁଣ୍ଡୁ ,ଲୋକେଶ କଲାର ଓ ପୂଜାରୀ ଗୁଡାର ସମସ୍ତ ସୁପରଭାଇଜର , ସ୍ୱାସ୍ଥ୍ୟ କର୍ମୀ ପୁରୁଷ ଓ ମହିଳା ,ସମସ୍ତ ସିଏଚଓ ଏବଂ ଆଶାକର୍ମୀ ମାନେ ଉପସ୍ଥିତ ରହିଥିଲେ। ରକ୍ତ ଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ




ବୌଦ୍ଧ(ଭାସ୍କର ନ୍ୟୁଜ୍): ମଙ୍ଗଳବାର ବିଳମ୍ବିତ ରାତି ୧୨.୩୦ ମିନିଟ ସମୟରେ ଜାତୀୟ ରାଜପଥ ନଂ ୫୭ ର ବୌଦ୍ଧ ବ୍ଲକ ତାଲସରଡା ନିକଟରେ ଏକ ଯାତ୍ରୀବାହୀ ବସ୍ ରାସ୍ତା ପାର୍ଶ୍ୱକୁ ଖସି ପଡିଥିଲା । ଫଳରେ ବସରେ ଥିବା ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ କଟକରୁ ମାଲକାନଗିରି ଅଭିମୁଖେ ଯାଉଥିବା ଦିଲ୍‌ଖୁସ୍ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ କାଳବୈଶାଖୀ ପବନରେ ରାସ୍ତା ଉପରେ ପଡିଥିବା ଗଛକୁ କାଟି ଅତିକ୍ରମ କରିବାକୁ ଉଦ୍ୟମ କରିଥିଲା । ଫଳରେ ବସର ଚକ ଦବିଯାଇ ଢଳିବାରେ ଲାଗିଥିଲା। ବାମ ପାର୍ଶ୍ୱର ଆଗ ଚକ ଉପରକୁ ଉଠି ଯାଇଥିଲା । ତେବେ ଯାତ୍ରୀ ମାନେ ଆସନ୍ନ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଗାଡିରୁ ଓହ୍ଲାଇ ପଡିଥିଲେ। କୌଣସି ଯାତ୍ରୀ ଆହତ ହୋଇ ନଥିବାବେଳେ ଅନ୍ୟ ବସମାନଙ୍କରେ ନିଜ ଗନ୍ତବ୍ୟ ପଥରେ ଯାଇଥିଲେ। ବସଟି ଢଳନ୍ତା ଅବସ୍ଥାରେ ବିପଦଜନକ ଅବସ୍ଥାରେ ରହିଥିବା ଆଜି ସକାଳ ୬ ଘଣ୍ଟା ସମୟରେ ଦେଖିବାକୁ ମିଳିଥିଲା।

# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ବି.ଏନ୍ ପ୍ୟାଲେସ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ, ମାନ୍ୟବର ବିଧାୟକ ମୋହନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ ଗଜପତି, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ଆଡ଼େକ, ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି, ଶ୍ରୀ ସୁଶାନ୍ତ ରଞ୍ଜନ ଦାସ,ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଗଜପତି, ଡ଼ାକ୍ତର ରମାକାନ୍ତ ରଣା,ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଗଜପତି ଏଥିରେ ଯୋଗଦେଇ ଚାଷ ଜମିରେ ଧାନ ବୁଣିବା ସହ ଜମିରେ ହଳଲଙ୍ଗଳ ବୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆଡେକ୍ ଅକ୍ଷୟ ତୃତୀୟାର ଗୁରୁତ୍ୱ ଓ ଚାଷ କାର୍ଯ୍ୟ କୃଷି ଆନୁଷଙ୍ଗିକ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି କୃଷି କାର୍ଯ୍ୟ କରିବା ପାଇଁ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ସଚେତନତା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଶାନ୍ତ ରଞ୍ଜନ ଦାସ ଯୋଗ ଦେଇ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଯୋଜନା କାର୍ଯ୍ୟକ୍ରମ ଏବଂ ଫୁଲ , ଫଳ, ଛତୁ ଓ ବିଭିନ୍ନ ପରିବା ଇତ୍ୟାଦି ଚାଷୀ ଭାଇଭଉଣୀ ମାନଙ୍କୁ ବିଭିନ୍ନ ଦିଗ ଉପରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଏନ୍. ବୀର ରାଜୁ, ଅଧ୍ୟକ୍ଷ, ପଞ୍ଚାୟତ ସମିତି ଗୋସାଣୀ, ସୁନେମୀ ମଣ୍ଡଳ, ଅଧ୍ୟକ୍ଷା,ପଞ୍ଚାୟତ ସମିତି ଗୁମ୍ମା,ଶ୍ରୀ ଲକ୍ଷ୍ମୀ ନାରାୟଣ ଶବର,ଅଧ୍ୟକ୍ଷ, ପଞ୍ଚାୟତ ସମିତି ଆର.ଉଦୟଗିରି, ଏମ. ସୁଧାରାଣୀ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର ଓ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଜିଲ୍ଲା କୃଷକ ସଭାପତି ଗଜପତି ପ୍ରମୁଖ ମଞ୍ଚାସୀନ ନିଜ ନିଜ ଅଭିଭାଷଣ କହିଛନ୍ତି ଯେ ସରକାରଙ୍କ ଦ୍ୱାରା ସମସ୍ତ ଜନହିତକରୀ ଯୋଜନାର ଚାଷୀମାନଙ୍କ ନିକଟରେ ସରକାରୀ କାର୍ଯ୍ୟକ୍ରମ ପହଞ୍ଚାଇବାକୁ କହିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ହରିହର ସେଠ୍, ଉପନିବନ୍ଧକ ସମବାୟ ସମିତି ବିଭାଗ ଗଜପତି, ରେବତୀ ମୋହନ ରାଉତ, ସେକ୍ରେଟାରୀ, ଆରଏମସି, ଗଜପତି ସହକାରୀ କୃଷି ଅଧିକାରୀ ସଂଘମିତ୍ରା ପ୍ରଧାନ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ କେ.ସୁରଜ ପାତ୍ର, ପ୍ରମୁଖ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ ।

# ବିଧାୟକଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ




ଉମରକୋଟ(ଭାସ୍କର ନ୍ୟୁଜ୍): ଅକ୍ଷୟ ତୃତୀୟା ଚାଷୀମାନଙ୍କ ଚାଷଭିତିକ ପର୍ବ ମଧ୍ୟରେ ଏକ ପ୍ରମୁଖ ପର୍ବ ହୋଇଥିବା ବେଳେ ଚାଷୀମାନେ ଅକ୍ଷୟ ତୃତୀୟା ତିଥିରେ ବିଲରେ ଅଖିମୁଠି ଅନୁକୂଳ କରି ଚାଷ କାମ ଆରମ୍ଭ କରିଥାନ୍ତି ।ଏହି ପରିପ୍ରେକ୍ଷୀରେ ଝରିଗାଁ ବିଧାୟକ ନରସିଂହ ଭତ୍ରା ଝରିଗାଁ -ଉମରକୋଟ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ବାଞ୍ଜିଆମ୍ବା ଗ୍ରାମ ନିକଟରେ ଥିବା ଭିକାରି ନାୟକଙ୍କ ଜମିରେ ଅଖିମୁଠି ଅନୁକୂଳ କରି ହଳ କରିଥିବା ଦେଖିବାକୁ ମିଳିଛି । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ,କୃଷକ ମୋର୍ଚ୍ଚା ରାଜ୍ୟ ପ୍ରଭାରୀ, ଯୋଗଦୀଶ କଲର, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଆତ୍ମା ଚେୟାରମ୍ୟାନ ଚିତ୍ର ପ୍ରସାଦ ତିୱାରୀ, ବରିଷ୍ଠ ସମାଜସେବୀ ପଦ୍ମନାଭ ପାଣ୍ଡେ,ବରିଷ୍ଠ ଚାଷୀ ଅଶୋକ ମୁର୍ତ୍ତୀ, ସୁମିତ୍ରା ମାଝୀ,ପ୍ରେମାନନ୍ଦ ପାଣ୍ଡେ, ତମ୍ବୁଦାସ ପନକା, ପଦ୍ମନ ସାନ୍ତା, ସୁବାସ ଗଣ୍ଡ, ମୋହନ ପ୍ରଧାନୀ.ଭିକାରି ନାୟକ, ରବୀନ୍ଦ୍ର ନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ । ସମସ୍ତେ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ସାରି ଜମିରେ ଧାନବୁଣି ହଳ କରିଥିଲେ । ପରେ ବିଧାୟକ ଉପସ୍ଥିତ ଚାଷୀମାନଙ୍କ ସହ ବିଭିନ୍ନ ଚାଷ ସମସ୍ୟା ଉପରେ ଆଲୋଚନା କରିଥିଲେ ଓ ସମସ୍ୟାର ସମାଧାନ ପାଇଁ ଉପସ୍ଥିତ କୃଷି ବିଭାଗୀୟ କର୍ମଚାରୀ ଓ ଲ୍ୟାମ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ।

# ସିଆର୍‌ସିସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ା ବ୍ଲକ ଟେମ୍ରା ପଞ୍ଚାୟତ କୁସୁମୀ ଗାଁ ର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ସିଆରସିସି ପ୍ରଶାନ୍ତ କୁମାର ନାୟକଙ୍କ ଅବସର ଗ୍ରହଣ କୁନେଇ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶ୍ରୀଗଣେଶ ଙ୍କ ଫଟୋ ଚିତ୍ର ରେ ଦୀପ, ଧୂପ, ପୁଷ୍ପାଞ୍ଜଳି ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶ୍ରୀ ନାୟକ ଜଣେ ସୁଚରିତ୍ର,ମେଳାପୀ, ପରୋପକାରୀ ତଥା ସମାଜସେବୀ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଅଟନ୍ତି । ତେବେ ଉପସ୍ଥିତ ସମସ୍ତ ସହଯୋଗୀ ଓ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ସମ୍ବର୍ଦ୍ଧନା ସହ ପୁଷ୍ପଗୁଚ୍ଛ, ପ୍ରଦାନ ଶ୍ରୀ ନାୟକଙ୍କୁ କରାଯାଇଛି । ସଭାଶେଷରେ ଶ୍ରୀ ନାୟକଙ୍କ କାର୍ଯ୍ୟଦକ୍ଷତା ଓ ସହଯୋଗିତା ଉପରେ ଉପସ୍ଥିତ ସହଯୋଗୀ ଶିକ୍ଷକମାନେ ମନେପକାଇ ଥିଲେ । କିଛି ସମୟ ପାଇଁ ଶୋକକୁଳ ପରିବେଶ ସୃଷ୍ଟି ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଗାମ୍ବର ହରିଜନ, ସୁନୀଲ କୁମାର ପଟ୍ଟନାୟକ, ଭୁବନାନନ୍ଦ ଜେନା, ଉପେନ୍ଦ୍ର ଭତ୍ରା, ଲାଇବାନ ହରିଜନ, ନାରାୟଣ ମାଝୀ, ଅଞ୍ଜନ ଖଟୁଆ ଓ ନିରଞ୍ଜନ ଶାନ୍ତି ମଞ୍ଚାସୀନ ହୋଇଥିବା ବେଳେ ସିଆରସିସି- ଦିଲ୍ଲୀପ କୁମାର ଖଟୁଆ, (ବିଏମ ସେମଲା କ୍ଲଷ୍ଟର), ସିଆରସିସ- ବିଜ୍ଞାନ ଦଳେଇ(ରାମ ପାଲି-କ୍ଲଷ୍ଟର), ସିଆରସିସି-ମାଷ୍ଟର ବାବୁଲାଲ ବାରିକ(କୋଡ଼ିଙ୍ଗା କ୍ଲଷ୍ଟର) ଙ୍କ ସହ ଅନ୍ୟାନ୍ୟ ବିଦ୍ୟାଳୟ ଓ କୁସୁମୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ସଭାପତି, ଗାଁର ଭଦ୍ରମଣ୍ଡଳୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା ।

# ବିଜେପି ପକ୍ଷରୁ ପ୍ରଶିକ୍ଷଣ ଶିବିର



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବିଜେପି ତରଫରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ପରିଡା , ପୂର୍ବତନ ସଭାପତି ନିମାଇଁ ଚନ୍ଦ୍ର ପାଲ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଲ ସୁନାନୀ, ସଂଯୋଜକ କେଶବ ଚନ୍ଦ୍ର ନାୟକ ଓ କୁନାଲ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଯୋଜକ କୁନାଲ ମିଶ୍ର ଉପସ୍ଥିତ ବିଜେପି କର୍ମକର୍ତ୍ତାମାନଙ୍କୁ ୱାକଫ ବିଲ୍ ଉପରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏହା କାର୍ଯ୍ୟକାରୀ ହେଲେ ଗରିବ ମୁସଲମାନ ଲୋକମାନେ କିପରି ଲାଭାନ୍ୱିତ ହୋଇ ପାରିବେ ସମସ୍ତଙ୍କୁ ବୁଝାଇ ଥିଲେ। ଅନ୍ୟତମ ବିଜେପି ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ନାୟକ "ଏକ ଦେଶ ଏକ ନିର୍ବାଚନ" ସଂପର୍କରେ ବିଜେପି କାର୍ଯ୍ୟକର୍ତ୍ତା ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେ କହିଲେ ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଯୁଗାନ୍ତକାରୀ ବିଲ୍। ଭାରତୀୟ ସମ୍ବିଧାନ ଅନୁଚ୍ଛେଦ ୩୬୮ ଅନୁସାରେ ୧୨୯ତମ ସମ୍ବିଧାନ ସଂଶୋଧନ କରାଯାଇ ଉଭୟ ସଦନରେ ପାରିତ କରାଯାଇଛି। ଏହା ୨୦୨୯ ନିର୍ବାଚନ ରେ କାର୍ଯ୍ୟକାରୀ ହେବ। ଏହା କାର୍ଯ୍ୟକାରୀ ହେଲେ ୫ ବର୍ଷ ମଧ୍ୟରେ ବାରମ୍ବାର ନିର୍ବାଚନକୁ ଏଡାଇ ହେବ ଏବଂ ଏକା ସମୟରେ ସମଗ୍ର ଭାରତବର୍ଷରେ ଥରେ ମାତ୍ର ମତଦାନ ଦେବାକୁ ପଡିବ। ଫଳରେ ନିର୍ବାଚନୀ ଖର୍ଚ୍ଚକୁ ବହୁ ମାତ୍ରରେ ହ୍ରାସ କରାଯାଇ ପାରିବ। ଏହା ଛଡା ପ୍ରତ୍ୟେକ ନିର୍ବାଚନ ପାଇଁ ଯେଉଁ ଆଚରଣ ବିଧି ଲାଗୁ କରାଯାଇ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ସ୍ଥଗିତ କରାଯାଉଥିଲା, ତାହା ବାଧକ ହେବ ନାହିଁ। ତେବେ ଭାରତ ବର୍ଷରେ ୧୯୫୨, ୧୯୫୭, ୧୯୬୨ ଏବଂ ୧୯୬୭ ରେ ୪ ଥର ଏକ ଦେଶ ଏକ ନିର୍ବାଚନ ହୋଇଥିଲା। ୧୯୭୨ ନିର୍ବାଚନ ପରେ ଏହି ପ୍ରକ୍ରିୟାକୁ ତତ୍କାଳୀନ କେନ୍ଦ୍ର ସରକାର ଭଙ୍ଗ କରିଥିଲେ। ଫଳରେ ଦେଶରେ ନିର୍ବାଚନ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଏହାକୁ ଜନ ସାଧାରଣଙ୍କୁ ବୁଝାଇବାକୁ ପଡ଼ିବ ବୋଲି ସେ ବିଶଦ ଭାବରେ ଆଲୋଚନା କରିଥିଲେ। ବିଜେପି ଜିଲ୍ଲା ସଭାପତି ମଞ୍ଚ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



କୋରାପୁଟ/ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲାର ଦୁଇ ଦିନିଆ ସମୀକ୍ଷା କରିଛନ୍ତି ନୋଡାଲ ସେକ୍ରେଟାରୀ, କମିଶନର ତଥା ଶାସନ ସଚିବ ସମବାୟ ବିଭାଗ ଓଡ଼ିଶା ରାଜେଶ ପ୍ରଭାକର ପାଟିଲ। କୋରାପୁଟ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣାଧୀନ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେବା ସହ ନିର୍ମାଣାଧୀନ ନୂତନ କୋଠା ବୁଲି ଦେଖିଥିଲେ। କୋରାପୁଟ ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ ଲାଣ୍ଡିଗୁଡା ସ୍ଥିତ କୋଲାବ ଜଳଭଣ୍ଡାରରେ ନିର୍ମାଣାଧୀନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଗ୍ରାମ୍ୟ ଜଳ ପରିମଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କିଭଳି ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପ୍ରତିଟି ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ସଫଳ ହେବ ସେନେଇ ଆଲୋଚନା କରିଛନ୍ତି। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ବିଭାଗୀୟ ଉଚ୍ଚ ବିଭାଗୀୟ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିବା ସହ ପିଲାଙ୍କୁ ମିଳୁଥିବା ସରକାରଙ୍କ ବିଭିନ୍ନ ଯୋଜନା ତଦାରଖ କରି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସ୍ମାର୍ଟ କ୍ଲାସରୁମ ସହ ଲାଇବ୍ରେରୀ ବୁଲି ଖୁସି ବ୍ୟକ୍ତ କରିଥିଲେ। ଦେଶର ମହାପୁରୁଷଙ୍କ ଜୀବନୀ ଉପରେ ପିଲାଙ୍କୁ ସାଧାରଣ ଜ୍ଞାନ କିଭଳି ଦିଆଯିବ ସେଉପରେ ଗୁରୁତ୍ୱାରୋପ କରିଥିଲେ। ସେମିଳିଗୁଡା ବ୍ଲକ ସ୍ଥିତ ରାଜୁପୁଟ ପଞ୍ଚାୟତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିବା ସହ ମିଲେଟ ପ୍ରସ୍ତୁତି ଖାଦ୍ୟ ଦେଖିବା ସହ ଜିଲ୍ଲାର ପ୍ରତ୍ୟକ ବିଦ୍ୟାଳୟରେ ପିଲାଙ୍କୁ ମିଲେଟ ଖାଦ୍ୟ ଦିଆଯିବ କିଭଳି ମିଲେଟ ଖାଦ୍ୟକୁ କିଭଳି ପ୍ରଚାର୍ ପ୍ରସାର କରାଯିବ ସେନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ।

# ଛତିଶଗଡ଼ରେ ମାଓ ଡମ୍ପ ଠାବ

ମାଲକାନଗିରି (ଭାସ୍କର ନ୍ୟୁଜ): ଛତିଶଗଡ ଧମତରି ଜିଲ୍ଲାରେ ଏକ ମାଓ ଡମ୍ପକୁ ଠାବ କଲେ ସୁରକ୍ଷା ବାହିନୀ । ନଗରି ଜଙ୍ଗଲରେ ଜବାନ ମାନେ କୁମ୍ବିଂ ଅପରେସନ ଲାଗି ଯାଇଥିବା ବେଳେ ଲେଣ୍ଡମାଇନ ଡିଟେକ୍ଟର ଦ୍ୱାରା ସର୍ଚ୍ଚ କରି ମାଓବାଦୀଙ୍କ ଏକ ଡମ୍ପ ଖୋଜି ବାହାର କରିଥିଲେ ସୁରକ୍ଷା କର୍ମୀ । ଡମ୍ପ ଭିତରେ ୩ ତିନଟି ଲେଣ୍ଡମାଇନ, ୨ ଟି ପାଇପ ବୋମା ଓ ଗୋଟିଏ ଟିଫିନ ବୋମା ସହ ନକ୍ସଲ ପନ୍ଥିଙ୍କ ଦୈନିକ ବ୍ୟବହାର ସାମଗ୍ରୀ ରହିଛି । ମାଓବାଦୀ ମାନେ ଭୟବିତ ହୋଇ ଏହି ସବୁ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ବେଳେ ଡିଆରଜି ଓ ସିଆରପିଏଫ ବାହିନୀ ଏହାକୁ ଜବତ କରି ନିଷ୍କ୍ରିୟ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାସ୍ ହାର...

ରହିଥିବାବେଳେ ଛାତ୍ରୀଙ୍କ ସଂଖ୍ୟା ୨,୪୪,୬୧୨ ରହିଛି। ତେବେ ଚଳିତବର୍ଷ ପାସ୍ ହାର ଗତବର୍ଷ ଅପେକ୍ଷା କମିଛି। ଗତବର୍ଷ ପାସ୍ ହାର ୯୬.୨୭ ପ୍ରତିଶତ ରହିଥିଲା। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରେଜଲ୍ଟ ପୁସ୍ତିକା ଉନ୍ମୋଚନ କରିଥିଲେ। ସନ୍ଧ୍ୟା ୬ଟା ପରେ ଛାତ୍ରଛାତ୍ରୀମାନେ ବୋର୍ଡର ୱେବସାଇଟ୍‌ରୁ ଫଳାଫଳ ଦେଖିପାରିବେ ବୋଲି କୁହାଯାଇଛି। ସେହିଭଳି ଛାତ୍ରଛାତ୍ରୀମାନେ ସେମାନଙ୍କ ରୋଲ ନଂ ଓ ଜନ୍ମ ତାରିଖ ବ୍ୟବହାର କରି ୱେବ୍‌ସାଇଟ୍‌ରେ ଫଳାଫଳ ଯାଞ୍ଚ କରିପାରିବେ ବୋଲି କୁହାଯାଇଛି। ଚଳିତବର୍ଷ ୩୨୭୩ ସ୍କୁଲରେ ଶତପ୍ରତିଶତ ରେଜଲ୍ଟ ହୋଇଥିବାବେଳେ କୌଣସି ବିଦ୍ୟାଳୟରେ ଶୂନ ପ୍ରତିଶତ ହୋଇନଥିବା ଗଣଶିକ୍ଷାମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଗଜପତିରେ ସର୍ବାଧିକ ପାସ୍ ହାର ୯୯.୩୫ ପ୍ରତିଶତ ରହିଥିବାବେଳେ କୋରାପୁଟରେ ସର୍ବନିମ୍ନ ୯୨.୮୩ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ୧୭,୩୮୪ଜଣ ପିଲା ଫେଲ ହୋଇଛନ୍ତି। ଏ ଗ୍ରେଡରେ ୧୮୧୨ ପିଲା ସ୍ଥାନ ପାଇଥିବାବେଳେ ଏ-୨ରେ ୧୨,୨୦୦, ବି-୧ ଗ୍ରେଡ୍‌ରେ ୩୮,୮୩୧, ବି-୨ ଗ୍ରେଡ୍‌ରେ ୮୪,୯୭୧, ସି ଗ୍ରେଡରେ ୧,୩୩,୮୮୨, ଡି ଗ୍ରେଡ୍‌ରେ ୧,୪୬,୧୫୪ ଓ ଇ ଗ୍ରେଡ୍‌ରେ ୬୭,୦୧୩ଜଣ ପିଲା ପାସ୍ କରିଛନ୍ତି। ଏହି ପରୀକ୍ଷା ଗତ ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଥିଲା। ରାଜ୍ୟର ୫୧ଟି କେନ୍ଦ୍ରରେ ପରୀକ୍ଷା ଖାତା ମୂଲ୍ୟାୟନ କରାଯାଇଥିଲା। ଏଥିରେ ୧୨ହଜାର ଶିକ୍ଷକ ନିୟୋଜିତ ହୋଇଥିଲେ।

### ପାରାଦୀପରେ ହେବ...

ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇପିକଲ୍‌ର ଏମ୍.ଡି ଶ୍ରୀ ଭୂପିନ୍ଦର ସିଂ ପୁନିଆ, ଡାଇରେକ୍ଟର, ସିଭିଲ ଆଭିଏସନ୍ ଦେବଦତ୍ତା ସୁରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବେହାଲ ଦେଶର...

ଦେଇଛି। ଏକ ତୀବ୍ର ମେଘ ସହର ଉପରେ ଅତିକ୍ରମ କରି ଝଡ଼ ପରିସ୍ଥିତି ସୃଷ୍ଟି କରିଥିଲା, ପାଲମ ଷ୍ଟେସନରେ ୭୪ କିଲୋମିଟର ବେଗରେ ପବନ ବହିବାର ସୂଚନା ଦିଆଯାଇଛି। ଦିଲ୍ଲୀ ପାଇଁ ଜାରି କରାଯାଇଥିବା ରେଡ୍ ଆଲର୍ଟ ଏବେ ଅରେଞ୍ଜ୍ ଆଲର୍ଟରେ ପରିଣତ ହୋଇଛି।

---

**AFFIDAVIT**

By virtue of an affidavit sworn before the Executive Magistrate, Tangi-Choudwar, Jagatpur, dated: 25.04.2025, I laxmidhar Roul, Address: At-Imamnagar, Po- Bhairpur, Ps- Jagatpur, Dist- Cuttack, Odisha, PIN- 754200, declare that I have changed my name from Laxmi Dhar Roul to Laxmidhar Roul. Henceforth, I shall be known as Laxmidhar Roul for all purposes.

Sd/- Laxmidhar Roul

**NOTICE**

By virtue of an affidavit sworn before Notary Public, Bhubaneswar, Dated: 02.05.2025, I Chinni Reddy, Address: At- Badatangi Sahi sishupalgarh, Ps- Shree Lingaraj, Dist- Khordha, PIN-751002, Odisha have changed my name from Anapana Chinni to Chinni Reddy. Henceforth, I shall be known as Chinni Reddy for all purposes.

Sd/- Chinni Reddy

**AFFIDAVIT**

By virtue of an affidavit sworn before the Notary Public, Puri, dated: 26.04.2025, I Pujarani Behera, Address: village-Bagheitangi, Po-Bagheitangi, Ps- Khordha, Dist- Khordha, Odisha, PIN-752055, declare that I have changed my name from Laxmipriya Behera to Pujarani Behera. Henceforth, I shall be known as Pujarani Behera for all purposes.

Sd/- Pujarani Behera

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 01.05.2025, I Jagan Mallick, Address: village-Gaithipur, Po-Teratanga, Ps-Balikuda, Dist-Jagatsinghpur, Odisha, PIN-754108, declare that I have changed my name from Jagannath Mallick to Jagan Mallick. Henceforth, I shall be known as Jagan Mallick for all purposes.

Sd/- Jagan mallick

**NOTICE**

By virtue of an affidavit sworn before Notary Public, Bhubaneswar, Dated: 02.05.2025, I Narana Swain, Address: At- Tuan Sahi, Po-Taradapada, Ps-Nimapara, Dist- Puri, PIN-752106, Odisha have changed my name from Surendra Swain to Narana Swain. Henceforth, I shall be known as Narana Swain for all purposes.

Sd/- Narana Swain

---

GOVERNMENT OF ODISHA  CAD-261

ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT, ODISHA

OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, RAIRANGPUR

e- Procurement Notice

Bid Identification No. 01 / ITDA (RRP) 2025-26

No. 1676 //2025-ITDA, RRP Dated, 29.04.2025

Bid documents consisting of works, Tender Value, Cost of Tender paper, Bid Security, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in"

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 21 (Twenty One) Numbers only |
| 03. | Estimated Cost | : | Rs. 8.00 Lakhs to Rs. 38.00 Lakhs |
| 04. | Period of completion | : | 2 to 4 (Two to Four ) Calendar Months as per work category |
| 05. | Date & Time of availability of bid document in the portal | : | 30.04.2025 at 10.00 A.M. to 19.05.2025 05.30 hours |
| 06. | Last date for receipt of bids in the portal | : | 19.05.2025 till 5.30 hours |
| 07. | Bid received Online shall be opened on | : | 20.05.2025 at 11.00 hours onwards |
| 08. | Name and address of the officer inviting Bid | : | Project Administrator, I.T.D.A. Rairangpur |

Further details can be seen from the "www.tendersodisha.gov.in"

Project Administrator, I.T.D.A., Rairangpur

OIPR 19080/11/0004/2526

---

GOVERNMENT OF ODISHA  A-101

DEPARTMENT OF WATER RESOURCES

OFFICE OF THE SUPERINTENDING ENGINEER

MINOR IRRIGATION DIVISION, KHARIAR

E-mail:-eemidivision_khariar@rediffmail.com

e-PROCUREMENT NOTICE

Bid Identification Notice No.: -01/SE MIDKHR/2025-26

Lt No: 653/MIDKHR  Dt.: -29.04.2025

The Superintending Engineer, M.I. Division, Khariar, Dist-Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the web site www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Improvements to Distribution System of different MIPs under M.I Division, Khariar |
| 2. | Total No. of works | : | 02 (Two) Nos. Only |
| 3. | Estimated cost | : | Varies from 14.00 Lakhs to 17.00 Lakhs Approximately |
| 4 | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | From 10:00 AM on 05.05.2025 and up to 5:30 PM on 14.05.2025 Document in portal |
| 7. | Last date / time for receipt of Bid | : | Up to 5:30 PM on 14.05.2025 Document in portal |
| 8. | Date / Time of opening of Technical Bid | : | From 10:00 AM on 15.05.2025 At O/o M.I. Division, Khariar, Nuapada |
| 9. | Name and Address of Tender Inviting Officer | : | Superintending Engineer, M.I. Division, Khariar, Nuapada Officer inviting the Bid. |
| 10. | Mode of Payment of Bid cost and Bid security. | : | Online |
| 11 | Date of Lottery (If Required) | : | On 20.05.2025 at 9.00 AM |

Sd/-Superintending Engineer
M.I. Division, Khariar

OIPR 32090/11/0012/2526

---

Panchasakha Shikhya Setu Sangathan  n-22

A-2 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007

RFQ No. 733/PSSS/25  Date: 29.04.2025

Request for Proposal for hiring of services of a chartered accountant firm for statutory audit of Panchasakha Shikhya Setu Sangathan, A-1 Block, 6th floor, Toshali Bhawan, Satya Nagar Bhubaneswar, Odisha-751007 for the financial year 2025-26. The last date of submission of RFP is 22.05.2025 before 5.00 PM. for more details, please visit the website: pss.odisha.gov.in

Bo order of
SPD, OSEPA & Member Secretary, PSSS

OIPR 27178/11/0020/2526

---

GOVERNMENT OF ODISHA  O-105

OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No. 2229 /Date.30.04.2025

"e" Procurement Notice for Building Work

| | | | |
|---|---|---|---|
| 1. | Name of the Work | : | Composite Building work |
| 2. | Total No. of works: | : | 01 No. of Building work for the year 2024-25 |
| 3. | Estimated Cost of the work: | : | Rs.332.22 Crore |
| 4. | Class of Contractor | : | |
| | a)Estimated cost more than Rs. 1.00 Crore up to Rs. 20.00 Crores. | | A Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.11 of 2025 | 06.05.2025 at 11.00 A.M. | 20.05.2025 up to 5.00 P.M. | 21.05.2025 at 11.00 A.M. | To be intimated lateron |

Further details can be seen from the web site www.tendersodisha.gov.in

Sd/- Chief Construction Engineer
Central Rural Works Circle, Bhubaneswar

OIPR 25194/11/0040/2526

---

ODISHA LIFT IRRIGATION CORPORATION LIMITED

(A GOVERNMENT OF ODISHA UNDERTAKING)

OFFICE OF THE EXECUTIVE ENGINEER LIFT IRRIGATION DIVISION: BHAWANIPATNA.

E-mail ID: liftirrigation_bpt@yahoo.in  CAD-277

"E"-Procurement Notice

BID IDENTIFICATION NO.OLIC-BPT-02/2025-26 Dt.01.05.2025

The Executive Engineer, Lift Irrigation Division, Bhawanipatna on behalf of OLIC invites Percentage Rate bids in single cover system to be received in Online Mode only for the work Reinforcement of 66 Nos. operable CLIPs and installation and energisarion of 44 Nos. Revival CLIPs under different Blocks in Kalahandi District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.

1.Name of the Works:- Reinforcement of 66 Nos. operable CLIPs and 44 Nos. Installation & Energisation of Revival CLIPs with supply of all materials on Turnkey basis. 2.Total Nos. of Package:- 44 3.Approximate Estimated Cost:-Rs.10.21 Lakhs to Rs.39.82 Lakhs, 4. Class of Contractor:- As mentioned against each package, 5. Period of Completion:- 60 Days for all projects from the date of issue of work order. 6.Other details as follows -

| Procurement Officer | Bid Identification No. | Availability of Tender On-Line for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Bhawanipatna | OLIC-BPT-02/2025-26 | 07.05.2025 at 11:00 Hrs. | 16/05/2025 at 17:00 Hrs. | 14/05/2025 at 17:00 Hrs. | 17/05/2025 at 11:00 Hrs. |

- Details can be seen from the Website www.tendersodisha.gov.in
- Any corrigendum/Addendum will be displayed in the above website only

Sd/- EXECUTIVE ENGINEER
L.I. DIVISION, BHAWANIPATNA

OIPR 32148/11/0003/2526

---

GOVERNMENT OF ODISHA, "e"-PROCUREMENT NOTICE

OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.

E-mail: eeroads.khr@rediffmail.com

No. 1998  Date 25.04.2025  B-64

Invitation For Bids

Bid Identification No. S.E. (R&B) KHARIAR– 01 / 2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in single cover system in ONLINE MODE only. | |
| 2 | Nature of work | (Civil+EI +PH) works |
| 3 | No. of work | 02 Nos. work. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 03.05.2025 to 17.00 Hours of 13.05.2025 |
| 7 | Date of opening of Technical Bid | Dt. 14.05.2025 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd/-Superintending Engineer,
Khariar (R&B) Division, Khariar

OIPR 34062/11/0019/2526

---

# କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ

## କୋଣାର୍କ, ପୁରୀ।

ପତ୍ରାଙ୍କ ସଂଖ୍ୟା. ୮୦୫ / ତାରିଖ. ୩୦.୦୪.୨୦୨୫

**ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମେନ୍ତ ଜଣାଇ ଦିଆଯାଉଅଛିକି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୫-୨୦୨୬ ପାଇଁ ପରିଷଦର ବିଭିନ୍ନ ସମ୍ପତ୍ତି ନିଲାମ ଓ ଫି ଆଦାୟ କରିବାପାଇଁ ଜଉମୁଦ ନିଲାମ କରାଯିବ। ସେଗୁଡ଼ିକ ହେଲା :-

(୧) କ୍ରମିକ ସଂ.୧ ରୁ ୧୮ - ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ଠାରୁ ୨୦୨୭-୨୮ ପର୍ଯ୍ୟନ୍ତ (ତିନି ବର୍ଷ ପାଇଁ)
(୨) କ୍ରମିକ ସଂ.୧୯ ରୁ ୨୪ - ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ (ଏକ ବର୍ଷ ପାଇଁ)

ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା.୩୦.୦୪.୨୦୨୫ରିଖ ଠାରୁ ତା.୦୭.୦୫.୨୦୨୫ରିଖ ଅପରାହ୍ନ ଘ.୧୨.୩୦ମି ମଧ୍ୟରେ କାର୍ଯ୍ୟାଳୟରେ ଦେୟଯୁକ୍ତ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ କ୍ରୟ କରି ତା.୦୮.୦୫.୨୦୨୫ରିଖ ପୂର୍ବାହ୍ନ ଘ.୧୧.୩୦ମି. ସମୟ ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚୀତ ନିଲାମ ବାକ୍ସରେ ଜଉମୁଦ ଯୁକ୍ତ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଯଥା ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡ଼ର ଅବିକଳ ନକଲ ଦାଖଲ ଦେଇ ଟେଣ୍ଡରରେ ଭାଗ ନେଇପାରିବେ। ଉକ୍ତ ନିଲାମ ତା.୦୮.୦୫.୨୦୨୫ରିଖ ଅପରାହ୍ନ ଘ.୧୨.୩୦ମି.ରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ। ନିଲାମ ସଂପର୍କୀୟ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚୀତ କରାଯାଇଅଛି। ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ।

ସ୍ୱା/-ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

### ସୈରାତ / ସଂପତ୍ତିର ବିବରଣୀ

| କ୍ର.ସଂ. | ସଂପତ୍ତିର ବିବରଣୀ ଓ ନାମ | ଅବସ୍ଥିତି | କେତେବର୍ଷ ପାଇଁ ନିଲାମ ହେବ | ଟେଣ୍ଡର ପେପର ମୂଲ୍ୟ ଯାହାକି ଫେରସ୍ତଯୋଗ୍ୟ ନୁହେଁ | ଧାର୍ଯ୍ୟ ଅମାନତ | ସର୍ବନିମ୍ନ ସ୍ଥିରୀକୃତ ନିଲାମଦର |
|---|---|---|---|---|---|---|
| ୧. | ଦିଅଙ୍କଗର ପୋଖରୀ | ବେରୁହଁ | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୨. | ଦିଅଙ୍କଗର ପୋଖରୀ | କୁଣାଇଁ | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୩. | ଜମୁନା ମଣ୍ଡଳୀ ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୪. | ସାଗୁଗର ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୫. | ବନମାଳିଆ ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୬. | କଣ୍ଡରାଗର ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୭. | ଦାଣ୍ଡ ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୮. | ତାଳକୁଣ୍ଡ ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୯. | ହାଉଳିଗର ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୦. | ଗିଲଗଡ଼ ପୋଖରୀ | କରମଙ୍ଗା | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୧. | ଡ଼ଅଁର ପୋଖରୀ | ମୂଳିସାହି | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୨. | ପାଟେଳିଗର ପୋଖରୀ | ମୂଳିସାହି | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୩. | ଗୋପିଗର ପୋଖରୀ | ମୂଳିସାହି | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୪. | ଗୁଆ ପୋଖରୀ | ମୂଳିସାହି | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୫. | କାଇନ ହାଉସ୍, କରମଙ୍ଗା | ମୂଳିସାହି | ୧ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୬. | ସିଙ୍ଗଡ଼ା ପୋଖରୀ | ବେରୁହଁ | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୭. | ରାଉଳପାଟଣା ସ୍କୁଲ ପୋଖରୀ | ରାଉଳପାଟଣା | ୩ ବର୍ଷ | ୩୩୦.୦୦ | ୪୫୦.୦୦ | ୧୩୭୫.୦୦ |
| ୧୮. | ସାନସର ପୋଖରୀ | ବେରୁହଁ | ୩ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୧୯. | କାଇନ ହାଉସ୍, କୁଣାଇଁ | କୁଣାଇଁ | ୧ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୨୦. | ନଡ଼ିଆ ୭ ଗଛ କୁଣାଇଁ ରାସ୍ତାଧାର | କୁଣାଇଁ | ୧ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୨୧. | ନଡ଼ିଆ ୫ ଗଛ କୁଣାଇଁ ରାସ୍ତାଧାର | କୁଣାଇଁ | ୧ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୨୨. | ନଡ଼ିଆ ୧୪ ଗଛ ବେରୁହଁ | ବେରୁହଁ | ୧ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୨୩. | ନଡ଼ିଆ ୬ ଗଛ ବେରୁହଁ | ବେରୁହଁ | ୧ ବର୍ଷ | ୨୨୦.୦୦ | ୩୫୦.୦୦ | ୧୩୦୦.୦୦ |
| ୨୪. | କୁଣାଇଁ ହାଟ | କୁଣାଇଁ | ୧ ବର୍ଷ | ୬୬୦.୦୦ | ୨୨୦୦.୦୦ | ୮,୦୩୦.୦୦ |

ସ୍ୱା/-ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

---

# ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org

**ବିଜ୍ଞାପନ**

ପତ୍ର ସଂଖ୍ୟା: ୫୬  ତା:୦୨.୦୪.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଘର ନଂ-ବି.ଏଲ-୪୨ (BL-42),ବାସନ୍ତୀ କଲୋନୀ, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ନିରୁପମା ଦାଶ, ସ୍ୱାମୀ-ରମେଶ ଚନ୍ଦ୍ର ଗନ୍ତାୟତ, ସା/ପୋ/ଜିଲ୍ଲା-ରାୟଗଡାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ନିରୁପମା ଦାଶ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଆରତି ସାହୁ, ସ୍ୱାମୀ-ଖଗେଶ୍ୱର ସାହୁ, ଫ୍ଲାଟ-ଝୁମୁଡ଼ି, ବାସନ୍ତୀ କଲୋନୀ, ପୋ-ରାଉରକେଲା, ଥାନା-ଉଦିତନଗର, ଜିଲ୍ଲା-ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କାରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାଇ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା

CAD-268  OIPR 13030/11/0585/2526

---

IR No-376, Date:21.03.2025

ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ

**ମାନ୍ୟବର ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ ୨ଙ୍କ ଅଦାଲତ, ୪ର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍, କେସ୍ ନଂ ୩୭/୨୦୨୩**

ବାବାଜୀ ସ୍ୱାଇଁ ଏବଂ ଅନ୍ୟ ଜଣେ................. ବାଦୀ/ଦରଖାସ୍ତକାରୀ

ବନାମ

ସେଟେଲମେଣ୍ଟ ଅଫିସର,
କଟକ ଏବଂ ଅନ୍ୟମାନେ......................ପ୍ରତିବାଦୀ/ଅପରପକ୍ଷ।

ପ୍ରାପ୍ତେଷୁ,

୩. କୁଳମଣି ସାହୁ, ପିତା- ୰ କଣ୍ଠ ସାହୁ, ମୌଜା-ଜୁଝଗଡ଼, ପୋଷ୍ଟ-ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୪୦୦୪।

୯. ଦେବେନ୍ଦ୍ର କୁମାର ପାତ୍ର, ପିତା- ୰ ପର୍ଶୁରାମ ପାତ୍ର, ପ୍ଲଟ୍ ନଂ- ଏନ୍-୬/୧୦୭ ଆଇ.ଆର.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୧୨

ନୋଟିସ୍

ସିପିସି ଅର୍ଡର ୫, ରୁଲ ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ ୨ ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ବାବାଜୀ ସ୍ୱାଇଁ ଏବଂ ଅନ୍ୟଜଣେ ଖରିଦି ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୩ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକଦ୍ୱାରା ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ଜାରି ହୋଇ ପ୍ରତିବାଦୀ ନଂ ୩ ମୃତ ବୋଲି ଫେରସ୍ତ ହୋଇଛି ଏବଂ ଉପରୋକ୍ତ ପ୍ରତିବାଦୀ ନଂ ୯ଙ୍କ ଠିକଣା ନୋଟିସ୍ ରେଜିଷ୍ଟ୍ରି ଡାକଦ୍ୱାରା ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ଜାରି ହୋଇ ପ୍ରତିବାଦୀ ନଂ ୯ଙ୍କ ଠିକଣା ଭୁଲ ଥିବା ଯୋଗୁ ନୋଟିସ ଫେରସ୍ତ ହୋଇଅଛି।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ ୩ଙ୍କ ଔରସମାନଙ୍କ ଅବଗତି ନିମନ୍ତେ ଏବଂ ପ୍ରତିବାଦୀ ନଂ ୯ଙ୍କୁ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟ ନଂ ୨, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୦୬.୦୫.୨୦୨୫ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ କରାଯାଇଛି। ଉକ୍ତ କେସ୍‌ରେ ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ମୌଜା-ପଥରଗାଡ଼ିଆ, ତହସିଲ-ଭୁବନେଶ୍ୱର, ହାଲଖାତା ନଂ ୩୨୮, ପ୍ଲଟ୍ ନଂ ୭୯୯, ଏରିଆ ୦.୩୪୪ ଡିସିମିଲ, କିସମ- ଶାରଦ ଅଣ ଜଳସେଚିତ ଦୁଇ, ଏହାର ସାବକ ଖାତା ନଂ ୩୩, ପ୍ଲଟ ନଂ ୪୧୦, ଏରିଆ ୦.୬୨୫ ଡିସିମିଲ। ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ ୩ଙ୍କ ଔରସମାନେ ଏବଂ ପ୍ରତିବାଦୀ ନଂ ୯ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:  ସ୍ୱା/-ଅତିରିକ୍ତ ରିଭିଜନ କୋର୍ଟ ନଂ ୨
ଭୁବନେଶ୍ୱର  ଭୁବନେଶ୍ୱର
ଆଦେଶକ୍ରମେ କୋର୍ଟ ଅଫିସର

---

**NOTICE**

By virtue of an affidavit sworn before the Executive Magistrate, Berampur, Ganjam, Dated: 24.04.2025, I P.Sitamma Patra, Address: At- Gola Chandipadar, Po-Chandipadar, Ps- Berhampur Sadar, Dist- Ganjam, Odisha, PIN-761003, declare that I have changed my son's name from P. Tirupati Patro to P. Benu Gopal Patro. Henceforth, he shall be known as P.Benu Gopal Patro for all purposes.

Sd/- P. Sitamma Patra

**AFFIDAVIT**

By virtue of an affidavit sworn before the Executive Magistrate, Berhampur, Ganjam, Dated: 16.04.2025, I Basanti Sahu, Address: At-Gajapati Nagar 6th Lane, Berhampur, Po- Engineering School, Ps- B.N. Pur, Dist-Ganjam, Odisha, PIN-760004, declare that I changed my name from Pinky Sahu to Basanti Sahu. Henceforth, I shall be known as Basanti Sahu for all purposes.

Sd/- Basanti Sahu

**AFFIDAVIT**

By virtue of an affidavit sworn before the Notary Public, Jaleswar, dated: 01.05.2025, I Usha Rani Rana, Address: village-Dharamduar, Po- Ghantua, via- Singla, Ps- Jaleswar, Dist- Balasore, Odisha, PIN-756023, declare that I have changed my name from Usharani Rana to Usha Rani Rana. Henceforth, I shall be known as Usha Rani Rana for all purposes.

Sd/- Usha Rani Rana

---

OFFICE OF THE NOTIFIED AREA COUNCIL, RANPUR  C-220

NAYAGARH(ODISHA),PIN-752026

e-Mail : eoranpurnac.ranpur@gmail.com

Tender Call Notice No. 982 Dt.30.04.2025

E- Procurement Notice No. : RNP NAC-01/ 2025-26

**REQUEST FOR PROPOSAL(RFP)**

Ranpur NAC proposes to undertake "Preparation of Comprehensive Drainage Master Plan and DPR for Storm Water Drainage System of Ranpur NAC. in the District of Nayagarh,Odisha."

Proposals are invited to conduct the assignment and submit the deliverables from Public Sector Undertakings/Autonomous Bodies/consulting registered architectural firms that have requisite experience in preparation of drainage/pipeline/sewerage network plan and infrastructure.

The details may be accessed and the RFP/Application forms can be downloaded from https://www.tendersodisha.gov.in.

The consulting firm is requested to submit proposal online and hard copy should reach office of the undersigned through Speed post/Registered Post/Courier latest by 01.00pm on Dt.20.05.2025.

The Authority reserves the sole right to accept or reject any or all proposals without assigning any reason whatsoever.

/Sd/-
Executive Officer,
N.A.C. Ranpur

OIPR 13196/11/0012/2526



ଡେରାଡୁନ: ଖୋଲିଛି ବାବା କେଦାରନାଥଙ୍କ କପାଟ । ଅନେକ ଅପେକ୍ଷା ପରେ ଆଜି ବାବାଙ୍କ ଧାମ ଭକ୍ତଙ୍କ ପାଇଁ ଖୋଲା ଯାଇଛି । ଆଉ ଶ୍ରଦ୍ଧାଳୁଙ୍କ ଆଗମନ ପାଇଁ କେଦାରନାଥଙ୍କ ମନ୍ଦିରକୁ ଫୁଲରେ ସଜା ଯାଇଛି । ବାବାଙ୍କ ଧାମରେ ଲାଗିଛି ୧୦୮ କ୍ୱିଣ୍ଟାଲ ଫୁଲ । ମନ୍ଦିରର ମୁଖଶାଳା ସମେତ ମନ୍ଦିର ପରିସରରେ ଖାଲି ଫୁଲରେ ସଜା ଯାଇଛି । ଖାଲି ସେତିକି ନୁହେଁ କେଦାରନାଥଙ୍କ ଦର୍ଶନ କରିବାକୁ ଯାଇଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପରେ ଆକାଶ ମାର୍ଗରୁ ହେଲିକପ୍ଟରରେ ପୁଷ୍ପ ବୃଷ୍ଟି କରାଯାଇଛି । ତେବେ ହରହର ମହାଦେବ... ଜୟ ବାବା କେଦାରନାଙ୍କର ଜୟ... ଘଣ୍ଟ ଘଣ୍ଟା, ଓଁକାର ଧ୍ୱନୀ ଏବଂ ମହାଦେବଙ୍କ ଜୟଜୟକାରରେ ଆଜି ସକାଳ ୭ଟାରୁ ଶ୍ରଦ୍ଧାଳୁଙ୍କ ପାଇଁ କେଦାରନାଥଙ୍କ କପାଟ ଖୋଲି ଦିଆଯାଇଛି । ଆଉ ଯେମିତି କପାଟ ଖୋଲିଛି ମନ୍ଦିର ବାହାରେ ଅପେକ୍ଷା କରିଥିବା ୧୫ ହଜାର ଭକ୍ତ ବାବାଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଦେବଭୂମି ଉତ୍ତରାଖଣ୍ଡ ସ୍ଥିତ କେଦାରନାଥ ଧାମର କପାଟ ଆଜି ବୈଦିକ ରୀତିନୀତିରେ ଖୋଲା ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିବା ସହ ନିଜେ ମନ୍ଦିର ଭିତରକୁ ଯାଇ ବାବାଙ୍କ ଦର୍ଶନ କରିଥିଲେ । ତା ସହ ମୋଦୀ ବାବା କେଦାରନାଥ ବଡ଼ ଭକ୍ତ ବୋଲି କହିବା ସହ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ପରଷି ଦେଇଛନ୍ତି ଧାମୀ ।

# ଭିଜିଞ୍ଜାମ ଅନ୍ତର୍ଜାତୀୟ ବନ୍ଦର ଲୋକାର୍ପିତ



କେରଳ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କେରଳର ତିରୁଅନନ୍ତପୁରମରେ ୮,୮୦୦ କୋଟି ଟଙ୍କା ମୂଲ୍ୟର ଭିଜିଞ୍ଜାମ ଅନ୍ତର୍ଜାତୀୟ ଗଭୀର ଜଳ ବହୁମୁଖୀ ବନ୍ଦରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଭଗବାନ ଆଦି ଶଙ୍କରାଚାର୍ଯ୍ୟଙ୍କ ଜନ୍ମବାର୍ଷିକୀର ପବିତ୍ର ଅବସରରେ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ତିନି ବର୍ଷ ପୂର୍ବେ ସେପ୍ଟେମ୍ବର ମାସରେ, ସେ ଆଦି ଶଙ୍କରାଚାର୍ଯ୍ୟଙ୍କ ପୂଜ୍ୟ ଜନ୍ମସ୍ଥାନ ପରିଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ତାଙ୍କ ସଂସଦୀୟ କ୍ଷେତ୍ର କାଶୀର ବିଶ୍ୱନାଥ ଧାମ ପରିସରରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ ହୋଇଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ। ଏହି ପ୍ରତିଷ୍ଠାନ ଆଦି ଶଙ୍କରାଚାର୍ଯ୍ୟଙ୍କ ବ୍ୟାପକ ଆଧ୍ୟାତ୍ମିକ ଜ୍ଞାନ ଏବଂ ଶିକ୍ଷା ପ୍ରତି ଏକ ଶ୍ରଦ୍ଧାଞ୍ଜଳିର ସ୍ୱରୂପ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ତାଙ୍କୁ ଉତ୍ତରାଖଣ୍ଡର ପବିତ୍ର କେଦାରନାଥ ଧାମରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଦିବ୍ୟ ପ୍ରତିମା ଉନ୍ମୋଚନ କରିବାର ଗୌରବ ମଧ ମିଳିଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ଆଉ ଏକ ସ୍ୱତନ୍ତ୍ର ଅବସର, କାରଣ ଆଜି କେଦାରନାଥ ମନ୍ଦିରର ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲାଯାଇଛି। କେରଳରୁ ଜନ୍ମିତ ଆଦି ଶଙ୍କରାଚାର୍ଯ୍ୟ ଦେଶର ବିଭିନ୍ନ କୋଣରେ ମଠ ପ୍ରତିଷ୍ଠା କରିଥିଲେ, ଯାହା ଦ୍ୱାରା ଜାତୀୟ ଚେତନା ଜାଗ୍ରତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଆଦି ଶଙ୍କରଙ୍କ ପ୍ରୟାସ ଏକ ସୁସଂହତ ଏବଂ ଆଧ୍ୟାତ୍ମିକ ଭାବରେ ପ୍ରବୁଦ୍ଧ ଭାରତ ପାଇଁ ମୂଳଦୁଆ ସ୍ଥାପନ କରିଥିଲା। ଶ୍ରୀ ମୋଦୀ କହିଥିଲେ, କେରଳର ଗୋଟିଏ ପାର୍ଶ୍ୱରେ ରହିଥିବା ଅପାର ସମ୍ଭାବନାରେ ପରିପୂର୍ଣ୍ଣ ବିଶାଳ ସମୁଦ୍ର ଏବଂ ଅନ୍ୟପଟେ ପ୍ରକୃତିର ମନୋରମ ସୌନ୍ଦର୍ଯ୍ୟ ଏହାର ମହିମାକୁ ଆହୁରି ବୃଦ୍ଧି କରିଛି। ଏସବୁ ମଧ୍ୟରେ, ଭିଜିଞ୍ଜାମ ଗଭୀର ଜଳ ସମୁଦ୍ର ବନ୍ଦର ଏବେ ନୂତନ ଯୁଗର ବିକାଶର ପ୍ରତୀକ ଭାବରେ ଉଭା ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସେ କେରଳବାସୀ ଏବଂ ସମଗ୍ର ଦେଶକୁ ଅଭିନନ୍ଦନ ଜଣାଇଛନ୍ତି। ଭିଜିଞ୍ଜାମ ଗଭୀର ଜଳ ସମୁଦ୍ର ବନ୍ଦରକୁ ୮୮୦୦ କୋଟି ଟଙ୍କା ଖର୍ଚ୍ଚରେ ବିକଶିତ କରାଯାଇଛି ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଥିଲେ, ଆଗାମୀ ବର୍ଷଗୁଡ଼ିକରେ ଏହି ଟ୍ରାନ୍ସସିପମେଣ୍ଟ ହବ୍ର କ୍ଷମତା ତିନିଗୁଣ ବୃଦ୍ଧି ପାଇବ, ଯାହା ଦ୍ୱାରା ବିଶ୍ୱର କିଛି ବୃହତ୍ତମ ମାଲବାହୀ ଜାହାଜର ସୁଗମ ଆଗମନ ସମ୍ଭବ ହେବ। ପୋପ୍ ଫ୍ରାନ୍ସିସ୍ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି, ତାଙ୍କର ସେବା ମନୋଭାବ ଏବଂ ଖ୍ରୀଷ୍ଟିଆନ ପରମ୍ପରା ମଧ୍ୟରେ ସମାବେଶୀତାକୁ ସୁନିଶ୍ଚିତ କରିବା ପାଇଁ ତାଙ୍କ ପ୍ରୟାସକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ, ବିଶ୍ୱ ସର୍ବଦା ତାଙ୍କ ଅବଦାନକୁ ମନେ ରଖିବ। ସେ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିଥିଲେ, ପୋପ୍ ଫ୍ରାନ୍ସିସ୍ଙ୍କୁ ଭେଟିବାର ଅନେକ ସୁଯୋଗ ପାଇଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ସେ ତାଙ୍କଠାରୁ ବିଶେଷ ଶ୍ରଦ୍ଧା ପାଇଥିଲେ ଏବଂ ମାନବତା, ସେବା ଏବଂ ଶାନ୍ତି ଉପରେ ଆଲୋଚନାକୁ ପ୍ରଶଂସା କରିଥିଲେ, ଯାହା ତାଙ୍କୁ ପ୍ରେରଣା ଦେଇ ଚାଲିବ ବୋଲି ସେ କହିଥିଲେ। କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, କେରଳର ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ, କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭୁ, ଜର୍ଜ କୁରିଏନ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁ କର୍ମୀଙ୍କୁ ଛୁରି ଭୁସି ହତ୍ୟା


ବେଙ୍ଗାଲୁରୁ: ହିନ୍ଦୁ କର୍ମୀ ସୁବାସ ଶେଟ୍ଟୀଙ୍କ ହତ୍ୟା ପରେ ଦକ୍ଷିଣ କନ୍ନଡ ଜିଲାରେ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ମାଙ୍ଗାଲୋରରେ ପ୍ରବଳ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୁବାସ ହତ୍ୟା ମାମଲା ପରେ ମାଙ୍ଗାଲୁରୁର କନୁର, କନଚାଡି ଏବଂ ଉଲାଲରେ ଛୁରାମାଡ଼ ଘଟଣା ଘଟିଥିବାର ସୂଚନା ମିଳିଛି। ବିଳମ୍ବିତ ରାତିରେ ଏବଂ ସକାଳେ ୩ଜଣଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ଅଭିଯୁକ୍ତମାନେ କହିଥିଲେ ଯେ, ସୁବାସଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏହି ଆକ୍ରମଣ କରାଯାଇଥିଲା। ଆକ୍ରମଣକାରୀ ଉଲ୍ଲାଲର ଫୈଜଲ, କୋଣ୍ଡାଜିର ମହମ୍ମଦ ଲୁକମାନ ଏବଂ କନୁରର ଇରଶାଦଙ୍କୁ ଛୁରି ସାହାଯ୍ୟରେ ଆକ୍ରମଣ କରି ପଳାଇ ଯାଇଥିଲେ। ଆକ୍ରମଣର ଶିକାର ହୋଇଥିବା ସମସ୍ତ ୩ଜଣଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁବାସଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ, ଗୁରୁବାର ରାତିରେ ଉଡୁପି ତାଲୁକର ଅଥ୍ରାଡିରେ ଜଣେ ମୁସଲିମ ଯୁବକଙ୍କୁ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା।

# ୩ରୁ ଛତିଶଗଡ଼ରେ ୧୦ ନୂତନ ସୁବିଧାର ଶୁଭାରମ୍ଭ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆସନ୍ତା ୩ ତାରିଖରେ ରାଜଧାନୀ ରାୟପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଞ୍ଜିକରଣ ବିଭାଗର ୧୦ଟି ନୂତନ ସୁବିଧାର ଶୁଭାରମ୍ଭ କରିବେ । ଏଥିସହ ଏକ ପ୍ରସ୍ତାବିତ ଅତ୍ୟାଧୁନିକ ଏଆଇ ଡେଟା ସେଣ୍ଟରର ଶିଳାନ୍ୟାସ ମଧ୍ୟ କରିବେ । ଏହି କାର୍ଯ୍ୟକ୍ରମ ରାଜ୍ୟର ଡିଜିଟାଲ ସେବାକୁ ଅଧିକ ସୁଗମ କରିବ ଓ ନାଗରିକମାନଙ୍କ ପାଇଁ ଏହା ଅଧିକ ପାରଦର୍ଶୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି । ପଞ୍ଜିକରଣ ବିଭାଗ ଦ୍ୱାରା ଆରମ୍ଭ କରାଯାଉଥିବା ଏହି ନୂତନ ସୁବିଧାଗୁଡ଼ିକ ଜନସାଧାରଣଙ୍କ ଦସ୍ତାବିଜ୍ ସବୁ ସୁରକ୍ଷିତ ରହିବ । ସବୁ କାର୍ଯ୍ୟ ଅନଲାଇନ୍ ମାଧ୍ୟମରେ କରାଯିବ । ଆଧାର ସମ୍ବନ୍ଧିତ ପ୍ରମାଣପତ୍ର, ଅନଲାଇନରେ ସର୍ଚ୍ଚ ଏବଂ ଡାଉନଲୋଡ୍, ଘରେ ବସି ଜମି ରେଜିଷ୍ଟ୍ରି, ଡକ୍ୟୁମେଣ୍ଟ ସବୁର ଡିଜିଟାଲ କରଣ ଇତ୍ୟାଦି କରାଯିବ । ଏସବୁ ପେପରଲେସ୍ ମାଧ୍ୟମରେ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ସାଏ ଏଆଇ ଡାଟା ସେଣ୍ଟରର ଶିଳାନ୍ୟାସ କରି କହିଥିଲେ ଯେ, ବିଦ୍ୟୁତ୍ କ୍ଷେତ୍ରରେ ଆମେ ଆଗକୁ ଅଧିକ ୧୫୦ ମେଗାୱାଟ୍ ଉତ୍ପାଦନ କରିବୁ । ଏଥିପାଇଁ ହଜାରେ କୋଟିରୁ ଅଧିକ ଟଙ୍କାର ବିନିଯୋଗ କରାଯିବ । ଏହାସହ ଏଥିରେ ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ କହିଥିଲେ ।

# ଦୀର୍ଘକାଳୀନ ଭିସା ନେଇ ଗୃହ ମନ୍ତ୍ରଣାଳୟର ବଡ଼ ନିର୍ଦ୍ଦେଶ





ନୂଆଦିଲ୍ଲୀ: ପାକିସ୍ତାନୀ ନାଗରିକଙ୍କ ପାଇଁ ନୀତି ସମ୍ପର୍କରେ, ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ନିଷ୍ପତ୍ତି ନିଆଯାଇଛି ଯେ ସମସ୍ତ ପାକିସ୍ତାନୀ ନାଗରିକ ଯେଉଁମାନେ ଦୀର୍ଘକାଳୀନ ଭିଜା ଧାରଣ କରିଛନ୍ତି ଏବଂ ଭାରତୀୟ ନାଗରିକତା ହାସଲ କରିନାହାଁନ୍ତି, ସେମାନଙ୍କୁ ଏବେ ଯାଞ୍ଚ ହୋଇଥିବା ଡକ୍ୟୁମେଣ୍ଟ ସହିତ ଇଲେକ୍ଟ୍ରୋନିକ ଫରେନର୍ସ ରିଜିଓନାଲ ପଞ୍ଜୀକରଣ କାର୍ଯ୍ୟାଳୟ ପୋର୍ଟାଲରେ ନୂତନ ଭାବରେ ଆବେଦନ କରିବାକୁ ପଡିବ। ରାଜସ୍ଥାନ ସରକାର ରାଜ୍ୟରେ ରହୁଥିବା ଏପରି ପାକିସ୍ତାନୀ ନାଗରିକଙ୍କ ପାଇଁ ଏକ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରିଛନ୍ତି ଏବଂ ସେମାନଙ୍କୁ ଦୁଇ ମାସ ମଧ୍ୟରେ ଆବଶ୍ୟକୀୟ ଔପଚାରିକତା ପୂରଣ କରିବାକୁ କହିଛନ୍ତି। ରାଜସ୍ଥାନ ପୋଲିସ ମହାନିରୀକ୍ଷକ (ସୁରକ୍ଷା) ଡକ୍ଟର ବିଷ୍ଣୁକାନ୍ତଙ୍କ ଅନୁଯାୟୀ ଗୃହ ମନ୍ତ୍ରଣାଳୟର ବୈଦେଶିକ ବ୍ୟାପାର ବିଭାଗ-୧ର ଉପସଚିବ ପ୍ରତାପ ସିଂହ ରାୱତଙ୍କ ଦ୍ୱାରା ଏ ସମ୍ପର୍କରେ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ଆଦେଶ ଅନୁଯାୟୀ, ବିଦେଶୀ ଆଇନ, ୧୯୪୬ର ଧାରା ୩(୧) ଅନୁଯାୟୀ କ୍ଷମତା ବ୍ୟବହାର କରିବାକୁ ଏବଂ ଏପ୍ରିଲ ୨୫ରେ ମନ୍ତ୍ରଣାଳୟର ଆଦେଶକୁ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଯାହା ଦ୍ୱାରା ଏହି ଆଦେଶ ଅନୁଯାୟୀ ସମସ୍ତ ଦୀର୍ଘକାଳୀନ ଭିଜା ଧାରକଙ୍କୁ ସେମାନଙ୍କର ଭିଜା ବାତିଲରୁ ମୁକ୍ତ କରାଯାଇଥିଲା। ତାଙ୍କ ଅନୁସାରେ, ଏହି ଆଦେଶକୁ ସରକାର ବିଚାର କରିଛନ୍ତି ଏବଂ ସରକାର ଏବେ ନିଷ୍ପତ୍ତି ନେଇଛନ୍ତି ଯେ ଦୀର୍ଘକାଳୀନ ଭିଜା ଥିବା ଏବଂ ଭାରତୀୟ ନାଗରିକତା ହାସଲ କରିନଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ନିମ୍ନଲିଖିତ ଡକ୍ୟୁମେଣ୍ଟ ସହିତ ଇଲେକ୍ଟ୍ରୋନିକ ଫରେନର୍ସ ରିଜିଓନାଲ ପଞ୍ଜୀକରଣ କାର୍ଯ୍ୟାଳୟ ପୋର୍ଟାଲରେ ନୂତନ ଭାବରେ ଆବେଦନ କରିବାକୁ ପଡିବ। ପାକିସ୍ତାନୀ ନାଗରିକ ପୋର୍ଟାଲରେ ନୂତନ ଆବେଦନ ପାଇଁ ଅନଲାଇନରେ ଆବେଦନ କରିପାରିବେ। ସେମାନଙ୍କର ବୈଧ ଦୀର୍ଘକାଳୀନ ଭିସା ପ୍ରମାଣପତ୍ରର କପି ସଦ୍ୟତମ ଫଟୋଗ୍ରାଫନୂତନତମ ଠିକଣା ପ୍ରମାଣପତ୍ରର କପି ବୃତିଏବଂ ଧର୍ମର ବିବରଣୀ ଯଦି ଭାରତୀୟ ନାଗରିକତା ପାଇଁ ଆବେଦନ କରାଯାଏ, ତେବେ ଆବେଦନ ଫର୍ମର ଏକ କପି ସଂଲଗ୍ନ କରିବାକୁ ପଡିବ। ଯଦି ଆପଣ ୧୦ ମଇରେ ଆବେଦନ ନକରନ୍ତି, ତେବେ ଆପଣଙ୍କର ଭିଜା ବାତିଲ ହୋଇଯିବ । ରାଜସ୍ଥାନ ଆଇଜି ପୋଲିସ (ସୁରକ୍ଷା) ଡକ୍ଟର ବିଷ୍ଣୁକାନ୍ତ କହିଛନ୍ତି, ‘ଆଦେଶ ଅନୁଯାୟୀ, ଦୀର୍ଘକାଳୀନ ଭିଜା ପାଇଁ ପୁନଃ ଆବେଦନ ପାଇଁ ଆବେଦନ ଫର୍ମ ଆସନ୍ତା ସପ୍ତାହ ଶନିବାର (୧୦ ମଇ) ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ହେବ ଏବଂ ଜୁଲାଇ ୧୦ ପର୍ଯ୍ୟନ୍ତ ଖୋଲା ରହିବ। ଯଦି କୌଣସି ପାକିସ୍ତାନୀ ନାଗରିକ ଏହି ସମୟ ମଧ୍ୟରେ ଦୀର୍ଘକାଳୀନ ଭିଜା ପାଇଁ ପୁନଃ ଆବେଦନ କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କର ଭିଜା ବାତିଲ କରାଯିବ। ଏହା ପରେ, ଭାରତରେ ସମ୍ପୃକ୍ତ ବ୍ୟକ୍ତିଙ୍କ ରହଣିକୁ ଅବୈଧ ବୋଲି ବିବେଚନା କରାଯିବ ଏବଂ ନିୟମ ଅନୁଯାୟୀ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜମ୍ମୁ-କଶ୍ମୀରରେ ପୁଣି ହୋଇପାରେ ଆତଙ୍କବାଦୀ ଆକ୍ରମଣ



ଶ୍ରୀନଗର: ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଆତଙ୍କବାଦୀମାନେ ପୁଣି ଥରେ ସେମାନଙ୍କର ଘୃଣ୍ୟ ଉଦ୍ଦେଶ୍ୟ ପୋଷଣ କରୁଛନ୍ତି। ଏହି ସମୟରେ, ଉପତ୍ୟକାର ଜାତୀୟ ରାଜପଥ ପାର୍ଶ୍ୱରେ କରି ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ବିଷୟରେ ନିରାପତ୍ତା ଏଜେନ୍ସି ସୂଚନା ମିଳିଛି। ସୂଚନା ପାଇବା ପରେ, ସୁରକ୍ଷା ଏଜେନ୍ସିଗୁଡ଼ିକ ଜମ୍ମୁ-କଶ୍ମୀରରେ ହାଇଆଲର୍ଟ ଜାରି କରିଛନ୍ତି। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଏହି ସତର୍କତା ଜାରି କରାଯାଇଛି, ଯେଉଁଥିରେ ପାକିସ୍ତାନ ସମର୍ଥିତ ଗୋଷ୍ଠୀର ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ତଥାପି ପହଲଗାମ ଆକ୍ରମଣ ପରେ, ଭାରତ ସରକାର ଉପତ୍ୟକାରେ ସୁରକ୍ଷା ବହୁ ଗୁଣ ବୃଦ୍ଧି କରାଯାଇଛି। ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାରେ ଏହି ଆକ୍ରମଣ ହୋଇଥିଲା। ରାଜ୍ୟର ଏ ସମ୍ବେଦନଶୀଳ ଅଞ୍ଚଳରେ ଅତିରିକ୍ତ ଯାଞ୍ଚ କେନ୍ଦ୍ର ସ୍ଥାପନ କରାଯାଇଥିଲା। ପ୍ରମୁଖ ପ୍ରତିଷ୍ଠାନ ଏବଂ ପର୍ଯ୍ୟଟନସ୍ଥଳୀ ନିକଟରେ ଦ୍ରୁତ ପ୍ରତିକ୍ରିୟା ଦଳଗୁଡ଼ିକୁ ନିୟୋଜିତ କରାଯାଇଥିଲା। ଘଟଣା ପରେ, ସେନା ଆତଙ୍କବାଦୀଙ୍କୁ ଦମନ କରିବାକୁ ନିରନ୍ତର ଚେଷ୍ଟା କରୁଛି। ଜମ୍ମୁ କଶ୍ମୀରର ଅନେକ ସ୍ଥାନରେ ଆତଙ୍କବାଦ ବିରୋଧୀ ଅଭିଯାନ କରାଯାଉଛି। ଏହା ସହ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା ଏବଂ ଘରଗୁଡ଼ିକୁ ବୁଲଡୋଜର କରାଯାଇଥିଲା। ଆତଙ୍କବାଦୀଙ୍କୁ କଡ଼ା ଚେତାବନୀ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ‘ଏହି ଆତଙ୍କବାଦୀ ଆକ୍ରମଣରେ କେହି ତାଙ୍କ ପୁଅକୁ ହରାଇଛନ୍ତି, କେହି ତାଙ୍କ ଭାଇକୁ ହରାଇଛନ୍ତି, କେହି ତାଙ୍କ ଜୀବନସାଥୀଙ୍କୁ ହରାଇଛନ୍ତି।’ ସେମାନଙ୍କ ମଧ୍ୟରୁ କେତେକ ବଙ୍ଗାଳୀ କହୁଥିଲେ, କେତେକ କନ୍ନଡ଼ କହୁଥିଲେ, କେତେକ ମରାଠୀ କହୁଥିଲେ, କେତେକ ଓଡ଼ିଆ କହୁଥିଲେ, କେତେକ ଗୁଜରାଟୀ କହୁଥିଲେ, କେତେକ ବିହାର ଥିଲେ। ଆଜି, କାର୍ଗିଲରୁ କନ୍ୟାକୁମାରୀ ପର୍ଯ୍ୟନ୍ତ, ସେହି ସମସ୍ତ ଲୋକଙ୍କ ମୃତ୍ୟୁ ପାଇଁ ଆମର ଦୁଃଖ ସମାନ। ଆମର କ୍ରୋଧ ସମାନ। ଏହି ଆକ୍ରମଣ କେବଳ ନିରସ୍ତ୍ର ପର୍ଯ୍ୟଟକଙ୍କ ଉପରେ ହୋଇନାହିଁ ବରଂ ଦେଶର ଶତ୍ରୁମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରିବାକୁ ସାହସ କରିଛନ୍ତି। ସେ କହିଥିଲେ, ଆଜି କେହି ଭାବିବା ଉଚିତ ନୁହେଁ ଯେ ଆମର ୨୬ ଜଣଙ୍କୁ ହତ୍ୟା କରି ସେମାନେ ଏହି ଯୁଦ୍ଧରେ ବିଜୟୀ ହୋଇଛନ୍ତି। ମୁଁ ସେମାନଙ୍କୁ କହିବାକୁ ଚାହୁଁଛି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତର ମିଳିବ ଏବଂ ଉତ୍ତର ମଧ୍ୟ ନିଆଯିବ। ଯଦି କେହି କାପୁରୁଷ ଆକ୍ରମଣ କରେ ଏବଂ ଭାବେ ଯେ ଏହା ଆମର ବିଜୟ, ତେବେ ସେ ବୁଝିବା ଉଚିତ ଯେ ବାଛିବା ପ୍ରତିଶୋଧ ନିଆଯିବ। ଏହା ହେଉଛି ନରେନ୍ଦ୍ର ମୋଦିଙ୍କ ଭାରତ।

## ଆର୍ଜେଣ୍ଟିନାରେ ୭.୪ ତୀବ୍ରତାର ଭୂମିକମ୍ପ, ସୁନାମୀ ସତର୍କତା ଜାରି



ବୁଏନସ ଏରିସ୍: ଭୂମିକମ୍ପରେ ଥରି ଉଠିଛି ଆର୍ଜେଣ୍ଟିନା। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୪ ମାପ କରାଯାଇଥିଲା। ଭୂମିକମ୍ପର ତୀବ୍ରତାକୁ ବିଚାରକୁ ନେଇ ସୁନାମି ସତର୍କତା ଜାରି କରାଯାଇଛି। ଭୂମିକମ୍ପର ତୀବ୍ର ଝଟକା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଲୋକମାନେ ଘରୁ ବାହାରକୁ ଖୋଲା ଆକାଶ ଆଡକୁ ଦୌଡ଼ିବାକୁ ଲାଗିଥିଲେ। ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ଭେ ଅନୁଯାୟୀ, ଦକ୍ଷିଣ ଆର୍ଜେଣ୍ଟିନାର ଉଶୁଆଇଆର ଦକ୍ଷିଣରେ ୨୧୯ କିଲୋମିଟର ଦୂରରେ ଡ୍ରେକ୍ ପାସେଜରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପ ପରେ ତୁରନ୍ତ ସୁନାମି ସତର୍କତା ଜାରି କରାଯାଇଥିଲା, ଯାହା ପରେ ପ୍ରଶାସନ ଲୋକମାନଙ୍କୁ ଉପକୂଳରୁ ଦୂରେଇ ଯାଇ ସୁରକ୍ଷିତ ସ୍ଥାନକୁ ଯିବାକୁ ଅନୁରୋଧ କରିଥିଲେ। ଭୂମିକମ୍ପର କେନ୍ଦ୍ରସ୍ଥଳରୁ ୩୦୦ କିଲୋମିଟର ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ବିପଦପୂର୍ଣ୍ଣ ଲହରି ଆସିବାର ସତର୍କତା ଆମେରିକା ସୁନାମି ସତର୍କତା ପ୍ରଣାଳୀ ଜାରି କରିଛି। ଆର୍ଜେଣ୍ଟିନା ବ୍ୟତୀତ, ଚିଲିର କିଛି ଅଂଶ ମଧ ଏହାର ଅଧୀନରେ ଆସୁଛି। ଏହି ସମୟରେ, ଚିଲିର ଜାତୀୟ ବିପର୍ଯ୍ୟୟ ନିବାରଣ ଏବଂ ପ୍ରତିକ୍ରିୟା ସେବା କହିଛି ଯେ ସୁନାମି ଆଶଙ୍କା ଯୋଗୁଁ ଦେଶର ଦକ୍ଷିଣ ପ୍ରାନ୍ତରେ ଥିବା ମାଗାଲାନେସ୍ ଅଞ୍ଚଳର ଉପକୂଳବର୍ତ୍ତୀ ଅଞ୍ଚଳକୁ ଖାଲି କରାଯାଉଛି।

# ବାଣିଜ୍ୟ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗ୍ରାହକ ସେବାକୁ ବଢ଼ାଇବା ଏବଂ ସ୍ଥାନୀୟ ସମୁଦାୟ ମାନଙ୍କ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିବା ନିମନ୍ତେ ଜାରି ରହିଥିବା ପ୍ରତିବଦ୍ଧତାର ଅଂଶସ୍ୱରୂପ ବିଭିନ୍ନ ରାଜ୍ୟରେ ୧,୫୦୦ ସ୍ଥାନୀୟ ବ୍ୟାଙ୍କ ଅଧିକାରୀଙ୍କୁ ସଫଳତାର ସହ ନିଯୁକ୍ତି ଦେଇଛି। ଆଂଚଳିକ ଭାଷାରେ ଅଧିକାରୀଙ୍କ ଦକ୍ଷତାର ଉପଯୋଗ କରି ଉତ୍ତମ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏହି ରଣନୈତିକ ପଦକ୍ଷେପର ଲକ୍ଷ୍ୟ। ନବନିଯୁକ୍ତ ସ୍ଥାନୀୟ ବ୍ୟାଙ୍କ ଅଧିକାରୀମାନେ ଗ୍ରାହକ ସମ୍ପର୍କକୁ ସୁଦୃଢ଼ କରିବା, ଶାଖା ପରିଚାଳନାକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ଏବଂ ସ୍ଥାନୀୟ ଭାଷା ଏବଂ ସଂସ୍କୃତି ସହିତ ସେମାନଙ୍କ ପରିଚୟକୁ ବ୍ୟବହାର କରି ବ୍ୟାଙ୍କର ଉତ୍ପାଦ ଏବଂ ସେବାଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସେମାନଙ୍କ ଉପସ୍ଥିତି ଯୋଗାଯୋଗ ବ୍ୟବଧାନକୁ ଦୂର କରିବ, ଯାହାଦ୍ୱାରା ଗ୍ରାହକମାନଙ୍କ ପାଇଁ ସହଜ ଏବଂ ଅଧିକ ବ୍ୟକ୍ତିଗତ ବ୍ୟାଙ୍କିଂ ଅନୁଭୂତି ସହଜ ହେବ ବାଲି ଆଶା କରାଯାଉଛି। ସ୍ଥାନୀୟ ବ୍ୟାଙ୍କ ଅଫିସର ନିଯୁକ୍ତି ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗ୍ରାହକ ସେବା ଉତ୍କର୍ଷତାକୁ ବୃଦ୍ଧି କରିବ ଏବଂ ଉତ୍ତମ ସ୍ଥାନୀୟ ଯୋଗାଯୋଗ ମାଧ୍ୟମରେ ବ୍ୟବସାୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟାପକ ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଦୁଇ ବର୍ଷ ମଧ୍ୟରେ ଆରମ୍ଭ ହେବ ସେମିକଣ୍ଡକ୍ଟର ଉତ୍ପାଦନ: ଆଇଟି ମନ୍ତ୍ରୀ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ନିବେଶକଙ୍କ ପାଇଁ ଉନ୍ନତ ନୀତି ପ୍ରଣୟନ ପାଇଁ ଜଣାଶୁଣା ଓଡ଼ିଶାରେ ଆଗାମୀ କିଛି ବର୍ଷ ମଧ୍ୟରେ ସେମିକଣ୍ଡକ୍ଟର ଉତ୍ପାଦନ ଆରମ୍ଭ ହେବ ବୋଲି ରାଜ୍ୟ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ‘ଫ୍ରମ ଟେମ୍ପଲ ଟୁ ଟେକ’ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଡିଜିଟାଲ୍ ଭିତିଭୂମି, ଦକ୍ଷତା ବିକାଶ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶା ବହୁତ ଭଲ ସ୍ଥିତିରେ ରହିଛି। ରାଜ୍ୟରେ ଅଗ୍ରଣୀ ଆଇଟି କଂପାନିଗୁଡ଼ିକ ସେମାନଙ୍କ କେନ୍ଦ୍ର ସ୍ଥାପନ କରିଛନ୍ତି। ଆଇଟି କଂପାନିଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିବା ସହ ସେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ଭାରତ ତଥା ବିଦେଶର ଶୀର୍ଷ ସରକାରୀ ଅଧିକାରୀ, ଶିଳ୍ପ ନେତା, ଏକାଡେମିକ ବିଶେଷଜ୍ଞ ଏବଂ ଷ୍ଟାର୍ଟଅପ୍ ମାନେ ଏକାଠି ହୋଇଥିଲେ, ଯାହା ରାଜ୍ୟକୁ ଏକ ପ୍ରଯୁକ୍ତି ଭିତିକ ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅବସରରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ପ୍ରତି ସେବା କ୍ଷେତ୍ରର ବଢୁଥିବା ଅବଦାନ ଏବଂ ଆଗାମୀ ଦିନରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଯୁଗ୍ମ ସଚିବ ମନୀଷ ଚଢା ଦେଶର ହାର୍ଡୱେର ଉତ୍ପାଦନର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି କହିଥିଲେ ଯେ କିଛି ବର୍ଷ ତଳେ ଏହାକୁ ନେଇ ଅନେକ ଚ୍ୟାଲେଞ୍ଜ ଥିଲା। କିନ୍ତୁ କେନ୍ଦ୍ର ସରକାର ଆକର୍ଷଣୀୟ ନୀତି ଆଣିବା ପରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଭାରତ ଯଥେଷ୍ଟ ଅଗ୍ରଗତି କରିଛି। ଭାରତରେ ବ୍ୟବହୃତ ହେଉଥିବା ୯୯ ପ୍ରତିଶତ ମୋବାଇଲ ଫୋନ୍ ଦେଶ ଭିତରେ ନିର୍ମିତ। ସ୍ମାର୍ଟଫୋନ୍ ଉତ୍ପାଦନ କ୍ଷେତ୍ରରେ ଭାରତର ଅବଦାନ କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଇଏସସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୁରମିତ୍ ସିଂହ, ଅଧ୍ୟକ୍ଷ (ଗ୍ଲୋବାଲ୍ ଆଉଟରିଚ) ସନ୍ଦୀପ ନରୁଲା, ଇଏସସି ଅଧ୍ୟକ୍ଷ ବୀର ସାଗର ଓ ଇଏସସି (ଇଷ୍ଟର୍ଣ୍ଣ) ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଡିଏସ୍ପି ସିଲ୍ଭର ଇଟିଏଫ୍ ଫଣ୍ଡ୍ ଅଫ୍ ଫଣ୍ଡ୍’ ପ୍ରଚଳନ

ମୁମ୍ବାଇ: ଡିଏସପି ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ତାହାର ନୂତନ ଓପନ-ଏଣ୍ଡେଡ ସ୍କିମ ‘ଡିଏସପି ସିଲ୍ଭର ଇଟିଏଫ ଫଣ୍ଡ୍ ଅଫ ଫଣ୍ଡ୍’ ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି, ଯାହା ପୁଞ୍ଜିନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ୍ ମାଧ୍ୟମ ଜରିଆରେ ରୂପାରେ ପୁଞ୍ଜିନିବେଶ ସୁଯୋଗ ହାସଲ କରିବାକୁ ଏକ ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ସୁସଂଗଠିତ ପନ୍ଥା ଯୋଗାଇ ଦେଉଛି। ଏହି ଫଣ୍ଡ୍ ଅଫ ଫଣ୍ଡ ମୁଖ୍ୟତଃ ଡିଏସପି ସିଲ୍ଭର ଇଟିଏଫରେ ପୁଞ୍ଜିନିବେଶ କରିବ, ଯାହା ଘରୋଇ ବଜାରରେ ଭୌତିକ ରୂପାର ପ୍ରଦର୍ଶନ ସହିତ ଅତି ନିକଟତର ରିଟର୍ଣ୍ଣ ପ୍ରଦାନ କରିବ। ରୂପା ଏକ ସାମଗ୍ରୀ ଭାବରେ ଇଲେକଟ୍ରୋନିକ୍ସ, ଯାନବାହନ, ଶକ୍ତି ଏବଂ ଅଳଙ୍କାର ଆଦି ବିବିଧ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ଯାହାର ଚାହିଦା ଅକ୍ଷୟ ଏବଂ ସ୍ୱଚ୍ଛ ଶକ୍ତି ଉତ୍ସ ଆଡକୁ ବିଶ୍ୱର ସ୍ଥାନାନ୍ତରଣ କାରଣରୁ ବୃଦ୍ଧିପାଇବା ଆଶା କରାଯାଉଛି। ରୂପାର ଯୋଗାଣ ଅଭିବୃଦ୍ଧି ସୀମିତ ରହିଛି ଏବଂ ଚଳିତ ବର୍ଷଗୁଡ଼ିକରେ ନିରନ୍ତର ଏହାର ଯୋଗାଣରେ ଅଭାବ ପରିଲକ୍ଷିତ ହୋଇଛି। ୨୦୨୫ ବର୍ଷଟି କ୍ରମାଗତ ପଞ୍ଚମ ବର୍ଷ ହୋଇପାରେ, ଯେତେବେଳେ ରୂପାର ଚାହିଦା ଯୋଗାଣ ଠାରୁ ଅଧିକ ରହିପାରେ। ‘ଭୂରାଜନୈତିକ ଉତ୍ତେଜନା ଏବଂ ଅନିଶ୍ଚିତ ପରିସ୍ଥିତିରେ ରୂପା ଓ ସୁନା ଭଳି ମୂଲ୍ୟବାନ ଧାତୁ ପୁଞ୍ଜିନିବେଶକଙ୍କ ନିମନ୍ତେ ଏକ ନିରାପଦ ସ୍ଥଳ ହେଉଛି। ଏଥିସହିତ ବାଣିଜ୍ୟିକ ଯୁଦ୍ଧ ଏବଂ ଟାରିଫ ଉତ୍ତେଜନା ଉଚ୍ଚ ମୁଦ୍ରାସ୍ଫୀତି ସୃଷ୍ଟି କରିପାରେ ବୋଲି ଆଶଙ୍କା କରୁଥିବା ପୁଞ୍ଜିନିବେଶକଙ୍କ ନିମନ୍ତେ ମୂଲ୍ୟବାନ ଧାତୁଗୁଡ଼ିକ ଏକ ଉତ୍ତମ ମୁଦ୍ରାସ୍ଫୀତିରୁ ସୁରକ୍ଷା ପ୍ରଦାନକାରୀ ହୋଇଛି। କିନ୍ତୁ ଏହିଭଳି ପୁଞ୍ଜିନିବେଶ ଚାହିଦା ବ୍ୟତୀତ ବାର୍ଷିକ ରୂପା ଚାହିଦାର ୫୦ ପ୍ରତିଶତରୁ ଅଧିକ ଶିଳ୍ପ କ୍ଷେତ୍ରରେ ବ୍ୟବହାର ହେଉଛି। ଆମେ ଯଦି ସାମ୍ପ୍ରତିକ ସୁନା/ରୂପାର ଅନୁପାତ ଦେଖିବା ଏବଂ ତାହାକୁ ଦୀର୍ଘକାଳୀନ ଇତିହାସ ସହିତ ତୁଳନା କରିବା, ତେବେ ରୂପାର ମୂଲ୍ୟ ତୁଳନାତ୍ମକ ଭାବରେ କମ୍ ମୂଲ୍ୟାଙ୍କିତ କରାଯାଇଛି, ଯେଉଁଥିରୁ ସୂଚନା ମିଳୁଛି ଯେ ରୂପା ଉଲ୍ଲେଖନୀୟ ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖୁଛି। ତେବେ ପୁଞ୍ଜିନିବେଶକମାନେ ସ୍ୱଳ୍ପମିଆଦୀ ରିଟର୍ଣ୍ଣରେ ହ୍ରାସ-ବୃଦ୍ଧି ଆଶା କରିବା ଉଚିତ ବୋଲି ଅନିଲ ଘେଲାନି, ସିଏଫଏ, ହେଡ-ପାସିଭ ଇନଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ୍, ଡିଏସପି ମ୍ୟୁଚୁଆଲ ଫଣ୍ଡ, କହିଛନ୍ତି। ‘ଡିଏସପି ସିଲ୍ଭର ଇଟିଏଫ ଫଣ୍ଡ୍ ଅଫ ଫଣ୍ଡ୍ ପ୍ରଚଳନ ସହିତ ଆମେ ପୁଞ୍ଜିନିବେଶକଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ୍ ପ୍ଲାଟଫର୍ମ ମାଧ୍ୟମରେ ଏକ ସମ୍ପତ୍ତି ବର୍ଗ ଭାବରେ ରୂପାର ସୁଯୋଗ ନେବା ପଦ୍ଧତିକୁ ସରଳ କରିଦେଉଛୁ। କମୋଡିଟିଜ ଜରିଆରେ ବିବିଧକରଣ ଏବଂ ଦୀର୍ଘସୂତ୍ରୀ ଅଭିବୃଦ୍ଧି ସାମର୍ଥ୍ୟ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଏକ ସ୍ୱଚ୍ଛ, ସାବଲୀଳ ଏବଂ କମ୍ ଖର୍ଚ୍ଚ ବିଶିଷ୍ଟ ସମାଧାନ ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ଦୀପେଶ ଶାହ, ଫଣ୍ଡ୍ ମ୍ୟାନେଜର, ଡିଏସପି ସିଲ୍ଭର ଇଟିଏଫ ଫଣ୍ଡ୍ ଅଫ ଫଣ୍ଡ୍ କହିଛନ୍ତି।

# ନିସାନ ପକ୍ଷରୁ ୯୯ହଜାରରୁ ଉର୍ଦ୍ଧ୍ୱ ୟୁନିଟ୍ର ସର୍ବାଧିକ ବାର୍ଷିକ ବିକ୍ରି ରେକର୍ଡ




ନୂଆଦିଲ୍ଲୀ: ନିସାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏନଏମଆଇପିଏଲ) ଭାରତରେ ନିରନ୍ତର ଓ ସ୍ଥାୟୀ ଅଭିବୃଦ୍ଧି ବଜାୟ ରଖିବା ସହ ୨୦୨୪-୨୫ରେ ସର୍ବାଧିକ ବିକ୍ରି ରେକର୍ଡ ହାସଲ କରିଛି। ନିସାନ ୨୦୨୪-୨୫ ଆର୍ଥିକ ବର୍ଷରେ ୯୯,୦୦୦ରୁ ଅଧିକ ୟୁନିଟର ମୋଟ ବିକ୍ରି (ରପ୍ତାନୀ+ଘରୋଇ) ହାସଲ କରିଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଚଳିତ ବର୍ଷ ସର୍ବୋଚ୍ଚ ସମନ୍ୱିତ ବିକ୍ରି ରେକର୍ଡ କରିଛି। ଘରୋଇ ଓ ରପ୍ତାନୀ ବଜାରରେ ନୂଆ ନିସାନ ମାଗ୍ନାଇଟ ବି-ଏସୟୁଭିର ଚମତ୍କାର ପ୍ରଦର୍ଶନ ଯୋଗୁଁ ୨୦୨୪-୨୫ରେ କମ୍ପାନୀର ବାର୍ଷିକ ବିକ୍ରି ୩୫% ବୃଦ୍ଧି ହୋଇଛି। ନିକଟରେ ନିସାନ ପକ୍ଷରୁ ୨୦୨୫ ଆର୍ଥିକ ବର୍ଷରେ ଦୁଇଟି ନୂଆ ମଡେଲ ଅଲ୍-ନ୍ୟୁ ୭-ସିଟର ବି-ଏମ୍ପିଭି ଓ ୨୦୨୬ ଆର୍ଥିକ ବର୍ଷରେ ଗୋଟିଏ ୫-ସିଟର୍ର ଶୁଭାରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରାଯାଇଥିଲା। ସେହିପରି ରପ୍ତାନୀ କ୍ଷେତ୍ରରେ କମ୍ପାନୀ ଏହାର ପରିଚାଳନାକୁ ୨୦ଟି ବଜାରରୁ ୬୫ରୁ ଅଧିକ ଆନ୍ତର୍ଜାତୀୟ ବଜାରକୁ ବିସ୍ତାର କରିଛି। ଏହାର ‘ୱାନ କାର୍, ୱାନ ୱାର୍ଲ୍ଡ’ ପ୍ଲାନ ଅଧିନରେ ନୂଆ ନିସାନ ମାଗ୍ନାଇଟ ଆର୍ଏଚଡି ଓ ଏଲ୍ଏଚଡି ଭାରିଆଣ୍ଟଗୁଡିକ ଯୋଗୁଁ ନିସାନର ରପ୍ତାନୀ ବ୍ୟବସାୟରେ ଏକ ଐତିହାସିକ ୭୧୦୦୦+ ୟୁନିଟ୍ ବିକ୍ରି ଦେଖିବାକୁ ମିଳିଛି। ଏହି ରପ୍ତାନୀ ସଫଳତା କମ୍ପାନୀର ମୋଟ ବିକ୍ରିକୁ ୯୯,୦୦୦+ ୟୁନିଟରେ ପହଂଚାଇଛି। ସେହିପରି ନିସାନ ମୋଟର ଇଣ୍ଡିଆ ଏପ୍ରିଲ ୨୦୨୫ରୁ ନୂଆ ନିସାନ ମାଗ୍ନାଇଟ୍ର ମୂଲ୍ୟକୁ ୩% ଯାଏଁ ବୃଦ୍ଧି କରିବ ବୋଲି ଘୋଷଣା କରିଛି। ସେହିପରି ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରବ ବତ୍ସ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ଅଟୋ ଶିଳ୍ପ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବର୍ଷ ହୋଇଥିବା ସତ୍ତ୍ୱେ ନୂଆ ମାଗ୍ନାଇଟ ଚମତ୍କାର ପ୍ରଦର୍ଶନ କରିଛି ଏବଂ ପ୍ରମାଣିତ କରିଛି ଯେ, ବି-ଏସ୍ୟୁଭି ଗ୍ରାହକଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଜାୟ ରହିଛି। ନୂଆ ୭-ସିଟର ବି-ଏମପିଭି ଓ ୫-ସିଟର ସି-ଏସୟୁଭିର ସଦ୍ୟତମ ଘୋଷଣା ସହିତ ଆମେ ଏକ ଉତ୍ସାହଜନକ ଉତ୍ପାଦ ପୋର୍ଟଫୋଲିଓ ପ୍ରଦାନ କରିବା ଏବଂ ଗ୍ରାହକ ଅନୁଭୂତିକୁ ଉନ୍ନତ କରିବା ଲାଗି ଆମର ଡିଲର ନେଟ୍ୱର୍କକୁ ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଉଛୁ।

## ଜେଏସ୍ଡବ୍ଲ୍ୟୁ ଇନଫ୍ରାଷ୍ଟ୍ରକ୍ଚରର ଚତୁର୍ଥ ତ୍ରୈମାସିକରେ ନିଟ୍ ଲାଭ ୫୭% ବୃଦ୍ଧି

ମୁମ୍ବାଇ :ଜେଏସଡବ୍ଲ୍ୟୁ ଗ୍ରୁପର ଅଂଶ ତଥା ଦେଶର ଦ୍ୱିତୀୟ ସର୍ବବୃହତ ଘରୋଇ ବାଣିଜ୍ୟିକ ବନ୍ଦର ଅପରେଟର ଜେଏସଡବ୍ଲ୍ୟୁ ଇନଫ୍ରାଷ୍ଟ୍ରକଚର ଲିମିଟେଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନିର ନିଟ ଲାଭ ୫୭ ପ୍ରତିଶତ ବୃଦ୍ଧି ପାଇ ୫୧୬ କୋଟି ଟଙ୍କା ହୋଇଛି। ୨୦୨୪-୨୫ ଅର୍ଥିକ ବର୍ଷସାରାରେ ଟିକସ ପରବର୍ତ୍ତୀ ଲାଭ ୩୧ ପ୍ରତିଶତ ବୃଦ୍ଧି ପାଇ ୧୫୨୧ କୋଟି ଟଙ୍କା ହୋଇଛି। ଚତୁର୍ଥ ତ୍ରୈମାସିକରେ ଜେଏସଡବ୍ଲ୍ୟୁ ଇନଫ୍ରାଷ୍ଟ୍ରକଚର ଲିମିଟେଡର ପଣ୍ୟ ପରିବହନ ପରିମାଣ ୫୭ ପ୍ରତିଶତ ବୃଦ୍ଧି ପାଇ ୩୧.୨ ନିୟୁତ ଟନ ହୋଇଛି। ମୋଟ ରାଜସ୍ୱ ଏହି ସମୟରେ ୧୪ ପ୍ରତିଶତ ବୃଦ୍ଧି ସହ ୧୩୭୨ କୋଟି ଟଙ୍କା ହୋଇଛି। ଇବିଆଇଟିଡିଏ ୭ ପ୍ରତିଶତ ବୃଦ୍ଧି ପାଇ ୭୩୦ କୋଟି ଟଙ୍କା ହୋଇଛି। ଏହାବ୍ୟତୀତ ନିଜର ଲଜିଷ୍ଟିକ୍ସ କ୍ଷେତ୍ରର ସମ୍ପ୍ରସାରଣ କରିବା ଲାଗି କମ୍ପାନି ୯୦୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛି। ନଭକର ଅଧିଗ୍ରହଣ ଅନୁସାରେ ଏକ ଦୃଢ଼ ସର୍ବଭାରତୀୟ ସ୍ତରର ଲଜିଷ୍ଟିକ୍ସ ନେଟୱର୍କ ବିକାଶ କରିବା ଲାଗି କମ୍ପାନି ଏହି ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନି ଏହାର ଲଜିଷ୍ଟିକ୍ସ ବ୍ୟବସାୟରୁ ୮୦୦୦ କୋଟି ଟଙ୍କା ଟପଲାଇନର ଲକ୍ଷ୍ୟ ରଖିଥିବା ବେଳେ ୨୫ ପ୍ରତିଶତ ଇବିଆଇଟିଡିଏ ହାସଲ କରିବାକୁ ଚାହୁଛି ଯାହା ଫଳରେ ଏହାର ରିଟର୍ଣ୍ଣ ଅନ କ୍ୟାପିଟାଲ (ଆରଓସିଇ) ଅଗ୍ରଣୀ ରହିବ।

# ‘ଓଡ଼ିଶାରେ ୧୧ ହଜାରରୁ ଅଧିକ ନୂତନ ଜିଓଏୟାରଫାଇବର ଗ୍ରାହକ ଯୋଡିଛି’

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଏହାର ଦ୍ରୁତତମ ଏବଂ ସର୍ବବୃହତ ଟ୍ରୁ ୫ଜି ନେଟୱାର୍କ ବଳରେ ରିଲାଏନ୍ସ ଜିଓ ଓଡ଼ିଶାରେ ୫ଜି ଏଫଡବ୍ଲୁଏ (ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍) କ୍ଷେତ୍ରରେ ଏହାର ଆଧିପତ୍ୟକୁ ଆହୁରି ଅଧିକ ସୁଦୃଢ଼ କରିଛି। ଜିଓ ଏୟାରଫାଇବର ରାଜ୍ୟରେ ୮୬ ପ୍ରତିଶତରୁ ଅଧିକ ୫ଜି ଏଫଡବ୍ଲୁଏ ଗ୍ରାହକ ବଜାର ଅଂଶ ହାସଲ କରିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓର ୫ଜି ଏଫଡ୍ବ୍ଲୁଏ ସେବା ଜିଓଏୟାରଫାଇବର ଫେବୃୟାରୀ ଶେଷ ସୁଦ୍ଧା ରାଜ୍ୟରେ ୧.୪୨ ଲକ୍ଷରୁ ଅଧିକ ଉପଭୋକ୍ତା ସହିତ ଏକ ବିରାଟ ବ୍ୟବଧାନରେ ଆଗରେ ରହିଛି। ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ, ମାତ୍ର ୨୨ ହଜାର ଉପଭୋକ୍ତା ସହିତ ବେଶ ପଛରେ ରହିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଫେବୃଆରୀ ମାସରେ ଜିଓ ସର୍ବାଧିକ ୧୧ ହଜାରରୁ ଉର୍ଦ୍ଧ୍ୱ ନୂଆ ଜିଓଏୟାରଫାଇବର ଗ୍ରାହକ ଯୋଡ଼ିବା ସହିତ ଓଡ଼ିଶାରେ ମୋଟ ୫ଜି ଏଫଡ୍ବ୍ଲୁଏ ଗ୍ରାହକ ସଂଖ୍ୟା ୧.୬୫ ଲକ୍ଷ ଅତିକ୍ରମ କରିଛି। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅର୍ନ୍ତଭୁକ୍ତିକରଣକୁ ସମ୍ପ୍ରସାରିତ କରିଛି କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ତଥା ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡିକରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତାକୁ ଦୂର କରିଛି, ଯେଉଁଠାରେ ପୂର୍ବରୁ ଏହା ଏକରକମ ଅସମ୍ଭବ ସ୍ୱପ୍ନ ଭଳି ରହିଥିଲା। ଏହା ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଓ ଗୁଣାତ୍ମକ ଗୃହ ମନୋରନ (ହୋମ ଏଣ୍ଟରଟେନମେଣ୍ଟ) ସହିତ ସଂଯୁକ୍ତ କରିଛି, ଯେଉଁମାନଙ୍କର ପରିସରରେ ପୂର୍ବରୁ ଅପ୍ଟିକାଲ୍-ଫାଇବର ବିସ୍ତାର କରିବାରେ ଜଟିଳତା ରହିଥିଲା।

# ଖେଳ ଖବର



ଜୟପୁର: ରାଜସ୍ଥାନର ଆଇପିଏଲ ଖେଳାଳିଙ୍କୁ ନେଇ ଏକ ବଡ଼ ଖବର ଆସିଛି । ଯୋଧପୁରରେ ଆଇପିଏଲ ଖେଳାଳି ଶିବଲିକ ଶର୍ମାଙ୍କ ବିରୋଧରେ ଏକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି ଏବଂ ପୁଲିସ ଏବେ ତାଙ୍କୁ ଗିରଫ କରିବାକୁ ପ୍ରସ୍ତୁତ ହେଉଛି । ଶିବଲକ ଶର୍ମା ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ କ୍ରିକେଟ ଖେଳିଛନ୍ତି । କୁହାଯାଉଛି ଯେ, ଶିବଲିକ୍ ଯୋଧପୁରର ଜଣେ ପୀଡିତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ । କିନ୍ତୁ ପରେ ସେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ । ତେଣୁ, ପୀଡିତା ଯୋଧପୁରର କୁଡି ଭଗତାସୁନି ହାଉସିଂ ବୋର୍ଡ ଥାନାରେ ଶିବାଲିକଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି । ପୁଲିସର କହିବା ଅନୁଯାୟୀ, ଯୁବତୀ ଫେବୃଆରି ୨୦୨୩ରେ ବରୋଦା ବୁଲିବାକୁ ଯାଇଥିବା ବେଳେ ଶିବଲିକଙ୍କୁ ଭେଟିଥିଲା ।ବନ୍ଧୁତା ଧୀରେ ଧୀରେ ଗଭୀର ହେଲା ଏବଂ ସେମାନେ ନିୟମିତ ଭାବରେ ଫୋନ୍‌ରେ କଥା ହେବା ଆରମ୍ଭ କଲେ । ଏହା ପରେ ଉଭୟଙ୍କ ପରିବାର ଅଗଷ୍ଟ ୨୦୨୩ରେ ଭେଟି ଦୁହିଁଙ୍କ ନିର୍ବନ୍ଧ କରିଥିଲେ । ନିର୍ବନ୍ଧ ପରେ, ଯେତେବେଳେ ଶିବାଲିକ୍ ଯୋଧପୁର ଆସିଥିଲେ, ସେତେବେଳେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା । ୨୦୨୪ ମସିହାରେ ଦୁହେଁ ରାଜସ୍ଥାନର ଅନେକ ସ୍ଥାନ ମଧ୍ୟ ବୁଲିଥିଲେ । କିନ୍ତୁ ଅଗଷ୍ଟ ୨୦୨୪ ମସିହାରେ ଶିବଲିକ ଜଣେ ଜଣାଶୁଣା କ୍ରିକେଟର ହୋଇଯାଇଥିବାରୁ ଭଲ ସ୍ଥାନରେ ପୁଅର ବିବାହ କରିବାକୁ ଚାହୁଁଥିବା କହି ତାଙ୍କ ପିତାମାତା ନିର୍ବନ୍ଧ ଭାଙ୍ଗି ଦେଇଥିଲେ । ଏହା ପରେ ପୀଡ଼ିତା ପୁଲିସରେ ଅଭିଯୋଗ କରିଛନ୍ତି ।

### ଗୁଜରାଟ ଟାଇଟାନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ

## ୩୮ ରନ୍‌ରେ ଗୁଜରାଟର ଦମଦାର ବିଜୟ



ଅହମ୍ମଦାବାଦ: ଦଶମ ପରାଜୟ ସହ ସନ୍ ରାଇଜର୍ସ ହାଇଦ୍ରାବାଦର ଆଇପିଏଲ୍ ପ୍ଲେ-ଅଫ୍ ଆଶା ମଉଳିଲା । ଗୁଜରାଟ ଟାଇଟନ୍ସଠାରୁ ୩୮ ରନ୍‌ରେ ପରାସ୍ତ ହୋଇଛି ପାଟ୍ କମିନ୍ସଙ୍କ ଏସଆରଏଚ୍ । ଅନ୍ୟପଟେ ଦମଦାର ବିଜୟ ସହିତ ପଏଣ୍ଟ ଟେବୁଲ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି ଗୁରଜାଟ ଟାଇଟନ୍ସ । ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରି ସନ୍ ରାଇଜର୍ସଙ୍କୁ ୨୨୫ ରନ୍‌ର ଟାର୍ଗେଟ୍ ଦେଇଥିଲା । ଦଳ ପକ୍ଷରୁ ଶୁବମନ ଗିଲ୍ ଓ ଜୋଶ୍ ବଲଟର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ସେପଟେ ବିଶାଳ ସ୍କୋରକୁ ପିଛା କରି ହାଇଦ୍ରାବାଦ କୋଡିଏ ଓଭରରେ ୬ ୱିକେଟ୍ ହରାଇ ମାତ୍ର ୧୮୬ ରନ୍ କରିବାରେ ସକ୍ଷମ ହୋଇଥିଲା । ଫଳରେ ଏହି ମ୍ୟାଚକୁ ଗିଲଙ୍କ ଗୁଜରାଟ୍ ଟିମ୍ ୩୮ ରନ୍‌ରେ ଜିତି ନେଇଛି । ଆଇପିଏଲ ମହାସମରରେ ୫୧ତମ ମ୍ୟାଚ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜରାଟ ଟାଇଟାନ୍ସ ଓ ସନ ରାଇଜର୍ସ ହାଇଦ୍ରାବାଦ ହୋଇଥିଲା । ଟସ୍ ଜିତି ସନ୍ ରାଇଜର୍ସ ପ୍ରଥମେ ବ୍ୟାଟିଂ ପାଇଁ ଘରୋଇ ଦଳ ଗୁଜରାଟରୁ ଆମନ୍ତ୍ରଣ କରିଥିଲା । ଟାଇଟନ୍ସର ଦୁଇ ଓପନର ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ପଡ଼ିଆକୁ ଓହ୍ଲାଇ ଟିମକୁ ଭଲ ଷ୍ଟାର୍ଟ ଦେଇଥିଲେ । ଦୁଇ ଖେଳାଳିରେ ପାୱାର ପ୍ଲେରେ ୮୨ ରନ୍ ଭାଗିଦାରୀ ସଂଗ୍ରହ କରିଥିଲେ । ସୁଦର୍ଶନ ମାତ୍ର ୨୩ଟି ବଲ୍ ଖେଳି ୪୮ ରନ୍ କର ଆଉଟ୍ ହୋଇଥିଲେ । ସେହିପରି ଶୁବମନ ଗିଲ୍ ୩୮ ବଲରୁ ୭୬ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ । ଏହାପରେ ଜୋଶ୍ ବଟଲର ଓ ୱାଶିଂଟନ ସୁନ୍ଦର ଦଳୀୟ ସ୍କୋରକୁ ଦୁଇ ପାର୍ କରିଥିଲେ । ବଟଲର ମାତ୍ର ୩୭ ବଲ୍ ଖେଳି ୬୪ ରନ୍ କରିଥିଲେ ଏବଂ ସୁନ୍ଦର ୧୬ଟି ବଲରୁ ୨୧ କରିଥିଲେ । ଫଳରେ ଗୁଜରାଟ ଟାଇଟନ୍ସ କୋଡିଏ ଓଭରରେ ୬ଟି ୱିକେଟ୍ ହରାଇ ୨୨୪ ରନ୍ କରିଥିଲା । ସନ୍ ରାଇଜର୍ସ ପକ୍ଷରୁ ଜୟଦେବ ଉନଦକଟ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ ।

## ବୈଭବଙ୍କ ବୟସକୁ ନେଇ ପରିହାସ ପରେ ଟ୍ରୋଲ୍ ହେଲେ ବିଜେନ୍ଦର

ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସର ଖେଳାଳି ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବୟସ ପାଇଁ ଆରମ୍ଭରୁ ଚର୍ଚ୍ଚା ଓ ସମାଲୋଚନା ଉଭୟର ଶିକାର ହୋଇଛନ୍ତି । ଆଇପିଏଲରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବା ପରେ ଲୋକମାନେ ବୈଭବଙ୍କ ପ୍ରତିଭାକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି । ବିଜେନ୍ଦର ସିଂହ ବୈଭବଙ୍କ ବୟସ ବିଷୟରେ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଥିଲେ, 'ଭାଇ ଆଜିକାଲି ବୟସ କମ କରି କ୍ରିକେଟ ଖେଳିବା ଆରମ୍ଭ କରିଛନ୍ତି । ପୋଷ୍ଟରେ ପୂର୍ବତନ ବକ୍ସର ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଉଲ୍ଲେଖ ନଥିଲା କିନ୍ତୁ ଏହା ସ୍ପଷ୍ଟ ଯେ ସେ ତାଙ୍କ ବିଷୟରେ ହିଁ କହୁଥିଲେ । କାରଣ ନିଲାମରେ ରାଜସ୍ଥାନ ରୟାଲ୍ସ ଦ୍ୱାରା ତାଙ୍କୁ କିଣିବା ପରଠାରୁ ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ବିଷୟରେ ପ୍ରଶ୍ନ ଉଠାଯାଉଛି।। ବିଜେନ୍ଦର ସିଂହଙ୍କ ଏଭଳି ପୋଷ୍ଟ ପରେ ଲୋକେ ତାଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରିଛନ୍ତି । ସୋସିଆଲ ମିଡିଆ ବ୍ୟବହାରକାରୀ ଟ୍ରୋଲ କରି କହିଛନ୍ତି 'ବିଜେନ୍ଦ୍ର, ହୁଏତ ଏହି କାରଣରୁ ତୁମେ ସ୍ୱର୍ଣ୍ଣ ପଦକ ଜିତିପାରିଲ ନାହିଁ । ତୁମେ ନିଜ ଅପେକ୍ଷା ଅନ୍ୟମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅ । ତାହା ମଧ୍ୟ ଏକ ଛୋଟ ପିଲା ପ୍ରତି, ଯିଏ କି ତୁମ କ୍ଷେତ୍ରର ହିଁ ନୁହେଁ । ତୁମେ କେବେ ଏହି କ୍ଷେତ୍ରକୁ ଯାଇପାରିବ ବି ନାହିଁ । ମୋତେ ତୁମର ଚିନ୍ତାଧାରା ଉପରେ ଦୟା ଆସୁଛି ।




### ମହିଳା ଟି-୨୦ ବିଶ୍ୱକପ୍

## ଲର୍ଡସରେ ଖେଳାଯିବ ଫାଇନାଲ୍ ମ୍ୟାଚ୍




ଦୁବାଇ: ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ବର୍ଦ୍ଧିତ ମହିଳା ଟି୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ ଆସନ୍ତାବର୍ଷ ଜୁଲାଇ ୫ରେ ଖେଳାଯିବ । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପକ୍ଷରୁ ଘୋଷଣା କରାଯାଇଛି । ୧୨ଟି ଦଳକୁ ନେଇ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଜୁନ୍ ୧୨ରୁ ଲର୍ଡସରେ ଆରମ୍ଭ ହେବ, ଯେଉଁଠାରେକି ପୂର୍ବରୁ ୨୦୧୭ରେ ମହିଳା ଅନ୍ତର୍ଜାତୀୟ ଦିନିକ୍ରା ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା । ଲର୍ଡସ ବ୍ୟତୀତ ଅନ୍ୟ ୬ଟି ଭେନ୍ୟୁ ଯଥା ଓଲ୍ଡ ଟ୍ରାଫୋର୍ଡ, ହେଡିଙ୍ଗଲେ, ଏଜ୍‌ବୋଷ୍ଟନ୍, ଦୁଇ ଓଭାଲ, ହାମ୍ପଶାୟାର ବାଓଲ ଓ ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଖେଳାଯିବ । ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯିବ । ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ପରେ ନକ୍‌ଆଉଟ ପର୍ଯ୍ୟାୟ ଖେଳାଯିବ । ପୂର୍ଣ୍ଣାଙ୍ଗ କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ । ଟୁର୍ନାମେଣ୍ଟରେ ଭାଗ ନେଉଥିବା ୧୨ଟି ଦଳ ମଧ୍ୟରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସମେତ ୮ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି । ଅନ୍ୟ ୪ଟି ଦଳ ଆଇସିସି ମହିଳା ଟି୨୦ ବିଶ୍ୱକପ୍ କ୍ୱାଲିଫାୟର ଜରିଆରେ ଯୋଗ୍ୟତା ଅର୍ଜନ କରିବେ ।

## ପାକିସ୍ତାନୀ କ୍ରିକେଟରଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ନିଷିଦ୍ଧ କଲା ଭାରତ



ନୂଆଦିଲ୍ଲୀ: ଭାରତ ସରକାର ପହଲଗାମ ଆକ୍ରମଣ ପରଠାରୁ ପାକିସ୍ତାନ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲିଛି । ଭାରତରେ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ସରକାର ନିଷିଦ୍ଧ କରିଛନ୍ତି । ଏହି କ୍ରମରେ ଭାରତରେ ପାକିସ୍ତାନ କ୍ରିକେଟ ଦଳର ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ମଧ୍ୟ ବ୍ୟାନ୍ କରାଯାଇଛି । ଏହି ଖେଳାଳିଙ୍କ ତାଲିକାରେ ବାବର ଆଜମ ଏବଂ ମହମ୍ମଦ ରିଜୱାନଙ୍କ ନାମ ମଧ୍ୟ ସାମିଲ ଅଛି । ଭାରତ ସରକାରଙ୍କ ଅନୁରୋଧ କ୍ରମେ ଇନଷ୍ଟାଗ୍ରାମର ମୂଳ କମ୍ପାନି ମେଟା ଭାରତରେ ପାକିସ୍ତାନୀ ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ନିଷିଦ୍ଧ କରିଛି । ଆକାଉଣ୍ଟ ନିଷିଦ୍ଧ ହୋଇଥିବା ପାକିସ୍ତାନୀ ଖେଳାଳିଙ୍କ ଏହି ତାଲିକାରେ ବାବର ଆଜମ, ମହମ୍ମଦ ରିଜୱାନ, ଶାହିନ ଆଫ୍ରିଦି, ମହମ୍ମଦ ଆମିର, ନସିମ ଶାହ, ହାରିସ ରୌଫ ଏବଂ ଇମାମ ଉଲ ହକଙ୍କ ନାମ ରହିଛି । ଏହି ନିଷିଦ୍ଧ ପରେ ଭାରତର ଲୋକମାନେ ଇନଷ୍ଟାଗ୍ରାମରେ ଏହି ପାକିସ୍ତାନୀ ଖେଳାଳିଙ୍କ ପୋଷ୍ଟକୁ ଆଉ ଦେଖିପାରିବେ ନାହିଁ । କେବଳ ଏତିକି ନୁହେଁ ଭାରତରେ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ନିଷିଦ୍ଧ ହୋଇଛି । ପାକିସ୍ତାନ ସୁପରଷ୍ଟାର ଅଭିନେତ୍ରୀ ହାନିଆ ଅମିର, ମାହିରା ଖାନ, ସଜଲ ଅଲ୍ଲୀ, ସିଙ୍ଗର ଓ ଅଭିନେତା ଅଲ୍ଲୀ ଜାଫର, ସନମ ସଇଦ, ବିଲାଲ ଆବାସ, ଇକରା ଅଜିଜ, ଆଏଜା ଖାନ, ଇମରାନ ଖାନ, ଇମରାନ ଆବାସ ଆଦିଙ୍କ ଆକାଉଣ୍ଟକୁ ଭାରତରେ ବନ୍ଦ କରି ଦିଆଯାଇଛି ।

## ତିନିବର୍ଷ ପାଇଁ ବାସନ୍ଦ ହେଲେ ଏସ୍ ଶ୍ରୀସନ୍ତୁ



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟର ଏସ୍ ଶ୍ରୀସନ୍ତଙ୍କୁ ୩ ବର୍ଷ ପାଇଁ କ୍ରିକେଟ୍ ଆସୋସିଏସନ୍ ବାସନ୍ଦ କରିଛି । ଏହି ମାମଲା ସଞ୍ଜୁ ସାମସନଙ୍କୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳରେ ସାମିଲ ନ କରାଯିବା ସହିତ ଜଡିତ ରହିଛି । କେରଳ କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରକାଶ, ବିଜୟ ହଜାରେ ଟ୍ରଫି ୨୦୨୪-୨୫ ସିଜିନ୍ ଆରମ୍ଭ ହେବା ପୂର୍ବରୁ ସଞ୍ଜୁ ସାମସନ୍ ଦଳର ଅଭ୍ୟାସ ଶିବିରରେ ଯୋଗଦେବା ପାଇଁ ମନା କରିଥିଲେ । ଏହାପରେ କେରଳ କ୍ରିକେଟ୍ ଟିମରେ ତାଙ୍କୁ ସାମିଲ କରାଯାଇ ନଥିଲା । ଯେଉଁ କାରଣରୁ ତାଙ୍କର ଚାମ୍ପିୟନ୍ସ ଟ୍ରଫି ଟିମରେ ସାମିଲ ହେବାର ସମ୍ଭାବନା କମିଯାଇଥିଲା । ୨୦୨୫ ଚାମ୍ପିୟନ୍ସ ଟ୍ରଫି ଟିମରେ ସଞ୍ଜୁ ସାମସନ୍ ଭାରତୀୟ ଦଳରୁ ବାହାରେ ରହିବା ନେଇ ଏସ୍ ଶ୍ରୀସନ୍ତୁ କେସିଏକୁ (କେରଳ କ୍ରିକେଟ୍ ଆସୋସିଏସନ୍) ଦାୟୀ କରିଥିଲେ । ଏହାପରେ କେସିଏ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା । ଏହାସହ କାହିଁକି ଏସ୍ ଶ୍ରୀସନ୍ତୁ ଏଭଳି ଅପମାନଜନକ ମନ୍ତବ୍ୟ ଦେଲେ ତାର ଉତ୍ତର ଦାବି କରିଥିଲା କେସିଏ । ହେଲେ କାରଣ ଦର୍ଶାଅ ନୋଟିସ୍ ପରେ ମଧ୍ୟ ଶ୍ରୀସନ୍ତୁ ପଛକୁ ହଟି ନଥିଲେ । ଶ୍ରୀସନ୍ତଙ୍କ କହିବାନୁସାରେ, କେସିଏ ଅଲଗା ରାଜ୍ୟରୁ ଖେଳାଳି ଆଣି ଖେଳାଉଛନ୍ତି । ଯାହାକି ମାଲାୟାଲୀ କ୍ରିକେଟରଙ୍କ ପାଇଁ ଅପମାନର କଥା ।

## କେଏସ୍ ଆର୍ ରୟାଲ୍ ବେଙ୍ଗଲ ଟାଇଗର ଟାଏକୋଣ୍ଡୋ ଏକାଡେମୀର ୨୨ ପଦକ ହାସଲ




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଗରୁଡ଼ ଛକ ସ୍ଥିତ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ବ୍ୟୋମକେଶ ଟାଇକୋଣ୍ଡୋ ଏବଂ ଟାଇକୋଣ୍ଡୋ ଆସୋସିଏସନ ଅଫ ପୁରୀ ମିଳିତ ଆନୁକୂଲ୍ୟରେ ୧୮ତମ କିରୋଗୀ ଏବଂ ୧୦ ତମ ପୁଂମସି ଜିଲ୍ଲା ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଏପ୍ରିଲ ମାସ ୨୬ ଓ ୨୭ରେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପୁରୀ କେଏସ୍‌ଆର୍ ରୟାଲ୍ ବେଙ୍ଗଲ ଟାଇଗର ଟାଏକୋଣ୍ଡୋ ଏକାଡେମୀର ୧୩ ଜଣ ଛାତ୍ରଛାତ୍ରୀ ଭାଗନେଇ ୧୩ ଜଣ ପଦକ ସହ ସଫଳତା ହାସଲ କରିଥିବା ଜଣାପଡ଼ିଛି । ଏହି ପ୍ରତିଯୋଗିତାରେ ପୁରୀ ଅଞ୍ଚଳର ସଫଳତା ପାଇଥିବା ୧୩ ଜଣଙ୍କ ମଧ୍ୟରୁ ୬ଜଣ କେ ମେଘନା ରେଡ୍ଡୀ, କେ କନ୍ୟନା ରେଡ୍ଡୀ, ଓମ୍ ସାଇ ମହାପାତ୍ର, ଦେବିସ୍ମିତା ଶାସମଲ୍, ଧୈର୍ଯ୍ୟ ଅଗରୱାଲ ଓ ଆୟାଂଶ କୁମାର ସ୍ୱର୍ଣ୍ଣପଦକ ପାଇଥିଲାବେଳେ , ୩ଜଣ ଶୁଭସ୍ମିତା ଶାସମଲ୍, ଭିରାଟ କୁମାର ଗୋଛାୟତ ଓ ଡି ରାଜେଶ୍ୱରୀ ରେଡ୍ଡୀ ରୌପ୍ୟପଦକ ପାଇଥିଲେ । ସେହିପରି ୪ଜଣ ଆକାଂକ୍ଷ୍ୟା ପଲେଇ , ସ୍ୱାଧୀନ ବଡ଼ରଇତ, ଶୁଭ୍ର ତନିଶ ସାହୁ ଓ ଶୁଭମ ସାହୁ ବ୍ରୋଞ୍ଜପଦକ ପାଇଥିଲେ । ଏହିପରି ସମୁଦାୟ କିରୋଗୀ ଇଭେଣ୍ଟରେ ୩ଟି ସ୍ୱର୍ଣ୍ଣପଦକ, ୧ଟି ରୌପ୍ୟପଦକ ଓ ୭ଟି ବ୍ରୋଞ୍ଜ ପଦକ ଏବଂ ପୁମସି ଇଭେଣ୍ଟ ରେ ୪ଟି ସ୍ୱର୍ଣ୍ଣପଦକ, ୫ଟି ରୌପ୍ୟପଦକ ଓ ୪ଟି ବ୍ରୋଞ୍ଜ ପଦକ ହାସଲ କରି ପୁରୀ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି । ପ୍ରାୟ ୧୧ଟି ସେଣ୍ଟରରୁ ୫୦୦ ପ୍ରତିଯୋଗି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ରାଜ୍ୟ ସଙ୍ଘ ପକ୍ଷରୁ ୨୦ଟି ଜାତୀୟ ରେଫରୀ ବିଭିନ୍ନ ଜିଲ୍ଲାରୁ ଆସି ଖେଳକୁ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ଓଲମ୍ପିକ ସଙ୍ଘର କୋଷାଧକ୍ଷ ରବି ଶଙ୍କର ପ୍ରତିହାରୀ, ଏବଂ ବକ୍ସିଂ ଏକାଡେମୀର ମୁଖ୍ୟ କୋଚ, ଜିଲ୍ଲା ସଙ୍ଘର ସଭାପତି ଧବଳେଶ ମହାପାତ୍ର, ଏବଂ ଜିଲ୍ଲା ସଙ୍ଘର ଅଧକ୍ଷ ବ୍ୟୋମକେଶ ଅଭିଳାଷ ଅତିଥି ଭାବେ ଯୋଗ ଦାନ କରି ପୁରସ୍କାର ପ୍ରଦାନ କରିଥିଲେଛାତ୍ର ଛାତ୍ରୀ ଏବଂ ଏକାଡେମୀର ମୁଖ୍ୟ କେ ସନ୍ତୋଷିନି ରେଡ୍ଡୀଙ୍କୁ ଏବଂ କୋଚ କେ ଶଙ୍କର ରେଡ୍ଡୀଙ୍କୁ ରାଜ୍ୟ ସଙ୍ଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି ।

## ପୁରୀରେ ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍‌ର ଚୟନ ପ୍ରତିଯୋଗିତା




ପୁରୀ (ଭାସ୍କର ନ୍ୟୁଜ) : ପୁରୀର ନୀଳାଦ୍ରି ବିଚ୍ ପାଖରେ ରାଜ୍ୟ ସ୍ତରୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ ର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ଡିଓଠାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ ୨୦୨୫ ନିମନ୍ତେ ଚୟନ ପ୍ରତିଯୋଗିତା ହୋଇଯାଇଛି । ଏଥିରେ ସମଗ୍ର ରାଜ୍ୟରୁ ୬୦ ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ଦକ୍ଷତା ଦେଖାଇ ଥିଲେ । ଏଠାରୁ ୬ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳୀଙ୍କୁ ଚୟନ କରଯାଇଛି । ଚୟନ କର୍ତ୍ତା ଭାବେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ । ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଆୟୋଜନ କରିଥିବା ବେଳେ ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସହଯୋଗ କରିଥିଲେ । ରେଫରୀ ରାଜ ଶେଖର ଓ ମହମ୍ମଦ ଗୁଲ୍ଜମ୍ ଖେଳ ପରିଚାଳନା କରିଥିବା ବେଳେ ଆନ୍ତର୍ଜାତୀୟ ଖେଳାଳି ଲକ୍ଷ୍ମୀ ପ୍ରିୟା ନାଏକ ଉପସ୍ଥିତ ଥିଲେ । ପୁରୀ ଜିଲ୍ଲା ସିପକଟାକ୍ରୋ ସଂଘ ସେକ୍ରେଟାରୀ ରାମ ଚନ୍ଦ୍ର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଚାଲିଥିବା ବେଳେ ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବାରିକ, ବିରଞ୍ଚି ନାରାୟଣ ବିଶ୍ୱାଳ, ବିଶ୍ୱନାଥ ମିଶ୍ର, ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

AU SMALL FINANCE BANK
Registered Office:19-A Dhuleshwar Garden, Jaipur, Rajasthan, India, 302001.
www.aubank.in

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **08 MAY 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 24660001461942 | **BHUBANESWAR** - 24660001429184 24660001800305 24660002552674 | **CUTTACK** - 24660001507117 24660001766158 24660002069923 24660002576418 | **CUTTACK-LINK ROAD** - 24660000738679 24660001429654 24660001712121 24660001748283 24660002632474 24660002733024 | **HINJILICUT** - 24660001649049 24660001704656 24660001712891 24660001714967 24660001774423 24660001824610 | **JAJPUR** - 24660001791220 | **KUAKHIA** - 24660001528817 24660001727163 24660001851068 24660002093386 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
**Manager**
**AU Small Finance Bank Limited**

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल,**
**सरायकेला–खरसावाँ**

**"शुद्धि-पत्र"**

पथ निर्माण विभाग, पथ प्रमंडल, सरायकेला–खरसावाँ द्वारा e-Tender Ref. No.-RCD/SERAIKELLA/02 दिनांक 21.04.2025, जिसका पी०आर० संख्या–PR 350774 Road (25-26)_D द्वारा प्रकाशित **e-Procurement Notice** के क्रम संख्या–5 में Time of Completion - 04 (Four) Months के स्थान पर क्रम संख्या–5 में Time of Completion - 03 (Three) Months पढ़ा जाय ।
शेष अन्य सभी सूचनाएें यथावत् रहेंगी ।

**कार्यपालक अभियंता,**
**पथ निर्माण विभाग, पथ प्रमंडल,**
**सरायकेला–खरसावाँ ।**
PR.NO.351493 Road(25-26):D

**झारखण्ड सरकार**
**कार्यपालक अभियंता का कार्यालय**
**पथ निर्माण विभाग,पथ प्रमण्डल,कोडरमा**
06534-2227076,Email Id-eercdkoderma-jhr@nic.in

**ई–निविदा आमंत्रण सूचना**
**Tender Reference No. : RCD/KODERMA/415/2025**
**दिनांक:-28.04.2025**

| | | |
|---|---|---|
| 1. | कार्य का नाम | पथ प्रमण्डल,कोडरमा अन्तर्गत "डोरण्डा–शंख–भेन्ड्रो–पटना रोड (MDR-114) पथ के कि0मी0 0.00 से 22.40 कि0मी0 (कुल लंबाई–22.40 कि0मी0) का राईडिंग क्वालिटी में सुधार कार्य"। |
| 2. | प्राक्कलित राशि | **Rs. 13,29,82,394.00**(तेरह करोड़ उनतीस लाख बेरासी हजार तीन सौ चौरानबे रूपये) मात्र। |
| 3. | अग्रधन की राशि | **Rs.13,30,000.00**(तेरह लाख तीस हजार रूपये) मात्र। |
| 4. | कार्य पूर्ण करने की अवधि | 05(पाँच) माह। |
| 5. | बेवसाइट पर निविदा प्रकाशन की तिथि। | 06.05.2025, 10:30 बजे से। |
| 6. | बिड प्राप्ति की अन्तिम तिथि | 26.05.2025, 12.00 बजे तक। |
| 7. | बिड खुलने की तिथि | 28.05.2025, 12.30 बजे तक। |
| 8. | निविदा आमंत्रित करने वाले कार्यालय का नाम एवं पता । | कार्यपालक अभियन्ता का कार्यालय,प०नि०वि०, पथ प्रमण्डल, कोडरमा। |
| 9. | हेल्प लाइन नं0 | 0651-2446002 |

पथ निर्माण विभाग,झारखण्ड सरकार में निबंधित संवेदकों के लिये UCAN निबंधन आवश्यक है।
**Further details can be seen on website** http://jharkhandtenders.gov.in

कार्यपालक अभियंता
प0नि0वि0, पथ प्रमण्डल, कोडरमा
**PR 351500 Road(25-26).D**

**छत्तीसगढ़ शासन, वन विभाग**
**दन्तेवाड़ा वनमण्डल, दन्तेवाड़ा**

सर्व साधारण को सूचित किया जाता है कि जगदलपुर वृत्त के अन्तर्गत दन्तेवाड़ा काष्ठागार में उपलब्ध नीचे ईमारती के नये/पुराने काष्ठ का ई–ऑक्शन द्वारा निवर्तन निम्नानुसार किया जावेगा। इच्छुक बोलीदारों से अनुरोध है कि, वे ई–ऑक्शन में भाग लेवें। ई–आक्शन की शर्ते एवं अन्य जानकारी कार्यालयीन दिवस व समय पर वनमण्डल कार्यालय/ केन्द्रीय काष्ठागार दन्तेवाड़ा से प्राप्त की जा सकती है।

1. नीलाम दिनांक – 06–05–2025
2. नीलाम स्थल का नाम – केन्द्रीय काष्ठागार दन्तेवाड़ा (आंवरामाठा)
3. डिपो का नाम जहां वनोपज रखी गई है – केन्द्रीय काष्ठागार दन्तेवाड़ा (आंवरामाठा)
4. नीलाम समय – 09:00 बजे पूर्वान्ह से

| प्रजाति | नयी काष्ठ | | | | पुरानी काष्ठ | | | |
|---|---|---|---|---|---|---|---|---|
| | नग | घ.मी. | बल्ली | डेंगरी | नग | घ.मी. | बल्ली | डेंगरी |
| सागौन | 555 | 88.957 | 20 | 2 | 1618 | 177.432 | 114 | 63 |
| साल | 0 | 0.000 | 0 | 0 | 1743 | 181.440 | 17 | 59 |
| बीजा | 22 | 4.515 | 4 | 0 | 804 | 94.587 | 0 | 2 |
| साजा | 105 | 13.135 | 0 | 0 | 222 | 24.196 | 15 | 0 |
| हल्दू | 5 | 0.551 | 0 | 0 | 35 | 3.366 | 0 | 0 |
| धावड़ा | 23 | 2.512 | 0 | 0 | 67 | 7.607 | 26 | 0 |
| तिन्सा | 0 | 0.000 | 0 | 0 | 9 | 0.529 | 0 | 0 |
| अन्य | 123 | 10.358 | 0 | 0 | 423 | 39.841 | 383 | 18 |
| सागौन चिरान | 0 | 0.000 | 0 | 0 | 22 | 0.395 | 0 | 0 |
| **योग :–** | **833** | **120.028** | **24** | **2** | **4943** | **529.393** | **555** | **142** |

1. क्रेताओं को ई–ऑक्शन से पूर्व एम.एस.टी.सी. ई–कॉमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई–ऑक्शन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य हैं।
3. लॉट की थप्पी सूची एवं फोटो एम.एस.टी.सी. ई–कॉमर्स पोर्टल में अपने आई.डी. से लॉग इन करके देख सकते हैं।
4. ई– ऑक्शन में लॉट क्रय के पश्चात् प्रथम क्रेता को 40 सेकण्ड का समय प्राप्त होगा, उसी लॉट में अन्य क्रेताओं द्वारा 40 सेकण्ड के पूर्व क्रय करने पर 30 सेकण्ड का समय प्राप्त होगा।

G-252600577/ 5

**वनमण्डलाधिकारी**
**दन्तेवाड़ा वनमण्डल, दन्तेवाड़ा**

**MANAPPURAM ASSET FINANCE LTD.** Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ । ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 15.05.2025 ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ ।

**ବାଲିଚନ୍ଦ୍ରପୁର:0433690700018218, ବନମାଳିପୁର:0433560700020809, 20815, 21035, 21080, 21095, BEGUNIA: 0433800700033022, 32860.ବ୍ରହ୍ମାଗିରି:0433570700025081, 25099, 25111, 25113, 25116, 25123, 25144, 25145, 25149, 25150, 25154, 25270,25120 ଚନ୍ଦପୁର:0433350700127438, 27475, 27502, 27585, 27594, 27611, 27626, 27674, 27688, 27689, 27699, 27731, 27741, 27766, 27807, ଚନ୍ଦ୍ରସେଖରପୁରଭୁବନେଶ୍ୱର: 0431590700067045, 67108, 67115, 67125, 67144, 67157, 67169, 67185, 67194, 67214, 67236, 67238, 67241, 67266, 67275, 67307, 67337, 67338, ଡୁମଡୁମା:0433790700015285, 15310, ଇରାସାମା:0433370700071726, 71736, 71737, 71751, 71777, 71801, 71805, 71821, 71852, 71721. GRAND ROAD PURI: 0432000700122824, 22906, କଳାପଥର:0433820700017640, 17670, 17758, 17809, 17852, 18083, ଖୋର୍ଦ୍ଧା:0433050700108790, 8800, 8830, 8879, 8935, 8967.କୁଜାଙ୍ଗ: 0433030700090084, 90115, 90148, 90165, 90190, 90192, 90195, 90197, 90211, 90220, 90228, 90235, 90243, 90255, 90276, 90288, 90289, 90303, 90330, 90345, 90353, 90358, ମାଧୁପାଟନାକଟକ:0431580700064142, 64150, 64152, 64170, 64187, 64217, 64298, 64316, ମାର୍ଶାଘାଇ:0433680700010633, ନାଚୁନି : 0433810700044937, 45060, 45064, 45066, 45069, 45160, 45278, 45417, 45623, 45892, 45919, ନିଶ୍ଚିନ୍ତାକୋଇଲି:0433360700020866, 20884, 20928, 20938, 21004, 21005, 21046, 21056, 21097, ଫୁଲନଖରାକଟକ:0431800700065622, 65628, 65635, 65638, 65640, 65658, 65663, 65667, 65677, 65680, 65681, 65688, 65708, 65710, 65725, 65732, 65747, 65748, 65760, 65780, 65792, 65801, 65802, 65817, 65819, 65828, 65836, 65837, 65838, 65844, 65849, 65850, 65852, 65870, 65877, 65887, 65838, ରଘୁନାଥପୁର: 0433130700036046, 36059, 36061, 36063, 36079, 36095, 36105, 36122, 36136, 36148, 36149, 36150, 36185, 36204, 36269, ରାହାମା:0433040700074247, 74310, 74323, 74353, 74425, 74426, 74427, 74522, 74546, ରଣପୁର:0433150700095720, 95768, 95910, 95936, 95939, 95971, 95976, 96032, 96052, ସଖୀଗୋପାଳ ପୁରୀ:0431900700128838, 28866, 28878, 28891, 28945, 29032, 29071, 29086, 29091, 29110, 29112, ସାମନ୍ତରାପୁରଭୁବନେଶ୍ୱର: 0431600700071913, 71928, 71939, 71971, 71993, 71998, 72045, 72084, 72085, 72088**

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ



ବର୍ଦ୍ଧିତ ତାପମାତ୍ରା ଏବଂ ଅତ୍ୟଧିକ ଗରମ ଯୋଗୁଁ ପିଲାମାନଙ୍କ ଚର୍ମରେ ରାସ୍ ହୋଇଥାଏ। କିଛି କ୍ଷେତ୍ରରେ, ଏହି ଲକ୍ଷଣଗୁଡ଼ିକ ଦେଖିବା ପରେ ପିତାମାତା ଚିନ୍ତିତ ହୋଇଯାଆନ୍ତି, କିନ୍ତୁ ବିଶେଷଜ୍ଞମାନେ କୁହନ୍ତି ଯେ ଗ୍ରୀଷ୍ମ ଋତୁରେ ଏହା ଏକ ସାଧାରଣ ସମସ୍ୟା। ସେଥିପାଇଁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ଗ୍ରୀଷ୍ମ ଋତୁରେ ଚର୍ମର ଛିଦ୍ର ବନ୍ଦ ହୋଇଯାଏ, ଯାହାଦ୍ୱାରା ଝାଳ ଚର୍ମ ଭିତରେ ରହିଥାଏ ଏବଂ ଏହା ଚର୍ମରେ ରାସେସ୍ ସୃଷ୍ଟି କରେ । ଗରମ ଜଳବାୟୁରେ, ପିଲାମାନଙ୍କ ଚର୍ମରେ ଗରମ ରାସ୍ ହେବାର ସମ୍ଭାବନା ଅଧିକ ଥାଏ । ହିଟ୍ ରାସ୍ ପରେ ପିଲାମାନଙ୍କ ଚର୍ମରେ ଲାଲ ରାସ୍ କିମ୍ବା ଛୋଟ ଛୋଟ ବ୍ରଣ ଦେଖାଯାଇପାରେ । ଚର୍ମ ଜଳିବା କିମ୍ବା କୁଣ୍ଡାଇ ହେବା ଆରମ୍ଭ କରେ ଏବଂ ପିଲାମାନେ ଅଧିକ ଝାଳ ବୋହିବା ଆରମ୍ଭ କରନ୍ତି । ଯଦି ପିଲାଙ୍କଠାରେ ଏପରି ଲକ୍ଷଣ ଦେଖୁଛନ୍ତି, ତେବେ ସେଗୁଡ଼ିକୁ ଅଣଦେଖା କରିବା ଉଚିତ୍ ନୁହେଁ । ପିଲାକୁ ଏକ ଥଣ୍ଡା ଏବଂ ଶୁଖିଲା ପରିବେଶରେ ରଖନ୍ତୁ । ପ୍ରବଳ ସୂର୍ଯ୍ୟ କିରଣରେ ପିଲାକୁ ବାହାରକୁ ନ ନେବାକୁ ଚେଷ୍ଟା କରନ୍ତୁ । ପିଲାମାନଙ୍କୁ ହାଲୁକା ଏବଂ ଢିଲା ପୋଷାକ ପିନ୍ଧାନ୍ତୁ । ସୂତା ପୋଷାକ ପିନ୍ଧାଇଲେ ଭଲ ହେବ । ପିଲାକୁ ନିୟମିତ ଗାଧୋଇ ଦିଅନ୍ତୁ ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ନିଅନ୍ତୁ । ଯଦି ଶରୀର ସଫା ରହେ ତେବେ ସଂକ୍ରମଣର ଆଶଙ୍କା ମଧ୍ୟ କମିଯିବ ।




## ଜୁଲାଇ ୪ରେ ରିଲିଜ ହେବ 'ଶ୍ରୀଜଗନ୍ନାଥଙ୍କ ନବକଳେବର'

ଘୋଷଣା ହେଲା ଓଡିଆ ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ର ରିଲିଜ ତାରିଖ । ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଛି ଏହି ଫିଲ୍ମ । ଇନଷ୍ଟାଗ୍ରାମରେ ଫିଲ୍ମର ପୋଷ୍ଟର ସେୟାର କରି ଏହାର ଘୋଷଣା କରିବା ସହ ଫିଲ୍ମର ରିଲିଜ ତାରିଖ ମଧ୍ୟ ପ୍ରକାଶ କରିଛନ୍ତି ନିର୍ମାତା ଓ ନିର୍ଦ୍ଦେଶିକା ସୌଭାଗ୍ୟଲକ୍ଷ୍ମୀ ଜେନା । ସେ ଫିଲ୍ମର ପୋଷ୍ଟର ସେୟାର କରି ଲେଖିଛନ୍ତି, ପବିତ୍ର ବାହୁଡା ଯାତ୍ରା ଅବସରରେ, ଆସନ୍ତା ଜୁଲାଇ ୪ ତାରିଖରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆର ଆତ୍ମା, ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ଭକ୍ତିରସାତ୍ମକ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର' । ପୋଷ୍ଟରରେ ସମସ୍ତ ଷ୍ଟାରକାଷ୍ଟଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି । ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ଦିଲୀପ କୁମାର ଜେନା । ଏହି ଫିଲ୍ମର ସ୍କ୍ରିନ ପ୍ଲେ ଶଙ୍କର ପ୍ରସାଦ ତ୍ରୀପାଠି କରିଛନ୍ତି । ତେବେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଫିଲ୍ମରେ ଅଭିନୟ କରିଛନ୍ତି ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି ରଞ୍ଜନ ନାୟକ, ଶ୍ରୀତମ ଦାସ, ଅଭିନେତ୍ରୀ ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ପିଙ୍କି ପ୍ରଧାନଙ୍କ ସମେତ ଅନେକ ତାରକା ଏଥିରେ ଅଭିନୟ କରିଛନ୍ତି । ଫିଲ୍ମ ବିଷୟରେ ଇନଷ୍ଟାଗ୍ରାମରେ ପୋଷ୍ଟ ହେବା ପରେ ଭଲ ରେସପନ୍ସ ମିଳିଛି । ଫ୍ୟାନ୍ସ ଉତ୍ସାହର ସହ ଫିଲ୍ମ ର ରିଲିଜକୁ ଅପେକ୍ଷା କରିବା ସହ ଜୟ ଜଗନ୍ନାଥ ଲେଖି ଫିଲ୍ମ ଟିମକୁ ଶୁଭକାମନା ଜଣାଇଛନ୍ତି ।

## କ୍ଷୀର ଲିଟର ପିଛା ୧୦ ହଜାର



ଆପଣଙ୍କୁ ଶୁଣି ଆଶ୍ଚର୍ଯ୍ୟ ଲାଗୁଥାଇପାରେ କିନ୍ତୁ କଥାଟି ସତ । ଏଭଳି ଅଦ୍ଭୁତ ଘଟଣା ମହାରାଷ୍ଟ୍ରରେ ସାମ୍ନାକୁ ଆସିଛି । କିଛି ଦିନ ହେବ ମହାରାଷ୍ଟ୍ରର ଓସ୍ମାନାବାଦ୍ ଜିଲ୍ଲାରେ ଗଧ କ୍ଷୀର ଲିଟର ପିଛା ୧୦ ହଜାର ଟଙ୍କା ବିକ୍ରି କରାଯାଉଛି । ଗଧ କ୍ଷୀରରେ ଭରପୁର ପୋଷକତତ୍ତ୍ୱ ରହିଛି ଓ ଏହା ଶରୀର ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥାଏ । ତେଣୁ ଗଧ କ୍ଷୀର ମହଙ୍ଗା ହୋଇଥାଏ କିନ୍ତୁ ଗତ କିଛି ଦିନ ହେବ ଏହାର ମୂଲ୍ୟ ଢେର ଅଧିକ ବଢିଯାଇଛି । ଏହାକୁ ନେବା ପାଇଁ ଲୋକଙ୍କ ଲାଇନ ଲାଗୁଛି । ଏହି ଜିଲ୍ଲାର ଉମରଗା ତହସିଲରେ ମାଇକ୍ ଲଗାଇ ଏହି କ୍ଷୀରକୁ ବକ୍ରି କରାଯାଏ । ଏଠାରେ ବ୍ୟବସାୟ କରୁଥିବା ପରିବାର ଅନ୍ୟ ଏକ ଜିଲ୍ଲାରୁ ଓସ୍ମାନବାବୁ ଆସି କ୍ଷୀର ବ୍ୟବସାୟ କରି ଲାଭବାନ ହୋଇଥାନ୍ତି । ଏହା ସେମାନଙ୍କ ବଂଶଗତ ବ୍ୟବସାୟ ବୋଲି ସେମାନେ କହିଛନ୍ତି । ଏହା ସହିତ ସେମାନେ ବିଭିନ୍ନ ରାଜ୍ୟକୁ ରାଜ୍ୟ ବୁଲି ବୁଲି ମଧ୍ୟ ଏହି କ୍ଷୀର ବ୍ୟବସାୟ କରିଥାନ୍ତି ।



## ବିଶ୍ୱର ଶ୍ରେଷ୍ଠ ୧୦ ଜଣ ଧନୀ ତାଲିକାରେ ଶାହାରୁଖ

ହଲିଉଡ୍ କିମ୍ବା ବଲିଉଡର ତାରକାମାନେ କେବଳ ପରଦାରେ ଚମକନ୍ତିନି। ବରଂ ଭଲ ଟଙ୍କା ମଧ ରୋଜଗାର କରନ୍ତି । ବର୍ଷ ବର୍ଷ ଧରି ଅନେକ ଅଭିନେତା ସେମାନଙ୍କ ଫିଲ୍ମ କ୍ୟାରିୟର ସହ ବିଭିନ୍ନ ବ୍ୟବସାୟରୁ ଟଙ୍କା ରୋଜଗାର କରିଛନ୍ତି । ସେଲିବ୍ରିଟିମାନେ କେବଳ ଚଳଚ୍ଚିତ୍ରରୁ ପାଉଥିବା ଟଙ୍କା କିମ୍ବା ଫି' ଉପରେ ନିର୍ଭର କରନ୍ତି ନାହିଁ, ସେମାନେ ନିବେଶ, ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ଏବଂ ବାଣିଜ୍ୟିକ ବିଜ୍ଞାପନ ମାଧ୍ୟମରେ ମଧ ଟଙ୍କା ରୋଜଗାର କରନ୍ତି । ତେବେ ନିକଟରେ ଏକ ପତ୍ରିକାରେ ବିଶ୍ୱର ଶ୍ରେଷ୍ଠ ୧୦ ଜଣ ଧନୀ ଅଭିନେତାଙ୍କ ତାଲିକା ପ୍ରକାଶ କରିଛି । ଯେଉଁଥିରେ ସାମିଲ ଅଛନ୍ତି ବଲିଉଡ କିଙ୍ଗ ଖାନ ଶାହାରୁଖ ଖାନ । ତାଙ୍କର ଅଭିନୟ ବ୍ୟତୀତ, ତାଙ୍କ ରୋଜଗାରରେ ସ୍ମାର୍ଟ ନିବେଶ ଏବଂ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ମଧ ଅନ୍ତର୍ଭୁକ୍ତ । କେବଳ ଏତିକି ନୁହେଁ ଶାହରୁଖ ନିଜେ ଚଳଚ୍ଚିତ୍ର ମଧ ପ୍ରଯୋଜନା କରନ୍ତି । ତାଙ୍କ ପ୍ରଡକ୍ସନ ହାଉସର ନାମ ହେଉଛି ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ । ବଲିଉଡ କିଙ୍ଗ ଖାନ କେବଳ ଏହି ତାଲିକାରେ ଏକ ଭଲ ସ୍ଥାନ ପାଇନାହାଁନ୍ତି ବରଂ ଅନେକ ହଲିଉଡ୍ ଅଭିନେତାଙ୍କୁ ମଧ ପଛରେ ପକାଇ ଦେଇଛନ୍ତି । ଏହା ସହିତ, ସେ ଏକମାତ୍ର ଭାରତୀୟ ଅଭିନେତା ଯିଏ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବିଶ୍ୱର ଶ୍ରେଷ୍ଠ ୧୦ ଧନୀ ଅଭିନେତାଙ୍କ ତାଲିକାରେ ଶାହରୁଖ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ତାଙ୍କର ମୋଟ ସମ୍ପତ୍ତି ୮୭୬.୫ ମିଲିୟନ ଡଲାର। ଶାହରୁଖ ବଲିଉଡର ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ଅଭିନେତାଙ୍କ ମଧ୍ୟରୁ ଜଣେ । ରିପୋର୍ଟ ଅନୁସାରେ, ସେ ଗୋଟିଏ ଫିଲ୍ମ ପାଇଁ ୧୫୦-୨୫୦ କୋଟି ଟଙ୍କା ନିଅନ୍ତି। ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା କିଙ୍ଗ ଖାନଙ୍କ 'ଯବାନ' ଏବଂ 'ପଠାନ' ଉଭୟର ମୋଟ ବକ୍ସ ଅଫିସ୍ ଆୟ ୨୦୦୦ କୋଟିରୁ ଅଧିକ ଥିଲା। ଦୁଇଟି ଫିଲ୍ମ ଅନେକ ରୋଜଗାର ରେକର୍ଡ ଭାଙ୍ଗିଥିଲା। ତାଙ୍କର ଅନେକ ଲିଗରେ ଏକ କ୍ରିକେଟ ଦଳ ଅଛି । ଆଇପିଏଲ କୋଲକାତା ନାଇଟ୍ ରାଇଡର୍ସର ସେମାଲିକ ।




## ଅନୁଷ୍କାଙ୍କୁ ଉପହାର ଦେଲେ ବିରାଟ



ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ୩୭ ବର୍ଷରେ ପାଦ ଥାପିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସ୍ୱାମୀ ତଥା କ୍ରିକେଟର ବିରାଟ କୋହଲି ତାଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦେଇଛନ୍ତି। ବିରାଟ ଅନୁଷ୍କାଙ୍କ ପାଇଁ ଏପରି କିଛି କରିଛନ୍ତି, ଯାହା ପ୍ରକୃତରେ ସମସ୍ତଙ୍କୁ ହସାଇବ। ବିରାଟଙ୍କ ଏହି ଉପହାର କେବଳ ଅନୁଷ୍କାଙ୍କୁ ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପସନ୍ଦ ଆସିବ। ବିଶେଷକରି ଯେଉଁମାନେ କେବେ କାହା ପ୍ରେମରେ ପଡ଼ିଛନ୍ତି। ପ୍ରକୃତରେ ବିରାଟ ଅନୁଷ୍କାଙ୍କ ପାଇଁ ଏକ ସ୍ୱତନ୍ତ୍ର ପୋଷ୍ଟ ଲେଖିଛନ୍ତି। ସେ ଇନ୍ଷ୍ଟାଗ୍ରାମରେ ଅନୁଷ୍କାଙ୍କ ସହ ଏକ ଫଟୋ ପୋଷ୍ଟ କରି ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଏସ୍ଏମ୍ଏସ୍ ଲେଖିଛନ୍ତି। ଏହି ପୋଷ୍ଟରେ ଅନୁଷ୍କାଙ୍କ ପାଇଁ ତାଙ୍କର ସମସ୍ତ ଭାବନା ଢାଳି ଦେଇଛନ୍ତି। ବିରାଟ ଅନୁଷ୍କାଙ୍କୁ ଅନେକ ଉପହାର ଦେଇଥିବେ କିନ୍ତୁ ଏହି ପୋଷ୍ଟରେ ସେ ଅନୁଷ୍କାଙ୍କ ପାଇଁ ଯେଉଁ କିଛି ଶବ୍ଦ ଲେଖିଛନ୍ତି, ତାହା କୌଣସି ମୂଲ୍ୟବାନ ଉପହାରଠାରୁ କମ୍ ନୁହେଁ। କହିବାକୁ ଗଲେ ଅନୁଷ୍କା ଏବଂ ବିରାଟ କୋହଲି ୨୦୧୩ରେ ଏକ ବିଜ୍ଞାପନ ଶୁଟିଂ ସମୟରେ ପରସ୍ପରକୁ ଭେଟିଥିଲେ। ସେମାନେ ଦୁହେଁ ବନ୍ଧୁ ହୋଇଗଲେ। ପରେ ସେମାନଙ୍କର ମଧ୍ୟରେ ସମ୍ପର୍କ ବଢ଼ିଲା। ତା'ପରେ ଏହି ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। ଏହା ପରଠୁ ଅନୁଷ୍କା ତାଙ୍କ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମରେ ପହଞ୍ଚି ଯାଉଥିଲେ। ୨୦୧୭ରେ ବିରାଟ ଏବଂ ଅନୁଷ୍କା ଅଫିସିଆଲ ଭାବେ ସେମାନଙ୍କ ସମ୍ପର୍କକୁ ସ୍ୱୀକାର କରିଥିଲେ। ଉଭୟ ୨୧ ଡିସେମ୍ବର ୨୦୧୭ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଉଭୟ ଇଟାଲୀରେ ବିବାହ କରିଥିଲେ। ଯେଉଁଥିରେ କିଛି ଖାସ୍ ଲୋକ ଯୋଗ ଦେଇଥିଲେ। ଆଜି ଅନୁଷ୍କା ଏବଂ ବିରାଟ ଦୁଇଟି ସନ୍ତାନର ମା-ବାପା ମଧ। ତାଙ୍କ ଝିଅର ନାମ ଭାମିକା ଏବଂ ପୁଅର ନାମ ଅକାୟ। ଅନୁଷ୍କା କୋହଲିଙ୍କ ଜୀବନକୁ ବହୁତ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ସେ ପାର୍ଟି କରିବାକୁ ଏବଂ ମଜା କରିବାକୁ ଭଲ ପାଉଥିଲେ କିନ୍ତୁ ଏବେ ସେ ବହୁତ ଶୃଙ୍ଖଳିତ। ତାଙ୍କର ଫିଟନେସ୍, ତାଙ୍କର ଜୀବନଶୈଳୀ, ଏପରିକି ତାଙ୍କର ଚିନ୍ତାଧାରା ମଧ ସମ୍ପୂର୍ଣ୍ଣ ବଦଳି ଯାଇଛି। କେବଳ ଏତିକି ନୁହେଁ, ସେ ଧାର୍ମିକ ମଧ ହୋଇଗଲେଣି। ପ୍ରାୟତଃ ସେ ତାଙ୍କ ସ୍ତ୍ରୀ ଅନୁଷ୍କାଙ୍କ ସହିତ ମହାନ ସନ୍ଥ ଏବଂ ଋଷିମାନଙ୍କୁ ଭେଟିବାକୁ ଯାଆନ୍ତି। ବିରାଟ ମଧ ନୈନିତାଲର ନିମ୍ କାରୋଲି ବାବାଙ୍କୁ ବହୁତ ମାନନ୍ତି।

## ସୁସ୍ଥ ହୃତପିଣ୍ଡ ଲାଗି ସରଳ ସୂତ୍ର



*ଶରୀରର ଅତ୍ୟନ୍ତ ଓ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୃତପିଣ୍ଡ ପାଇଁ ବିଶେଷକରି ଖରା ଦିନେ ଅନେକ ଆହ୍ୱାନ ଓ ଜଟିଳତା ମଧ ରହିଛି। ଖରାଦିନେ ମୁଖ୍ୟତଃ ଦେହରୁ ଜଳୀୟ ତତ୍ତ୍ୱ କମିଯାଏ। ସେହିପରି ଥଣ୍ଡା ପାନୀୟ ଓ ବାହାର ଖାଦ୍ୟ ମଧ ହୃତପିଣ୍ଡ ପାଇଁ କେତେକ କ୍ଷେତ୍ରରେ ଘାତକ ସାବ୍ୟସ୍ତ ହୋଇଥାଏ। ତେବେ କେବଳ ଖରା ଦିନ ନୁହଁ ସବୁଦିନ ପାଇଁ ହୃଦରୋଗ ପ୍ରତିରୋଧ ନିମନ୍ତେ ସୁଷମ ଆହାର ଓ ସୁସ୍ଥ ଜୀବନ ଧାରା ଠାରୁ ବଳି ଭଲ ବିକଳ୍ପ ଆଉ କିଛି ନାହିଁ। ଅବଶ୍ୟ ଏଥିପାଇଁ ଜୀବନଧାରାରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପଡ଼ିପାରେ। ଏହି ପରିବର୍ତ୍ତନ ହିଁ ସୁସ୍ଥ ଜୀବନଯାପନ ଓ ଆୟୁ ବୃଦ୍ଧି କରାଇବାରେ ସହାୟକ ହୁଏ। ଦୈନନ୍ଦିନ ଚଳଣିରେ ନିମ୍ନୋକ୍ତ ପରିବର୍ତ୍ତନ ସୁସ୍ଥ ହୃତପିଣ୍ଡ ଦିଗରେ ସହାୟକ ହେବ।*

**ସ୍ୱାସ୍ଥ୍ୟକର ଆହାର :** ସୁଷମ ବା ସ୍ୱାସ୍ଥ୍ୟକର ଆହାର ଅର୍ଥ ସମାନୁପାତ ଭାବେ ସବୁ ଧରଣର ଖାଦ୍ୟ ଖାଇବା। ବିଭିନ୍ନ କିସମର ଫଳ, ପୂର୍ଣ୍ଣାଙ୍ଗ ଶସ୍ୟ, ସ୍ୱଳ୍ପ ଚର୍ବିଯୁକ୍ତ, ଦୁଗ୍ଧଜାତ ସାମଗ୍ରୀ, ଚର୍ମ ବଜଡ଼ିତ କୁକୁଡ଼ା ମାଂସ ଓ ମାଛ, କଠିନ ଚୋପାଯୁକ୍ତ ଫଳ, ବାଦାମ ଓ ଚର୍ବି ବର୍ଜିତ ଉଦ୍ଭିଦଜାତ ତୈଳ ଇତ୍ୟାଦି ସୁଷମ ଆହାର ପର୍ଯ୍ୟାୟଭୁକ୍ତ। ସୁଷମ ଖାଦ୍ୟର ତାଲିକା ଭିତରେ ତଟକା ପନିପରିବା, ସବୁଜ ପରିବା ଓ ଶସ୍ୟ, ଶାଗ ସହ ଦେଶୀୟ ଫଳ ମଧ ଖୁବ ଭଲ।

**ବହୁ ସମୟ ବସନ୍ତୁ ନାହିଁ :** କାର୍ଯ୍ୟ କ୍ଷେତ୍ରରେ କେତେକ କାମରେ ବହୁ ସମୟ ବସିବାକୁ ପଡ଼ିଥାଏ। ଏଭଳି କାମ କରୁଥିବା ବ୍ୟକ୍ତି ମଝିରେ ମଝିରେ ଉଠି ଚଲାବୁଲ କରିବା ଉଚିତ। ଏହାଦ୍ୱାରା ଶରୀରର ଓଜନ ଠିକ ରହିଥାଏ। ସମୟ ବାହାର କରି ଦିନକୁ ଅନ୍ତତଃ ୧୦ ମିନିଟ ଲେଖାଏଁ ତିନିଥର ଚାଲନ୍ତୁ। ଦୀର୍ଘ ସମୟ ବସି ରହିବା ଦ୍ୱାରା ଶରୀରରେ ମେଦବହୁଳତା ବଢ଼ିଯାଏ ଯାହାକି ହୃଦରୋଗ ପାଇଁ ସହାୟକ ହୋଇଥାଏ।

**ଦୈନିକ ଦାନ୍ତ ଘଷନ୍ତୁ :** ଦାନ୍ତଘଷା ସହ ହୃଦପିଣ୍ଡର ସଂପର୍କ ଥିବା ନେଇ ଅନେକ ହୁଏତ ଅବଗତ ନଥାନ୍ତି। କିନ୍ତୁ ଦାନ୍ତ ସଂକ୍ରମଣ ଏବଂ ଫୁଲା, ହୃତପିଣ୍ଡ ଧମନୀରେ ଚର୍ବିଳ ପଦାର୍ଥ କମିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେଥିପାଇଁ ଦୈନିକ ଦାନ୍ତ ଘଷିଲେ ହୃତପିଣ୍ଡ ସୁସ୍ଥ ରହିଥାଏ।

**ଧୂମପାନ ବର୍ଜନ କରନ୍ତୁ :** ସିଗାରେଟ, ଇ-ସିଗାରେଟ ଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ଧୂମ ପାନ ବର୍ଜନ କରନ୍ତୁ। ଧୂମପାନ କେବଳ ହୃଦରୋଗ ନୁହେଁ, ପକ୍ଷାଘାତ, ଫୁସଫୁସ ଓ କର୍କଟ ରୋଗର କାରଣ ହୋଇଥାଏ। କେବଳ ଧୂମ୍ରପାନ ନୁହେଁ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏପରିକି ଆପଣ ନିୟମିତ ନିଦ ବଟିକା ଖାଉଥିଲେ ଏହା ମଧ ଦୀର୍ଘକାଳୀନ ପାଇଁ ହୃତପିଣ୍ଡ କ୍ଷେତ୍ରରେ ସହାୟକ ନୁହେଁ ବରଂ କିଛି ପରିପାର୍ଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ।

**ଅପରାହ୍ନରେ ଫଳାହାର କରନ୍ତୁ :** ଅପରାହ୍ନରେ ମୁଠାଏ ବାଦାମ ଅଥବ ଅଖରେଟ ଖାଆନ୍ତୁ। ନତୁବା ତନ୍ତୁଭରା ଫଳ ଯେମିତି ସେଓ, ଅଙ୍ଗୁର, ଷ୍ଟବେରୀ ଏବଂ ଲେମ୍ବୁ ଆଦି ଖାଆନ୍ତୁ। ଏହା କୋଲେଷ୍ଟରଲ ମାତ୍ରା ହ୍ରାସ କରିଥାଏ, ଯାହା ହୃତପିଣ୍ଡ ଲାଗି ଉପକାରୀ। ସକାଳ ବ୍ରେକଫାଷ୍ଟରେ ଫଳ ଖାଇବାରେ ମନା ନାହିଁ କିନ୍ତୁ ଏହା ଆପଣଙ୍କ ଶରୀରକୁ ଓଜନିଆ ହୋଇଗଲା ପରି ଲାଗିବ। ଫଳ ଭିତରେ ସବୁଠାରୁ ଭଲ ଋତୁକାଳୀନ ଆଉ ତଟକା ଦେଶୀ ଫଳ।

**ଅଧିକ ସମୟ ଶୁଅନ୍ତୁ :** ପ୍ରାପ୍ତ ବୟସ୍କମାନେ ଦୈନିକ ସାତରୁ ଏକ ଘଣ୍ଟା ଶୋଇବା ଉଚିତ। ଯଥେଷ୍ଟ ନିଦ ନହେଲେ ଦିନରେ କ୍ଲାନ୍ତ ଲାଗେ ଏବଂ ଅସ୍ୱାସ୍ଥ୍ୟକର ଭୋଜନ ଖାଇବାକୁ ଇଚ୍ଛାହୁଏ। ଫଳରେ ଓଜନ ବୃଦ୍ଧି ହୁଏ। ଖରାଦିନେ ବୟସ୍କମାନେ ଶୋଇବାରେ ମନା ନାହିଁ। ତେବେ ଆପଣ ସୁସ୍ଥ ସବଳ ଥିଲେ ଦିନରେ ଶୋଇବାକୁ ଏଡ଼ାଇ ଯାଆନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ନିଦ ବଟିକାର ସାହାରା ନ ନେଇ ବରଂ କିଛି ସମୟ ପଦ ଚାଳନା କରନ୍ତୁ। ଅନାବଶ୍ୟକ ମୋବାଇଲରେ ନିଜକୁ ବ୍ୟସ୍ତ ନରଖି ଏକାଗ୍ର ଚିତ୍ତରେ ଶୋଇବାର ଅଭ୍ୟାସ କରନ୍ତୁ।

**ଉତ୍କଣ୍ଠା ହ୍ରାସ କରନ୍ତୁ :** ଚିନ୍ତା ବା ଉଦବିଗ୍ନତା ଉଚ୍ଚ ରକ୍ତଚାପ କରାଇପାରେ। ଉଚ୍ଚରକ୍ତ ଚାପ ହୃଦରୋଗ ସହ ଜଡ଼ିତ। ତେଣୁ ଯଥା ସମ୍ଭବ ଚିନ୍ତାମୁକ୍ତ ରୁହନ୍ତୁ। ବ୍ୟାୟାମ, ଯୋଗ, ଧ୍ୟାନ ଓ ବନ୍ଧୁବାନ୍ଧବଙ୍କ ସହିତ ସକାରାତ୍ମକ ଭାବ ବିନିମୟ ମଧ ଉଦବିଗ୍ନତା ହ୍ରାସ କରାଥାଏ। ଏହି ନକାରାତ୍ମକ ଅନ୍ୟ ମନସ୍କତା, ଉଦବେଗ ଓ ଉତ୍ତେଜନା ଆପଣଙ୍କ ହୃତପିଣ୍ଡ ଉପରେ ଅନାବଶ୍ୟକ ଚାପ ସୃଷ୍ଟି କରିଥାଏ। ହୃତପିଣ୍ଡ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କାରଣ ଏହିଠାରେ ହିଁ ଆମ ମାନଙ୍କର ଜୀବନ ରହିଛି। ଶରୀରର ମୂଲ୍ୟବାନ ଅଙ୍ଗକୁ ଯତ୍ନଶୀଳ ଓ ଶ୍ରଦ୍ଧାଶୀଳ ରଖିବାର ଦାୟିତ୍ୱ ଆପଣଙ୍କ ପାଇଁ ଆଦୌ କଠିନ କିମ୍ବା ଆହ୍ୱାନଭରା ନୁହଁ। ଚିନ୍ତାମୁକ୍ତ ହୋଇ ସକାରାତ୍ମକ ଓ ପ୍ରଫୁଲ୍ଲିତ ମାନସିକତା ରଖନ୍ତୁ ଏହା ହିଁ ସୁସ୍ଥ ହୃତପିଣ୍ଡର ସଞ୍ଜିବନୀ।

*ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଭିତରବମ୍ଭ ସ୍ଥିତ ଡେଲଟା କଲେଜର +୨ ଦ୍ୱିତୀୟ ବର୍ଷର ଛାତ୍ର ରାଜାରାମ ବଳ (୧୭)ଙ୍କ ଅକାଳ ବିୟୋଗରେ ମହାବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇ ଦିବଂଗତ ଛାତ୍ର ରାଜାରାମଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ରାଜାରାମ ସ୍ଥାନୀୟ ଅଂଚଳରେ ଜଣେ ବିଶିଷ୍ଟ ଯୁବ କ୍ରିକେଟ୍ ଖେଳାଳୀ ଭାବେ ସୁନାମ ଅର୍ଜନ କରିଥିଲେ। ଏଥିସହିତ ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ର ଓ କ୍ରୀଡ଼ାବିତ୍ ଭାବେ ସେ ବିଭିନ୍ନ ସମୟରେ ମହାବିଦ୍ୟାଳୟରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲେ ବୋଲି ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ପରେ ଅଧ୍ୟକ୍ଷ ଡକ୍ଟର ମିଶ୍ରଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ରାଜାରାମଙ୍କ ଗରାମ ସ୍ଥିତ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।



## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫

ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧୀକରଣର ଭାରାପ୍ରାପ୍ତ ସଚିବ ଅରୋଲିପି ପରିଜା ସୂଚନା ଦେଇଛନ୍ତି ଯେ, ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ, ଭଦ୍ରକ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଚଳିତ ମାସ ୧୦ ତାରିଖ ସକାଳ ୦୭ ଘଟିକା ସମୟରେ ଅନୁଷ୍ଠିତ ହେବ। ବିଚାରପତିମାନେ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜିକୃତ ହୋଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ, ମୋଟରଯାନ ଦୁର୍ଘଟଣା, ବ୍ୟାଙ୍କରଣ ଜନିତ ମାମଲା ଗୁଡ଼ିକର ଫଇସଲା କରାଯିବ। ଦରିଦ୍ର, ନିଷ୍ପେଷିତ ଓ ଅବହେଳିତ ତଥା ଗ୍ରାମାଞ୍ଚଳର ଲୋକମାନେ ଏହି ଅଦାଲତରେ ଯେପରି ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମା ଗୁଡ଼ିକର ଫଇସଲା କରାଯିବ। ଏହାର ସୁବିଧା ଯେପରି ଲୋକମାନେ ପାଇପାରିବେ ଓ ଏହାର ପ୍ରଚାର, ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇପରିବେ ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପ୍ରଚେଷ୍ଟା ଜାରି ରଖିଛନ୍ତି। ଜନସାଧାରଣ କୌଣସି ଦ୍ୱନ୍ଦ୍ୱ ବା ଭୟଭୀତ ନହୋଇ ଏକ ଦିଗରେ ଆଗେଇ ଆସିବାକୁ ନିବେଦନ କରାଯାଇଛି। ଏହାଦ୍ୱାରା ବହୁ ଲୋକ ଉପକୃତ ହୋଇପାରିବେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଭାରାପ୍ରାପ୍ତ ସଚିବ ପରିଜା ଆଶା ପୋଷଣ କରିଛନ୍ତି।

## ଚାଳକ ମୃତ, ଦୁଇ ଝିଅ ଗୁରୁତର

### ଓମିନି ଗାଡି ସହ ବାଇକ୍ ମୁହାଁମୁହିଁ ଧକ୍କା



କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ କୋଷାଗୁମୁଡ଼ା ଆଦର୍ଶ ବିଦ୍ୟାଳୟ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଗୁରୁତର ଝିଅଙ୍କୁ କୋଷାଗୁମୁଡ଼ା ମେଡ଼ିକାଲରୁ ନବରଙ୍ଗପୁର ଜିଲ୍ଲା ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ମୃତ ବାଇକଚାଳକ ଯୁବକ ନାମ ଯଦୁ ଭତ୍ରା (୨୦), ପିତା ଲେବ ଭତ୍ରା, କୋଣ୍ଡାପୁରି ଗାଁ'ର ଥିବାବେଳେ ସେହି କୋଣ୍ଡାପୁରି ଗାଁ'ର ଦୁଇ ଝିଅ କୌଶଲ୍ୟା ଭତ୍ରା (୧୮), ଧଳା ମଣି ଭତ୍ରା (୧୯) ଦଶପୁରିଆ ଗୁଡାର ବୋଲି ଜଣାପଡିଛି। ଶୁକ୍ରବାର ସନ୍ଧ୍ୟାରେ କୋଷାଗୁମୁଡ଼ାରୁ ଗିଫ୍ଟ କିଣି ଗୋଟିଏ ବାଇକରେ ଦୁଇ ଝିଅକୁ ବସାଇ ଜଦୁ ନିଜ ଗାଁ କୋଣ୍ଡାପୁରୀକୁ ଯିବାବେଳେ ଅପରପକ୍ଷ ତଥା କୋଡ଼ିଙ୍ଗା ପଟରୁ ଏକ ଅମିନ ଗାଡି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅମିନି ଗାଡ଼ିଟି ଛତିଶଗଡ଼ର ବୋଲି ଜଣାପଡ଼ିଛି। ଅମିନ ଗାଡି ରାସ୍ତା ତଳେ ଓଲଟି ପଡିବାରୁ ଜଣେ ବ୍ୟକ୍ତିଙ୍କୁ କୋଷାଗୁମୁଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଅମିନି ଗାଡିରେ କେବଳ ଦୁଇ ଜଣ ବ୍ୟକ୍ତି ଥିଲେ। ଏହି ଦୁର୍ଘଟଣା ଘଟିଥିବାର ଖବର ପାଇ କୋଷାଗୁମୁଡ଼ା ଅଗ୍ନିଶମ ବିଭାଗର ହାବିଲଦାର ଜଗଦୀଶ ମାଝୀ, ଡ୍ରାଇଭର ଧରଣୀ ମହନ୍ତ, ଗଙ୍ଗା ରାଜୁ କଡ୍ରକା, ଜଗନ ପ୍ରଧାନ, ପ୍ରଭଞ୍ଜନ ସାହୁଙ୍କ ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକମାନଙ୍କ ଦ୍ୱାରା କୋଷାଗୁମୁଡ଼ା ମେଡ଼ିକାଲରେ ଆଣି ଆହତ ମାନକୁ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଏହି ଖବର ପାଇ କୋଷାଗୁମୁଡ଼ା ପୋଲିସ ଘଟଣା ସ୍ଥଳରେ ଉପରେ ପହଞ୍ଚିଥିବା ଜଣାପଡିଛି।

## ବାଲ୍ୟ ବିବାହ ରୋକିବାକୁ ଶପଥ ଗ୍ରହଣ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ବାଲ୍ୟ ବିବାହକୁ ବିରୋଧ କରାଯାଇଥିବା ବେଳେ ପ୍ରଶାସନର ଅଣ ନଜରରେ ବାଲ୍ୟ ବିବାହ ହେଉଥିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ବାଲ୍ୟ ବିବାହ ରୋକିବା ପାଇଁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଅକ୍ଷୟ ତୃତୀୟା ପର୍ବ ଅବସରରେ ତଥା ବିବାହ ଋତୁ ଚାଲିଥିବା ବେଳେ ପୁରୀ ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ରୁଚିକା ସମାଜ ମଙ୍ଗଳ ସଂଗଠନ ତରଫରୁ ଏକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ବିଭିନ୍ନ ମନ୍ଦିରମାନଙ୍କରେ ଥିବା ପୂଜକମାନେ ମନ୍ଦିର ପରିସରରେ ବାଲ୍ୟ ବିବାହ ମୁକ୍ତ ବ୍ୟାନର ଧରି ମନ୍ଦିର ବା ଧାର୍ମିକ ଅନୁଷ୍ଠାନରେ ଯେପରି କୌଣସି ବାଲ୍ୟ ବିବାହ ହୋଇପାରିବ ନାହିଁ ସେଥିପାଇଁ ଶପଥ ପାଠ କରିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ସାରା ଭାରତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇ ଲକ୍ଷରୁ ଅଧିକ ବାଲ୍ୟବିବାହ ବନ୍ଦ କରିବା ସହିତ ସମାପ୍ତ କରିବା ପାଇଁ ଶପଥପାଠ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରୁଚିକା ସମାଜ ସଂଗଠନ ପରିଚାଳନା କରିଥିଲେ। ଗରପଦା ମହାଦେବ ମନ୍ଦିର, ହରିଶପୁର ହନୁମାନ ମନ୍ଦିର, ଗୋଡ଼ିମାଳ, ସୁନାପଦା ମହାଦେବ ମନ୍ଦିରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ରୁଚିକା ସମାଜ ସଂଗଠନର ଜିଲ୍ଲା ସଂଯୋଜକ ହେମନ୍ତ ଦାସ ଓ ନିମାପଡ଼ା ବ୍ଲକ୍ ସଂଯୋଜକ ସୁଶାନ୍ତ କୁମାର ପ୍ରଧାନଙ୍କ ସହ ସମସ୍ତ ମନ୍ଦିର ପୂଜକ ଉପସ୍ଥିତ ଥିଲେ।

## ଶ୍ରମିକ ସଂଘ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ଅନ୍ତର୍ଯ୍ୟାତିକ ଶ୍ରମିକ ଦିବସ ମଧୁବନ ସ୍ଥିତ ଶ୍ରମିକ ଭବନ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଂଘର କାର୍ଯ୍ୟକର୍ତ୍ତା ଓ ସଭ୍ୟସଭ୍ୟାମାନେ ଯୋଗଦେଇ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘର କାର୍ଯ୍ୟକାରୀ ସଭାପତି ବିଶ୍ୱାଳ ପାରାଦୀପ ଓ ଶିଳ୍ପାଞ୍ଚଳରେ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଆସନ୍ତା ମଇ ମାସ ୧୯ ତାରିଖ ସଂଘର ପ୍ରତିଷ୍ଠାତା ସାଥି ଲୋକନାଥ ଚୌଧୁରୀଙ୍କ ୧୦୦ ତମ ଜନ୍ମ ଦିବସ ପାଳନ ପରିପ୍ରେକ୍ଷୀରେ ସଂଘ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ସହ ଆଲୋଚନା କରାଯାଇ ସ୍ୱର୍ଗତ ଲୋକନାଥ ଚୌଧୁରୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ବିଶ୍ୱାଳ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଂସ୍କୃତି ଭବନରେ ଗତକାଲି ମର୍ଯ୍ୟାଦାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ସାଂସଦ, କେନ୍ଦୁଝର ଅନନ୍ତ ନାୟକ ଯୋଗ ଦେଇ ଶ୍ରମିକମାନେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଜରିଆରେ ନାମ ପଞ୍ଜିକରଣ କରିବା ଓ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ, ଆର୍ଥିକ ସହାୟତାର ଫାଇଦା ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଆଗୁରି ମଧ୍ୟ ସମ୍ପର୍କରେ ନାୟକ ଶ୍ରମିକମାନଙ୍କ ଶ୍ରମ ବଳରେ ହିଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ହେଉଥିବା ଏବଂ ଶ୍ରମିକମାନଙ୍କ ସକଳ ଉନ୍ନତି ଓ ସାମାଜିକ ନିରାପତ୍ତା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଥିବା ସମସ୍ତ ବ୍ୟବସ୍ଥା ସମ୍ବନ୍ଧରେ ବିସ୍ତୃତ ସୂଚନା ଦେବା ସହିତ ଶ୍ରମିକ ଭାଇଭଉଣୀମାନେ ସରକାରଙ୍କ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାଗୁଡିକର ସୁଫଳ ପାଇପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସମ୍ମାନନୀୟ ଅତିଥି ରୂପେ ମାନ୍ୟବର ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାୟକ, ମାନ୍ୟବର ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାୟକ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, କେନ୍ଦୁଝରଗଡ଼ ପୌରପରିଷଦ ଅଧ୍ୟକ୍ଷା ନିକୁ ସାହୁ, ମାନ୍ୟବର ବିଧାୟକ, ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜିବ କୁମାର ବେହେରା ଏବଂ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ହିସାବରେ ବିବେକାନନ୍ଦ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତିକ ଶ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରମିକମାନେ ସେମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଅଧିକାର ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟକାନ୍ତ ମାଳି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନର ଉଦ୍ଦେଶ୍ୟ ଓ କେନ୍ଦୁଝର ଜିଲ୍ଲାରେ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଗ୍ରହଣ କରାଯାଉ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିବାହ ସହାୟତା ପାଇଁ ୫୦ ଜଣଙ୍କୁ ୨୮,୦୦,୦୦୦ଟଙ୍କା, ହିତାଧିକାରୀଙ୍କ ମୃତ୍ୟୁ ଜନିତ ସହାୟତା ପାଇଁ ୩୯ ଜଣଙ୍କୁ ୯୨,୦୦,୦୦୦ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୩୭ ଜଣଙ୍କୁ ୧,୮୫,୦୦୦ ଟଙ୍କା, ପ୍ରସୂତିକାଳୀନ ସହାୟତା ବାବଦରେ ୪ ଜଣଙ୍କୁ ୪୦,୦୦୦ ଟଙ୍କା, ଶିକ୍ଷାବୃତ୍ତି ସହାୟତା ବାବଦରେ ୨୧ ଜଣଙ୍କୁ ୨,୨୦,୦୦୦ ଟଙ୍କା ସମୁଦାୟ ୧୫୮ ଜଣଙ୍କୁ ୧,୨୪,୪୫,୦୦୦ ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଥିଲା। ୨୦୦ଜଣ ହିତାଧିକାରୀଙ୍କୁ ନୂତନ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଶ୍ରମିକ, ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ମା' ଗେଲବାଇ ଠାକୁରାଣୀଙ୍କ ନବମ ବାର୍ଷିକ ଉତ୍ସବ ପାଳିତ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଅଧୀନ ନାଗପୁର ପଂଚାୟତ ନେତପୁର ଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ଗେଲବାଇ ଠାକୁରାଣୀଙ୍କ ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସମସ୍ତ ରିତିନୀତି ଅନୁଯାୟୀ ପ୍ରତ୍ୟୁଷରୁ ମା'ଙ୍କ ସମସ୍ତ ପୂଜାର୍ଚ୍ଚନାଦି ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ମା'ଙ୍କ ପୀଠରେ ଚରଣ ମହାନ୍ତି ଓ ସାଥିଙ୍କ ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋପ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ସଂଗ୍ରାମ କେଶରୀ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ରମେଶ ଚନ୍ଦ୍ର ବେହେରା, ମହାଦେବ ଦାସ, ଧନେଶ୍ୱର ପରିଡା, ଅକ୍ଷୟ ସାହୁ, ବସନ୍ତ କୁମାର ପରିଡା, ଲିଙ୍ଗରାଜ ସାହୁ, ଗଣେଶ ପରିଡା, ସୁକାନ୍ତ ପୃଷ୍ଟି, ନିଳକଣ୍ଠ ଦାସ, ଆଶିଷ ମହାପାତ୍ର, ଭୋବନ ଦିକ୍ଷୀତ, ମନୁ ପୃଷ୍ଟି, ବିକ୍ରମ ସାହୁ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଭାକର ସାହୁ, ଗଗନ ପୃଷ୍ଟି, ଲକ୍ଷ୍ମୀକାନ୍ତ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରମିକମାନଙ୍କ ପକ୍ଷରୁ ଶ୍ରମିକ ଦିବସ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଶ୍ରମିକମାନଙ୍କ ପକ୍ଷରୁ ଶ୍ରମିକ ଦିବସ ଗୁରୁବାର ତିହିଡ଼ି ବିଭିନ୍ନସ୍ଥାନରେ ପାଳିତ ହୋଇଯାଇଛି। ତିହିଡ଼ି ତହସିଲ ଛାକଠାରେ କମ୍ୟୁନିଷ୍ଟ ନେତା ପ୍ରଫୁଲ୍ଲ ପାଢ଼ୀ ପତାକା ଉତ୍ତୋଳନ କରିଥିବା ବେଳେ ପୀରହାଟରେ ବିଷ୍ଣୁ ଦାଶ, ବାରୋରେ ନାରାୟଣ ଦାଶ, ଦୋଳସାହିରେ ଶ୍ରୀଧର ଜେନା ପ୍ରମୁଖ ରକ୍ତପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଶ୍ରମିକମାନଙ୍କୁ ୮ଘଣ୍ଟା କାମ କରିବାର ଅଧିକାର, ଶ୍ରମ କୋର୍ଡ଼ରେ ଶ୍ରମ ଆଇନ ପ୍ରଚଳନ କରିବା, ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରୀ ୬୦୦ଟଙ୍କା ଘୋଷଣା କରିବା, ଅଙ୍ଗନୱାଡ଼ି, ଆଶା, ପାଚିକାମାନଙ୍କର ମାସିକ ଦରମା ୨୬ହଜାର ଟଙ୍କା ଘୋଷଣା କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ଦଳେଇ, ଭାଗବତ ସେନାପତି, ସତ୍ୟବ୍ରତ କୁଣ୍ଡ, ପୀତାମ୍ବର ମଳିକ, ଅନନ୍ତ ଜେନା, ମୁକ୍ତିକାନ୍ତ ଭୋଳ, ପୁରୁଷୋତ୍ତମ ସାହୁ, ସେକ୍ ଲିଟୁ, ସେକ୍ ହାଡ୍ଡୁ, ସୟଦ ସାୟନସାହା, ବିଜୟ ଦାସ, ହୃଷିକେଶ ଦାସ, ସତ୍ୟଜିତ୍ କୁଣ୍ଡ, ବନମାଳି ମହାନ୍ତି, ସୁବାସ ମହାଳିକ, ଜ୍ୟୋତିର୍ମୟ ମଳିକ, ବାବୁରାମ ଦାସ, ଅଜୟ ବଳ, ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଆସନ୍ତା ମଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ବରିଷ୍ଠ କମ୍ୟୁନିଷ୍ଟ ନେତା ବିଷ୍ଣୁ ଦାଶ ଆହ୍ୱାନ ଦେଇଥିଲେ।

## ଚିନ୍ତାରେ ପଞ୍ଚାୟତ ଗୁଡ଼ିକର କେନ୍ଦୁପତ୍ର ବ୍ୟବସାୟୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଦୁଇରୁ ତିନି ଦିନ ଧରି କାଳବୈଶାଖୀ ତାଣ୍ଡବରେ ପଞ୍ଚାୟତଗୁଡ଼ିକରୁ କେନ୍ଦୁପତ୍ର କିଣାବିକା ପାଇଁ ଲାଇସେନ୍ସ ପାଇଥିବା ବ୍ୟବସାୟୀ ମାନେ କେନ୍ଦୁପତ୍ର କ୍ଷୟକ୍ଷତିରୁ ଚିନ୍ତାରେ। ତେବେ ଗତକାଲି ସନ୍ଧ୍ୟା ମାଥିଲି ଓ ମାଲକାନଗିରି ବ୍ଲକ୍ ଅନ୍ତର୍ଗତ ଭେଜଗୁଡ଼ା, ବୀରଲକ୍ଷ୍ମଣପୁର ଓ ଅନେକ ଗ୍ରାମ ପଞ୍ଚାୟତରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ତେବେ ଏହି ଦୁଇଟି ପଞ୍ଚାୟତ ଭେଜାଗୁଡା ଓ ବୀର ଲକ୍ଷ୍ମଣପୁରରେ ଏତେ ତୀବ୍ରଗତିରେ ପବନ ଏବଂ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିବା ବେଳେ ଅଧା ଶୁଖିଥିବା କେନ୍ଦୁପତ୍ର କାଳବୈଶାଖୀ ପବନରେ ଉଡାଇନେଇ କେନ୍ଦୁପତ୍ର ବିଡ଼ା ସବୁ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ତେବେ ଲକ୍ଷଲକ୍ଷ ଟଙ୍କାର କେନ୍ଦୁପତ୍ର ସବୁ ନଷ୍ଟ ହେବେରୁ ଚିନ୍ତାରେ କେନ୍ଦୁପତ୍ର ବ୍ୟବସାୟୀ। ଏହି କାଳ ବୈଶାଖୀ ଯୋଗୁଁ କେତେ ଜେ ଟଙ୍କାର ପତ୍ର ଲସ ହୋଇଥିବ ଏହି ଦୁଇ ପଞ୍ଚାୟତର ବ୍ୟବସାୟୀମାନଙ୍କ ମୁନିସି ଶୁକଦେବ ବଦନାୟକ ଓ ଜୟରାମ ମାଡକାମି ଗଣମାଧ୍ୟମ ଆଗରେ ଦୁଃଖରସହ ଗଣମାଧ୍ୟମକୁ ଜଣାଇଛନ୍ତି।

## ମା' ସ୍ୱପ୍ନେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବାଇପାସ ନିକଟରେ ମା' ସ୍ୱପ୍ନେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ବଜାରରୁ ପେଟ୍ରୋଲ ପମ୍ପକୁ ଯାଇଥିବା ନିକଟସ୍ଥ ବାଇପାସ ୫୩ ନମ୍ବର ଜାତୀୟ ରାଜପଥ ଜନସାଧାରଣଙ୍କ ପ୍ରମୁଖ ଯାତାୟାତ ପଥ ପାର୍ଶ୍ୱରେ ଦୀର୍ଘବର୍ଷ ଧରି ଅଧାପନ୍ତରିଆ ଭାବେ ପଡିରହିଥିବା ମା' ସ୍ୱପ୍ନେଶ୍ୱରୀ ମନ୍ଦିର ପୂର୍ଣ୍ଣାଙ୍ଗ ହୋଇ ପ୍ରତିଷ୍ଠା ଲାଭ କରିଛି। ନୂତନ ମନ୍ଦିର ପ୍ରତିଷ୍ଠା ଲାଗି ପରଜଙ୍ଗ ଗ୍ରାମର ଯୁବ ଉଦ୍ୟୋକ୍ତା ଅଶୋକ କୁମାର ସୁବାହୁସିଂହ, ନଗେନ ବିନାୟକ, ସୁବ୍ରତ କୁମାର ପରିଡ଼ା, ପ୍ରିୟଜିତ୍ ସାମଲ, ସୁବ୍ରତ କୁମାର ଦାସ, ଅନ୍ତର୍ଯ୍ୟାମୀ ସାମଲ, ବରୁଣ କୁମାର ଦଳବେହେରା, ରାଧାକାନ୍ତ ତ୍ରିପାଠୀ, ଚନ୍ଦନ ନାୟକ, କାଳିଆ ସାମଲ, ସରୋଜ ପାତ୍ରଙ୍କ ସମେତ ଅନ୍ୟ ଯୁବ ଉଦ୍ୟୋକ୍ତାମାନଙ୍କ ସହଯୋଗରେ ୨ ଦିନ ଧରି ଆଡମ୍ବର ସହକାରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥି ପାଇଁ ପବିତ୍ର ଅକ୍ଷୟ ତୃତୀୟା ଦିନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗ୍ରାମ ଖଣ୍ଡିଆବନ୍ଧରୁ ଜଳ ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଯାଇ ମନ୍ଦିରରେ କଳସ ସ୍ଥାପନ କରିଥିଲେ। ଦିନ ତମାମ ପୂଜାର୍ଚ୍ଚନା, ନାମ ସଂକୀର୍ତ୍ତନ ସାଙ୍ଗକୁ ହରିବୋଲ ହୁଳହୁଳିରେ ମନ୍ଦିର ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ଗୁରୁବାର ଦିନ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇ ମନ୍ଦିର ଚୁଡ଼ାରେ ଧ୍ୱଜା ବନ୍ଧାଯିବା ପରେ ଯଜ୍ଞସ୍ଥଳରୁ ଠାକୁରଙ୍କୁ ଧରି ମନ୍ଦିରରେ ପ୍ରବେଶ କରାଇ ଆସ୍ଥାନରେ ସ୍ଥାପନ କରାଯାଇ ଅପରାହ୍ନ ସମୟରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଶତାଧିକ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ ପୂଜକ ଶ୍ୱେତ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ନଗେନ ବିନାୟକ ଓ ସହଧର୍ମିଣୀ ମୀନାରାଣୀ ବିନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ତିହିଡ଼ି ଥାନାରେ ରକ୍ତଦାନ ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ପରିସରରେ ଗୁରୁବାର ସକାଳ ୯ଟା ସମୟରେ ବାରୋ ପଞ୍ଚାୟତର ଭାରତ ସୋସିଆଲ ସର୍ଭିସ ସାମାଜିକ ସଙ୍ଗଠନ ଓ ତିହିଡ଼ି ପୁଲିସ ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୨ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି। ଏଥିରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ବିଡ଼ିଓ ନିରଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ ଏଏସପି ଅରୂପ ଅଭିଷେକ ବେହେରା, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାଶ, ଏବିଡ଼ିଓ ମାନସ କୁମାର ଜେନା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ବ୍ଲଡ଼ବ୍ୟାଙ୍କର ଡାକ୍ତର ବିମଳା ମିଶ୍ର, ଟେକ୍‌ନିସିଆନ ରତିକାନ୍ତ ବଳ, ରବିନ୍ଦ୍ର ଜେନା, ତରଣୀସେନ ଜେନା, ରଘୁନନ୍ଦନ ପଣ୍ଡା, ମାନସ ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବିଏସ୍ଏସ୍ ସାମାଜିକ ସଙ୍ଗଠନର ସଭାପତି ପବିତ୍ର କୁମାର ଦାସ, ସମ୍ପାଦକ ସମରେନ୍ଦ୍ର ଦାଶ ସଙ୍ଗଠନର କର୍ମକର୍ତ୍ତା ସନ୍ନ୍ୟାସୀ ଚରଣ ବ୍ରହ୍ମ, ସଂଗ୍ରାମ ବେହେରା, କଳିଙ୍ଗ ଦାସ, କ୍ଷୀରୋଦ ନାୟକଙ୍କ ସମେତ ଏସଆଇ ପ୍ରବୀଣ ଗିରି, ପ୍ରକାଶ ନାୟକ, ଏଏସଆଇ କମଳାକାନ୍ତ ଶତପଥୀ, ଲକ୍ଷ୍ମଣ ମାରାଣ୍ଡି, ପାର୍ଥ ବେହେରା, କୁମୁଦିନୀ ବେହେରା, ଓ ପୋଲିସ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ପୁଲିସ ଅଧିକାରୀମାନେ ମଧ୍ୟ ରକ୍ତଦାନ କରିଥିଲେ।

## ମାଙ୍କଡ଼ା ପଥର ଚୋରାଚାଲାଣ

### ୧୧ ଟ୍ରକ-ମିନିଟ୍ରକ ଜବତ, ୮ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଥାନା ପୋଲିସ ବିଳମ୍ବିତ ରାତ୍ରରେ ପେଟ୍ରୋଲିଂ କରିବାବେଳେ ବେଆଇନ ଭାବେ ମାଙ୍କଡ଼ାପଥର ଚୋରାଚାଲାଣ ଘଟଣାରେ ଧରପଗଡ଼ କରି ୧୧ଟି ଗାଡ଼ି (ଟ୍ରକ-ମିନିଟ୍ରକ) ଜବତ କରିବା ସହିତ ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ବୋଲି ନିରାକାରପୁର ଥାନା ନିରୀକ୍ଷକ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ବେଆଇନ ଭାବେ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ହେଉଥିଲା ମାଙ୍କଡ଼ାପଥର ଚୋରାଚାଲାଣ, ତାହା ପୁଣି ବିଳମ୍ବିତ ରାତିରେ। ଖୋର୍ଦ୍ଧା ଜିଲ୍ଲାର ମାଙ୍କଡ଼ାପଥର ପୁରୀ ଜିଲ୍ଲାରେ ଡବଲ ଦାମ୍ (ରେଟ୍‌ରେ) ବିକ୍ରୀ କରାଯାଇଥିଲା। ଏହିଭଳି ପଥର ମାଫିଆମାନେ ପ୍ରାୟ ଦିନ ଚୋରାଚାଲାଣ କରୁଛନ୍ତି। ଖୋର୍ଦ୍ଧା ଜିଲ୍ଲାର ସ୍ପେଶାଲ ଫୋର୍ସ ଓ ନିରାକାରପୁର ଥାନା ପୋଲିସ ମିଳିତ ସହଯୋଗରେ ନୂଆ ଜଗନ୍ନାଥ ସଡ଼କ ପଥରେ ଲୁଚି-ଛପି ଅତର୍କିତ ଭାବେ ଧରପଗଡ଼ କରିବାରୁ ୧୧ଟି ଗାଡ଼ି (ଟ୍ରକ-ମିନିଟ୍ରକ)ଜବତ କରାଯାଇଛି। ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ମାଙ୍କଡ଼ାପଥର ଖଣିରୁ ଏଭଳି ଚୋରାଚାଲାଣ ହେଉଥିଲା ଏବଂ ଗିରଫ ଅଭିଯୁକ୍ତମାନେ ଖୋର୍ଦ୍ଧା ଜିଲ୍ଲା ଓ ପୁରୀ ଜିଲ୍ଲା ଅଞ୍ଚଳର ବୋଲି ନିରାକାରପୁର ଥାନା ନିରୀକ୍ଷକ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି।

## ଇଣ୍ଡିଗୋ ଅଟୋ ଧକ୍କା ଘଟଣା, ମହିଳା ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ-ଚାନ୍ଦବାଲି ରାସ୍ତାର କମାରିଆ ପଣ୍ଡାପୋଖରୀ ଛକ ନିକଟରେ ବୁଧବାର ଘଟିଥିବା ଇଣ୍ଡିଗୋ-ଅଟୋ ଧକ୍କାରେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଚାନ୍ଦବାଲି ଥାନା ଘଟପୁର ପଞ୍ଚାୟତ ଅଧୀନ ହେଙ୍ଗୁପତି ମହାନ୍ତିସାହି ଗ୍ରାମର ପାର୍ବତୀ ଦାସ (୩୫)ଙ୍କର ଗୁରୁବାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସିନ୍ଦୋଳ ସରପଞ୍ଚ ସୁପ୍ରଭା ପାଣି ମୃତକ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ପ୍ରକାଶ ଯେ, ଇଣ୍ଡିଗୋ-ଅଟୋ ଧକ୍କାରେ ୯ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଥିଲେ। ପାର୍ବତୀ ଦାସ ଓ ନୂଆସାହି ଗ୍ରାମର ଜୟରାମ ମଳିକ, ଉମାକାନ୍ତ ମଳିକ ଓ ଜ୍ୟୋତ୍ସ୍ନା ମଳିକଙ୍କୁ ଗୁରୁତର ଅବସ୍ଥାରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ଜାତୀୟ ମହିଳା ବ୍ୟବସାୟ ମେଳାରେ ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆଇଏନଡବ୍ଲୁଇସି ଜାତୀୟ ମହିଳା ବ୍ୟବସାୟ ମେଳା ୨.୦ର ତୃତୀୟ ଦିନରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଧାୟକା ସୋଫିଆ ଫିରଦୋସ, ଆଇଏଏସ୍ ତଥା ଉନ୍ନୟନକମିଶନର ଅନୁ ଗର୍ଗ ଏବଂ ବଲିଉଡ୍ ଆଇକନ୍ ସୁସ୍ମିତା ସେନ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା ସରକାର ଏକ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରି ମହିଳାଙ୍କ ପାଇଁ ଏକ ଅନ୍ତର୍ଭୁକ୍ତିମୂଳକ ଏବଂ ନବସୃଜନ-ଚାଳିତ ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲେ। ସେ ଉଦୀୟମାନ ଶିଶୁଉଦ୍ୟୋଗୀଙ୍କୁ ସମ୍ମାନିତ କରିଥିଲେ ଏବଂ କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ଡକ୍ଟର ସୀତା କଣ୍ଠ ଦାସଙ୍କ ଭଳି ଆଦର୍ଶ ଅବଦାନକାରୀଙ୍କୁ ପ୍ରଶଂସା କରିଥିଲେ। ଉନ୍ନୟନ କମିଶନର ଲିଙ୍ଗ-ସମାବେଶୀ ବିକାଶ ପାଇଁ ଓଡ଼ିଶାର ପ୍ରଗତିଶୀଳ ଆଭିମୁଖ୍ୟ ଉପରେ ଏକ ଶକ୍ତିଶାଳୀ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ, ଯେଉଁଥିରେ ମହିଳା ନେତୃତ୍ୱାଧୀନ ବିକାଶରେ ନୀତିଗତ ସମର୍ଥନ ଏବଂ ତୃଣମୂଳ ସ୍ତରରେ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସନ୍ଧ୍ୟାର ଏକ ଆକର୍ଷଣୀୟ ବିଷୟ ଥିଲା ବଲିଉଡ୍ ଆଇକନ୍, ଉଦ୍ୟୋଗୀ ଏବଂ ମିସ୍ ୟୁନିଭର୍ସ ୧୯୯୪ ସୁସ୍ମିତା ସେନଙ୍କ ସ୍ୱତନ୍ତ୍ର ଉପସ୍ଥିତି। ଟ୍ରେଲବ୍ଲାଜିଂ ୱିଥ୍ ହାର୍ଟ: ସଶକ୍ତିକରଣ, ଉଦ୍ୟୋଗୀ ଏବଂ କ୍ରିଏଟିଂ ଇମ୍ପାକ୍ଟ ଶୀର୍ଷକ ଏକ ମନମୁଗ୍ଧକର ଆଳାପ ଆଲୋଚନାରେ, ସେନ୍ ଉଦ୍ଦେଶ୍ୟ, ନେତୃତ୍ୱ ଏବଂ ସ୍ଥିରତାର ତାଙ୍କର ପ୍ରେରଣାଦାୟକ ଯାତ୍ରା ବିଷୟରେ କହିଥିଲେ। ସେ ମହିଳା କୃତିତ୍ୱ ଏବଂ ଯୁବ ପ୍ରତିଭାଙ୍କୁ ମଧ୍ୟ ସମ୍ମାନିତ କରିଥିଲେ, ସେମାନଙ୍କୁ ସତ୍ୟତା ଏବଂ ସାହସ ସହିତ ନେତୃତ୍ୱ ନେବାକୁ ଉତ୍ସାହିତ କରିଥିଲେ।

## ଶ୍ରମିକ ଦିବସ ପାଳିତ

ଟାଙ୍ଗୀୟ, (ଭାସ୍କର ନ୍ୟୁଜ୍): ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲାର ସିପିଆଇ (ଏମ୍) ଟାଙ୍ଗୀ ଆଞ୍ଚଳିକ କମିଟି ପକ୍ଷରୁ ପାଳନ କରାଯାଇଛି। ଏହି ଉପଲକ୍ଷେ ଶତାଧିକ ଶ୍ରମିକ ଓ ନିଜର କର୍ମୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ଟାଙ୍ଗୀ ନଗର ପରିକ୍ରମା କରିବା ପରେ ଶ୍ରମିକଦିବସ ଉପଲକ୍ଷେ ଲାଲ୍ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ସଦାଶିବ ବେହେରା ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ସିପିଆଇ (ଏମ୍) ନେତା ତଥା ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଗିରିଶ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିବା ବେଳେ ଛାତ୍ର ନେତା ତଥା ସିପିଆଇ (ଏମ୍) ନେତା ବିଧୁଭୂଷଣ ମହାରଣା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି 'ବିଶ୍ୱ ଶ୍ରମିକ ଦିବସ' ସମ୍ପର୍କରେ ଓ ଶ୍ରମିକମାନଙ୍କ ହୀତସାଧନ ଓ ଅଧିକାର ପାଇଁ ସଂଘବଦ୍ଧ ହେବାକୁ ଉଦବୋଧନ ଦେଇଥିଲେ।

## ହଷ୍ଟେଲ ଦାୟିତ୍ୱରୁ ନିବୃତ୍ତ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନେ ହଷ୍ଟେଲ ଦାୟିତ୍ୱରୁ ନିବୃତ ରହିବା ନେଇ ମାଲକାନଗିରି ଜିଲ୍ଲାପାଳଙ୍କୁ ଶୁକ୍ରବାର ଦିନ ଏକ ଦାବିପତ୍ର ଦେଇଛନ୍ତି। ମାଲକାନଗିରି ଜିଲ୍ଲାର ସମସ୍ତ ବର୍ଗର ଶିକ୍ଷକ, ଶିକ୍ଷୟତ୍ରୀ, ସେବକ ଓ ସେବିକା, ସଂଖ୍ୟାଲଘୁ ସମ୍ପ୍ରଦାୟର ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ ଏକ ଦାବିପତ୍ର ଦିଆଯାଇଛି। ଦୀର୍ଘବର୍ଷ ଧରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଅହରହ ଦିନରାତି ସେବା ଯୋଗାଇ ଆସିଅଛୁ, କିନ୍ତୁ ଦୁଃଖ ଓ ପରିତାପର ବିଷୟ ଦୀର୍ଘବର୍ଷ ଧରି ସେବା ଯୋଗାଇ ଆସୁଥିଲେ ସୁଧା ଦିନକୁଦିନ ଚାପ ଅସହ୍ୟ ହେଉଥିବାରୁ ସମସ୍ତ ବର୍ଗର ଶିକ୍ଷକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ଆଠଦଫା ଦାବିଗୁଡିକ ମଧ୍ୟରେ ବିଶେଷ କରି ଭିତ୍ତିଭୂମିର ଅଭାବ ଏବଂ ଛାତ୍ରଛାତ୍ରୀଙ୍କ ଅନ୍ୟାନ୍ୟ ସୁବିଧା ସୁଯୋଗ ନ ଥାଇ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନର ଦୃଢ଼ ପ୍ରତିବାଦ କରି ଏହି ଆଠ ଦଫା ଦାବି ପ୍ରଦାନ କରିଛନ୍ତି ମାଲକାନଗିରି ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନେ। ଯଦି ଗ୍ରୀଷ୍ମ ଛୁଟି ପୂର୍ବରୁ ଯଦି ଏହି ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ନହୁଏ ମାଲକାନଗିରି ଜିଲ୍ଲା ଶିକ୍ଷକ ସଂଘ ସମୂହ ଭାବେ ଛୁଟିରେ ରହିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

## ହରିଶ ଗଣତ୍ରାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା




ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ବିଜେଡି ସଭାପତି ଭାବରେ ହରିଶ ଗଣତ୍ରାଙ୍କୁ ରାଜ୍ୟ ବିଜେଡିର ନିର୍ବାଚନୀ କମିଟିର ରିଟର୍ନିଂ ଅଫିସର ପ୍ରତାପ ଦେବ ଅନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ହରିଶ ଗଣତ୍ରା ଝାରସୁଗୁଡା ପୌର ପରିଷଦରେ ୨ ଥର ଅଧ୍ୟକ୍ଷ ଥିବାବେଳେ, ୨ ଥର କାଉନସିଲର ରହିଥିଲେ। ୧୯୯୨ ମସିହା ଠାରୁ ଜନତାଦଳରୁ ରାଜନୀତି ଆରମ୍ଭ କରି ବର୍ତ୍ତମାନ ମଧ୍ୟ ବିଜେଡି ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ହରିଶ ଗଣତ୍ରା ଦଳର ସମସ୍ତଙ୍କୁ ଏକ ସାଥିରେ ନେଇ ଝାରସୁଗୁଡା ଜିଲ୍ଲାରେ ବିଜେଡିକୁ ମଜଭୁତ କରାଯିବ ବୋଲି କହିଛନ୍ତି। ଏହି ସମ୍ବର୍ଦ୍ଧନା ସଭାକୁ ତାପସରାୟ ଚୌଧୁରୀ ଅଧ୍ୟକ୍ଷତା କରିଥିବା ବେଳେ ମଞ୍ଚରେ ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁଗୋପାଲ ପାଣିଗ୍ରାହୀ, ପବନ ସିଂହ ଯାଦବ ମଞ୍ଚାସିନ ଥିବା ବେଳେ ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ପି ରାମ ମୋହନ ରାଓ, ଜାହିଦ କୁରେଶି, ମଦନ ହାତୀ, ତୁଳସୀ ଦାସ, ଚିରଞ୍ଜିବୀ ପତି, ନୀଳାମ୍ବର ଡନସେନା, ଅଶୋକ ଦାସ, ଲୋକନାଥ ଦାସ, ଲାଲା ଶର୍ମା, କୈଳାସ ନନ୍ଦ, ଅଶ୍ୱିନୀ ପାଣ୍ଡେ, ନାଗେଶ୍ୱରି ବୋନେଲା, ଗୀତାଞ୍ଜଳି ପଣ୍ଡା, ନବନିତ କୋର, ନେତ୍ରାରାନୀ ସାହା, ଦିପା ନାଏକ, ବବଲି ସୋନକର ପ୍ରମୁଖ ଉପସ୍ଥିତ ଥିଲେ।

# କିକ୍ ବକ୍ସିଂ ପ୍ରତିଯୋଗିତାରେ କଳାହାଣ୍ଡିର ସଫଳତା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଇଣ୍ଟରନ୍ୟାସନାଲ୍ ସ୍ପୋର୍ଟସ୍ କିକ୍ ବକ୍ସିଂ ଏସୋସିଏସନ୍, ଇଣ୍ଡିଆ ପକ୍ଷରୁ କଲିକତା ଠାରେ ଆୟୋଜିତ 'ଇସ୍କା-ଇଣ୍ଡିଆ ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତା-୨୦୨୫'ରେ ଓଡିଶା ଦଳ ୧୧ଟି ପଦକ ଜିଣି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ତତ୍ ମଧ୍ୟରୁ କଳାହାଣ୍ଡି ଜିଲ୍ଲାର ପ୍ରତିଯୋଗୀମାନେ ୫ଟି ପଦକ ହାସଲ କରି ଜିଲ୍ଲାର ନାଆଁ ଉଜ୍ଜ୍ୱଳ କରିବାରେ ସଫଳ ହୋଇଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଓଡିଶା ରାଜ୍ୟ ଇସକା ଇଣ୍ଡିଆ କିକ୍ ବକ୍ସିଂର ମୁଖ୍ୟ ସେଖ୍ ମୁନାଓ୍ୱାର। କଲିକତାର ବାଲିଗଞ୍ଜ ଠାରେ ୨୬ ଓ ୨୭ ଏପ୍ରିଲ ୨୦୨୫ ଦୁଇଦିନ ଧରି 'ଇଣ୍ଡିଆ ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତା-୨୦୨୫' ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡିଶାରୁ ୧୦ ଜଣ ଖେଳାଳୀ ସେଖ୍ ମୁନାଓ୍ୱାରଙ୍କ ନେତୃତ୍ୱରେ ଅଂଶ ଗ୍ରହଣ କରି ୨ଟି ସ୍ୱର୍ଣ୍ଣ ଓ ୯ଟି ବ୍ରୋଞ୍ଜ ଏହିପରି ମୋଟ ୧୧ଟି ପଦକ ଜିତି ରାଜ୍ୟ ପାଇଁ ସୁନାମ ଆଣିଥିଲେ। ଏହି ୧୧ଟି ପଦକ ମଧ୍ୟରୁ ୫ଟି ପଦକ କେବଳ କଳାହାଣ୍ଡି ଜିଲ୍ଲାର ପ୍ରତିଯୋଗୀମାନେ ପାଇଥିବା କଥା ସାମ୍ବାଦିକ ସମ୍ମିଳନୀରେ ସେଖ୍ ମୁନାଓ୍ୱାର ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ କଳାହାଣ୍ଡିର ପ୍ରତିଯୋଗୀମାନଙ୍କ ମଧ୍ୟରୁ ବାଳିକା ବିଭାଗର ଜଣେ ସ୍ୱର୍ଣ୍ଣ ଓ ଜଣେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ବାଳକ ବିଭାଗର ୩ ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସ୍ଥାନୀୟ ହୋଟେଲ ଭାଗିରଥିର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ନିମନ୍ତ୍ରିତ ଅତିଥି ଓ ପ୍ରତିଯୋଗିତାରେ ଅଂଶ ଗ୍ରହଣକରିଥିବା ପ୍ରତିଯୋଗୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା। ଆଗାମୀ ୨୦୨୬ ମସିହାରେ ଏହି ଜାତୀୟ ସ୍ତରର ପ୍ରତିଯୋଗିତା ଦିଲ୍ଲୀ ଠାରେ ଅନୁଷ୍ଠିତ ହେବ ଓ ଏଥିରେ ଓଡ଼ିଶାରୁ ଅଧିକ ଦକ୍ଷ ଖେଳାଳୀ ଅଂଶ ଗ୍ରହଣ କରିବେ ବୋଲି ଓଡିଶା ମୁଖ୍ୟ ସେଖ୍ ମୁନାଓ୍ୱାର ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ।

## 'ଜ୍ଞାନ ପୋଷ୍ଟ'ର ଶୁଭାରମ୍ଭ

# ଡାକସେବା ସମ୍ପର୍କରେ ସଚେତନତା ପାଇଁ ଆଲୋଚନା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ଡାକ ବିଭାଗ ଦ୍ୱାରା ଏକ ନୂତନ ଡାକସେବା 'ଜ୍ଞାନ ପୋଷ୍ଟ', ୧ ମଇ ୨୦୨୫ ଠାରୁ ଆରମ୍ଭ କରାଯାଇଛି ବୋଲି କଳାହାଣ୍ଡି ଡାକ ମଣ୍ଡଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି 'ଜ୍ଞାନ ପୋଷ୍ଟ' ମାଧ୍ୟମରେ ଶିକ୍ଷାଗତ ପାଠ୍ୟପୁସ୍ତକ ଓ ପ୍ରିଣ୍ଟ ଶିକ୍ଷା ସାମଗ୍ରୀ ଶସ୍ତା ମୂଲ୍ୟରେ ପଠାଯାଇପାରିବ। ମଇ ୧ ତାରିଖ ଗୁରୁବାର ଅପରାହ୍ନରେ 'ଜ୍ଞାନ ପୋଷ୍ଟ' ସମ୍ପର୍କରେ ଅଧିକ ସୂଚନା ଦେବା ନିମନ୍ତେ କଳାହାଣ୍ଡି ଡାକ ମଣ୍ଡଳର ଅଧୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ଡାକ ଉପ ଅଧୀକ୍ଷକ ଏମ୍.ସଞ୍ଜୟ କୁମାର ଦୋରା, ଭବାନୀପାଟଣା ପ୍ରଧାନ ଡାକଘରର ଡାକପାଳ ସଞ୍ଜୟ କୁମାର ପାଣିଗ୍ରାହୀ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ। ଅଧୀକ୍ଷକ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ 'ଜ୍ଞାନ ପୋଷ୍ଟ'ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହାଦ୍ୱାରା ଯୋଗ୍ୟ ସାମଗ୍ରୀ: ମାନ୍ୟତାପ୍ରାପ୍ତ ବୋର୍ଡ଼, ବିଶ୍ୱବିଦ୍ୟାଳୟ, ସଂସ୍ଥାଗତ ଓ ସ୍ୱୟଂଶାସିତ ସରକାରୀ ସଂସ୍ଥା ଦ୍ୱାରା ପ୍ରସ୍ତାବିତ ପୁସ୍ତକ, ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ସାହିତ୍ୟ ପ୍ରତିଯୋଗିତା ପରୀକ୍ଷା ପାଇଁ ପଢ଼ା ସାମଗ୍ରୀ ଆଦି ଶସ୍ତା ମୂଲ୍ୟରେ ପଠାଯାଇପାରିବ। ଏହି 'ଜ୍ଞାନ ପୋଷ୍ଟ' ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଶିକ୍ଷାକୁ ଅଧିକରୁ ଅଧିକ ସଂପ୍ରସାରଣ କରିବାରେ ସହାୟକ ହେବ। ମଇ ୧ ତାରିଖ ଠାରୁ କଳାହାଣ୍ଡି ଡାକ ମଣ୍ଡଳ ତରଫରୁ ଭବାନୀପାଟଣା ମୁଖ୍ୟ ଡାକଘର ଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବା ସହ ପ୍ରଧାନ ଡାକଘରେ ପ୍ରଥମ 'ଜ୍ଞାନ ପୋଷ୍ଟ'ର ବୁକିଂ କରାଯାଇଛି ବୋଲି ଅଧୀକ୍ଷକ ଶ୍ରୀ ପାଣିଗ୍ରାହୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ। 'ଜ୍ଞାନ ପୋଷ୍ଟ'ର ପୋଷ୍ଟାଲ ଦେୟ ବିଷୟରେ ସୂଚନା ଦେବାକୁ ଯାଇ ସେ କହିଥିଲେ ଯେ ସର୍ବନିମ୍ନ ୩୦୦ ଗ୍ରାମ ପର୍ଯ୍ୟନ୍ତ ଓଜନର ଦେୟ ୨୦ ଟଙ୍କା ପଡୁଥିଲା ବେଳେ ଏଥିରେ ସର୍ବୋଚ୍ଚ ପାଞ୍ଚ କିଲୋ ଓଜନର ପୁସ୍ତକ ମାତ୍ର ୧୦୦ଟଙ୍କା ଦେୟରେ ଯାଇପାରିବ। ଏହି ସେବା ସମ୍ପର୍କିତ ସମସ୍ତ ବିବରଣୀ ଡାକବିଭାଗ ଓ୍ୱେବସାଇଟରେ ମିଳିପାରିବ ବୋଲି ସେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ।

# ଶ୍ରମିକଙ୍କ ଜୀବନ ନେଲା ୧୦୮ ଆମ୍ବୁଲାନ୍ସ

## କ୍ଷତିପୂରଣ ନେଇ ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



ଧର୍ମଗଡ (ଭାସ୍କର ନ୍ୟୁଜ୍ ) : ଗୁରୁବାର ଦିନ ବିଶ୍ୱ ଶ୍ରମିକ ଦିବସ ପାଳନ ହୋଇ ଯାଇଛି। ଠିକ ଏହି ଦିନ ଜଣେ ଶ୍ରମିକଙ୍କ ୧୦୮ଆମ୍ବୁଲାନ୍ସ ଧକ୍କାରେ ମୃତ୍ୟୁ ହୋଇଥିବା ଘଟଣା ଅଞ୍ଚଳକୁ ସ୍ତବ୍ଧ କରିଛି। ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ବିଜୁ ଏକ୍ସପ୍ରେସ ଛକ ନିକଟରେ ଆମ୍ବୁଲାନ୍ସ ଧକ୍କା ଦେବା ଫଳରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଛନ୍ନାଣବାହେଲି ପଞ୍ଚାୟତ ରାବନଗୁଡ଼ା ଗ୍ରାମର ଗଣ୍ଡାରାମ ଗୋପାଳ। ସେ ବେହେରା ଗ୍ରାମର ଏକ ଫାଷ୍ଟ ଫୁଡ଼ ଦୋକାନରେ ରୀତିମତ କାମ କରନ୍ତି। ସକାଳ ପାହିଲେ ଖଣ୍ଡେ ଦଦରା ସାଇକେଲରେ ନିଜ ଗାଁରୁ ବେହେରା ଆସିଥାନ୍ତି। ପ୍ରତ୍ୟେକ ଦିନ ଭଳି ଗୁରୁବାର ଦିନ ସକାଳ ସମୟରେ ବେହେରା ଆସୁଥିବା ବେଳେ ନବରଙ୍ଗପୁର ପଟୁ ଆସୁଥିବା ଏକ ଆମ୍ବୁଲାନ୍ସ ବିଜୁ ଏକ୍ସପ୍ରେସ ରାସ୍ତାରେ ଧକ୍କା ଦେଇଥିଲା। ସେଠାରେ ସେ ଛିଟିକି ପଡି ଗୁରୁତର ହୋଇ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେହି ଆମ୍ବୁଲାନ୍ସ କର୍ମଚାରୀ ଓ ସ୍ଥାନୀୟ ଲୋକ ଉଦ୍ଧାର କରି ପର୍ଲା ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ତାଙ୍କର ମୃତ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅଞ୍ଚଳ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖା ଯାଇଥିବା ବେଳେ ପରିବାର ଓ ସ୍ଥାନୀୟ ଲୋକ କ୍ଷତି ପୂରଣ ଦାବି ନେଇ ବେହେରା ଓ ପର୍ଲା ନିକଟରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଘଟଣା ସ୍ଥଳରେ ଉପଜିଲ୍ଲାପାଳ ସମେତ ଧର୍ମଗଡ ତହସିଲଦାର, କୋକସରା ତହସିଲଦାର, କୋକସରା ପୋଲିସ ଧର୍ମଗଡ ପୋଲିସ ଆସି ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ କୌଣସି ସମାଧାନ ହୋଇ ପାରି ନ ଥିଲା। ଦୀର୍ଘ ୮ଘଣ୍ଟା ପରେ ଧର୍ମଗଡ଼ ତହସିଲଦାର ଲୋକଙ୍କୁ ବୁଝାସୁଝା କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ସହାୟତା ଭାବେ ରେଡ୍‌କ୍ରସ ଫଣ୍ଡରୁ ୨୦ହଜାର ଟଙ୍କା ସମେତ ହରିଶ୍ଚନ୍ଦ୍ର ଯୋଜନାରୁ ୩ହଜାର, ବିଧବା ଭତ୍ତା ଓ ଆବାସ ଯୋଜନା ଯୋଗାଇ ଦେବାକୁ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ମୃତକଙ୍କ ବିଧବା ସ୍ତ୍ରୀ, ମାଆ ଓ ୮ମାସର ଶିଶୁ ଥିବା ଜଣାପଡ଼େ।

# ପୋଖରୀରେ ବୁଡ଼ି ଯୁବକ ମୃତ

ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ଥାନା ଅଧିନସ୍ତ ନର୍ଲା ରୋଡ଼ ସିକେରମୁଣ୍ଡା ପୋଖରୀକୁ ମଙ୍ଗଳବାର ଅପରାହ୍ନ ସମୟରେ ଗାଧୋଇବାକୁ ଯାଇ ନିର୍ମଳ ଚନ୍ଦ୍ର ସାହୁ ( ଟିକନ) ୪୫ ବର୍ଷଙ୍କ ମୃତ୍ୟୁ ହୋଇଛି। ନର୍ଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ସହ ଶବ ବ୍ୟବଚ୍ଛେଦ ପାଇଁ ମ. ରାମପୁର ପଠାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ସମୟରେ ନର୍ଲା ରୋଡ଼ ଗ୍ରାମର ନିର୍ମଳ ଚନ୍ଦ୍ର ସାହୁ ଶିବ ମନ୍ଦିର ନିକଟରେ ଥିବା ପୋଖରୀକୁ ଯାଇଥିଲେ। ହେଲେ ଘରକୁ ଫେରି ନଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ମିଳି ନଥିଲା। ଖବର ପାଇ ନର୍ଲା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ପୋଖରୀ ଭିତରକୁ ଯାଇ ଖୋଜି ଥିଲେ ହେଲେ କୌଣସି ସନ୍ଧାନ ମିଳିନଥିଲା। ପୁଣି ବୁଧବାର ସକାଳ ସମୟରେ ଅଗ୍ନିଶମ ବିଭାଗର ଗୋଟେ ଟିମ ଆସି ଅଧିକ ଖୋଜିବାରୁ ମୃତ ଦେହ ଠାବ ହୋଇଥିବା ଜଣାପଡିଛି। ପରିବାର ଲୋକେ ନର୍ଲା ପୋଲିସକୁ ଖବର ଦେଇଥିଲେ। ନର୍ଲା ପୋଲିସ ପ୍ରାଥମିକ ତଦନ୍ତ ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ମ. ରାମପୁର ପଠାଇଥିବା ଜଣାପଡିଛି।

## ରାଜସ୍ୱ ନିରୀକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): ସୁରେନ୍ଦ୍ର କୁମାର ନାଏକ ଚାକିରୀରୁ ଅବସର ନେଇଛନ୍ତି। ଶ୍ରୀ ନାଏକ ଗୋଲାମୁଣ୍ଡା ବ୍ଲକ ବଡ଼ଚେରଗାଁ ରାଜସ୍ୱନିରୀକ୍ଷକ ଭାବେ କାର୍ଯ୍ୟ କରିବା ସହ ଓଡିଶା ସରକାରଙ୍କ ସମସ୍ତ କାର୍ଯ୍ୟ ଦୈବୀଦୁର୍ବିପାକ ତଥା ନଇବଢ଼ି, ବନ୍ୟା ବାତ୍ୟା, ଧାନ କିଣା, ଚାଷୀଙ୍କ ସମସ୍ୟା ଭଳି ଅନେକ ଗୁରୁ ଦାୟିତ୍ୱ ସରକାର ଯାହା ଦେଇଛନ୍ତି ସୁଚାରୁ ରୁପେ ସମ୍ପାଦନ କରି ଆସୁଥିଲେ। ପ୍ରଥମେ ୧୯୮୯ ମସିହାରୁ ଚାକିରୀ ଜୀବନ ଆରମ୍ଭ କରି ଗୋଲାମୁଣ୍ଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ପ୍ରଥମ ଯୋଗଦାନ ଦେଇଥିଲେ। ଶ୍ରୀ ନାୟକ ତାଙ୍କ ପୈତୃକ ଘରେ ପହଞ୍ଚିବା ପରେ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ ନାୟକ, ହେଡକ୍ଲର୍କ ଲକ୍ଷ୍ମଣ ବଛା, ରେଭିନ୍ୟୁ ସୁପରଭାଇଜର ଭବାନୀ ଶଙ୍କର ଶବର, ଗୋଲାମୁଣ୍ଡାର ରାଜସ୍ୱ ନିରୀକ୍ଷକ ଆଶିଷ ନାଏକ ଯୋଗ ଦେଇଥିଲେ। ତା'ସହିତ ଶ୍ରୀ ନାଏକଙ୍କ ଲୁହାଗାଁ ସ୍ଥିତ ନାଏକ ପରିବାର ଓ ବନ୍ଧୁ ବର୍ଗ ବଡ଼ ଭାଇ ବିସିକେସନ ନାଏକ, ପ୍ରେମଲାଲ ନାଏକ, ମହିନ୍ଦ୍ର ନାଏକ, ଗଜିନ୍ଦ୍ର ନାଏକ ସମେତ ଅନ୍ୟାନ୍ୟ ପ୍ରମୁଖ ୪୦୦ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ଅବସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶ୍ରୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଅବସର ସମୟ ସୁଖ ଶାନ୍ତିରେ ରହିବା, ଭଗବତ ସାଧନା ଓ ସମାଜ କାର୍ଯ୍ୟରେ ସମୟ ବିତାଇବା ପାଇଁ କାମନା କରିଥିଲେ।

## ପୁସ୍ତକ ଲୋକାର୍ପଣ ଉତ୍ସବ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର ହଲ୍ ଠାରେ ନିମନ୍ତ୍ରିତ ଅଭିଭାଷଣ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ବକ୍ତା ଭାବେ ସ୍ୱନାମଧନ୍ୟ ବରିଷ୍ଠ ଅଧ୍ୟାପକ, ସମାଲୋଚକ ତଥା ପ୍ରାବନ୍ଧିକ ଡ. ବେଣୁଧର ପାଢୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳସଚିବ ପୀତାମ୍ବର ଭୋଇ, ଓଡ଼ିଆ ଭାଷା ବିଭାଗ ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ, ସହକାରୀ ପ୍ରଫେସର ଡ. ପ୍ରତ୍ୟାଷା ଧଳ ଉପସ୍ଥିତ ଥିଲେ। ସହକାରୀ ଅଧ୍ୟାପକ ବାଲ୍ମିକୀ କରୁଆଁ ମଞ୍ଚ ପରିଚାଳନା କରିଥିଲେ। ନିମନ୍ତ୍ରିତ ଅତିଥି ପ୍ରଫେସର ଡ. ପାଢୀ ତାଙ୍କ ଅଭିଭାଷଣରେ ଓଡ଼ିଆ ସାହିତ୍ୟ ସମ୍ପର୍କରେ ମୂଲ୍ୟବାନ ଅଭିମତ ରଖିଥିଲେ। ସେ ସାହିତ୍ୟର ପ୍ରାସଙ୍ଗିକତା ସମ୍ପର୍କରେ କହିବାକୁ ଯାଇ କହିଥିଲେ ଯେ- ଆଶା ହିଁ ସାହିତ୍ୟର ମୁଖ୍ୟ ନିର୍ଯ୍ୟାସ ହେବା ଆବଶ୍ୟକ। ଆଶା ନ ଥିଲେ ମଣିଷ ଜୀବନର ପୂର୍ଣ୍ଣତା ମିଳେନାହିଁ। ମଣିଷ ଆଶା ନେଇ ହିଁ ବଞ୍ଚେ। ଓଡିଆ ଭାଷା ଓ ଓଡ଼ିଆ ଅସ୍ମିତା ସମ୍ପର୍କରେ ମଧ୍ୟ ସେ ବିଶଦ୍ ଆଲୋଚନା କରିଥିଲେ। ଏହି ଅବସରରେ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ବିଭାଗ ମୁଖ୍ୟ ପ୍ରଫେସର ଡ. ପଲ୍ଲିଶ୍ରୀ ପଟ୍ଟନାୟକ ଓ ସହକାରୀ ପ୍ରଫେସର ଡ. ପ୍ରତ୍ୟାଷା ଧଳଙ୍କ ଦ୍ୱାରା ସଂପାଦିତ 'ସମକାଳୀନ ସାହିତ୍ୟ ଚର୍ଚ୍ଚା' ପୁସ୍ତକ ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକାର୍ପିତ ପୁସ୍ତକର ଯୁଗ୍ମ ସଂକଳକ ଡା.ପଲ୍ଲିଶ୍ରୀ ପଟ୍ଟନାୟକ ଓ ଡ. ପ୍ରତ୍ୟାଷା ଧଳ ସଙ୍କଳିତ ପୁସ୍ତକ ସମ୍ପର୍କରେ ସେମାନଙ୍କ ମୂଲ୍ୟବାନ ଅଭିମତ ରଖିଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ବିଶିଷ୍ଟ ଗବେଷକ ଓ ସାମ୍ବାଦିକ ଉମାଶଙ୍କର କର, ବିଶିଷ୍ଟ ଶିକ୍ଷାବିତ୍ ଡ.ଉମେଶ ଚନ୍ଦ୍ର ଶତପଥୀ, ଅଧ୍ୟାପକ ତଥା ଭାଷା ଗବେଷକ ପରମେଶ୍ୱର ମୁଣ୍ଡ, ବରିଷ୍ଠ ସାମ୍ବାଦିକ ତଥା କବି ସ୍ୱାଧୀନ ପାତ୍ର, କବି ବିରଞ୍ଚି ନାରାୟଣ ମୁଣ୍ଡ, ଯୁବ କବି ଜୟଦ୍ରଥ ସୁନା, ଯାଦବେନ୍ଦ୍ର ସାହା, କଞ୍ଚନା ରଥ, ସୁଦେଷ୍ଣା ପଣ୍ଡା, କବି ଐଶ୍ୱର୍ଯ୍ୟା ପ୍ରଧାନ, ଆଶୁତୋଷ ପୁରୋହିତ, ସୁଧୀର ଧଙ୍ଗଡା ମାଝୀ, ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, ଗବେଷଣାରତ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଓଡ଼ିଆ ବିଭାଗର ଗବେଷକ ଛାତ୍ର ଡିଲେଶ୍ୱର ରଣା ଧନ୍ୟବାଦ ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଳିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ମାଆ ମାଣିକେଶ୍ୱରୀ ରାଜ ମିସ୍ତ୍ରୀ ସଂଘ ଆୟୋଜନରେ ପର୍ଲା ଠାରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଳନ ହୋଇ ଯାଇଛି। ସଂଘ ସଭାପତି ଅଭିରାମ ସୁନାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ କୋକସରା ଉପାଧକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି -ଧର୍ମଗଡ଼ ସରପଞ୍ଚ ସଂଘ ସଭାପତି ହାତୀ ରାମ ଦୁର୍ଗା, ଛିଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ପର୍ଲା ଗ୍ରାମ ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ, ସମାଜ ସେବୀ ସୁଧୀର ବାଗ, ସଂଘ ସମ୍ପାଦକ ଚିତରଞ୍ଜନ ଗୋପାଳ, ସାମ୍ବାଦିକ ସୁବାସ ବାଗ, ଲକ୍ଷଜ୍ୟୋତି ଜାଲ, ସୁଧୀର ଗୋପାଳ ଛନ୍ନାଣବାହେଲି ସିଆରପି କଞ୍ଚାନ ଗୋପାଳ ପର୍ଲା ଗ୍ରାମପଞ୍ଚାୟତ ସମିତି ସଭ୍ୟ ପ୍ରତିନିଧି କେଶବ ଝାଙ୍କର ପ୍ରମୁଖ ଉପସ୍ଥିତ ରହିଥିଲେ। ସର୍ବ ପ୍ରଥମେ ପ୍ରଭୁ ଶ୍ରୀ ବିଶ୍ୱକର୍ମାଙ୍କ ଫୋଟ ଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରମିକ ନିର୍ମାଣର ଏକ ସୂତ୍ରଧର। ଶ୍ରମିକ ବିନା ଦେଶ ରାଜ୍ୟ ଜିଲ୍ଲା ତଥା ପଞ୍ଚାୟତ ବିକାଶ ସମ୍ଭବ ନୁହେଁ। ଏକାଧାରରେ ଶ୍ରମିକ ପ୍ରାଣ ପ୍ରତିଷ୍ଠାତା। ତାଙ୍କୁ ସମ୍ମାନ ଆଦର୍ଶ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମଞ୍ଚସିନ ଅତିଥି ମାନେ ଅଭିଭାଷଣ ରଖିଥିଲେ। ଅନ୍ୟପଟେ ଶ୍ରମିକ ମାନେ ଏକଜୁଟ ହେଲେ କେନ୍ଦ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଫାଇଦା ଉଠାଇବା ସହଜ ହେବ। ବିଶେଷ ଭାବେ ଶ୍ରମ ବଳରେ ଉପାର୍ଜିତ ଅର୍ଥକୁ ସଞ୍ଚୟ ରଖି ଶିଖିବା ଯାହା ପାରିବାରିକ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ ବୋଲି ମତ ରଖିଥିଲେ। ତେବେ ଜିଲ୍ଲାରେ ମାଆ ମାଣିକେଶ୍ୱରୀ ରାଜ ମିସ୍ତ୍ରୀ ସଂଘ ଗଠନ ହେବା ପରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମିକଙ୍କୁ ସଚେତନତା ସୃଷ୍ଟି କରିବା ସାଙ୍ଗକୁ ଶ୍ରମିକଙ୍କ ବିକାଶ ଦିଗରେ କାର୍ଯ୍ୟ କରୁଛି। ଏଥିପାଇଁ ଜିଲ୍ଲା ସଂଘର ସମସ୍ତ ସଦସ୍ୟଙ୍କ ସହଯୋଗ ଯୋଗୁଁ ସମ୍ଭବ ହୋଇଛି। ଆଗକୁ ସଂଘ ଅନେକ କାର୍ଯ୍ୟ ପନ୍ଥା ଅବଲମ୍ବନ କରବ -ସମସ୍ତଙ୍କ ସହଯୋଗ ପାଇଁ ସଭାପତି ଅଭିରାମ ସୁନାନୀ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରମିକ, ମହିଳା ଉପସ୍ଥିତ ରହିଥିବା ବେଳେ ସୁଧୀର ଗୋପାଳ ମଞ୍ଚ ପରିଚାଳନା କରିଥିଲେ। ସଂଘର କୋଷାଧକ୍ଷ ସମସ୍ତ ଧନ୍ୟବାଦ ଦେବା ସହ କାର୍ଯ୍ୟକ୍ରମ ସମାପ୍ତି ଘୋଷଣା କରିଥିଲେ।


# ଶ୍ରମିକ ଦିବସରେ ଶ୍ରମିକଙ୍କୁ ସହାୟତା ବଣ୍ଟନ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଟାଉନ୍ ହଲ ଠାରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ମଇ ଦିବସ/ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି। କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷ୍ୟ ପୁଷ୍ପେନ୍ଦ୍ର ସିଂ ଦେଓ, ବିଶିଷ୍ଟ ଅତିଥି ଭାବେ ବିଧାୟକ, ଧର୍ମଗଡ, ସୁଧୀର ରଂଜନ ପାଟ୍ଟଯୋଶୀ, ସମ୍ମାନିତ ଅତିଥି ସାଂସଦ, କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗଦାନ କରି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ ଉଲ୍ଲେଖ କରି ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାରଙ୍କର ଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ ହୋଇ କିପରି ଉପକୃତ ହୋଇ ପାରିବେ ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। କଳାହାଣ୍ଡି ଜିଲ୍ଲା ଶ୍ରମ ଅଧିକାରୀ, ଜିତମ୍ ମାଝୀ ତାଙ୍କ ସ୍ୱାଗତ ଭାଷଣରେ ସମସ୍ତଙ୍କୁ ଶ୍ରମିକ ଦିବସର ଶୁଭେଚ୍ଛା ଜଣାଇବା ସହ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରି ଶ୍ରମିକ ଦିବସର ତାତ୍ପର୍ଯ୍ୟ ଓ ଜିଲ୍ଲାରେ ପଞ୍ଜୀକୃତ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ବନ୍ଧରେ ବିଭିନ୍ନ ସୂଚନା ଉପସ୍ଥାପନ କରିଥିଲେ। ସମସ୍ତ ଆମନ୍ତ୍ରିତ ଅତିଥିଗଣ ଶ୍ରମିକ ମାନଙ୍କର ଅଧିକାର ଓ ଶ୍ରମ ଦିବସ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଶ୍ରମିକଦିବସ ଅବସରରେ ଯୋଗ୍ୟ ହିତାଧିକାରୀଭାବେ ୭୩ ଜଣ ହିତାଧିକାରୀଙ୍କୁ ଟ. ୬,୧୧,୬୦୦- (ଶିକ୍ଷା ସହାୟତା), ୨୦୭ ଜଣ ହିତାଧିକାରୀଙ୍କୁ ଟ. ୧,୦୧,୭୫,୦୦୦ /- (ବିବାହ ସହାୟତା) , ୧୦ ଜଣ ହିତାଧିକାରୀଙ୍କୁ ଟ. ୧,୦୦,୦୦୦(ପ୍ରସୂତିକାଳୀନ ସହାୟତା), ୧୦୨ ଜଣ ହିତାଧିକାରୀଙ୍କୁ ଟ. ୨,୪୨,୦୦,୦୦୦(ମୃତ୍ୟୁ ସହାୟତା), ୯୧ ଜଣ ହିତାଧିକାରୀଙ୍କୁ ଟ ୪,୫୫,୦୦୦ (ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ସହାୟତା ରାଶି), ସର୍ବ ମୋଟ ୪୮୩ ଜଣ ହିତାଧିକାରୀଙ୍କୁ ଟ. ୩,୫୫,୪୧,୬୦୦ ଓ ୩ ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ଟ.୬,୦୦,୦୦୦ (ମୃତ୍ୟୁ ସହାୟତା) ସହାୟତା ପ୍ରଦାନ କରାଯାଇଥିଲା। ନୂତନ ଭାବେ ପଞ୍ଜିକୃତ ୬୦ ଜଣ ନିର୍ମାଣ ଶ୍ରମିକଙ୍କୁ ଓ ୪୦ ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ମଧ୍ୟ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପ୍ରଦାନ କରିଥିଲେ। ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ନିର୍ମାଣ ଶ୍ରମିକ ଏହି ସମାରୋହରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ନିମନ୍ତ୍ରିତ ଅତିଥି ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲା ବେଳେ ନିର୍ମାଣ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଶିଫଳ

**ଶନିବାର, ୦୩ ମଇ ୨୦୨୫**



**ମେଷ:** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମପୁରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ।




**ବୃଷ:** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ। ପ୍ରତିଦ୍ୱନ୍ଦ୍ୱିତା ହେବ। ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ।



**ମିଥୁନ:** ବୈଦ୍ଧିକ କାର୍ଯ୍ୟ ସଫଳ ହେବ। ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର।




**କର୍କଟ:** ବ୍ୟବସାୟରେ କୈଣସି ସନ୍ତୋଷ ରହିବ ନାହିଁ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବ୍ୟସ୍ତ ହୁଅ ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ। ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ।




**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ।




**କନ୍ୟା:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ଲାଭ ସୁଯୋଗ ଆସିବ। ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ। ଜିନିଷଗୁଡିକ ସହଜ ରଖନ୍ତୁ।




**ତୁଳା:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ । ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ। ବିନିଯୋଗ ଭଲ ହେବ। ପ୍ରଲୋଭିତ ହୁଅ ନାହିଁ ।




**ବିଛା:** ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ। ବ୍ୟବସାୟ ହ୍ରାସ ପାଇବ। ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ତୁମେ କ୍ଲାନ୍ତ ଅନୁଭବ କରିବ। ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ। ଚିନ୍ତା ଏବଂ ଟେନସନ ହେବ।




**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ପୁରୁଣା ରୋଗ ଅବରୋଧର କାରଣ ହେବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ।



ଶ୍ରୀପତି ଗୁରୁ


ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯